# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୧୧/୨୦୨୪ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, August 11/2024 | Page 16 | ₹ 7.00 | BERHAMPUR

୫୦ଶ ଭାଗ ୨୫୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 258 | ମୂଲ୍ୟ₹୭/-




## ଟ୍ରୋଲ୍ କଲେ ବି ଫରକ ପଡ଼ୁନି

ସୋସିଆଲ ମିଡିଆରେ ଯେତେ ଟ୍ରୋଲ୍ କରାଗଲେ ମଧ ତାଙ୍କୁ କୌଣସି ଫରକ ପଡ଼େ ନାହିଁ ବୋଲି ଅଭିନେତ୍ରୀ ମଲାଇକା ଅରୋରା ଏକ ସାକ୍ଷାତ୍କାରରେ କହିଛନ୍ତି।

୧୨

୧୬

## ୧୩ରେ ଭିନେଶଙ୍କ ମେଡାଲ ରାୟ

ଅଲିମ୍ପିକ୍ସରେ ମହିଳା କୁସ୍ତି ଯୋଦ୍ଧା ଭିନେଶ ଫୋଗଟ୍‌ଙ୍କ ମେଡାଲ ସମ୍ପର୍କିତ ରାୟ ୧୩ ତାରିଖକୁ ଘୁଞ୍ଚାଇ ଦେଇଛନ୍ତି କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ୍ସ।



# ମହିଳା ଡାକ୍ତରଙ୍କୁ ବଳାତ୍କାର, ହତ୍ୟା

## ଦେଶବ୍ୟାପୀ ଆନ୍ଦୋଳନ ଧମକ ଦେଲା ଆଇଏମ୍ଏ

କୋଲକାତା,୧୦।୮

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ସେମିନାର ପ୍ରକୋଷ୍ଠରେ ଶୁକ୍ରବାର ଜଣେ ୩୧ ବର୍ଷୀୟ ଡାକ୍ତରୀ ଛାତ୍ରୀଙ୍କୁ ହତ୍ୟା କରାଯାଇଥିଲା। ତାଙ୍କୁ ହତ୍ୟା ପୂର୍ବରୁ ବଳାତ୍କାର କରାଯାଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଏହି ଅପରାଧରେ ସମ୍ପୃକ୍ତ ଥିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ବାହାର ଲୋକ ହୋଇଥିବାବେଳେ ସେ ଅବାଧରେ ମେଡିକାଲ କଲେଜର ବିଭିନ୍ନ ବିଭାଗରେ ପ୍ରବେଶ କରୁଥିଲେ ବୋଲି ପୋଲିସ କହିଛି। ଛାତ୍ରୀ ବଳାତ୍କାର ଓ ହତ୍ୟାକୁ ନେଇ ମେଡିକାଲ କଲେଜ ପରିସରରେ ଉତ୍ତେଜନା ଲାଗିରହିଥିବାବେଳେ ନ୍ୟାୟ ଦାବିରେ ଜୁନିୟର ଡାକ୍ତରମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ତିନୋଟି ଦେଶ**

# ମାଧବୀ ପେଡ଼ି ଖୋଲିଲା

## ଆଦାନୀ ମାମଲାରେ ହିଣ୍ଡେନ୍‌ବର୍ଗର ଆଉ ଏକ ପର୍ଦ୍ଦାଫାଶ

ଆକ୍ଟିଭିଷ୍ଟ ସେଲର ହିଣ୍ଡେନ୍‌ବର୍ଗ ଆଦାନୀ ଗ୍ରୁପ୍ ଷ୍ଟକ୍ ଜାଲିଆତି ପ୍ରଘଟର ୧୮ ମାସ ପରେ ସିଧାସଳଖ ସେବି ଚେୟାରପର୍ସନ ମାଧବୀ ପୁରୀ ବୁଚ୍‌ଙ୍କ ପେଡ଼ି ଖୋଲିଛି। ୨୦୧୭ ଏପ୍ରିଲରୁ ମାଧବୀ ସେବିର ପୂର୍ଣ୍ଣକାଳୀନ ସଦସ୍ୟା ଥିବାବେଳେ ୨୦୨୨ ମାର୍ଚ୍ଚରେ ଏହାର ଅଧ୍ୟକ୍ଷ ପଦ ଗ୍ରହଣ କରିଥିଲେ। ସିଙ୍ଗାପୁରର ଅଗୋରା ପାର୍ଟନର୍ସ ନାମକ ଏକ କନ୍‌ସଲ୍ଟାନ୍ସି ଫାର୍ମରେ ମାଧବୀଙ୍କ ୧୦୦ ପ୍ରତିଶତ ଅଂଶଧନ ଥିଲା। ୨୦୨୨ ମାର୍ଚ୍ଚ ୧୬ରେ ଚେୟାରପର୍ସନ ନିଯୁକ୍ତ ହେବାର ୨ ସପ୍ତାହ ପୂର୍ବରୁ ସେ ଉକ୍ତ କମ୍ପାନୀରେ ଥିବା ନିଜ ସମସ୍ତ ଶେୟାରକୁ ସ୍ୱାମୀଙ୍କୁ ହସ୍ତାନ୍ତର କରିଥିଲେ। ଏହି କମ୍ପାନୀ ଆଦାନୀ ଗ୍ରୁପ୍ ସହ ସମ୍ପୃକ୍ତ ଥିବାରୁ ଗୌତମ ଆଦାନୀଙ୍କ ବିରୋଧରେ ମାଧବୀ କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ ବୋଲି ହିଣ୍ଡେନ୍‌ବର୍ଗ ଅଭିଯୋଗ ଆଣିଛି।

ୱାଶିଂଟନ/ନୂଆଦିଲ୍ଲୀ,୧୦।୮

ଆମେରିକୀୟ ଶର୍ଟ ସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ହ୍ୱିସିଲବ୍ଲୋୟରମାନଙ୍କ ଦସ୍ତାବିଜ ଆଧାରରେ ଶନିବାର ଏକ ନୂଆ ରିପୋର୍ଟ ପ୍ରକାଶ କରିଛି। ଭାରତର ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)ର ଅଧ୍ୟକ୍ଷା ମାଧବୀ ପୁରୀ ବୁଚ୍ ଏବଂ ତାଙ୍କ ସ୍ୱାମୀ ଧବଳ ବୁଚ୍‌ଙ୍କର ବିଦେଶୀ କମ୍ପାନୀଗୁଡ଼ିକରେ ଅଘୋଷିତ ଅଂଶଧନ ରହିଥିଲା ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ ରହିଛି। ଆଦାନୀ ଗ୍ରୁପ୍‌ର ଆର୍ଥିକ ଅନିୟମିତତାରେ ଉକ୍ତ ବିଦେଶୀ କମ୍ପାନୀଗୁଡ଼ିକ ସମ୍ପୃକ୍ତ ଥିଲେ। ଗୌତମ ଆଦାନୀଙ୍କ ଭାଇ ବିନୋଦ ଆଦାନୀ ଫାଇନାନ୍ସିଆଲ ମାର୍କେଟଗୁଡ଼ିରେ ଜାଲିଆତି ପାଇଁ ବରମୁଡ଼ା ଏବଂ ମରିସସ୍‌ରେ ଥିବା ଉକ୍ତ ଦରିଆପାରି କମ୍ପାନୀଗୁଡ଼ିକୁ ବ୍ୟବହାର କରୁଥିଲେ ବୋଲି ହିଣ୍ଡେନ୍‌ବର୍ଗ ରିପୋର୍ଟରେ କୁହାଯାଇଛି।

ସୂଚନାଯୋଗ୍ୟ,୨୦୧୭ରେ ମାଧବୀ ସେବିର ପୂର୍ଣ୍ଣକାଳୀନ ସଦସ୍ୟ ନିଯୁକ୍ତ ହେବା ପରେ ୨୦୨୨ ମାର୍ଚ୍ଚରେ ଏହାର ଅଧ୍ୟକ୍ଷ ଦାୟିତ୍ୱ ସମ୍ଭାଳିଥିଲେ। ଏହା ପୂର୍ବରୁ ୨୦୧୫ରେ ସେ ☞ପୃଷ୍ଠା–୪



ସେବିର ଅଧ୍ୟକ୍ଷା ମାଧବୀ ପୁରୀ ବୁଚ୍




# ୧୫ରେ 'ସୁଭଦ୍ରା' ଏସ୍‌ଓପି

ଭୁବନେଶ୍ୱର,୧୦।୮(ଅନିଲ ଦାସ)

ଆସନ୍ତା ଅଗଷ୍ଟ ୧୫ ସ୍ୱାଧୀନତା ଦିବସରେ ସୁଭଦ୍ରା ଯୋଜନା ପାଇଁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁର(ଏସ୍‌ଓପି) ଆସିବ। ଏହି ଯୋଜନାରେ କିଏ ପାଇବେ, କିଏ ପାଇବେନି ତା'ର ସ୍ପଷ୍ଟ ଚିତ୍ର ରହିବ। ସୁଭଦ୍ରା ଯୋଜନା ପାଇଁ ଆଧାର କାର୍ଡ ହିଁ ଯଥେଷ୍ଟ। ତେବେ ଉଚ୍ଚ ଆୟ ବର୍ଗର ଲୋକ ଏଥିରୁ ବାଦ୍ ପଡ଼ିପାରନ୍ତି। ବିଶେଷକରି ଯେଉଁମାନେ ଆୟକର ଦେଉଛନ୍ତି ସେମାନଙ୍କୁ ଏହି ଯୋଜନାରୁ ସରକାର ବାଦ୍ ଦେଇପାରନ୍ତି। ଅଗଷ୍ଟ ୧୫ରେ ଏସ୍‌ଓପି ଆସିବା ପରେ ସୁଭଦ୍ରା ନେଇ ଚିତ୍ର ଆହୁରି ସ୍ପଷ୍ଟ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ପ୍ରଭାତୀ କହିଛନ୍ତି, ସୁଭଦ୍ରା ଯୋଜନା ବଜେଟରେ ୧୦ ହଜାର କୋଟି ଟଙ୍କା ଥିଲେ ମଧ ଆବଶ୍ୟକ ପଡ଼ିଲେ ଏହା ପରିମାଣ ବଢ଼ିପାରେ। ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ରାଜ୍ୟରେ ଏହି ଯୋଜନା ଲାଗୁ ହେବ। ସେହିପରି ରାଜ୍ୟରେ ଯେମିତି ଲକ୍ଷପତି ☞ପୃଷ୍ଠା–୪

**ସେପ୍ଟେମ୍ବର ୧୭ରୁ ଲାଗୁ ହେବ: ପ୍ରଭାତୀ**



ପ୍ରଭାତୀ ପରିଡ଼ା










# ଗାଜା ସ୍କୁଲରେ ଇସ୍ରାଏଲର ଏୟାରଷ୍ଟ୍ରାଇକ୍: ୧୦୦ ମୃତ

ଡେଇର ଅଲ୍-ବଲାହ,୧୦।୮

ଇସ୍ରାଏଲ୍ ସେନା ପକ୍ଷରୁ ଶନିବାର ଭୋର ସମୟରେ ଗାଜା ସହରରେ ଥିବା ଏକ ସ୍କୁଲ ପରିସରରେ ଏୟାରଷ୍ଟ୍ରାଇକ୍ କରାଯାଇଛି। ଏହି ଆକ୍ରମଣରେ ଅନ୍ୟୁନ ୧୦୦ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଛନ୍ତି। ଉକ୍ତ ସ୍କୁଲରେ ଯୁଦ୍ଧ ବିସ୍ଥାପିତ ପାଲେଷ୍ଟିନୀୟମାନେ ଆଶ୍ରୟ ନେଇଥିଲେ। ଇସ୍ରାଏଲ୍ ଏବଂ ହମାସ୍ ମଧ୍ୟରେ ୧୦ ମାସ ହେଲା ଯୁଦ୍ଧ ଲାଗିରହିଥିବାବେଳେ ଶନିବାରର ଏୟାରଷ୍ଟ୍ରାଇକ୍‌କୁ ସବୁଠୁ ମରଣାନ୍ତକ ଆକ୍ରମଣ ବୋଲି ପାଲେଷ୍ଟିନୀୟ ସ୍ୱାସ୍ଥ୍ୟସେବା କର୍ତ୍ତୃପକ୍ଷ କହିଛନ୍ତି। ଅନ୍ୟପକ୍ଷରେ ଉକ୍ତ ସ୍କୁଲ୍‌ରେ ହମାସ୍‌ର କମାଣ୍ଡ ସେଣ୍ଟର ଚାଲିଥିଲା ବୋଲି ଇସ୍ରାଏଲ୍ ସେନା ଦାବି କରିଥିବାବେଳେ ଗାଜା କର୍ତ୍ତୃପକ୍ଷ ଏହାକୁ ଖଣ୍ଡନ କରିଛନ୍ତି।


ଇସ୍ରାଏଲ୍ ସେନାର ବୋମାମାଡ଼ରେ ଗାଜା ସହରର ଏକ ସ୍କୁଲ ଧ୍ୱଂସ ସ୍ତୂପରେ ପରିଣତ ହୋଇଛି।

ଆକ୍ରମଣ ପରେ ସ୍କୁଲ ପରିସରରେ ଖଣ୍ଡବିଖଣ୍ଡିତ ମୃତଦେହ ପଡ଼ିରହିଥିବା ଭିଡିଓରୁ ଦେଖିବାକୁ ମିଳିଛି। କେତେକ ମୃତଦେହକୁ ଚଟାଣରେ ରଖି କମ୍ବଳ ଘୋଡ଼ାଇ ଦିଆଯାଇଛି। ଭଗ୍ନାବଶେଷ ସହ ରକ୍ତରଞ୍ଜିତ ପାତ୍ର, ପୋଡ଼ିଯାଇଥିବା ଶଯ୍ୟା ଓ ପିଲାଙ୍କ ଖେଳନା ପଡ଼ିରହିଥିବା ଦେଖାଯାଇଛି। ହମାସ୍ ପରିଚାଳିତ ଗଣମାଧ୍ୟମ ପକ୍ଷରୁ କୁହାଯାଇଛି, ଯୁଦ୍ଧ ଯୋଗୁ ଘରଦ୍ୱାର ହରାଇ ସ୍କୁଲ ପରିସରରେ ଆଶ୍ରୟ ନେଇଥିବା ଲୋକମାନେ ସକାଳେ ନମାଜ ପାଠ କରୁଥିବାବେଳେ ଆକ୍ରମଣ ହୋଇଥିଲା। ଏଥିରେ ୧୧ ଶିଶୁ ଓ ୬ ମହିଳାଙ୍କ ସମେତ ୯୩ ଜଣଙ୍କ ମୃତ୍ୟୁ ଘଟିଛି। ଚିହ୍ନଟ ହୋଇପାରି ନ ଥିବା କେତେକ ମୃତଦେହ ଆକ୍ରମଣ ସ୍ଥଳରେ ପଡ଼ିରହିଥିବା ପାଲେଷ୍ଟାଇନ୍ ସିଭିଲ୍ ଡିଫେନ୍ସ ମୁଖପାତ୍ର ମହମ୍ମଦ ବସାଲ କହିଛନ୍ତି। ଉକ୍ତ ସ୍କୁଲ ପରିସରରେ ପ୍ରାୟ ୩୫୦ ପରିବାର ଆଶ୍ରୟ ନେଇଥିଲେ। ଉପର ମହଲାରେ ବିସ୍ଥାପିତ ପରିବାରଗୁଡ଼ିକ ରହୁଥିବାବେଳେ ତଳ ମହଲାକୁ ମସ୍‌ଜିଦ ଭାବେ ବ୍ୟବହାର କରାଯାଉଥିଲା। ଉଭୟ ମହଲା ଉପରେ ଇସ୍ରାଏଲ୍ ସେବା ବିମାନରୁ ବୋମାମାଡ଼ କରିଥିଲା। ସେଠାରେ ୨୦ ଜଣ ହମାସ ଓ ଇସ୍‌ଲାମିକ ଜିହାଦ ଆତଙ୍କବାଦୀ ରହିଥିବା ଲ୍ୟୁଟ୍‌ନାଣ୍ଟ କଲୋନେଲ ନଦାଭ ଶୋଶାନି କହିଛନ୍ତି।

ଜାତିସଂଘ ରିପୋର୍ଟ ଅନୁଯାୟୀ ଜୁଲାଇ ୬ ସୁଦ୍ଧା ଗାଜାର ୫୬୪ ସ୍କୁଲ ମଧ୍ୟରୁ ୪୭୭ଟି ଇସ୍ରାଏଲ୍ ଆକ୍ରମଣର ସମ୍ମୁଖୀନ ହୋଇଥିଲେ। ବିସ୍ଥାପିତମାନେ ରହୁଥିବା କେନ୍ଦ୍ରୀୟ ଗାଜାର ଏକ ସ୍କୁଲ୍ ଉପରେ ଇସ୍ରାଏଲ୍ ଜୁନ୍ ମାସରେ ବୋମାମାଡ଼ କରିବାରୁ ୧୨ ମହିଳା ଓ ଶିଶୁଙ୍କ ସମେତ ଅନ୍ୟୁନ ୩୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଗତ ଗୁରୁବାର ପୂର୍ବ ଗାଜା ସିଟିର ୨ଟି ସ୍କୁଲ୍ ଉପରେ ଆକ୍ରମଣ ଯୋଗୁ ୧୫ ଜଣ ପ୍ରାଣ ହରାଇଥିଲେ।

# ଚାପରେ ବାଂଲାଦେଶ ପ୍ରଧାନ ବିଚାରପତିଙ୍କ ଇସ୍ତଫା

ଢାକା,୧୦।୮(ପି.ଟି.)

ବାଂଲାଦେଶରେ ନ୍ୟାୟିକ ବ୍ୟବସ୍ଥାର ପୁନର୍ଗଠନ ଦାବିରେ ଛାତ୍ର ଆନ୍ଦୋଳନ ଜୋର୍ ଧରିବା ପରେ ଦେଶର ପ୍ରଧାନ ବିଚାରପତି ଓବାଇଦୁଲ ହାସନ ଶନିବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଶେଖ୍ ହାସିନା ସରକାର ପତନର ୫ ଦିନ ପରେ ପ୍ରଧାନ ବିଚାରପତିଙ୍କୁ ପଦ ଛାଡ଼ିବାକୁ ପଡ଼ିଛି। ବିଚାର ବ୍ୟବସ୍ଥାରେ ପରିବର୍ତ୍ତନ ଦାବିରେ ଆଣ୍ଟିଡିସ୍‌କ୍ରିମିନେଶନ ଷ୍ଟୁଡେଣ୍ଟ ମୁଭ୍‌ମେଣ୍ଟର ବିକ୍ଷୋଭକାରୀମାନେ ଶନିବାର ଶୋଭାଯାତ୍ରାରେ ଆସି ସୁପ୍ରିମକୋର୍ଟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅପରାହ୍ନ ୧ଟା ସୁଦ୍ଧା ପ୍ରଧାନ ବିଚାରପତି ଏବଂ ଆପିଲେଟ୍ ଡିଭିଜନର ସବୁ ବିଚାରପତି ଇସ୍ତଫା ଦେବା ପାଇଁ ଆନ୍ଦୋଳନକାରୀ ମହଲତ ଦେଇଥିଲେ। ଫଳରେ ୬୫ ବର୍ଷୀୟ ପ୍ରଧାନ ବିଚାରପତି ଆଇନ ମନ୍ତ୍ରଣାଳୟକୁ ତାଙ୍କ ଇସ୍ତଫାପତ୍ର


ଓବାଇଦୁଲ ହାସନ

ପଠାଇଦେଇଥିଲେ। ଏହାକୁ ତୁରନ୍ତ ରାଷ୍ଟ୍ରପତି ମହମ୍ମଦ ସାହାବୁଦ୍ଦିନଙ୍କ ପାଖକୁ ପଠାଇଦିଆଯାଇଥିବା ଅନ୍ତରୀଣ ସରକାରର ଆଇନ ଉପଦେଷ୍ଟା ପ୍ରଫେସର ଅସିଫ୍ ନଜ୍‌ରୁଲ କହିଛନ୍ତି। ସୂଚନାଯୋଗ୍ୟ, ସରକାରୀ ନିଯୁକ୍ତିରେ ସଂରକ୍ଷଣକୁ ବିରୋଧ କରି ଦେଶବ୍ୟାପୀ ଆନ୍ଦୋଳନ ଉଗ୍ର ରୂପ ନେବା ପରେ ପ୍ରଧାନମନ୍ତ୍ରୀ ପଦରୁ ଶେଖ୍ ହାସିନା ଇସ୍ତଫା ଦେଇ ଦେଶଛାଡ଼ି ଚାଲିଯାଇଥିଲେ। ପ୍ରଧାନ ବିଚାରପତି ଜଷ୍ଟିସ୍ ହାସନ ଶେଖ୍ ହାସିନାଙ୍କ ଘନିଷ୍ଠ ଥିବା କୁହାଯାଉଛି।

# ସୋମନାଥନ ହେଲେ କ୍ୟାବିନେଟ ସଚିବ

ନୂଆଦିଲ୍ଲୀ, ୧୦।୮

କେନ୍ଦ୍ର ସରକାର ବରିଷ୍ଠ ଆଇଏଏସ୍ ଅଫିସର ଟି.ଭି. ସୋମନାଥନଙ୍କୁ ଶନିବାର ନୂତନ କ୍ୟାବିନେଟ ସଚିବ ଭାବେ ନିଯୁକ୍ତ କରିଛନ୍ତି। ବର୍ତ୍ତମାନ ଅର୍ଥ ସଚିବ ଭାବେ କାର୍ଯ୍ୟରତ ଥିବା ସୋମନାଥନ ଆସନ୍ତା ୩୦ରୁ କ୍ୟାବିନେଟ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିବେ। ୧୯୮୭ ବ୍ୟାଚ୍ ତାମିଲନାଡୁ କ୍ୟାଡରର ଏହି ଆଇଏଏସ୍ ଅଧିକାରୀ ୨ ବର୍ଷ ପାଇଁ କ୍ୟାବିନେଟ ସଚିବ ଦାୟିତ୍ୱ ତୁଲାଇବେ। ବର୍ତ୍ତମାନର କ୍ୟାବିନେଟ ସଚିବ ରାଜୀବ ଗୌବାଙ୍କ କାର୍ଯ୍ୟକାଳ ଆସନ୍ତା ୩୦ରେ ଶେଷ ହେଉଛି। ୨୦୧୯ ଅଗଷ୍ଟ ୩୦ରୁ ଗୌବା କ୍ୟାବିନେଟ ସଚିବ ଭାବେ ଦାୟିତ୍ୱ


ଟି.ଭି. ସୋମନାଥନ

ନିର୍ବାହ କରି ଆସିଛନ୍ତି। ପୂର୍ବରୁ ସୋମନାଥନ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅତିରିକ୍ତ ସଚିବ ଓ ଯୁଗ୍ମ ସଚିବ ଏବଂ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ୱାର୍ଲ୍ଡ ବ୍ୟାଙ୍କର ନିର୍ଦ୍ଦେଶକ ଭାବେ ମଧ୍ୟ ସୋମନାଥନ ପୂର୍ବରୁ କାର୍ଯ୍ୟ ସମ୍ପାଦନ କରିଛନ୍ତି।

# ଭାରତ-ମାଳଦ୍ୱୀପ ସମ୍ପର୍କ ପୁନଃସ୍ଥାପନ ଉଦ୍ୟମ

ନୂଆଦିଲ୍ଲୀ,୧୦।୮

ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ୩ ଦିନିଆ ମାଳଦ୍ୱୀପ ଗସ୍ତରେ ଯାଇ ଶନିବାର ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁଙ୍କୁ ଭେଟିଛନ୍ତି। ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଦିଗରେ ସେ ମାଳଦ୍ୱୀପ ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିଛନ୍ତି। ସୁରକ୍ଷା, ବାଣିଜ୍ୟ ଏବଂ ବିକାଶ ଆଦି କ୍ଷେତ୍ରରେ ସହଯୋଗ ବୃଦ୍ଧି ସମେତ ବିଭିନ୍ନ ପ୍ରସଙ୍ଗ ଆଲୋଚନାରେ ସ୍ଥାନ ପାଇଥିଲା। ଆମ ଲୋକ ଓ ଅଞ୍ଚଳର ହିତ ପାଇଁ ଭାରତ-ମାଳଦ୍ୱୀପ ସମ୍ପର୍କ ବଢ଼ାଇବା ପାଇଁ ପ୍ରତିବଦ୍ଧ ବୋଲି ଆଲୋଚନା ପରେ ଜୟଶଙ୍କର ଏକ୍ସ'ରେ ଲେଖିଛନ୍ତି। ସୂଚନାଯୋଗ୍ୟ,

**ମୁଇଜୁଙ୍କ ସହ ଜୟଶଙ୍କରଙ୍କ ଆଲୋଚନା**

ଚାଇନା ସପକ୍ଷବାଦୀ ମୁଇଜ୍ଜୁ ରାଷ୍ଟ୍ରପତି ନିର୍ବାଚନ ବେଳେ ଭାରତ ବିରୋଧୀ ଆଭିମୁଖ୍ୟ ପୋଷଣ କରିଥିଲେ। ରାଷ୍ଟ୍ରପତି ହେବା ପରେ ସେ ମାଳଦ୍ୱୀପରେ ଥିବା ଭାରତୀୟ ସୈନ୍ୟଙ୍କୁ ବିଦା କରିଥିଲେ। ତେବେ ଶନିବାର ଆଲୋଚନା ବେଳେ ମୁଇଜ୍ଜୁ କହିଛନ୍ତି, ଭାରତ ସବୁବେଳେ ମାଳଦ୍ୱୀପର ଘନିଷ୍ଠ ବନ୍ଧୁ ଏବଂ ମୂଲ୍ୟବାନ୍ ସହଯୋଗୀ ରହିଆସିଛି। ଯେତେବେଳେ ମାଳଦ୍ୱୀପ ଆବଶ୍ୟକ କରିଛି, ଭାରତ ସହାୟତା ଯୋଗାଇ ଦେଇଥିବା ମୁଇଜ୍ଜୁ କହିଛନ୍ତି।


ମାଲେରେ ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁଙ୍କ ସହ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର।

# ବାଂଲାଦେଶରେ ସଂଖ୍ୟାଲଘୁଙ୍କ ଉପରେ ୨୦୫ ଥର ଆକ୍ରମଣ ହେଲାଣି

ଢାକା,୧୦।୮(ପି.ଟି.)

ବାଂଲାଦେଶରେ ଶେଖ୍ ହାସିନା ସରକାରର ପତନ ପରଠାରୁ ୫୨ ଜିଲାରେ ସଂଖ୍ୟାଲଘୁମାନଙ୍କ ଉପରେ ଅନ୍ୟୁନ ୨୦୫ ଥର ଆକ୍ରମଣ ହେଲାଣି। ବାଂଲାଦେଶ ହିନ୍ଦୁ ବୁଦ୍ଧିଷ୍ଟ ଖ୍ରୀଷ୍ଟିଆନ ୟୁନିଟି କାଉନସିଲ ଏବଂ ବାଂଲାଦେଶ ପୂଜା ଉଦ୍‌ଯାପନ ପରିଷଦ ଶୁକ୍ରବାର ଏକ ଖୋଲା ଚିଠି ଜରିଆରେ ଅନ୍ତରୀଣ ସରକାରର ମୁଖ୍ୟ ମହମ୍ମଦ ୟୁନୁସ୍‌ଙ୍କୁ ଏହା ଜଣାଇଛନ୍ତି। ଦେଶବ୍ୟାପୀ ହିଂସାତ୍ମକ ଆନ୍ଦୋଳନ ପରେ ଶେଖ୍ ହାସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଭାରତ ପଳାଇଥିଲେ। ଏହା ପରେ ଗତ ସୋମବାରଠାରୁ ସେଠାରେ ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ଆକ୍ରମଣ ଜାରି ରହିଛି। ସଂଖ୍ୟାଲଘୁମାନଙ୍କ ଜୀବନ ବିପଦାପନ୍ନ ହୋଇଥିବାରୁ ସେମାନେ ସୁରକ୍ଷା ଦାବି କରିଛନ୍ତି। ହିନ୍ଦୁ ଓ ଅନ୍ୟାନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକମାନେ ରାତିସାରା ଉଜାଗର ରହି ସେମାନଙ୍କ ଘର ଓ ଉପାସନ ସ୍ଥଳକୁ ଜଗୁଛନ୍ତି। ଦେଶରେ ସାମ୍ପ୍ରଦାୟିକ ସଦ୍‌ଭାବନା ଫେରାଇ ଆଣିବା ପାଇଁ ସେମାନେ ସରକାରଙ୍କ ନିକଟରେ ଦାବି କରିଛନ୍ତି।

# ବନ୍ଦୀଙ୍କ ହାତରେ ଷ୍ଟାମ୍ପ୍ ଗଣତନ୍ତ୍ର ପ୍ରତି ଚ୍ୟାଲେଞ୍ଜ୍‌ର ପ୍ରତୀକ

**ଜନ୍ମଦିନରେ ହାତର ଷ୍ଟାମ୍ପ ଫଟୋ ଶେୟାରକଲେ ହେମନ୍ତ ସୋରେନ**

ରାଞ୍ଚି,୧୦।୮



ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଶନିବାର ନିଜର ଜନ୍ମଦିନ ପାଳନ ଅବସରରେ ତାଙ୍କ ହାତରେ ଲଗାଯାଇଥିବା ଷ୍ଟାମ୍ପ୍‌ର ଫଟୋ ଶେୟାର କରିଛନ୍ତି। ବନ୍ଦୀମାନଙ୍କ ହାତରେ ଷ୍ଟାମ୍ପ ଲଗାଯିବା ଗଣତନ୍ତ୍ର ପ୍ରତି ସୃଷ୍ଟି ହୋଇଥିବା ଚ୍ୟାଲେଞ୍ଜ୍‌ର ପ୍ରତୀକ ବୋଲି ସେ ଉଲ୍ଲେଖ କରିଛନ୍ତି। ଜମି ଦୁର୍ନୀତି ସହ ସମ୍ପୃକ୍ତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଦ୍ୱାରା ଗିରଫ ହୋଇ ହେମନ୍ତ ଜେଲ ଯାଇଥିଲେ। ସେ ଜେଲରୁ ମୁକୁଳିବା ବେଳେ ତାଙ୍କ ହାତରେ ଜେଲ କର୍ତ୍ତୃପକ୍ଷ ଷ୍ଟାମ୍ପ୍ ଲଗାଇଥିଲେ। ସେହି ଷ୍ଟାମ୍ପ୍ ତାଙ୍କ ହୃଦୟରେ ଏବେ ବି ଛାପ ରଖିଥିବା ହେମନ୍ତ କହିଛନ୍ତି। ହାଇକୋର୍ଟରୁ ଜାମିନ ମିଳିବା ପରେ ଗତ ଜୁନ୍ ୨୮ରେ ହେମନ୍ତ ରାଞ୍ଚିର ବିର୍ସାମୁଣ୍ଡା ଜେଲରୁ ବାହାରିଥିଲେ। ବିନା ଅଭିଯୋଗ, ପ୍ରମାଣ ଏବଂ ଅପରାଧରେ ଯେତେବେଳେ ଜଣେ ମୁଖ୍ୟମନ୍ତ୍ରୀଙ୍କୁ ୧୫୦ ଦିନ ଜେଲରେ ରଖାଯାଇପାରୁଛି, ସାଧାରଣ ଆଦିବାସୀ, ଦଳିତ, ଅତ୍ୟାଚାରିତ ଲୋକମାନଙ୍କ ପ୍ରତି କ'ଣ ଘଟୁଥିବ, ତାହା କହିବା ଅନାବଶ୍ୟକ ବୋଲି ହେମନ୍ତ କହିଛନ୍ତି।

# କଶ୍ମୀରରେ ଗୁଳି ବିନିମୟ, ୨ ଯବାନ ମୃତ

ଶ୍ରୀନଗର, ୧୦।୮

ଦକ୍ଷିଣ କଶ୍ମୀରସ୍ଥିତ ଅନନ୍ତନାଗ ଜିଲାର ସୁଦୂର ଅହଲାନ ଗାଗରଲାଣ୍ଡୁ ଜଙ୍ଗଲରେ ଶନିବାର ସୁରକ୍ଷା ବଳ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୨ ଜଣ ଯବାନ ଶହୀଦ ହୋଇଛନ୍ତି। ସେହିପରି ଏହି ସଂଘର୍ଷରେ ଅନ୍ୟ ୪ ଯବାନ ଓ ୨ ଜଣ ସାଧାରଣ ନାଗରିକ ମଧ୍ୟ ଆହତ ହୋଇଛନ୍ତି। ଅହଲାନ ଗାଗରଲାଣ୍ଡୁ ଜଙ୍ଗଲରେ କେତେଜଣ ଆତଙ୍କବାଦୀ ଲୁଚି ରହିଥିବା ନେଇ ଗୋଇନ୍ଦା ସୂଚନାକୁ ଆଧାର କରି ଶନିବାର ଉକ୍ତ ଜଙ୍ଗଲରେ ସୁରକ୍ଷା ବଳ ପକ୍ଷରୁ ସର୍ଚ୍ଚ ଅପରେଶନ କରାଯାଇଥିଲା। ସର୍ଚ୍ଚ ଅପରେଶନ ସମୟରେ ସୁରକ୍ଷାବାହିନୀଙ୍କ ଉପରକୁ ଆତଙ୍କବାଦୀ ଗୁଳିବର୍ଷଣ କରିଥିଲେ।

# ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇଦେବ କେନ୍ଦ୍ର: ମୋଦି


ୱାୟନାଡ୍ ଭୂସ୍ଖଳନ ମୃତକଙ୍କ ପରିବାର ସଦସ୍ୟଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭେଟି ସମବେଦନା ଜଣାଉଛନ୍ତି।

ୱାୟନାଡ୍,୧୦।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଆକାଶ ମାର୍ଗରୁ କେରଳର ଭୂସ୍ଖଳନ କ୍ଷତିଗ୍ରସ୍ତ ୱାୟନାଡ୍ ଜିଲାର ଚୁରାଲମାଲା, ମୁଣ୍ଡାକାଇ ଏବଂ ପୁଞ୍ଚିରିମାଓମ ଅଞ୍ଚଳ ପରିଦର୍ଶନ କରିବା ସହ କ୍ଷୟକ୍ଷତି ଆକଳନ କରିଛନ୍ତି। ସେ ରିଲିଫ୍ କ୍ୟାମ୍ପ୍ ଓ ହସ୍ପିଟାଲରେ ଭୂକମ୍ପ କ୍ଷତିଗ୍ରସ୍ତମାନଙ୍କୁ ଭେଟିବା ସହ ମୃତକଙ୍କ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ୱାୟନାଡ୍ ଭୂସ୍ଖଳନରେ ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ଅନେକ ଅଞ୍ଚଳ ଭାସିଯାଇଥିଲା।

**ୱାୟନାଡ୍ ବିପର୍ଯ୍ୟୟ ଅସ୍ୱାଭାବିକ**

ୱାୟନାଡ୍‌ରେ ଘଟିଥିବା ବିପର୍ଯ୍ୟୟ ଅସ୍ୱାଭାବିକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କ ସହ ସମୀକ୍ଷା ବୈଠକ କରିବା ସହ ରିଲିଫ୍ ଓ ପୁନର୍ବାସ ପାଇଁ କେନ୍ଦ୍ର ପକ୍ଷରୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବିପର୍ଯ୍ୟୟରେ ଯେଉଁମାନେ ସବୁକିଛି ହରାଇଛନ୍ତି, ସେମାନଙ୍କୁ ସହାୟତା ଲାଗି କେନ୍ଦ୍ର ସରକାର କେରଳ ସରକାରଙ୍କ ସହ ଏକାଠି କାର୍ଯ୍ୟ କରିବେ। ଭୂସ୍ଖଳନ ସମୟରେ ପ୍ରଧାନମନ୍ତ୍ରୀ କେରଳ ସରକାରଙ୍କ ସହ ଯୋଗାଯୋଗରେ ଥିବା କହିଛନ୍ତି। ବୈଠକରେ କେରଳ ରାଜ୍ୟପାଳ ଅରିଫ୍ ମହମ୍ମଦ ଖାନ୍, ମୁଖ୍ୟମନ୍ତ୍ରୀ ବିଜୟନ, କେନ୍ଦ୍ରମନ୍ତ୍ରୀ ସୁରେଶ ଗୋପୀ, ବିପର୍ଯ୍ୟୟ ସ୍ଥଳରେ କ୍ୟାମ୍ପ ପକାଇ ରହିଥିବା କ୍ୟାବିନେଟ୍ ସବ୍‌କମିଟିର ମନ୍ତ୍ରୀ ଏବଂ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ପୁନର୍ବାସନ ଲାଗି କେନ୍ଦ୍ର ସରକାର ଆର୍ଥିକ ସହାୟତା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ଦାବି କରିଥିଲେ।

# ରୋହିଙ୍ଗ୍ୟାଙ୍କ ଉପରେ ଡ୍ରୋନ୍ ଆକ୍ରମଣ: ୨୦୦ ମୃତ

ନେପିଡୋ, ୧୦।୮

ମ୍ୟାନ୍‌ମାରରୁ ବାଂଲାଦେଶ ପଳାୟନ କରୁଥିବା ରୋହିଙ୍ଗ୍ୟାଙ୍କ ଉପରେ ଡ୍ରୋନ୍ ଆକ୍ରମଣ ଯୋଗୁ ୩ ଦିନରେ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଲାଣି ବୋଲି ପ୍ରତ୍ୟକ୍ଷଦର୍ଶୀ କହୁଥିବାବେଳେ ଏକାଧିକ ଡଜନ୍ ରୋହିଙ୍ଗ୍ୟା ନିହତ ହୋଇଥିବା ନେଇ ଅନ୍ତର୍ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ମୃତକଙ୍କ ମଧ୍ୟରେ ବହୁ ମହିଳା ଓ ଶିଶୁ ରହିଛନ୍ତି। ସୀମା ପାର୍ କରି ବାଂଲାଦେଶ ଯିବାକୁ ଅପେକ୍ଷା କରି ରହିଥିବା ରୋହିଙ୍ଗ୍ୟା ପରିବାରଙ୍କ ଉପରେ ଡ୍ରୋନ୍ ଯୋଗେ ଆକ୍ରମଣ କରାଯାଇଥିଲା। ଏହି ଆକ୍ରମଣ ପାଇଁ ମ୍ୟାନ୍‌ମାରର ଅରାକାନ୍ ସେନାକୁ ଦାୟୀ କରାଯାଉଥିବାବେଳେ ସେନା ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ଏହି ଡ୍ରୋନ୍ ଆକ୍ରମଣରେ କେତେଜଣ ରୋହିଙ୍ଗ୍ୟାଙ୍କର ମୃତ୍ୟୁ ଘଟିଛି ସେନେଇ ସରକାରୀ ଭାବେ କୌଣସି ସ୍ପଷ୍ଟ ସୂଚନା ମିଳି ନ ଥିବା ବେଳେ ୨୦୦ରୁ ଅଧିକ ମୃତ୍ୟୁ ଘଟିଥିବା କୁହାଯାଉଛି।






## ବଜ୍ରପାତରେ ୨ ମୃତ, ଜଣେ ଅସୁସ୍ଥ

ସୋର, ୧୦।୮ (ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ରାଇପୁର ଗ୍ରାମରେ ଶନିବାର ଅପରାହ୍ଣରେ ବଜ୍ରପାତ ହେବାରୁ ଧାନ ରୁଆ କାମରେ ବ୍ୟସ୍ତ ଥିବା ୨ ଜଣ ଚାଷୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ସାମାନ୍ୟ ଅସୁସ୍ଥ ହୋଇଛନ୍ତି। ମୃତକ ହେଲେ ରାଇପିତାମ୍ବର ଗ୍ରାମର ବସନ୍ତ ଦାସ (୩୫), ନରେନ୍ଦ୍ର ବିଶ୍ୱାଳ(୪୭)। ଅସୁସ୍ଥ ଜଣଙ୍କ ହେଲେ ସେହି ଗ୍ରାମର ସୁରେନ୍ଦ୍ର ସାହୁ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ସୋର ଡାକ୍ତର ଖାନାକୁ ଆଣିଥିଲେ। ଡାକ୍ତର ବସନ୍ତ ଓ ନରେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ସୁରେନ୍ଦ୍ର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

## ୧୨ରୁ ଯୁକ୍ତ୩ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ


ଭୁବନେଶ୍ୱର, ୧୦।୮ (ଅସମାପିକା ସାହୁ)

୨୦୨୪-୨୫ ଶିକ୍ଷାବର୍ଷରେ ଯୁକ୍ତ୩ ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ପ୍ରକ୍ରିୟା ଆସନ୍ତା ୧୨ ତାରିଖରୁ ଆରମ୍ଭ ହେବ। ସାମ୍ସ ପୋର୍ଟାଲରେ ୧୨ ତାରିଖ ଅପରାହ୍ଣ ୪ଟାରେ କମନ ଆପ୍ଲିକେଶନ ଫର୍ମ(ସିଏଏଫ୍) ଉପଲବ୍ଧ ହେବ। ନାମଲେଖା ଆବେଦନ କରିବାକୁ ଚାହୁଁଥିବା ଛାତ୍ରୀଛାତ୍ରୀ ୨୯ତାରିଖ ରାତି ୧୧ଟା ୪୫ ଭିତରେ ଆବେଦନ କରିପାରିବେ। ସେପ୍ଟେମ୍ବର ୨ ଅପରାହ୍ଣ ୪ଟାରେ ଏହି ପର୍ଯ୍ୟାୟର ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ର ୩ତାରିଖ ସକାଳ ୧୦ଟାରୁ ୬ତାରିଖ ଅପରାହ୍ଣ ୫ଟା ଭିତରେ ନାମଲେଖାଇବେ। ୧୦ ତାରିଖ ଅପରାହ୍ଣ ୨ଟାରେ ୱେଟିଂରେ ଥିବା ଛାତ୍ରୀଛାତ୍ରଙ୍କ ମେଧା ତାଲିକା ଉକ୍ତ ଶିକ୍ଷାନୁଷ୍ଠାନଗୁଡ଼ିକ ନିଜ ନୋଟିସ ବୋର୍ଡ/ୱେବ୍‌ସାଇଟରେ ପ୍ରକାଶ କରିବେ। ସେହି ଛାତ୍ରୀଛାତ୍ର ୧୧ରୁ ୧୨ତାରିଖ ଅପରାହ୍ଣ ୫ଟା ଭିତରେ ନାମଲେଖାଇବେ। ଏହାପରେ ସିଟ୍ ବଳକା ପଡିଲେ ଶିକ୍ଷାନୁଷ୍ଠାନଗୁଡ଼ିକ ୱେଟିଂରେ ଥିବା ଛାତ୍ରୀଛାତ୍ରଙ୍କୁ କଲ୍ କିମ୍ବା ହ୍ୱାଟ୍ସ ଆପ୍ କରି ନାମଲେଖାଇବାକୁ କହିବେ। ସୂଚନାଯୋଗ୍ୟ, ରାଜ୍ୟର ୧,୦୫୬ଟି ଡିଗ୍ରୀ କଲେଜରେ ଯୁକ୍ତ୩ ନାମଲେଖା ପାଇଁ ମୋଟ ୨,୭୪,୧୫୧ଟି ସିଟ୍ ରହିଛି। ପ୍ରଥମ ପର୍ଯ୍ୟାୟରେ ୧,୭୭,୬୭୩ଜଣ ନାମଲେଖାଇଥିବା ବେଳେ ଆଉ ୯୬,୪୭୮ଟି ସିଟ୍ ଖାଲି ପଡ଼ିଛି।

## ସରିଲା ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା

ଭୁବନେଶ୍ୱର, ୧୦।୮ (ଅସମାପିକା ସାହୁ)

୨୦୨୪-୨୫ ଶିକ୍ଷାବର୍ଷରେ ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଶନିବାର ଶେଷ ହୋଇଛି। ୨୦ତାରିଖ ପୂର୍ବାହ୍ଣ ୧୧ଟାରେ ସ୍ପଟ୍ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ଏଥିରେ ମନୋନୀତ ଛାତ୍ରୀଛାତ୍ର ୨୨ରୁ ୨୮ ତାରିଖ ଭିତରେ ନାମଲେଖାଇବେ। ତେବେ ସାମ୍ସ ପୋର୍ଟାଲର ତଥ୍ୟ ଅନୁସାରେ, ରାଜ୍ୟରେ ଥିବା ୨,୩୪୧ ଉଚ୍ଚ ମାଧ୍ୟମିକ ସ୍କୁଲରେ ଯୁକ୍ତ୨ ନାମଲେଖା ପାଇଁ ମୋଟ ୫,୪୭,୯୯୩ଟି ସିଟ୍ ରହିଛି। ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ସୁଦ୍ଧା ୩,୮୨,୧୬୧ଜଣ ଛାତ୍ରୀଛାତ୍ର ନାମଲେଖାଇଥିବା ବେଳେ ଆହୁରି ୧,୬୫,୮୩୨ଟି ସିଟ୍ ରହିଛି। ଏଥିମଧ୍ୟରେ କଳାରେ ପ୍ରାୟ ୬୨ହଜାର, ବିଜ୍ଞାନରେ ୭୨ହଜାର, ବାଣିଜ୍ୟରେ ୧୯ହଜାର, ସଂସ୍କୃତରେ ୬ହଜାର ଏବଂ ଧନ୍ଦାମୂଳକରେ ପ୍ରାୟ ୬ହଜାର ସିଟ୍ ଏବେ ବି ଖାଲି ପଡ଼ିଛି।




# ସେରୁବନ୍ଧ ବକ୍ସାଇଟ ଖଣି ଖନନ ନେଇ ଭୂମିପୂଜାକୁ ବିରୋଧ

## କେନ୍ଦ୍ରମନ୍ତ୍ରୀଙ୍କୁ ଫେରାଇ ଦେଲେ ଗ୍ରାମବାସୀ

ପଟ୍ଟାଙ୍ଗି, ୧୦।୮ (ଶରତ ଧଳ)


କୋରାପୁଟ ଜିଲାପାଳ, ଏସ୍‌ପିଙ୍କ ସମେତ ଅନ୍ୟମାନେ ଗ୍ରାମବାସୀଙ୍କୁ ବୁଝାଶୁଝା କରୁଛନ୍ତି।


ନାଲ୍‌କୋ ପକ୍ଷରୁ ଶନିବାର ସେରୁବନ୍ଧ ଖଣିର ବକ୍ସସାଇଟ ଖନନ ପାଇଁ ଭୂମିପୂଜା କରିବାର କାର୍ଯ୍ୟକ୍ରମ ରହିଥିଲା। ଏହାକୁ ଅଞ୍ଚଳବାସୀ ତୀବ୍ର ବିରୋଧ କରିଛନ୍ତି। ଫଳରେ ଭୂମିପୂଜନ ହୋଇପାରିନାହିଁ। କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା କେନ୍ଦ୍ର ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେଙ୍କୁ ନିରାଶହୋଇ ଫେରିଯିବାକୁ ପଡିଛି।

ଖବରରୁ ଜଣାପଡିଛି, ଭୂମିପୂଜନ ଲାଗି ବିଶାଖାପାଟଣା ବିମାନବନ୍ଦରରୁ ବାହାରି କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ଦୁବେ ଦାମନଯୋଡ଼ିରେ ପହଞ୍ଚିଥିଲେ। ପରେ ନାଲ୍‌କୋ ସିଏମ୍‌ଡି, ନାଲ୍‌କୋ ଅଧିକାରୀ , କୋରାପୁଟ ଜିଲାପାଳ ଭି. କୀର୍ତ୍ତିଭାସନ, ଏସ୍‌ପି ଅଭିନବ ସୋନକାର, କୋରାପୁଟ ବିଧାୟକ ରଘୁରାମ ମାଛ, ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଏସ୍‌ଡିପିଓ ମନୋବ୍ରତା ଶତପଥୀ, ପଟ୍ଟାଙ୍ଗି ବିଡିଓ ସୁକାନ୍ତ ପଟ୍ଟନାୟକ, ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ ପ୍ରମୁଖ ଭୂମିପୂଜନ ପାଇଁ ପ୍ରସ୍ତାବିତ ଥୁରିୟା କରଞ୍ଜିଗୁଡା ସ୍ଥାନ ଅଭିମୁଖେ ଅଗ୍ରସର ହୋଇଥିଲେ। ଏହି ସମୟରେ ରାସ୍ତା ଉପରେ ସେରୁବନ୍ଧ ଅଞ୍ଚଳର ପ୍ରଭାବିତ ୬ଟି ପଞ୍ଚାୟତର ପାଖାପାଖି ଶତାଧିକ ଗ୍ରାମବାସୀ ଭୂମିପୂଜନକୁ ବିରୋଧକରି ପ୍ରତିବାଦ କରିଥିଲେ। ଜିଲାପାଳ, ଏସ୍‌ପି ଓ ଜନପ୍ରତିନିଧିମାନେ ଲୋକଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ କିଛି ଶୁଣି ନ ଥିଲେ। ୨୦୨୧ରୁ ଆମେ ଦେଇଥିବା ଲିଖିତ ଦାବିକୁ ଅଣଦେଖାକରି ପ୍ରଭାବିତ ଲୋକଙ୍କ ସମସ୍ୟା କେହି ବୁଝୁନାହାନ୍ତି ବୋଲି ସେମାନେ ଅଭିଯୋଗ କରି ଥିଲେ। ଆମ ସହ ପ୍ରଥମେ ଆଲୋଚନା କର ପରେ ଭୂମିପୂଜନ ପାଇଁ ଜିଦ୍ ଧରିଥିଲେ। ଲୋକେ ବିରୋଧ କରିବାରୁ କେନ୍ଦ୍ରମନ୍ତ୍ରୀ ଦୁବେ ନାଲ୍‌କୋ ଗେଷ୍ଟ ହାଉସ୍‌କୁ ଯାଇ ନାଲ୍‌କୋ ସିଏମ୍‌ଡି ଓ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରି ପୁଣି ଥରେ ତାରିଖ ଧାର୍ଯ୍ୟ କରାଯାଇ ଭୂମି ପୂଜନ ହେବ ବୋଲି କହିଥିଲେ। ସୂଚନାଯୋଗ୍ୟ, ଏହି ଖଣି ଖନନ ପାଇଁ ନାଲ୍‌କୋ ସହ ସରକାରଙ୍କ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ଉକ୍ତ ଖଣି ଖନନକୁ ପୂର୍ବରୁ ଅଞ୍ଚଳବାସୀ ବିରୋଧକରି ଆସୁଛନ୍ତି। ଶନିବାର ଭୂମିପୂଜା କାର୍ଯ୍ୟକ୍ରମ ରହିଥିଲା। ଅନ୍ୟପକ୍ଷରେ ଲୋକଙ୍କ ଏହିପରି ପ୍ରତିବାଦ ଜାରି ରହିଥିବା ବେଳେ ସେରୁବନ୍ଧ ବକ୍ସାଇଟ ପାହାଡ଼ ଉପରେ ନାଲ୍‌କୋ ପକ୍ଷରୁ ଲାଗିଥିଲା ଟେଷ୍ଟ ଏବଂ ନାମ ଫଳକକୁ ଲୋକେ ଭାଙ୍ଗିଦେଇଥିବା ଜଣାପଡିଛି। ଆନ୍ଦୋଳନ ସ୍ଥଳରେ ଉପସ୍ଥିତ ଥିବା ଆନ୍ଦୋଳନକାରୀ, ନାଲ୍‌କୋ କର୍ତ୍ତୃପକ୍ଷ ଓ ପ୍ରଶାସନିକ ଅଧିକାରୀମାନେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ କୌଣସି ମତାମତ ଦେବାକୁ ମନା କରିଦେଇଥିଲେ।

## ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

### ଓଡ଼ିଶା ପାଇଁ ୧୫ ହଜାର କୋଟିର ରେଳ ପ୍ରକଳ୍ପ

ଭୁବନେଶ୍ୱର, ୯।୮ (ଅନିଲ ଦାସ)

କେନ୍ଦ୍ର ସରକାର ଓଡ଼ିଶା ପାଇଁ ୧୫ ହଜାର କୋଟି ଟଙ୍କାର ୬ଟି ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପ ମଞ୍ଜୁର କରିବା ପରେ ଶନିବାର ଲୋକସେବା ଭବନରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନ୍‌ଫରେନ୍ସ ଜରିଆରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନା କରି ଧନ୍ୟବାଦ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, କେନ୍ଦ୍ର ସରକାର ଓଡ଼ିଶା ପାଇଁ ଏକା ଥରକେ ୧୫ ହଜାର କୋଟି ଟଙ୍କାର ୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏଥିପାଇଁ ସାରା ଓଡ଼ିଶାବାସୀ ଖୁସି। ଏହାଦ୍ୱାରା ଓଡ଼ିଶାରେ ରେଳ ଭିତ୍ତିଭୂମି ସୁଦୃଢ଼ ହେବା ସହିତ ସମ୍ପୃକ୍ତ ଜିଲାଗୁଡ଼ିକର ଆର୍ଥିକ ବିକାଶ କ୍ଷେତ୍ରରେ ସହାୟକ ହେବ। ଏହା ଓଡ଼ିଶାର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀ ଏବଂ ରାଜ୍ୟ ସରକାରଙ୍କ ତରଫରୁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଦିଲ୍ଲୀ ଗସ୍ତ ସମୟରେ ରେଳମନ୍ତ୍ରୀ ତାଙ୍କୁ ୫ ମିନିଟ୍ ପାଇଁ ଚା' ପିଇବାକୁ ଡାକିଥିଲେ। ଏହି ୫ ମିନିଟ୍‌ରେ ସେ ଓଡ଼ିଶାକୁ ୬ଟି ପ୍ରକଳ୍ପ ଦେଇଛନ୍ତି। ରେଳ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସମୟରେ ଜମି ଅଧିଗ୍ରହଣ ଏକ ମୁଖ୍ୟ ସମସ୍ୟା ହୋଇଥାଏ। ସେଥିପାଇଁ ପ୍ରକଳ୍ପର ତ୍ୱରାନ୍ୱିତ ପାଇଁ ରାଜ୍ୟ ସରକାର ଜମି ଅଧିଗ୍ରହଣ ସହିତ ଅନ୍ୟାନ୍ୟ ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରେଳମନ୍ତ୍ରୀ ମଞ୍ଜୁର ହୋଇଥିବା ସମସ୍ତ ପ୍ରକଳ୍ପ ଉପରେ ସୂଚନା ଦେଇ ଏହା କିପରି ଓଡ଼ିଶାର ବିଭିନ୍ନ ଜିଲା ଓ ପ୍ରାନ୍ତକୁ ଯୋଡ଼ିବାରେ ସଫଳ ହେବ ସେ ବିଷୟରେ ସୂଚନା ଦେଇଥିଲେ। ରେଳମନ୍ତ୍ରୀ କହିଛନ୍ତି, ପୂର୍ବରୁ ବର୍ଷକୁ ମାତ୍ର ୪୦ କିଲୋମିଟର ରେଳ ଲାଇନ ନିର୍ମାଣ ହେଉଥିବା ବେଳେ ଏବେ ଗତ ୧୦ ବର୍ଷରେ ପ୍ରତିବର୍ଷ ୩୦୦ କିଲୋମିଟରରୁ ଅଧିକ ରେଳପଥ ନିର୍ମାଣ ହେଉଛି। ରାଜ୍ୟ ସରକାରଙ୍କ ସହିତ ମିଳିତ ଭାବେ ଉପଯୁକ୍ତ ତଦାରଖ କରାଯାଇ ନୂଆ ପ୍ରକଳ୍ପଗୁଡ଼ିକୁ ଠିକ୍ ସମୟରେ ସମ୍ପୂର୍ଣ୍ଣ କରାଯିବ ବୋଲି ସେ କହିଛନ୍ତି।

ଭିଡିଓ କନ୍‌ଫରେନ୍ସ ଜରିଆରେ ମୟୂରଭଞ୍ଜ ଏମ୍‌ପି ନବ ଚରଣ ମାଝୀ, ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ, କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ ଏବଂ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ସେମାନେ କହିଥିଲେ, ଏହାଦ୍ୱାରା ସେମାନଙ୍କ ଅଞ୍ଚଳରେ ରେଳପଥର ବିକାଶ ହେବା ସହିତ ସାରା ଭାରତବର୍ଷ ସହିତ ଯୋଗାଯୋଗ ସୁଦୃଢ଼ ହେବ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଏବଂ ବାଣିଜ୍ୟ ଓ ପରିବହନ ପ୍ରମୁଖ ସଚିବ ଉଷା ପାଢ଼ୀ ଉପସ୍ଥିତ ଥିଲେ।

## ଅନୁପ୍ରବେଶ ଉପରେ କଡ଼ା ନଜର

- ଜିଲାର ଉପକୂଳରେ ହାଇଆଲର୍ଟ
- ସାମୁଦ୍ରିକ ଥାନାରେ ନାହାନ୍ତି ଆବଶ୍ୟକ କର୍ମଚାରୀ, ନାହିଁ ପାଟ୍ରୋଲିଂ ବୋଟ୍

ଭଦ୍ରକ, ୧୦।୮ (ସନାତନ ରାଉତ)


ଧାମରା ମେରାଇନ ଥାନା ପକ୍ଷରୁ ସମୁଦ୍ରରେ ପାଟ୍ରୋଲିଂ କରାଯାଉଛି।

ବାଂଲାଦେଶରେ ହିଂସା ଯୋଗୁ ଦେଶରେ ଅସ୍ଥିରତା ଲାଗି ରହିଛି। ଉତ୍ତେଜନାପୂର୍ଣ୍ଣ ସ୍ଥିତି ରହିଥିବାରୁ ବାଂଲାଦେଶୀମାନେ ଭାରତ ଆସିବାର ସମ୍ଭାବନା ରହିଛି। ଦେଶ ଛାଡ଼ି ଅନୁପ୍ରବେଶକାରୀମାନେ ସମୁଦ୍ର ପଥ ଦେଇ ବୋଟ୍ ଯୋଗେ ପଳାଇ ଆସିବାର ଆଶଙ୍କାରେ ସରକାରଙ୍କ ପକ୍ଷରୁ ହାଇଆଲର୍ଟ ଜାରି କରାଯାଇଛି। ଜଳପଥରେ ବାଂଲାଦେଶୀଙ୍କ ଅନୁପ୍ରବେଶ ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲାର ୪୫ କି.ମି. ପରିବ୍ୟାପ୍ତ ସମୁଦ୍ର ଉପକୂଳରେ ମେରାଇନ ପୋଲିସ ସଜାଗ ରହିବା ସହ ହାଇଆଲର୍ଟ ଜାରି ହୋଇଛି। ଭଦ୍ରକ ସହ ବାଲେଶ୍ୱର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଗଞ୍ଜାମ, ଖୋର୍ଦ୍ଧା ଓ ପୁରୀ ଜିଲାରେ ସମୁଦ୍ର ଉପକୂଳ ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି। ଭଦ୍ରକ ଜିଲାରେ ଉପକୂଳ ସୁରକ୍ଷାକୁ କଡ଼ାକଡ଼ି କରାଯାଇଥିବା ସହ ଅନୁପ୍ରବେଶକାରୀଙ୍କ ଗତିବିଧି ଉପରେ ନଜର ରଖିବାକୁ ଭାରତୀୟ ନୌସେନା ସଜାଗ ରହିଛି। ଏଥିସହ ଉପକୂଳର ସମୁଦ୍ର ଭିତରକୁ ଭାରତୀୟ କୋଷ୍ଟ ଗାର୍ଡ କଡ଼ା ନଜର ରଖିଛନ୍ତି।

ଭଦ୍ରକ ଜିଲାର ଉପକୂଳରେ ଥିବା ଧାମରା, ଚୁଡ଼ାମଣି ଓ କଷିଆ ସାମୁଦ୍ରିକ ଥାନାକୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଏସ୍‌ପି ବରୁଣ ଗୁଣ୍ଟୁପାଲି କହିଛନ୍ତି। ସମୁଦ୍ରକୁ ମାଛ ଧରିବାକୁ ଯାଉଥିବା ଏବଂ ମାଛ ଧରି ଫେରୁଥିବା ମତ୍ସ୍ୟଜୀବୀଙ୍କ ଉପରେ ସାମୁଦ୍ରିକ ଥାନା ପୋଲିସର କଡ଼ା ନଜର ରହିଛି। ଉପକୂଳରେ ବସବାସ କରୁଥିବା ଲୋକଙ୍କ ଗତିବିଧି ଓ ସେମାନଙ୍କ ପାଖକୁ ଆସୁଥିବା ଲୋକଙ୍କ ଉପରେ ଗୋଇନ୍ଦା ସଂସ୍ଥା ନଜର ରଖିଛି। ବର୍ତ୍ତମାନ ସ୍ଥିତିରେ ଉପକୂଳରେ ଥିବା ସାମୁଦ୍ରିକ ଥାନାଗୁଡ଼ିକୁ ସଶକ୍ତ କରିବା ପାଇଁ ପ୍ରତି ଥାନାକୁ ୫ଜଣ ଲେଖାଏ ସଶସ୍ତ୍ର ପୋଲିସ ଯୋଗାଇ ଦିଆଯାଇଥିବା ଏସ୍‌ପି କହିଛନ୍ତି। ଉପକୂଳରେ ଅନୁପ୍ରବେଶ ବୃଦ୍ଧି ପାଉଥିବା ବେଳେ ଭଦ୍ରକ ଜିଲାର ୩ଟି ସାମୁଦ୍ରିକ ଥାନାର ସ୍ଥିତି ବହୁ ଦୁର୍ବଳ ରହିଛି। ଏସବୁ ଥାନାକୁ ପୋଲିସ ବିଭାଗ ହାଲୁକା ଭାବେ ଗ୍ରହଣ କରୁଥିବାରୁ ଆବଶ୍ୟକ କର୍ମଚାରୀ ନ ଥିବା ଜଣାପଡ଼ିଛି। ଏହାସହ ସମୁଦ୍ରରେ ପାଟ୍ରୋଲିଂ ପାଇଁ ନିଜସ୍ୱ ମୋଟର ବୋଟ୍ ଓ ଚାଳକ ନ ଥିବା ମଧ୍ୟ ଜଣାପଡ଼ିଛି। ପ୍ରତି ଥାନାରେ ୬ଜଣ ଅଫିସର ରହିବା ଜାଗାରେ କଷିଆ ମେରାଇନ ଥାନାରେ ୩, ଚୁଡ଼ାମଣିରେ ୨ ଓ ଧାମରାରେ ଜଣେ ମାତ୍ର ଅଫିସର ଅଛନ୍ତି। ସେହିପରି କେବଳ ଧାମରା ମେରାଇନ ଥାନାରେ ୨ଟି ବୋଟ୍ ଥିବାବେଳେ ଅନ୍ୟ ୨ଟି ଥାନାରେ ଆଦୌ ମୋଟର ବୋଟ୍ ନ ଥିବା ଜଣାପଡ଼ିଛି। ତେବେ ଉପକୂଳ ସୁରକ୍ଷା ନେଇ ପୋଲିସ ସମ୍ପୂର୍ଣ୍ଣ ସଜାଗ ରହିଥିବା ଓ ସମ୍ଭାବ୍ୟ ପରିସ୍ଥିତିରେ ମୁକାବିଲା କରିବାକୁ ପୋଲିସ ପ୍ରସ୍ତୁତ ଥିବା ଏସ୍‌ପି ଗୁଣ୍ଟୁପାଲି କହିଛନ୍ତି।



**ଆଜିର ମନ୍ତବ୍ୟ**

“ କେନ୍ଦ୍ରର ଏକଛତ୍ରବାଦୀ ଶାସନ ବିରୋଧରେ ସବୁ ବିରୋଧୀ ଦଳ ଏକଜୁଟ୍ ହେଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ୨୪ ଘଣ୍ଟା ମଧ୍ୟରେ ଜେଲରୁ ମୁକୁଳିବେ। **–ମନୀଷ ସିସୋଡିଆ, ବରିଷ୍ଠ ଆପ୍ ନେତା**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଶା ମିରର୍ ପକ୍ଷରୁ 'ପ୍ରତିଭା ଦର୍ପଣ ଉତ୍ସବ', ସ୍ଥାନ: ବୁଲନ ଭାଇ ସେବା ଭବନ, ମାଷ୍ଟରକ୍ୟାଣ୍ଟିନ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ୟାଶନ କ୍ଲବର ୧୯ତମ ଗଣେଶ ପୂଜା ଲାଗି ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ୟାଶନ କ୍ଲବ, ଏମ୍ଏଲ୍ଏ କଲୋନୀ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସମୟ ଲାଇଭ୍‌ର ପୂର୍ବ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ଆସୋସିଏଶନ, ଖାରବେଳ ନଗର, ସମୟ: ଅପରାହ୍ନ ୩ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ନାଟ୍ୟଧାରାର ନାଟକ 'ସୂର୍ଯ୍ୟାସ୍ତ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ
- ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର କବିତା ଆସର ଓ ଆଲୋଚନାଚକ୍ର, ଜଗତ୍‌ପୁରସ୍ଥିତ ଉତ୍କଳମଣି ଶିଶୁ ଉଚ୍ଚଶିକ୍ଷା ମନ୍ଦିର, ଅପରାହ୍ନ ୪ଟା୩୦।

## ପୁରୀ
- ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ଘୋଡ଼ା ବଜାର, ସମୟ: ସକାଳ ୮ଟା।
- ସର୍ବୋଦୟ ସାହିତ୍ୟ ସଂସଦର ପଞ୍ଚମ ବାର୍ଷିକୋତ୍ସବ, ସ୍ଥାନ: ନିର୍ବିକଳ୍ପ ସାରସ୍ୱତ ସଭାଗୃହ, ସର୍ବୋଦୟ ନଗର, ସମୟ: ସକାଳ ୯ଟା ୩୦।
- ଶ୍ରୀଜଗନ୍ନାଥ ଚେତନା ଓ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ହୋଟେଲ ନୀଳାଦ୍ରି ନୀଳୟମ, ନ୍ୟୁ ମେରାଇନ ଡ୍ରାଇଭ୍ ରୋଡ ସମୟ: ସକାଳ ୯ଟା ୩୦।
- ଓଡ଼ିଶା ସାମ୍ବାଦିକ ସଂଘ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ୟୁଥ୍ ହଷ୍ଟେଲ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ଜନତା ଜନାର୍ଦ୍ଦନ ସେବା ଟ୍ରଷ୍ଟର ବୈଠକ ଓ ଦୀପଦାନ କାର୍ଯ୍ୟକ୍ରମ, ସ୍ଥାନ: ବାଘା ଆଖଡ଼ା ମଠ, ବଡ଼ଶଙ୍ଖ, ସମୟ: ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା
- ଓଡ଼ିଶା ଯୁବ ସମ୍ମିଳନୀ, ସ୍ଥାନ: କେ.ଟି. ଗ୍ଲୋବାଲ ସ୍କୁଲ, ବରୁଣେଇ ରୋଡ୍, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର
- ମା ଅମ୍ବିକା ସାହିତ୍ୟ ସଂସଦର ବର୍ଷା ଆସର, ସ୍ଥାନ: ମା' ଅମ୍ବିକା ଆଶ୍ରମ, କୁପାରୀ, ଖଇରା ବ୍ଲକ,ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ତ୍ରିରଙ୍ଗା ଶୋଭାଯାତ୍ରା ପାଇଁ ଭାଜପାର ପ୍ରସ୍ତୁତି ବୈଠକ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିରଙ୍ଗା ପତାକା ପ୍ରସ୍ତୁତି ପାଇଁ ମହିଳା ଗୋଷ୍ଠୀଙ୍କୁ ପ୍ରଶିକ୍ଷଣ, ସ୍ଥାନ: ମା' ତାରିଣୀ ମହାସଂଘ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର
- ସୂର୍ଯ୍ୟ ମନ୍ଦିରରେ ବ୍ରତଧାରୀଙ୍କ ପୂଜା ଏବଂ ମେଳା, ସ୍ଥାନ: ଢ଼ଅଁର, ହାଟଡିହୀ, ସମୟ: ସକାଳ ୭ଟା।
- ସଂକୁଳସ୍ତରୀୟ 'ଜ୍ଞାନ ବିଜ୍ଞାନ' ମେଳା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଡବିଲ, କେନ୍ଦୁଝର, ସମୟ: ସକାଳ ୯ ଟା ୩୦ ରୁ ଅପରାହ୍ନ ୧ଟା।
- ଆଧାତ୍ମିକ ବାଲ୍ ବିକାଶ ଶିକ୍ଷା ପ୍ରଦାନ ଉତ୍ସବ, ସ୍ଥାନ:ଢ଼ଅଁର, କପୁଣ୍ଡି, ମରିଗାଁ, ଇଂଚୋଳ, ଅଣତିରା, ହାଟଡିହୀ, ସମୟ: ପୂର୍ବାହ୍ନ ୧୦ ଟା।
- ସ୍ମୃତିସଭା, ସ୍ଥାନ: ବିଶ୍ୱେଶ୍ୱର୍ ମହାଦେବ ପ୍ରାଙ୍ଗଣ, ନେଲୁଙ୍ଗ, କେନ୍ଦୁଝର ସଦର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତରୀକ୍ଷଙ୍କ ପୂଜା ଏବଂ ଜପ, ସ୍ଥାନ: ଢେଙ୍କା, ହାଟଡିହୀ, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ
- ସାଇ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଚଳିମା, କୁଆମରା, ଗୋପବନ୍ଧୁନଗର, ସମୟ: ସକାଳ ୭ଟା।
- ଶ୍ରୀଗୁରୁ ଭାଗବତ ଟୁଙ୍ଗି ପ୍ରତିଷ୍ଠାର ଶୁଭ ଅଧିବାସ, ସ୍ଥାନ: ଭୁଗୁଡାକଟା ଭଞ୍ଜପୁର ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଉଦଳା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀବିଦ୍ୟା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ନୂତନ ବସ୍ତ୍ର ବଣ୍ଟନ, ସ୍ଥାନ: ମଧୁପୁର ଅଙ୍ଗନୱାଡି କେନ୍ଦ୍ର, ଉଦଳା, ସମୟ: ଅପରାହ୍ନ ୩ଟା।
- ବୋଲବମ ଭକ୍ତଙ୍କୁ ପ୍ରସାଦ ବଣ୍ଟନ, ସ୍ଥାନ: ମୋରଡା ବ୍ଲକ ଅଧୀନ ଚିତ୍ରଡା ଶୀର୍ଷାପାଳ ଛକ, ସମୟ: ରାତି ୯ଟା।

## ବ୍ରହ୍ମପୁର
- ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ଟାଉନ ହଲ, ବ୍ରହ୍ମପୁର,ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର
- ଜାତୀୟ ଶିକ୍ଷା ନୀତିର ରାଜ୍ୟସ୍ତରୀୟ କର୍ମଶାଳା,ସ୍ଥାନ: ଗୋପାଳପୁର କଲେଜ,ସମୟ: ପୂର୍ବାହ୍ନ ୧୧ଟା।
- ବର୍ଷା କବିତା ଆସର, ସ୍ଥାନ: ବୁଗୁଡ଼ା କତକଲା ଜରାଶ୍ରମ, ସମୟ: ପୂର୍ବାହ୍ନ ୧୧ଟା।
- ସାମାଜିକ କର୍ମୀଙ୍କ ସ୍ମୃତିସଭା, ସ୍ଥାନ: ଭଞ୍ଜନଗର ବ୍ଲକ ବାଉଁଶଲୁଣ୍ଡି ରାଧାକୃଷ୍ଣ ପାଠାଗାର, ସମୟ: ଅପରାହ୍ନ ୪ ଟା।
- ଦୃଷ୍ଟିହୀନ ସଙ୍ଗୀତ ସମାରୋହ, ସ୍ଥାନ: ବୁଗୁଡ଼ା,ବୁଦ୍ଧଖୋଲ, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା
- ୧୧ ଲକ୍ଷ ହନୁମାନ ଚାଳିଶା ଏବଂ ମହା ପାରାୟଣ ଜପ ପାଠ, ସ୍ଥାନ: ମଙ୍ଗଳା ମନ୍ଦିର, ରାୟଗଡା, ସମୟ : ସନ୍ଧ୍ୟା ୬ରୁ ୮ ଟା।

## ନବରଙ୍ଗପୁର
- ଅଗଷ୍ଟ ୧୫ ପାଇଁ ପରେଡ୍ ପ୍ରସ୍ତୁତି, ସ୍ଥାନ: ନବରଙ୍ଗପୁର ଷ୍ଟାଡିୟମ୍, ସମୟ: ସକାଳ ୮ଟା।

## କୋରାପୁଟ
- ଦାମନଯୋଡି ଭାରୀ ଓ ହାଲୁକା ମୋଟରଯାନ କର୍ମଚାରୀ ସଂଘ ନିର୍ବାଚନ, ସ୍ଥାନ: ସଂଘ କାର୍ଯ୍ୟାଳୟ, ଦାମନଯୋଡ଼ି, ସମୟ: ସକାଳ ୭ଟାରୁ ଆରମ୍ଭ।
- ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଆମ୍ବେଦକର ଷ୍ଟାଡିୟମ, ନାଲ୍‌କୋ ଟାଉନଶିପ୍, ଦାମନଯୋଡି, ସମୟ:ସକାଳ ୯ଟା।

## ସମ୍ବଲପୁର
- ରାଷ୍ଟ୍ର ଗଠନରେ ଯୁବ ପ୍ରଶିକ୍ଷଣ ଶିବିର, ସ୍ଥାନ : ପବ୍ଲିକ ଲାଇବ୍ରେରୀ ସଭା କକ୍ଷ, ସମୟ : ସକାଳ ୮ଟା।
- ସାମୂହିକ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ : କୁଦୋପାଲି ଗ୍ରାମ, ସମୟ : ସକାଳ ୮ଟା।
- ଏଲଆଇସି ଅଭିକର୍ତ୍ତାଙ୍କ ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ ପୂର୍ବାହ୍ନ ୧୦ଟା।
- ସିଦ୍ଧେଶ୍ୱରୀ ଧର୍ମସଂସଦ ସଭାପତି ଅନ୍ତର୍ଯ୍ୟାମୀ ତ୍ରିପାଠୀଙ୍କ ସ୍ମୃତିରେ ଶୋକସଭା, ସ୍ଥାନ: ପଟ୍ଟନାୟକପଡା ସ୍ଥିତ ସଂସଦ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ବଲାଙ୍ଗୀର
- ସାଗୁଆ ବଲାଙ୍ଗୀର ପକ୍ଷରୁ ଗଛ ଜଗା ଦିନ,ସ୍ଥାନ: ଅରୁନ୍ଧତୀ ଶୋରୁମ୍ ସମ୍ମୁଖ, ବଲାଙ୍ଗୀର , ସମୟ: ସକାଳ ୯ଟା ।
- ତହଁକ୍ କୁଟୁମ୍ ପକ୍ଷରୁ ଝଁକେର କବିତା ଆସର, ସ୍ଥାନ: ହରିଶଙ୍କର ମନ୍ଦିର ନିକଟ, ହରିଶଙ୍କର, ବଲାଙ୍ଗୀର ,ସମୟ: ପୂର୍ବାହ୍ନ ୧୦ଟା ।
- କୋଶଲୀ ସାହିତ୍ୟିକ ନିମାଇଁ ଚରଣ ପାଣିଗ୍ରାହୀଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା ସଭା, ସ୍ଥାନ: ପିପି ଏକାଡେମୀ ସମ୍ମିଳନୀ କକ୍ଷ, ବଲାଙ୍ଗୀର,ସମୟ: ପୂର୍ବାହ୍ନ ୧୧ଟା ।

## ରାଉରକେଲା
- ପଶ୍ଚିମ ଓଡିଶା ବିଦ୍ୟୁତ ଉପଭୋକ୍ତା ମହାସଂଘର ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର–୪, ସମୟ: ପୂର୍ବାହ୍ନ ୧୧ଟା।
- ଫାଇଲେରିଆ ସଚେତନତା କର୍ମଶାଳା, ସ୍ଥାନ: ଆମ୍ବେଡ୍‌କର ବସ୍ତି, ସମୟ: ପୂର୍ବାହ୍ନ ୧୧ଟା ୩୦।
- ହାପି ମୁମେଣ୍ଟ ଇଣ୍ଡିଆ ପକ୍ଷରୁ ସମ୍ବଲପୁରୀ ଦିବସ ପାଳନ, ସ୍ଥାନ: ଏନ୍‌ଆଇଟି, ଅଡିଟୋରିୟମ କକ୍ଷ, ସମୟ: ଅପରାହ୍ନ ୩ଟା।
- ସ୍ୱପ୍ନ ସାହିତ୍ୟ ପକ୍ଷରୁ ସାହିତ୍ୟ ସଭା, ସ୍ଥାନ: ଗୋପବନ୍ଧୁ ପାଠାଗାର, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼
- ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା,ସ୍ଥାନ: ସରସତୀ ଶିଶୁ ବିଦ୍ୟା ମନ୍ଦିର,କୁଆଁରମୁଣ୍ଡା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମିଲେଟ ମିଶନର କର୍ମକର୍ତ୍ତାଙ୍କୁ ବୈଜ୍ଞାନିକ ପଦ୍ଧତିରେ ମିଲେଟ ଉତ୍ପାଦନ ଏବଂ ମୂଲ୍ୟଯୁକ୍ତ ଉତ୍ପାଦ ଉପରେ ୪ ଦିନିଆ ତାଲିମ ଶିବିର ଉଦଘାଟନ,ସ୍ଥାନ:ଆଞ୍ଚଳିକ କୃଷି ଗବେଷଣା ଉପକେନ୍ଦ୍ର,ସମୟ: ପୂର୍ବାହ୍ନ ୧୦ଟା ୩୦।

## ବରଗଡ଼
- ଜିଲା ପେନକକ୍‌ସିଲାଟ୍ ଚାମ୍ପିୟନଶିପ୍, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ସକାଳ ୯ଟା।
- ଜମଲା ଗ୍ରାମବାସୀଙ୍କ ଦ୍ୱାରା ସାମୂହିକ ବୃକ୍ଷରୋପଣ, ସ୍ଥାନ: ପଦ୍ମପୁର ବ୍ଲକ ଜମଲା ଗାଁ ରାସ୍ତାପାର୍ଶ୍ୱ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଖଇରପାଲି ଗ୍ରାମବାସୀଙ୍କ ଦ୍ୱାରା ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ପଦ୍ମପୁର ବ୍ଲକ ଖଇରପାଲି ଗାଁ, ସମୟ: ଅପରାହ୍ନ ୪ଟା।

## କଳାହାଣ୍ଡି
- ହର୍‌ଘର୍ ତ୍ରିରଙ୍ଗା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ଜୁନାଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ବୌଦ୍ଧ ଜିଲା ବିଜୁ ଜନତା ଦଳ ପକ୍ଷରୁ କର୍ମୀ ସମ୍ମିଳନୀ, ସ୍ଥାନ: ବନ୍ୟା ଆଶ୍ରୟସ୍ଥଳ ,ହରଭଙ୍ଗା ,ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼
- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- ସ୍ୱାଧୀନତା ଦିବସ ପାଇଁ ପରେଡ୍ ଅଭ୍ୟାସ, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୭ଟା ୪୫।
- ତ୍ରିନାଥ ମନ୍ଦିରରେ ତ୍ରିନାଥ ମେଳା, ସ୍ଥାନ: ବାବୁସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ଭଏସ୍ ଜିନିୟସ ସିଜନ୍ ୧୧ ସଙ୍ଗୀତ ପ୍ରତିଯୋଗିତା ପାଇଁ ରିହର୍ସାଲ, ସ୍ଥାନ: ସଂସ୍କୃତି ଭବନ, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଶ୍ରୀଅରବିନ୍ଦ ସ୍ୱାସ୍ଥ୍ୟ କର୍ମଧାରାର ଦୁଇ ଦିନିଆ ମଣ୍ଡଳସ୍ତରୀୟ କର୍ମଶାଳାର ଉଦ୍‌ଯାପନ, ସ୍ଥାନ: ସୋନପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର, ସମୟ: ସକାଳ ୯ଟା।
- ଜୟ ଜଗନ୍ନାଥ ସ୍ପୋର୍ଟସ କ୍ଲବ ଦ୍ୱାରା ଚାରା ରୋପଣ, ସ୍ଥାନ: ଲୁତୁରପଙ୍କ ଖେଳ ପଡିଆ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ହିନ୍ଦୁ ସୁରକ୍ଷା ସମିତିର ଜରୁରୀ ବୈଠକ, ସ୍ଥାନ: ବୀରମହାରାଜପୁର କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୨ଟା।
- ତରଭା ପଞ୍ଚାନନ ମେଳା କମିଟି ପକ୍ଷରୁ ତ୍ରିନାଥ ମହାପ୍ରଭୁଙ୍କ ପୂଜାର୍ଚ୍ଚନା ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ତରଭା ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।
- ଗ୍ରାମ୍ୟ ପରିଚାଳନା କମିଟିର ବୈଠକ, ସ୍ଥାନ: ଗୁଦଗୁଦା, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ କୁଇଜ ପ୍ରତିଯୋଗିତା,ସ୍ଥାନ: ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା
- ନୂତନ ବ୍ଲଡ୍ ବ୍ୟାଙ୍କ ଉଦ୍‌ଘାଟନ, ସ୍ଥାନ: ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବୃଦ୍ଧିଜୀବୀ ସମ୍ମିଳନୀ କାର୍ଯ୍ୟକ୍ରମ, ସ୍ଥାନ: ଝାରସୁଗୁଡ଼ା ସହରସ୍ଥିତ ମେଘଦୂତ ହୋଟେଲ, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଝାରସୁଗୁଡ଼ା ସହରସ୍ଥିତ ମେଘଦୂତ ହୋଟେଲ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା,ସମୟ:ସକାଳ ୮ଟା।
- ଜୟରାଷ୍ଟ୍ର ପକ୍ଷରୁ ପୁସ୍ତକ ଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ:ଶ୍ରୀରାମ ମନ୍ଦିର ସମ୍ମିଳନୀ କକ୍ଷ, ତିନିମୁହାଣୀ, କେନ୍ଦ୍ରାପଡ଼ା, ସମୟ:ସନ୍ଧ୍ୟା ୬ଟା।

## ଯାଜପୁର
- ଭାରତୀୟ କ୍ରୀଡା ପ୍ରାଧିକରଣ ଆନୁକୂଲ୍ୟରେ ଦୌଡକୁଦ, ଫୁଟବଲ ଓ କବାଡି ପ୍ରତିଯୋଗିତା, ସ୍ଥାନ: ବ୍ୟାସନଗର ଷ୍ଟାଡିୟମ, ସମୟ: ସକାଳ ୮ଟା।
- ଜିଲା ପ୍ରଶାସନ ପକ୍ଷରୁ ସ୍ୱାଧୀନତା ଦିବସ ଉପଲକ୍ଷେ ସାଂସ୍କୃତିକ ଦଳ ଚୟନ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ , ସ୍ଥାନ: ନୟାଗଡ଼ ଟାଉନ ରେଳ ଷ୍ଟେଶନ, ସମୟ: ସକାଳ ୭ଟା।
- ସୋହମର ବାର୍ଷିକୋତ୍ସବ, ସ୍ଥାନ: ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜି ଚନ୍ଦ୍ର ସପ୍ତମ କେନ୍ଦ୍ରସ୍ଥ ଯୋଗୁ କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ ପାଇବେ। ପାରିବାରିକ କ୍ଷେତ୍ର, ନୂତନ ଯୋଜନାରମ୍ଭ ଓ ବନ୍ଧୁମିଳନରୁ ଖୁସି ରହିପାରନ୍ତି। ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକି ରହିଥିବା କାମରେ ଅଗ୍ରଗତି ଘଟିବ। ସାମୟିକ ପ୍ରତିବନ୍ଧକଜନିତ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ବୃଷ** ଆତ୍ମୀୟମାନଙ୍କ ସହଯୋଗରେ ଧର୍ମକାର୍ଯ୍ୟ, ସତ୍‌ସଙ୍ଗ ଓ ଆନୁଷ୍ଠାନିକ କାମ ପାଇଁ ଯୋଜନା କରିପାରନ୍ତି। ଉପଚୟସ୍ଥ ରବି ହେତୁ ପାରିବାରିକ କ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକ ଲାଗି ରହିବ। ବ୍ୟବହାରିକ ସ୍ଥାନରେ ଶୁକ୍ର, ଅର୍ଥ, ବିଳାସ ଉପକରଣ, ନୂତନ ମୈତ୍ରୀ ସମ୍ପର୍କ ସୃଷ୍ଟି କରିବ। କଳା, ସାହିତ୍ୟରେ ଉନ୍ନତି କରିବେ ଓ ପ୍ରଶଂସିତ ମଧ ହୋଇପାରନ୍ତି।

**ମିଥୁନ** କର୍ମକ୍ଷେତ୍ରରେ ରାହୁ ଅବସ୍ଥାନ କରିଥିବାରୁ ସମସ୍ୟାଗ୍ରସ୍ତ ହୋଇପାରନ୍ତି। ଅର୍ଥ ସମ୍ବନ୍ଧୀୟ କାରବାରରେ ବନ୍ଧୁ ସହିତ ମନୋମାଳିନ୍ୟ ଘଟିବାର ଆଶଙ୍କା ରହିଛି। ସାମୟିକ ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। ଶିଳ୍ପ, ବାଣିଜ୍ୟ, ପରିବହନ, ବ୍ୟବସାୟ ଏବଂ ଦୂରଯାତ୍ରା ସକାଶେ ଦିନଟି ମନ୍ଦ ନୁହେଁ।

**କର୍କଟ** କର୍ମାଧିପ ଶନିଯୁକ୍ତ ଯୋଗୁ କର୍ମଜଞ୍ଜାଳ ବୃଦ୍ଧିଜନିତ ମାନସିକ ଅସ୍ଥିରତା ସୃଷ୍ଟି ହେବ। ପ୍ରତିଦ୍ୱନ୍ଦ୍ୱିତା, କ୍ରୀଡ଼ା ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ବିଚଳିତ ହୋଇପାରନ୍ତି। ବନ୍ଧୁ ପରିଜନଙ୍କ ସହିତ ଯାତ୍ରାରୁ ସୁଫଳ ପାଇବେ ଏବଂ ଲକ୍ଷ୍ୟ ପୂରଣ ହେବ।

**ସିଂହ** ପୂର୍ବାହ୍ନରେ ବନ୍ଧୁଙ୍କ ସାକ୍ଷାତରୁ ଉପକୃତ ହୋଇପାରନ୍ତି। ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡ଼ିପାରନ୍ତି। ଅଫିସ୍‌ରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ। କାର୍ଯ୍ୟହାନି ହେତୁ କିମ୍ବା ପରୋକ୍ଷ ଶତ୍ରୁତାରୁ ମନ ଠିକ୍ ରହି ନ ପାରେ। ଦୀର୍ଘ ଦିନରୁ ଅପେକ୍ଷା କରିଥିବା ଖବରଟି ଅପରାହ୍ନରେ ପାଇବେ।

**କନ୍ୟା** ବୃହସ୍ପତି ସହ ମଙ୍ଗଳଙ୍କ ସମ୍ବନ୍ଧ କାରଣରୁ କର୍ମକ୍ଷେତ୍ର ପ୍ରଶସ୍ତ ରହିବ। ଯାତ୍ରାରେ ସଫଳତା, ବାଣିଜ୍ୟ, ବ୍ୟବସାୟରେ ଲାଭ ଓ ସାମାଜିକ ସ୍ତରରୁ ସମ୍ମାନ ପାଇବେ। ଭାବ ପ୍ରବଣତାବଶତଃ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ ହେବ। ପ୍ରତିଦ୍ୱନ୍ଦ୍ୱିତା, ପ୍ରକାଶନ, ପ୍ରଶାସନ ଓ ପରିବହନରେ ସମସ୍ୟା ବୃଦ୍ଧି ହୋଇପାରେ।

**ତୁଳା** ଲାଭ ଭାବରେ ରାଶ୍ୟାଧିପ ଥିବା କାରଣରୁ ଲାଗି ରହିଥିବା ସମସ୍ୟା ସମାଧାନ ହେବ। ପଡ଼ୋଶୀ ସ୍ୱାର୍ଥସାଧାନ ମାନସରେ ବାକ୍‌ଚାତୁରୀ କଥା କହିବେ। ଶନି ଓ ରବିଙ୍କ ପାରସ୍ପରିକ ବୈରତା କାରଣରୁ କଠିନ ପରିଶ୍ରମ କଲେ ମଧ ପାରିଶ୍ରମିକ ମନଲାଖି ହେବ ନାହିଁ। ଘର ଲୋକମାନଙ୍କ ଚୁପ୍‌ଚାପ୍ କଥା ମନକୁ ବିଚଳିତ କରିପାରେ।

**ବିଛା** ରାଶି ଓ ରାଶ୍ୟାଧିପତିଙ୍କ ପ୍ରତି ଗୁରୁଦୃଷ୍ଟି କର୍ମକ୍ଷେତ୍ରରେ ଗୌରବାର୍ଜନ ପୂର୍ବକ ଉଚ୍ଚ ପ୍ରଶଂସା ପ୍ରଦାନ କରିବ। କଳା, ସାହିତ୍ୟ, ସଂଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ପଡ଼ୋଶୀ ଓ ସହକର୍ମୀଙ୍କ ତରଫରୁ ସାହାଯ୍ୟ ଅଭାବ ରହିବ ନାହିଁ। ରାହୁଙ୍କ ପ୍ରଭାବରୁ ଅନ୍ୟମନସ୍କତା ପରିହାର କରି ଯାନବାହନରେ ସତର୍କ ରୁହନ୍ତୁ।

**ଧନୁ** ସ୍ୱଗୃହୀ ତୃତୀୟ ଶନି ହେତୁ ପରିବାରରେ ତିକ୍ତ ସମ୍ପର୍କ ଉଭେଇ ଯିବ, ଦୂରେଇ ଯାଇଥିବା ବନ୍ଧୁ ପାଖେଇ ଆସିବେ। ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ, କିନ୍ତୁ ଏଥିପାଇଁ ଟଣାଓଟରା ଲାଗିପାରେ। ବିବାଦୀୟ ଘଟଣାରେ ଶତ୍ରୁଠାରୁ ଦୂରେଇ ରହି କାମ କରିବା ଭଲ ହେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସନ୍ଦେହ ଓ ସମସ୍ୟାକୁ ସୁଧାରି ନେବେ।

**ମକର** ଅନୁକୂଳ ଗ୍ରହସ୍ଥିତି ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ସନ୍ତୋଷଜନକ ଫଳ ପାଇବେ। କଳା ସାହିତ୍ୟ, ପରିବାର ଭିତରେ, ପରିବହନରେ ସମସ୍ୟା ସମାଧାନ ହୋଇଯିବ। ବିବାଦୀୟ ପରିସ୍ଥିତିରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି। ଭୁଲ୍ ବୁଝାମଣା ଯୋଗୁ ପଡ଼ୋଶୀଙ୍କ କାର୍ଯ୍ୟକଳାପ ସନ୍ଦେହଜନକ ମନେହୋଇପାରେ।

**କୁମ୍ଭ** ବୁଧ ଓ ଶୁକ୍ରଙ୍କ ସମ୍ପର୍କଜନିତ କାମର ଚାପ ମନକୁ ବିଚଳିତ କରିବ। ନୀଚାରୋହୀ ଶୁକ୍ର ହେତୁ ବନ୍ଧୁ ଗହଣରେ ନିଜକୁ ନ୍ୟୂନ ମନେ କରିପାରନ୍ତି। ପ୍ରତ୍ୟେକ କାମ ସହଜ ଓ ସୁବିଧାଜନକ ହୋଇ ନ ପାରେ। କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି।

**ମୀନ** ରାଶିରେ ରାହୁ ହେତୁ ହଠାତ୍ ଜରୁରୀ କାମରେ ବାହାରକୁ ଯିବାକୁ ପଡ଼ିପାରେ। ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିପାରନ୍ତି। ଅଷ୍ଟମଭାବସ୍ଥ ଚନ୍ଦ୍ରଜନିତ କେତେକ କ୍ଷେତ୍ରରେ ବୃଥା ଆଶଙ୍କା କରି ମନ ଅସ୍ଥିର ରହିବ। ଧର୍ମସ୍ଥାନ ଗୁରୁଦୃଷ୍ଟ କାରଣରୁ କୌଣସି ଧାର୍ମିକ କାର୍ଯ୍ୟ ପାଇଁ ମନ ବଳାଇବେ।

ଆଜି ଅଗଷ୍ଟ ୧୧ ତାରିଖ, ଶ୍ରାବଣ ଶୁକ୍ଳ ସପ୍ତମୀ ରବିବାର, ରାଶି ନକ୍ଷତ୍ର–ସ୍ୱାତୀ/ତୁଳା, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୨୯ମି. ଗତେ ଘ.୦୯।୪୪ମି. ମଧ୍ୟେ, ଘ.୦୧।୨୭ ଗତେ ଘ.୦୧।୨୯ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୩୮ ଗତେ ଘ.୦୬।୧୩ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ୧୫ରେ 'ସୁଭଦ୍ରା' ...

ଦିଦିଙ୍କ ସଂଖ୍ୟା ବଢ଼ିବ ସେ ନେଇ ତାଙ୍କ ସରକାର କାମ କରୁଛନ୍ତି। ମିଶନ ଶକ୍ତି ମା'ମାନଙ୍କୁ ଦୁବାଇ ବୁଲାଇ ନେଲେ ସେମାନଙ୍କ ବିକାଶ ହୋଇଯିବନି । ସେମାନଙ୍କ ଏକ୍ସପୋଜର ଭିଜିଟ୍ ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ସ୍କୁଟି ନେଇ ମିଶନ ଶକ୍ତିର ମହିଳାମାନେ ପସ୍ତାଉଛନ୍ତି। ଗତ ସରକାର ସେମାନଙ୍କ ଉପରେ ଋଣଭାର ବଢ଼ାଇ ଦେଇଛନ୍ତି। ଭାଜପା ମାଆମାନଙ୍କୁ କେବେ ବି ଭୋଟ ବ୍ୟାଙ୍କ ଭାବେ ବ୍ୟବହାର କରେନି। ସେମାନଙ୍କ ବିକାଶ ଉପରେ ଅଧିକ ଗୁରୁତ୍ୱ ଦେବ। ମିଶନ ଶକ୍ତି କେବେ ବି ବନ୍ଦ ହେବନି । ପର୍ଯ୍ୟଟନର ବିକାଶ ପାଇଁ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ଗତ ଥର ଇକୋରିଟ୍ରିଟ୍‌ରେ ଅନେକ ବାବୁଙ୍କ ବିନା ପଇସାରେ ବିଳାସବ୍ୟସନ କଥା ସାମ୍ନାକୁ ଆସିଛି। ଏଥର ସେ ସବୁ ବନ୍ଦ ହେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

## ମହିଳା ଡାକ୍ତରଙ୍କୁ ...

ନିରପେକ୍ଷ ତଦନ୍ତ ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଇଣ୍ଡିଆନ ମେଡିକାଲ ଆସୋସିଏଶନ (ଆଇଏମ୍ଏ) ପକ୍ଷରୁ ଶନିବାର ଦାବି କରାଯାଇଛି। ୪୮ ଘଣ୍ଟା ମଧ୍ୟରେ ଦାବି ପୂରଣ ନ ହେଲେ ଦେଶବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଆଇଏମ୍ଏ ଚେତାବନୀ ଦେଇଛି। ଅପରାଧୀଙ୍କୁ ଆବଶ୍ୟକ ପଡ଼ିଲେ ଫାଶୀ ଦିଆଯିବ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ପୀଡ଼ିତା ଜଣକ ପଲ୍‌ମୋଲୋଜି ବିଭାଗର ଦ୍ୱିତୀୟ ବର୍ଷ ଛାତ୍ରୀ ଥିଲେ। ଶୁକ୍ରବାର ଭୋର ସମୟରେ ଏହି ଅପରାଧ ଘଟିଥିବା କୋଲକାତା ପୋଲିସ କହିଛି। ତାଲା ଥାନାରେ ବଳାତ୍କାର ଓ ହତ୍ୟା ମାମଲା ରୁଜୁ ହୋଇଛି। ମହିଳା ଡାକ୍ତରଙ୍କ ଗୁପ୍ତାଙ୍ଗ ଏବଂ ଆଖିରୁ ରକ୍ତ ବାହାରିଥିବାରୁ ଏହା ଆଦୌ ଆତ୍ମହତ୍ୟା ନୁହେଁ, ବରଂ ତାଙ୍କୁ ଯୌନ ନିର୍ଯ୍ୟାତନା ପରେ ହତ୍ୟା କରାଯାଇଥିବା ପୋଲିସ ଅଧିକାରୀ କହିଛନ୍ତି। ଏହା ବ୍ୟତୀତ ପୀଡ଼ିତାଙ୍କ ଶରୀରର ବିଭିନ୍ନ ସ୍ଥାନ କ୍ଷତଚିହ୍ନ ଥିବାବେଳେ ବେକ ହାଡ଼ ଭାଙ୍ଗିଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି। ମାମଲାର ତଦନ୍ତ ପାଇଁ କୋଲକାତା ପୋଲିସ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଗଠନ କରିଛି।

ମିଳିଥିବା ଖବର ଅନୁଯାୟୀ ମହିଳା ଡାକ୍ତର ଜଣକ ଗୁରୁବାର ରାତି ଡ୍ୟୁଟିରେ ଥିଲେ। ଶୁକ୍ରବାର ସକାଳେ ତାଙ୍କର ଅର୍ଦ୍ଧନଗ୍ନ ମୃତଦେହ ହସ୍ପିଟାଲର ସେମିନାର ହଲ୍‌ରୁ ମିଳିଥିଲା। ତାଙ୍କୁ ମେଡିକାଲ କଲେଜ ଓ ହସ୍ପିଟାଲରେ ବଳାତ୍କାର ପରେ ହତ୍ୟା କରାଯାଇଥିବା ପୀଡ଼ିତାଙ୍କ ବାପା ଅଭିଯୋଗ କରିବା ସହ ସତ୍ୟକୁ ଲୁଚାଇବାକୁ ଉଦ୍ୟମ ହେଉଥିବା କହିଛନ୍ତି। ଜଣେ ଡାକ୍ତରଙ୍କ କହିବା ଅନୁଯାୟୀ ଗୁରୁବାର ରାତି ୨ଟା ବେଳେ ଉକ୍ତ ମହିଳା ଡାକ୍ତର ତାଙ୍କ ଜୁନିୟରମାନଙ୍କ ସହ ଏକାଠି ରାତ୍ରିଭୋଜନ କରିଥିଲେ। ଏହା ପରେ ସେ ବିଶ୍ରାମ ନେବା ପାଇଁ ସେମିନାର ପ୍ରକୋଷ୍ଠକୁ ଯାଇଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଏନ୍.ଏସ୍. ନିଗମ ଏବଂ କୋଲକାତା ପୋଲିସ କମିଶନର ବିନୀତ ଗୋୟର ହସ୍ପିଟାଲ ଯାଇ ସେଠାର ବରିଷ୍ଠ ଅଧିକାରୀମାନଙ୍କ ସହ ବୈଠକ କରିଛନ୍ତି। ଡାକ୍ତରଙ୍କ ମୃତ୍ୟୁର ତଦନ୍ତ ପାଇଁ ହସ୍ପିଟାଲ କର୍ତ୍ତୃପକ୍ଷ ଏକ ୩ ଜଣିଆ କମିଟି ଗଠନ କରିଛନ୍ତି।

ମୁଖ୍ୟମନ୍ତ୍ରୀ ମମତା ମୃତା ଡାକ୍ତରଙ୍କ ମା'ବାପାଙ୍କୁ ଫୋନ୍ କରି ଅପରାଧୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ମାମଲାର ବିଚାରକୁ ତ୍ୱରାନ୍ୱିତ କରିବା ନିମନ୍ତେ ମମତା ଅଫିସରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି, ଜୁନିୟର ଡାକ୍ତରମାନେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ଦାବି କରି ବିକ୍ଷୋଭ କରିବା ଯଥାର୍ଥ। ସେମାନଙ୍କ ଦାବିକୁ ସମର୍ଥନ କରୁଛି। ମାମଲାର ତଦନ୍ତ ସିବିଆଇ ସମେତ ଯେକୌଣସି ସଂସ୍ଥା ଦ୍ୱାରା କରାଗଲେ ମଧ ତାଙ୍କ ସରକାରଙ୍କର କୌଣସି ଆପତ୍ତି ନ ଥବା ମମତା ଏକ ନ୍ୟୁଜ୍ ଚ୍ୟାନେଲକୁ କହିଛନ୍ତି।

## ମାଧବୀ ପେଡ଼ି ...

ଦରିଆପାରି କମ୍ପାନୀରେ ପୁଞ୍ଜିନିବେଶ କରିଥିବା ରିପୋର୍ଟରୁ ଜଣାପଡ଼ିଛି। ସେବିରେ ମାଧବୀ ନିଯୁକ୍ତ ହେବା ପୂର୍ବରୁ କୌଣସି ପ୍ରକାର ସମ୍ଭାବ୍ୟ ଯାଞ୍ଚରୁ ତାଙ୍କୁ ସୁରକ୍ଷା ଦେବା ନିମନ୍ତେ ସେମାନଙ୍କ ନିବେଶକୁ ନିଜ ନିୟନ୍ତ୍ରଣକୁ ନେବା ପାଇଁ ତାଙ୍କ ସ୍ୱାମୀ ନିବେଦନ କରିଥିଲେ। ଏକ ଜଟିଳ ବହୁସ୍ତରୀୟ ଦରିଆପାରି ଷ୍ଟ୍ରକ୍ଚର ଜରିଆରେ ସେମାନେ ପୁଞ୍ଜିନିବେଶ କରିଥିବାରୁ ଏହାର ବୈଧତା ଓ ଉଦ୍ଦେଶ୍ୟକୁ ନେଇ ପ୍ରଶ୍ନ ଉଠିଛି। ଆଦାନୀ ଗ୍ରୁପ୍‌ର ସନ୍ଦେହଜନକ ଦରିଆପାରି ଅଂଶୀଦାରମାନଙ୍କ ବିରୋଧରେ ସେବି ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ନ ନେବା ପଛରେ ଉକ୍ତ ସଂସ୍ଥାଗୁଡ଼ିକ ସହ ମାଧବୀଙ୍କ ବ୍ୟକ୍ତିଗତ ଆର୍ଥିକ ସମ୍ପର୍କ କାରଣ ହୋଇପାରେ ବୋଲି ହିଣ୍ଡେନବର୍ଗ ରିପୋର୍ଟରେ କୁହାଯାଇଛି। ଭାରତରେ ରିଅଲ ଇଷ୍ଟେଟ୍ ଇନ୍‌ଭେଷ୍ଟମେଣ୍ଟ ଟ୍ରଷ୍ଟ (ଆର୍‌ଇଆଇଟି)ଗୁଡ଼ିକର ପ୍ରଚାର ପ୍ରସାରରେ ମାଧବୀଙ୍କ ଭୂମିକାକୁ ନେଇ ମଧ ରିପୋର୍ଟରେ ପ୍ରଶ୍ନ ଉଠାଯାଇଛି। ଉକ୍ତ ଟ୍ରଷ୍ଟ ପାଇଁ ବ୍ଲାକ୍‌ଷ୍ଟୋନ୍ ନାମକ ସଂସ୍ଥା ଲାଭବାନ ହୋଇଥିଲା। ଏହି ସଂସ୍ଥାରେ ମାଧବୀଙ୍କ ସ୍ୱାମୀ ଜଣେ ବରିଷ୍ଠ ଉପଦେଷ୍ଟା ଭାବେ କାମ କରୁଥିଲେ।

ଏହା ପୂର୍ବରୁ 'ଭାରତରେ ଖୁବ୍‌ଶୀଘ୍ର କିଛି ବଡ଼ ଘଟିବାକୁ ଯାଉଛି' ବୋଲି ଶନିବାର ସକାଳେ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ପକ୍ଷରୁ ଏକ୍ସ'ରେ ଉଲ୍ଲେଖ କରାଯାଇଥିଲା। ଉକ୍ତ ପୋଷ୍ଟରେ ରିସର୍ଚ୍ଚ ଫାର୍ମ କୌଣସି କମ୍ପାନୀର ନାମ ଲେଖି ନ ଥିଲେ ମଧ ଦେଶର ଆର୍ଥିକ ଜଗତରେ ହଇଚଇ ସୃଷ୍ଟି ହୋଇଥିଲା। ତେଣୁ ଆଦାନୀ ଗ୍ରୁପ୍ ପରେ ଏବେ କାହାର ପେଡ଼ି ଖୋଲିବାକୁ ଯାଉଛି, ତା' ଉପରେ ସମସ୍ତଙ୍କର ନଜର ରହିଥିଲା। କାରଣ ୨୦୨୩ ଜାନୁଆରୀ ୨୪ରେ ହିଣ୍ଡେନ୍‌ବର୍ଗ ପକ୍ଷରୁ ପ୍ରକାଶିତ ଏକ ଅନୁସନ୍ଧାନମୂଳକ ରିପୋର୍ଟ ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀଙ୍କ ବ୍ୟବସାୟିକ ସାମ୍ରାଜ୍ୟକୁ ଦୋହଲାଇଦେଇଥିଲା।

ଗତବର୍ଷ ଜାନୁୟାରୀ ୨୪ରେ ଆମେରିକୀୟ ଶର୍ଟ ସେଲର୍ ହିଣ୍ଡେନ୍‌ବର୍ଗ ନିଜ ୱେବ୍‌ସାଇଟ୍‌ରେ ଏକ ଅନୁସନ୍ଧାନମୂଳକ ରିପୋର୍ଟ ପ୍ରକାଶ କରିଥିଲା। ଉକ୍ତ ରିପୋର୍ଟରେ ଦର୍ଶାଯାଇଥିଲା ଯେ, ଆଦାନୀ ଗ୍ରୁପ୍ ୧୭.୮ ଟ୍ରିଲିୟନ୍ ବା ଲକ୍ଷ କୋଟି ଟଙ୍କା (୨୧୮ ବିଲିୟନ୍ ଆମେରିକୀୟ ଡଲାର) ହେରଫେର କରିଛି। ଏହି କମ୍ପାନୀ ନିଜ ଷ୍ଟକ୍ସ ଏବଂ ଆକାଉଣ୍ଟରେ ଅନେକ ଦଶନ୍ଧି ଧରି ଏହି କାରସାଦି କରିଥିବା ନେଇ ୨ ବର୍ଷର ଯାଞ୍ଚ ଓ ଖୋଳତାଡ଼ ପରେ ପ୍ରମାଣ ମିଳିଛି। ଆଦାନି ଗ୍ରୁପ୍ ପ୍ରତିଷ୍ଠାତା ଗୌତମ ଆଦାନୀ ଅସାଧୁ ଉପାୟରେ ଷ୍ଟକ୍ ମୂଲ୍ୟରେ ବୃଦ୍ଧି ଘଟାଇ ଗତ ୩ ବର୍ଷ ମଧ୍ୟରେ ପ୍ରାୟ ୧୨୦ ବିଲିୟନ ଡଲାର ଠୁଳ କରିଛନ୍ତି। ପୁଞ୍ଜି ବଜାରରେ ତାଲିକାଭୁକ୍ତ ହୋଇଥିବା ଆଦାନୀ ସମୂହର କମ୍ପାନୀଗୁଡ଼ିକ ଏହି ଅବଧି ମଧ୍ୟରେ ହାରାହାରି ୮୧୯% ଉପରକୁ ଉଠିଛି। ଗବେଷଣା ବେଳେ ଆଦାନି ଗ୍ରୁପ୍‌ର ସିନିୟର ଏକ୍‌ଜିକ୍ୟୁଟିଭମାନଙ୍କ ମତାମତ ନେଇ, ଅନେକ ହଜାର ଦସ୍ତାବିଜର ସମୀକ୍ଷା ସହ ପ୍ରାୟ ଅଧ ଡଜନ ଦେଶରେ ଅନୁଧ୍ୟାନ କରାଯାଇଥିବା ଏଥିରେ ଉଲ୍ଲେଖ କରାଯାଇଥିଲା। ଏହି ଗବେଷଣାକୁ ଅଣଦେଖା କରି ଆଦାନୀ ଗ୍ରୁପ୍ ଅଧୀନ ୭ କମ୍ପାନୀର ଶେୟାର କିଣୁଥିବା ନିବେଶକମାନଙ୍କ ଉଦ୍ଦେଶ୍ୟରେ ଆହୁରି କୁହାଯାଇଥିଲା ଯେ, ଏହାର ଫେସ୍ ଭାଲ୍ୟୁ ୮୫% ପର୍ଯ୍ୟନ୍ତ ତଳକୁ ଖସିବ। ତେଣୁ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଆଦାନୀଙ୍କ କମ୍ପାନୀଗୁଡ଼ିର ଶେୟାରଗୁଡ଼ିକୁ ଶର୍ଟ ସେଲ୍ କରିଥିବା ଉକ୍ତ ରିପୋର୍ଟରୁ ସ୍ପଷ୍ଟ ହୋଇଥିଲା। କେବଳ ଏତିକି ନୁହେଁ, ଆଦାନୀଙ୍କ ପରିବାର ସଦସ୍ୟମାନେ ଟିକସ ଫାଙ୍କିବା ପାଇଁ ବିଦେଶରେ ଜାଲ୍ କମ୍ପାନୀ ଖୋଲିଛନ୍ତି।

ସେମାନେ ଜାଲ୍ ଦସ୍ତାବିଜ ପ୍ରସ୍ତୁତ କରି ମରିସସ୍, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏବଂ କାରିବିଆନ୍ ଆଇଲାଣ୍ଡ ଭଳି ଦେଶ ସହ ଆମଦାନୀ/ରପ୍ତାନି କରିଥିବା ଏଥିରେ ଅଭିଯୋଗ ଅଣାଯାଇଥିଲା। ୨୦୦୪–୨୦୦୫ରେ ହୋଇଥିବା ହୀରା କାରବାରରେ ଗୌତମ ଆଦାନୀଙ୍କ ସାନଭାଇ ରାଜେଶ ଆଦାନୀ ମୁଖ୍ୟ ଭୂମିକା ନେଇଥିବା ଡାଇରେକ୍ଟୋରେଟ୍ ଅଫ୍ ରେଭିନ୍ୟୁ ଇଣ୍ଟେଲିଜେନ୍ସ (ଡିଆର୍‌ଆଇ) ପକ୍ଷରୁ ଅଭିଯୋଗ ଅଣାଯାଇଥିଲା। ଏହି ଯୋଜନାରେ ତାଙ୍କ ଜାଲ୍ କମ୍ପାନୀଗୁଡ଼ିକର ସମ୍ପୃକ୍ତି ରହିଥିଲା। ଜାଲିଆତି ଓ ଟିକସ ଠକେଇ ମାମଲାରେ ରାଜେଶ ୨ ଥର ଗିରଫ ହୋଇଥିଲେ। ପରବର୍ତ୍ତୀ ସମୟରେ ରାଜେଶ ଆଦାନୀ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଭାବେ ପଦୋନ୍ନତି ପାଇଥିଲେ। ଗୌତମ ଆଦାନୀଙ୍କ ଶାଳକ ସମୀର ଭୋରା ମଧ ଏହି ମାମଲାର ଅଭିଯୁକ୍ତ। କିନ୍ତୁ ସେ ରେଗୁଲେଟର୍ସଙ୍କୁ ବାରମ୍ବାର ମିଥ୍ୟା ବୟାନ ଦେଇ ଚାଲିଥିଲେ। ଗୌତମ ଆଦାନୀ ତାଙ୍କୁ ଆଦାନୀ ଅଷ୍ଟ୍ରେଲିଆ ଡିଭିଜନ୍‌ର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଭାବେ ପଦୋନ୍ନତି ଦେଇଥିଲେ ବୋଲି ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଏଥିରେ ଉଲ୍ଲେଖ କରିଥିଲା। ହିଣ୍ଡେନବର୍ଗର ଏହି ଚାଞ୍ଚଲ୍ୟକର ରିପୋର୍ଟ ପ୍ରଘଟ ହେବା ପରେ ଆଦାନୀଙ୍କ କମ୍ପାନୀଗୁଡ଼ିକର ମାର୍କେଟ ଶେୟାର ମୂଲ୍ୟରେ ୧୫୦ ବିଲିୟନ ଡଲାର ହ୍ରାସ ହୋଇଥିଲା। ଫଳରେ ଗୌତମ ଆଦାନୀ ବିଶ୍ୱର ଦ୍ୱିତୀୟ ଧନୀ ବ୍ୟକ୍ତିରୁ ତାଲିକାର ୧୧ତମ ସ୍ଥାନକୁ ଖସିଥିଲେ। ଇତିମଧ୍ୟରେ ଭାରତୀୟ ନିବେଶକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏଭଳି ରିପୋର୍ଟ ପ୍ରକାଶନ ଉପରେ ରୋକ ଲଗାଯିବା ସକାଶେ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ସର୍ବୋଚ୍ଚ ଅଦାଲତ ମାର୍କେଟ ନିୟନ୍ତ୍ରକ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ସେବି ଆଦାନୀ ଗ୍ରୁପ୍ ସପକ୍ଷରେ ରିପୋର୍ଟ ଦାଖଲ କରିବା ପରେ ହିଣ୍ଡେନ୍‌ବର୍ଗ ରିପୋର୍ଟ ଏବଂ ଅଭିଯୋଗ ହୋଇଥିବା ଜାଲିଆତି ପଛର ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିପାରି ନ ଥିଲା।

ହିଣ୍ଡେନ୍‌ବର୍ଗର ପ୍ରଥମ ରିପୋର୍ଟ ଆସିବାର ପ୍ରାୟ ୧୯ ମାସ ପରେ ଆଉ ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରଘଟ ହେବାକୁ ଯାଉଥିବାବେଳେ ଭାରତୀୟ ନିବେଶକ ଏବଂ ଟ୍ରେଡର୍ସମାନେ ଆଶଙ୍କା ମଧ୍ୟରେ ରହିଛନ୍ତି। କାରଣ ସେମାନେ ପୁଞ୍ଜି ଖଟାଇବାକୁ ଥିବା କମ୍ପାନୀ ସମ୍ପର୍କରେ କୌଣସି ନକାରାତ୍ମକ ରିପୋର୍ଟ ଆସିଲେ ପୁନର୍ବାର ବଡ଼ କ୍ଷତି ସହିବାକୁ ପଡ଼ିବ। ସୂଚନା ଅନୁଯାୟୀ, ନାଥନ୍ ଆଣ୍ଡରସନ୍‌ଙ୍କ ସଂସ୍ଥାର ନୂଆ ରିପୋର୍ଟରେ ଗୌତମ ଆଦାନୀଙ୍କ କମ୍ପାନୀର ନାମ ପୁନର୍ବାର ଆସିପାରେ ବୋଲି କୁହାଯାଉଛି। ସେହିପରି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଏବଂ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଠାରୁ ବ୍ୟବସାୟିକ କାରବାରରେ ଅନୁଗ୍ରହ ଲାଭ କରୁଥିବା କୌଣସି କମ୍ପାନୀ ଏଥର ହିଣ୍ଡେନ୍‌ବର୍ଗ ଟାର୍ଗେଟରେ ରହିଥିବା ବଜାର ବିଶେଷଜ୍ଞମାନେ ଆଲୋଚନା କରୁଛନ୍ତି।

# ଲିଜ୍ ଦେଇ ଉଜାଡ଼ିଲେ ଜଙ୍ଗଲ

## କଳାପଥର ମୋହ: ସରକାରୀ ସ୍ତରରେ ବେଆଇନ କାର୍ଯ୍ୟ

ଯାଜପୁର,୧୦।୮
(ହର୍ଷବର୍ଦ୍ଧନ ବେହେରା)

ସଂରକ୍ଷିତ ଜଙ୍ଗଲ (ଆର୍ଏଫ୍) କିମ୍ବା ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ (ପିଆର୍ଏଫ୍) ଜମିର କୌଣସି ଅଂଶକୁ ଲିଜ୍ ଦିଆଯାଇ ସେଠାରୁ ଖଣିଜ ଉତ୍ତୋଳନ କରାଯିବା ବେଆଇନ। କିନ୍ତୁ ରାଜ୍ୟ ସରକାରଙ୍କ ଖଣି ଓ ରାଜସ୍ୱ ବିଭାଗ ପକ୍ଷରୁ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଜମିରେ ଥିବା ୧୪ଟି କଳାପଥର ଖାଦାନକୁ ଲିଜ୍ ଦିଆଯାଇଛି। ସେଠାରୁ ଉତ୍ତୋଳନ କରାଯିବା ଦ୍ୱାରା ଜୈବବିବିଧତା ପ୍ରତି ବ୍ୟାପକ କ୍ଷତି ପହଞ୍ଚାଯାଇଛି। କଟକ ଡିଏଫ୍ଓ ଯାଜପୁର ଜିଲାପାଳଙ୍କୁ ଅଗଷ୍ଟ ୨ ତାରିଖରେ ଚିଠି ଲେଖି ଗୋଟିଏ ଖାଦାନର ଲିଜ୍କୁ ବାତିଲ କରିବାକୁ ଅନୁରୋଧ କରିଥିଲେ। ଏହାପରେ ଯାଜପୁର ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଲଘୁ ଖଣି, ଜଙ୍ଗଲ ଓ ରାଜସ୍ୱ ବିଭାଗ ଅଧିକାରୀମାନେ କରିଥିବା ମିଳିତ ନିରୀକ୍ଷଣରୁ ୧୪ଟି କଳାପଥର ଖାଦାନ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଜମିରେ ଥିବା ଜଣାପଡ଼ିଛି। ଏଥିରୁ ସ୍ପଷ୍ଟ ଯେ, ମୂଲ୍ୟବାନ କଳାପଥର ମୋହ ଯୋଗୁ ସରକାରୀ ସ୍ତରରେ ବେଆଇନ କାର୍ଯ୍ୟ ହୋଇଛି। ଖାଦାନଗୁଡ଼ିକ ଲିଜ୍ ଦିଆଯିବା ଯୋଗୁ ଜଙ୍ଗଲ ଉଜୁଡ଼ିଯାଇଛି। ଖାଦାନଗୁଡ଼ିକରୁ ଉତ୍ତୋଳନ ଅନୁମତି ଦେଇଥିବା ଅଧିକାରୀମାନେ ଏବେ ହରଡ଼ଘଣାରେ ପଡିଛନ୍ତି। ସେମାନେ ନିଜ ଦୋଷ ଲୁଚାଇବାକୁ ଅନ୍ୟ ମୁଣ୍ଡରେ ଅଠା ବୋଳିବାକୁ ଉଦ୍ୟମ କରୁଥିବା ଚର୍ଚ୍ଚା ହେଉଛି।

ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ପକ୍ଷରୁ ୧୯୭୦ରୁ ୧୯୮୦ ମଧ୍ୟରେ କଟକ ଫରେଷ୍ଟ ଡିଭିଜନ ଅନ୍ତର୍ଗତ ଯାଜପୁର ଜିଲାର ୧୫ଟି ଫରେଷ୍ଟ ବ୍ଲକକୁ ଓଡ଼ିଶା ଜଙ୍ଗଲ ଆଇନ-୧୯୭୨ ଏବଂ ଭାରତୀୟ ଜଙ୍ଗଲ ଆଇନ-୧୯୨୭ର ଧାରା ୪(୧) ଅନୁଯାୟୀ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଭାବେ ଘୋଷଣା କରାଯାଇଥିଲା। ତେବେ ଜୈବବିବିଧତାର ସୁରକ୍ଷା ଏବଂ ଲୋକଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହି




୧୫ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲକୁ ସଂରକ୍ଷିତ ଜଙ୍ଗଲ ଭାବେ ଘୋଷଣା କରାଯିବାର ଆବଶ୍ୟକତା ରହିଛି। ଏହିମର୍ମରେ କଟକ ଡିଏଫ୍ଓ ତାଙ୍କ ପତ୍ରସଂଖ୍ୟା ୭୧୭୦/୧୩।୯।୨୦୧୯ ଓ ୧୬୯୧/୧୬।୨।୨୦୧୯ରେ ଯାଜପୁର ଜିଲାପାଳଙ୍କୁ ଅବଗତ କରାଇ ଫରେଷ୍ଟ ସେଟଲମେଣ୍ଟ ଅଫିସରଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇ ଏହି କାର୍ଯ୍ୟ ସମ୍ପାଦନ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ଡିଏଫ୍ଓଙ୍କ ଉକ୍ତ ପ୍ରସ୍ତାବ ଉପରେ କୌଣସି ପଦକ୍ଷେପ ନିଆଯିବା ପରିବର୍ତ୍ତେ ଓଲଟା ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲର ସର୍ବନାଶ କରାଯାଇଛି। ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ୧୧୪.୧୨ ହେକ୍ଟରବିଶିଷ୍ଟ ମଉଳାଭଞ୍ଜା ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଜମିରେ ଥିବା ୧୪ଟି କଳାପଥର ଖାଦାନଗୁଡ଼ିକୁ ସରକାରୀ ଭାବେ ଲିଜ୍ ଦିଆଯାଇଛି। ଉକ୍ତ ଜମିରେ ଥିବା ଅଞ୍ଜିରା- ୧, ୭, ୪, ୧୦, ୧୭ ନମ୍ବର ଖାଦାନରୁ ବିପୁଳ ପରିମାଣର କଳାପଥର ଉତ୍ତୋଳନ ଏବେ ବି ଚାଲିଛି। ତେବେ ଅଞ୍ଜିରା- ୭ ନମ୍ବର ଖାଦାନ ସଂରକ୍ଷିତ ଜଙ୍ଗଲ ଜମିରେ ଥିବା ଦର୍ଶାଇ ତାହାର ଲିଜ୍କୁ ବାତିଲ କରିବାକୁ କଟକ ଡିଏଫ୍ଓ ଗତ ୨ ତାରିଖରେ ଯାଜପୁର ଜିଲାପାଳଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଏହାକୁ ଆଧାର କରି ଜିଲାପାଳ ଦେଇଥିବା ନିର୍ଦ୍ଦେଶ ଅନୁସାରେ ଜଙ୍ଗଲ, ରାଜସ୍ୱ ଓ ଲଘୁ ଖଣି ବିଭାଗ ଅଧିକାରୀମାନେ ଶୁକ୍ରବାରଠାରୁ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ ଆରମ୍ଭ କରିଛନ୍ତି। ତେବେ କେବଳ ଅଞ୍ଜିରା-୭ ନମ୍ବର ଖାଦାନ ନୁହେଁ, ୧୪ଟି ଖାଦାନ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଜମିରେ ରହିଥିବା ଜଣାପଡ଼ିଛି। ସେହିପରି ଅନ୍ୟତମ ପିଆର୍ଏଫ୍ ବଳରାମପୁର ଓ କୋହ୍ଲା ଅଞ୍ଚଳରୁ ମଧ୍ୟ ବିପୁଳ କଳାପଥର ଲୁଟ ହେଉଥିବା ଜଣାପଡ଼ିଛି।

ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଜମିରେ କଳାପଥର ଖାଦାନ ଲିଜ୍ ଦେବା ସମ୍ପୂର୍ଣ୍ଣ ଭାବେ ବେଆଇନ ହୋଇଥିବାବେଳେ ସମ୍ପୃକ୍ତ ସରକାରୀ ଅଧିକାରୀମାନଙ୍କ ବିରୋଧରେ ସରକାର କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଉପରେ ପରିବେଶପ୍ରେମୀଙ୍କ ନଜର ରହିଛି। ଏ ସଂକ୍ରାନ୍ତରେ ଜିଲା ଲଘୁ ଖଣି ଉପନିର୍ଦ୍ଦେଶକ ଜୟ ପ୍ରକାଶ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଜମିରେ ପାଚେରି କିମ୍ବା ପିଲର ଦେଇ କୌଣସି ପ୍ରକାର ଚିହ୍ନଟୀକରଣ କରାଯାଇ ନାହିଁ। ଏନେଇ ଡିଷ୍ଟ୍ରିକ୍ଟ ସର୍ଭେ ରିପୋର୍ଟ (ଡିଏସ୍ଆର୍)ରେ ମଧ୍ୟ ଉଲ୍ଲେଖ ନାହିଁ। ପୂର୍ବରୁ କ୍ଲଷ୍ଟର ମାଇନିଂ ପ୍ଲାନ ମଧ୍ୟ ମଞ୍ଜୁର ହୋଇଛି। ତେଣୁ ଏହିସବୁ ଆଧାରରେ କଳାପଥର ଖାଦାନଗୁଡ଼ିକୁ ଲିଜ୍ ଦିଆଯାଇଛି।

ଅତୀତରେ ଏହି ସବୁ ଜଙ୍ଗଲରେ ବାଘ, ଭାଲୁ, ହାତୀ, କୁକୁରା, ଝିଙ୍କ ଓ ହରିଣ ପ୍ରଭୃତି ବନ୍ୟପ୍ରାଣୀ ରହୁଥିଲେ। ତେବେ ଜଙ୍ଗଲଗୁଡ଼ିକରୁ ବ୍ୟାପକ ଗଛକଟା, ବେଆଇନ ଖାଦାନ ଓ ବିସ୍ଫୋରଣ ସମେତ ଆବଶ୍ୟକ ଜଳ ଉତ୍ସର ଅଭାବ ଯୋଗୁ ହାତଗଣତି ବନ୍ୟପ୍ରାଣୀ ଏବେ ଦେଖିବାକୁ ମିଳୁଛି। ସେହିପରି ଅସିଆ-ଚାରିନଙ୍ଗଳ, ବଳରାମପୁର, ମଧୁପୁର, ବନ୍ଧପାଲି, କଣ୍ଟିଗଡିଆ, ମଉଳାଭଞ୍ଜା, ବଜ୍ରଗିରି ଆଦି ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ନିଶ୍ଚିହ୍ନ ହେବାକୁ ବସିଲାଣି ବୋଲି ମତପ୍ରକାଶ ପାଇଛି।

# ୧୦୦ ଟଙ୍କାରେ ୩ କେଜି ଆଳୁ ବିକିଲେ ସରକାର



ଭୁବନେଶ୍ୱର,୧୦।୮(ଅନିଲଦାସ)

ଗତ କିଛିଦିନ ହେବ ରାଜ୍ୟରେ ଆଳୁ ଦର ଆକାଶଛୁଆଁ ହୋଇଛି। ଆଳୁ କିଲୋ ପିଛା ୪୫ରୁ ୫୦ ଟଙ୍କାରେ ବିକ୍ରି ହେଉଛି। ଖାଉଟିଙ୍କୁ ଏଥିରୁ ଆଶ୍ୱସ୍ତି ଦେବା ସହିତ ବଜାର ଦରରେ ସ୍ଥିରତା ଆଣିବାକୁ ରାଜ୍ୟ ସରକାର ଆଳୁ ବିକିବା ଆରମ୍ଭ କରିଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ପଶ୍ଚିମବଙ୍ଗ ଏବଂ ଉତ୍ତରପ୍ରଦେଶରୁ ଆଳୁ କିଣାଯାଇ ଶନିବାର ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ର ଜରିଆରେ ବିକ୍ରି ଆରମ୍ଭ ହୋଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଭୁବନେଶ୍ୱରରେ ଥିବା ୯୯ଟି ଖୁଚୁରା ବିକ୍ରୟ କେନ୍ଦ୍ର ଜରିଆରେ ଖାଉଟିଙ୍କୁ ଶସ୍ତାରେ ଆଳୁ ଯୋଗାଣ ଆରମ୍ଭ ହୋଇଛି। ଏସବୁ ଖୁଚୁରା ବିକ୍ରୟ କେନ୍ଦ୍ରରୁ ଲୋକମାନେ ୧୦୦ ଟଙ୍କାରେ ୩ କିଲୋ ଆଳୁ ପାଇପାରିବେ। ଯେ ପର୍ଯ୍ୟନ୍ତ ବଜାର ଦରରେ ସ୍ଥିରତା ନ ଆସିଛି, ସେ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଶସ୍ତାରେ ଆଳୁ ଯୋଗାଣ ଜାରି ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏଥିଯୋଗୁ ଆଳୁ ଦରରେ ସାମାନ୍ୟ ବିରାମ ଲାଗିଛି। ଖୁଚୁରା ବ୍ୟବସାୟୀମାନେ ମନଇଚ୍ଛା ଦରରେ ଆଳୁ ବିକୁ ଥିବାରୁ ଯୋଗାଣ ବିଭାଗ ପକ୍ଷରୁ ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ କରାଯାଇଛି।

ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶରୁ ରାଜ୍ୟକୁ ପ୍ରାୟ ୩୦୦ ଆଳୁ ଟ୍ରକ୍ ପ୍ରବେଶ କରିଛି। ପଶ୍ଚିମବଙ୍ଗରୁ ୨୭୦ ଆଳୁ ଗାଡ଼ି ଆସିଥିବା ବେଳେ ୩୦ ଟ୍ରକ୍ ଉତ୍ତରପ୍ରଦେଶରୁ ଆସିଛି। ଏଥିଯୋଗୁ ତିନି ସପ୍ତାହ ପରେ ଆଳୁ ଦର ୪୦ ଟଙ୍କା ତଳକୁ ଖସିଛି। ହୋଲସେଲ ବ୍ୟବସାୟୀଙ୍କ କହିବା କଥା, ଏବେ ବି ପଶ୍ଚିମବଙ୍ଗ ପୋଲିସ ଆଳୁ ଗାଡ଼ିକୁ ଓଡ଼ିଶାକୁ ପଶିବାକୁ ଅନୁମତି ଦେଉନି। ଏଣୁ ବାଧହୋଇ ପାଇକାରୀ ବ୍ୟବସାୟୀ ଅଧିକ ଗାଡ଼ି ଭଡ଼ା ଦେଇ ଝାଡ଼ଖଣ୍ଡ ରାସ୍ତାରେ ରାଜ୍ୟକୁ ଆଳୁ ବୋଝେଇ ଟ୍ରକ୍ ଆଣୁଛନ୍ତି। ଯଦିଓ ହୋଲସେଲ ଦର କିଲୋପିଛା ୫ ଟଙ୍କା ପର୍ଯ୍ୟନ୍ତ ଖସିଛି ଖୁଚୁରା ବଜାରରେ ଦର ଖସୁନାହିଁ। ଏବେ ବି ଖୁଚୁରା ବଜାରରେ ଆଳୁ କିଲୋ ୪୦ ଟଙ୍କା ଉପରେ ବିକ୍ରି ହେଉଛି। ଏହାକୁ ଦୃଷ୍ଟିରେ ରଖି ଯୋଗାଣ ବିଭାଗ ପକ୍ଷରୁ ଭୁବନେଶ୍ୱର ୧ ନମ୍ବର ହାଟରେ ଚଢ଼ାଉ କରାଯାଇ କିଲୋପିଛା ୩୫ରୁ ୩୮ ଟଙ୍କାରେ ବିକିବାକୁ ତାଗିଦ୍ କରାଯାଇଛି।

# ଗୋଲାମୁଣ୍ଡା ବିଡିଓ ଅକ୍ଷମିତା କାର୍ତ୍ତିକ ନିଲମ୍ବିତ

ଭୁବନେଶ୍ୱର,୧୦।୮(ଅନିଲ ଦାସ)

## ଦୁର୍ନୀତି ନିରୋଧୀ କାର୍ଯ୍ୟାନୁଷ୍ଠାନ

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ(ବିଡିଓ) ଅକ୍ଷମିତା କାର୍ତ୍ତିକଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ଏ ନେଇ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଶୁକ୍ରବାର ନିର୍ଦ୍ଦେଶନାମା ଜାରି କରାଯାଇଛି।

ଦୁର୍ନୀତି ଅଭିଯୋଗରେ ତାଙ୍କୁ କୋରାପୁଟ ଦୁର୍ନୀତି ନିବାରଣ ସଂସ୍ଥା ଦ୍ୱାରା ୨୦୨୪ ଅଗଷ୍ଟ ୨ ତାରିଖରେ ଗିରଫ କରାଯାଇ ୧୪ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଗୋଲାମୁଣ୍ଡା ବିଡିଓଙ୍କୁ ଓଡ଼ିଶା ସିଭିଲ ସର୍ଭିସ (ବର୍ଗୀକରଣ, ନିୟନ୍ତ୍ରଣ ଓ ଅପିଲ)ନିୟମାବଳୀ-୧୯୬୨ ଅନ୍ତର୍ଗତ ନିୟମ ୧୨(୨) ଅନୁଯାୟୀ ନିଲମ୍ବନ କରାଯାଇଛି। ଏହି ନିଲମ୍ବନ ଆଦେଶ ଅଗଷ୍ଟ ୨ରୁ ଧରାଯିବ। ଏହି ନିଲମ୍ବନ ଆଦେଶ ବଳବତ୍ତର ଥିବା ପର୍ଯ୍ୟନ୍ତ ସେ କଳାହାଣ୍ଡି ଜିଲା ପରିଷଦଙ୍କ କାର୍ଯ୍ୟାଳୟରେ ଉପସ୍ଥାନ କରିବେ। ନିଲମ୍ବନ ସମୟରେ ସେ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରଶାସନିକ ନିୟନ୍ତ୍ରଣରେ ରହିବେ। ତାଙ୍କ ଅନୁମତି ବିନା ସଦର ମହକୁମା ଛାଡ଼ିପାରିବେ ନାହିଁ।

# ଗୁଣିଗାରେଡ଼ି: ଗାଁ ଦାଣ୍ଡରେ ଗଡ଼ିଲେ ମହିଳା

ଯାଜପୁର ସଦର,୧୦।୮
(ସମର ବିଜୟ ଶରଣ)



ଯାଜପୁର ସଦର ଥାନା ଅନ୍ତର୍ଗତ ନାଥସାହି ପଞ୍ଚାୟତର ଶବରସାହିରେ ଗୁଣି ଗାରେଡ଼ିକୁ ନେଇ ଭୟର ବାତାବରଣ ସୃଷ୍ଟି ହୋଇଛି। ସାହିର କେତେଜଣ ମହିଳା ଓ ଯୁବତୀ ଗାଁଦାଣ୍ଡରେ ଗଡୁଥିବା ଦେଖିବାକୁ ମିଳିଛି। ଖବର ପାଇ ପୋଲିସ ପହଞ୍ଚିବାରୁ ଲୋକେ ଗୁଣି କରିଥିବା ବ୍ୟକ୍ତିଙ୍କୁ କାବୁ କରିବା ଦାବିରେ ପୋଲିସକୁ ଅଟକ ରଖିଛନ୍ତି। ପରେ ବରିଷ୍ଠ ଅଧିକାରୀ ପହଞ୍ଚି ଅଟକ ପୋଲିସ କର୍ମଚାରୀ ଓ ଗୁଣି କରିଥିବା ବ୍ୟକ୍ତିଙ୍କ ମା' ଏବଂ ସ୍ତ୍ରୀଙ୍କୁ ଉଦ୍ଧାର କରିଛନ୍ତି। ଘଟଣାକୁ ନେଇ ସାହିରେ ଚାପା ଉତ୍ତେଜନା ଲାଗି ରହିଛି।

ସୂଚନା ମୁତାବକ, ସୁନ୍ଦିଦା ଗ୍ରାମର ଜଗନ୍ନାଥ ବାରିକ ନିଜ ମୋବାଇଲ ଫୋନ୍‌ରେ ଶୁକ୍ରବାର ସକାଳେ ଶବର ସାହିର ଗ୍ରାମଦେବତୀ 'ଡାଲୁଆସୁଣୀ'ଙ୍କ ଫଟୋ ଉଠାଇ କୌଣସି ଗୁଣିଆ ଦ୍ୱାରା ମନ୍ତ୍ରତନ୍ତ୍ର କରି ଶବର ସାହିରେ ବସବାସ କରୁଥିବା ପ୍ରାୟ ୩୦ ପରିବାରର କ୍ଷତି ଘଟାଇବାକୁ ଧମକ ଦେଇଥିଲେ। ପରେ ସନ୍ଧ୍ୟାରେ ସାହିର କେତେଜଣ ମହିଳା, ଯୁବତୀ ଗାଁଦାଣ୍ଡରେ ଗଡୁଥିବା ଦେଖିବାକୁ ମିଳିଥିଲା। ଏହାପରେ ଗୁଣି ଗାରେଡ଼ିରେ ସମ୍ପୃକ୍ତ ଥିବା ଜଗନ୍ନାଥଙ୍କ ମା' ଓ ସ୍ତ୍ରୀଙ୍କୁ ଶବର ସାହି ଲୋକେ ଅଟକ ରଖିଥିଲେ। କୌଣସି ସୂତ୍ରରୁ ଖବର ପାଇ ପୋଲିସ ସଦଳବଳ ପହଞ୍ଚି ଘଟଣା ସମ୍ପର୍କରେ ପଚରାଉଚରା କରୁଥିବାବେଳେ ଗ୍ରାମବାସୀ ଜଗନ୍ନାଥଙ୍କୁ ଏଠାରେ ହାଜର ନ କଲେ ପୋଲିସ ଗାଡ଼ିକୁ ଛାଡ଼ିବେନି ବୋଲି କହିବା ସହ ପୋଲିସକୁ ଅଟକ ରଖିଥିଲେ। ଫଳରେ ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ଉଭୟ ପକ୍ଷରୁ ସଦର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଥାନା ଅଧିକାରୀ ଶଙ୍କର୍ଷଣ ଦଳାଇ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

# କେରଳରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ରାୟଗଡ଼ା,୧୦।୮(ଆଶିଷ ରଞ୍ଜନ ପଣ୍ଡା)

କେରଳର ପାଲାକ୍କାଡ୍‌କୁ କାମ କରିବାକୁ ଯାଇଥିବା ଜଣେ ଦାଦନ ଶ୍ରମିକଙ୍କ ଶନିବାର ମୃତ୍ୟୁ ଘଟିଛି। ସେ ହେଲେ ରାୟଗଡ଼ା କାଶୀପୁର ବ୍ଲକ୍‌ର ଟାଙ୍ଗେସଖାଲ ଗ୍ରାମର ନବୀନ ପ୍ରଧାନୀ (୩୯)। ମୃତଦେହ ପାଲାକ୍କାଡ୍ ମେଡିକାଲରେ ରହିଥିବା ସେଠାକାର ପୋଲିସ ନିକଟରୁ ପରିବାରବର୍ଗଙ୍କୁ ସୂଚନା ମିଳିଛି। ତେବେ ସେଠାକୁ ଯିବା ନେଇ ଠିକ୍ ବାଟ ଜାଣି ନ ଥିବାରୁ ବର୍ତ୍ତମାନ ଚିନ୍ତାରେ ପରିବାରବର୍ଗ।

ଘଟଣାରୁ ପ୍ରକାଶ ଯେ, ନବୀନ ଦାଦନ ଖଟିବାକୁ କେରଳ ଯାଇଥିଲେ। ତେବେ କିଛିଦିନ ହେଲା ସେ ଅସୁସ୍ଥ ହୋଇପଡ଼ିଥିଲେ। କମ୍ପାନୀ ପକ୍ଷରୁ ତାଙ୍କୁ ଠିକ୍ ସମୟରେ ଚିକିତ୍ସା କରାଯାଇ ନ ଥିବାରୁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଗତ ୭ତାରିଖରେ ଆନ୍ଧ୍ରପ୍ରଦେଶର ବିଜୟନଗରମ ଷ୍ଟେଶନଠାରେ ଟ୍ରେନ୍ ଧକ୍କାରେ ଅନ୍ୟ ଜଣେ ଦାଦନ ଶ୍ରମିକ କାଶୀପୁର ବ୍ଲକ୍ ମାଣ୍ଡିବିଶି ପଞ୍ଚାୟତର ଭଣ୍ଡାପାଇ ଗ୍ରାମର ତୁଳେଶ୍ୱର ଗୌଡ଼(୪୨)ଙ୍କ ମୃତ୍ୟୁ ଘଟିଥିଲା। କାଶୀପୁର ବ୍ଲକ୍‌ରେ ବାରମ୍ବାର ଦାଦନ ଖଟିବାକୁ ଯାଇ ମୃତ୍ୟୁବରଣ କରୁଥିଲେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ସମାଧାନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପଟେ କେବଳ ଅଭିଯୋଗ ଆସିଲେ ହିଁ ଜିଲା ଶ୍ରମ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ଏବଂ ଗ୍ରାମାଞ୍ଚଳରେ ଦାଦନ ଖଟିବାକୁ ଯାଇଥିବା ଶ୍ରମିକଙ୍କ ତଥ୍ୟ ଜିଲାସ୍ତରରେ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# କୃମିନାଶକ ଔଷଧ ଖାଇ ୭ ଛାତ୍ରୀ ଅସୁସ୍ଥ

ନିମାପଡ଼ା,୧୦।୮(ବିଚିତ୍ରାନନ୍ଦ ସାହୁ)



## ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି

ଜାତୀୟ କୃମି ନିବାରଣ ଦିବସ ଅବସରରେ ଶନିବାର ପୁରୀ ଜିଲା ନିମାପଡ଼ା ବ୍ଲକ ଅଧୀନ ଭିଲି ଗ୍ରାମପଞ୍ଚାୟତର ଭିଲିଗ୍ରାମ ସରକାରୀ ଉଚ୍ଚ ବିଦ୍ୟାଳୟରେ କୃମିନାଶକ ଔଷଧ ଖାଇ ୭ ଛାତ୍ରୀ ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନଙ୍କୁ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ସେମାନେ ହେଲେ ୮ମ ଶ୍ରେଣୀର ଆଦ୍ୟାଶା ପ୍ରିୟଦର୍ଶିନୀ (୧୩), ରୋଜାଲିନ ମହାନ୍ତି(୧୩), ୭ମ ଶ୍ରେଣୀର ପାୟଲ ନାୟକ(୧୩), କରୀନା ବେହେରା(୧୨), ବର୍ଷା ସ୍ୱାଇଁ(୧୩), ଦୀପ୍ତିମୟୀ ନାୟକ(୧୨), ମନୀଷା ପଲେଇ (୧୨)। ଶନିବାର ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଖାଇସାରିବା ପରେ ୬ଷ୍ଠ, ୭ମ, ୮ମ, ଶ୍ରେଣୀର ୭୦/୮୦ ଜଣ ଛାତ୍ରୀଛାତ୍ରଙ୍କୁ କୃମିନାଶକ ଔଷଧ ଖାଇବାକୁ ଦିଆଯାଇଥିଲା। ଏହାର କିଛି ସମୟ ପରେ ୭ ଛାତ୍ରୀଙ୍କ ବାନ୍ତି, ମୁଣ୍ଡବିନ୍ଧା ହେବା, ମୁଣ୍ଡ ବୁଲାଇବା, ଗୋଡ଼ହାତ ଘୋଳାବିନ୍ଧା ହୋଇ ଅସୁସ୍ଥ ହୋଇପଡ଼ିବାରୁ ସେମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ କେତେଜଣ ଛାତ୍ରୀ ମଧ୍ୟ ଚେତାଶୂନ୍ୟ ହୋଇପଡ଼ିଥିଲେ। ଖବରପାଇ ସେମାନଙ୍କ ଅଭିଭାବକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ପୁରୁଣା ଏକ୍ସପାୟରି ଔଷଧ ପିଲାଙ୍କୁ ଦିଆଯାଇଥିବାରୁ ସେମାନଙ୍କ ଏଭଳି ଅବସ୍ଥା ହୋଇଥିବା କେତେଜଣ ଅଭିଭାବକ ଅଭିଯୋଗ କରିଛନ୍ତି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାୟକ, ଶିକ୍ଷୟିତ୍ରୀ ଶୁଭଶ୍ରୀ ଧର୍ମପ୍ରଭା ସ୍ୱାଇଁ, ରଜନୀଗନ୍ଧା ସ୍ୱାଇଁ, କଲ୍ୟାଣୀ ସାମନ୍ତରାୟ, ଶିକ୍ଷକ ମନୋରଞ୍ଜନ ସ୍ୱାଇଁ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଗୁରୁତର ଛାତ୍ରୀଙ୍କ ଚିକିତ୍ସା କରାଇବା ସହ ଅଭିଭାବକମାନଙ୍କୁ ସାନ୍ତ୍ୱନା ଦେଇଥିଲେ। ଖବରପାଇ ନିମାପଡ଼ା ଥାନା ଆଇଆଇସି ବାମଦେବ ସ୍ୱାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଆହତ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ତେବେ କୃମି ଔଷଧ ଖାଇ ଛାତ୍ରୀମାନେ କାହିଁକି ଅସୁସ୍ଥ ହୋଇପଡ଼ିଲେ, ତାହା ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅକାଳେ ଗୋଦରୀ କଲା ବେଉଷା,**
**ଲାଭ ଖାଇଗଲା ଚୁଟିଆ ମୂଷା ।**

ଗୋଦର ବାତ ରୋଗର ଗୋଟିଏ ଅବସ୍ଥା । ଏହି ରୋଗରେ ଗୋଡ଼ ପାଦ ପେଣ୍ଡା ଫୁଲିଯାଏ । ଗୋଦରା ବା ଗୋଦରୀ ବେଶି ଦୂରକୁ ଯାଇପାରେ ନାହିଁ। ବ୍ୟବସାୟ କ୍ଷେତ୍ରରେ ବିଭିନ୍ନ ଆଡ଼କୁ ଯିବା ଆସିବା କରିବା ଦରକାର ପଡୁଥିବା ବେଳେ ଏପରି ଅବସ୍ଥା ସେଥିରେ ପ୍ରତିବନ୍ଧକ ସାଜିଥାଏ । ଅନ୍ୟ ଅର୍ଥରେ ଜୀବନର ଠିକ ସମୟରେ ବ୍ୟବସାୟ ଆରମ୍ଭ ନ କରି ଡେରିରେ ଆରମ୍ଭ କଲେ ବ୍ୟବସାୟର ଗୁମର ଜାଣିହୁଏ ନାହିଁ। ସହଜେ ଗୋଦରୀ ପୁଣି ବହୁ ଡେରିରେ ବା ବର୍ଷ ପରେ ବ୍ୟବସାୟ ଆରମ୍ଭ କରେ । ଏପରିସ୍ଥଳେ ଅନେକ ଲୋକଙ୍କ ଉପରେ ବିଶ୍ୱାସ ଓ ନିର୍ଭର କରି ବ୍ୟବସାୟରେ କ୍ଷତି ଘଟିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଭିଆଡ଼ୀ ସୂତା କାଟିଲେ ରାଣ୍ଡେ,**
**ଅଭିଆଣ କଥା ଦେଖିଲେ ଦାଣ୍ଡେ ।**

ମଙ୍ଗଳସୂତ୍ର ସଧବା ସ୍ତ୍ରୀ କାଟିବା ବିଧି ଏବଂ ବିଧବା କାଟିବା ଶାସ୍ତ୍ରବିରୋଧୀ । ତେଣୁ ଯିଏ ଯେଉଁ କାମ କରିବା ନ୍ୟାୟସଙ୍ଗତ ନୁହେଁ, ସେହି କାମକୁ ସେ କରି ବସିବା ଭୁଲ ଏବଂ ଅନ୍ୟାୟ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରସାଦ ଯୋଜନାରେ ମା' କୀଚକେଶ୍ୱରୀ ମନ୍ଦିର

ବାରିପଦା, ୧୦।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ମୟୂରଭଞ୍ଜ ଜିଲା ଖିଚିଂସ୍ଥିତ ମା' କୀଚକେଶ୍ୱରୀ ମନ୍ଦିରକୁ 'ପ୍ରସାଦ'(ତୀର୍ଥସ୍ଥାନ ରୂପାନ୍ତର ଏବଂ ଆଧ୍ୟାତ୍ମିକ ଐତିହ୍ୟ ଅଭିବୃଦ୍ଧି ଅଭିଯାନ) ଯୋଜନାରେ ସାମିଲ କରାଯାଇଛି। ଏନେଇ ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଚିଠି (ନଂ. ୫୯୬୪/୩) ଅଗଷ୍ଟ ୨୦୨୪ରେ ପ୍ରକାଶିତ ବିଜ୍ଞପ୍ତିକୁ ନେଇ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କମିଟି ମାଧ୍ୟମରେ ପ୍ରସ୍ତାବିତ ଯୋଜନାର ରୂପରେଖ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ନେଇ ଐତିହ୍ୟ ସମ୍ପନ୍ନ ମନ୍ଦିର ଉନ୍ନତୀକରଣ କାର୍ଯ୍ୟ ହେବା ସହିତ ଏକ ଆଦର୍ଶ ତୀର୍ଥସ୍ଥଳୀ ଭାବେ ପରିଚିତ ହୋଇପାରିବ ବୋଲି ଜଣାପଡିବା ପରେ ଖୁସିର ମାହୋଲ ଦେଖାଦେଇଛି। ଗଡଜାତ ରାଜ୍ୟ ମୟୂରଭଞ୍ଜର ରାଜଧାନୀ ଭାବେ ବର୍ତ୍ତମାନ ଜିଲାର ଖିଚିଂ ଏକ ପ୍ରସିଦ୍ଧ ପର୍ଯ୍ୟଟନ କେନ୍ଦ୍ର ଭାବେ ପରିଚିତ। ଶିଳ୍ପ ବିହୀନ ଜିଲାରେ କଳା, ସଂସ୍କୃତି ଓ ପରମ୍ପରା ବହନ କରୁଥିବା ଶିଳ୍ପୀଙ୍କ କାରୁକାର୍ଯ୍ୟ ଅତ୍ୟନ୍ତ ମନୋରମ। ଏଠାରେ ଥିବା ସଂଗ୍ରହାଳୟ ରାଜ୍ୟର ପ୍ରଥମ ସଂଗ୍ରହାଳୟ ଭାବେ ଖ୍ୟାତି ରହିଛି। ଶତାଧିକ କାରୁକାର୍ଯ୍ୟସମ୍ପନ୍ନ ମୂର୍ତ୍ତି, କଳାକୃତି, ମୁଦ୍ରା, ଶିଳାଲେଖ, ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀ, ଲୌହ ନିର୍ମିତ ଅସ୍ତ୍ରଶସ୍ତ୍ର ଆବିଷ୍କୃତ ହୋଇ ମନ୍ଦିର ପରିସୀମାରେ ଥିବା ସଂଗ୍ରହାଳୟରେ ସଂରକ୍ଷିତ ରଖାଯାଇଛି। ଅନେକ ଦୁର୍ମୂଲ୍ୟ କାରୁକାର୍ଯ୍ୟ ଖଚିତ ମୂର୍ତ୍ତି ଚୋରି ହୋଇଯାଇଥିବା ବେଳେ କେତେକ ଭୁବନେଶ୍ୱର ରାଜ୍ୟ ସଂଗ୍ରହାଳୟକୁ ସ୍ଥାନାନ୍ତର କରାଯାଇଛି।


GAYATRI
COLLEGE OF ENGINEERING
Near Income Tax Office, Ambapua, Brahmapur

B.TECH. (4 Yrs./ LE)
Computer Sc. Engineering, Artificial Intelligence, Civil, Mechanical, EEE
100% PLACEMENT ASSISTANCE

MCA, MBA
Approved by AICTE, Affiliated to BPUT

BCA, BBA
Approved by AICTE
B.Sc. Biotech., M.Sc. Biotech. & M.Sc. Computer Sc.
Affiliated to Brahmapur University

Contact : 9437579479, 9437962526, 8144898953



पर्यटन मंत्रालय
MINISTRY OF TOURISM
NCHMCT

**Institute of Hotel Management**
**Catering Technology & Applied Nutrition**
**Veer Surendra Sai Nagar, Bhubaneswar-751010**
Ph. No.: (0674)2589241, E-mail: hospitality@ihmbbs.org
Website : www.ihmbbs.org
(An Autonomous Body under Ministry of Tourism, Govt. of India)

**ADMISSION-2024**

On behalf of National Council for Hotel Management and Catering Technology, Noida, IHM Bhubaneswar calls for application, from the eligible candidates to get admission in to 1st year of 3-Years B.Sc.-HHA (Hospitality & Hotel Administration) and M.Sc.-HA (Hospitality Administration) program with the following eligibility criteria against the residual vacancies at IHM Bhubaneswar which is an affiliated of NCHMCT.

**Eligibility criteria for B.Sc.-HHA (Hospitality & Hotel Administration)**
1. Candidate must have passed 12th Exam with minimum of 40% marks (in aggregate, in 10+2 system from a recognized board, either of any stream (Science/Arts/Commerce/ Vocational).
2. English should be one of the compulsory subject in 12th level and have passed the subject.
3. There is No Age bar.
4. The program recognized by Jawaharlal Nehru University to award the final degree.
5. Reservation as per government rules.

**Eligibility criteria for M.Sc.-HA (Hospitality Administration)**
1. Graduation in any discipline from a recognized University.
2. There is No Age bar.
3. The program recognized by Jawaharlal Nehru University to award the final degree.
4. Reservation as per government rules.

Interested candidate must apply to the Institute by attaching the copies of testimonials latest by **16th August, 2024** either in person/by posts or vide email at **hospitality@ihmbbs.org**. Admission form and other details are available on the website **www.ihmbbs.org** .

**Admission helpline Numbers:**
**8658755912, 9438810851, 8480309070 and 9937453823.**
**Sd/- (Principal)**

ଏ ପୃଥିବୀର ଉର୍ଦ୍ଧ୍ୱରେ ଯେଉଁ ସବୁ ସ୍ୱର୍ଗ ରହିଛି– ସେଗୁଡିକ ନିଶ୍ଚୟ ମହାନ୍ ଏବଂ ବିସ୍ମୟକର। କିନ୍ତୁ ତୁମ ନିଜ ଭିତରେ ଲୁଚିଥିବା ସ୍ୱର୍ଗ ହେଉଛି ଅଧିକ ମହାନ୍ ଓ ବିସ୍ମୟଜନକ। ସେହିସବୁ ସ୍ୱର୍ଗର ନନ୍ଦନକାନନ ଦିବ୍ୟ ଉଦ୍ୟାନରକ୍ଷକମାନଙ୍କ କାର୍ଯ୍ୟ ଲାଗି ଅପେକ୍ଷାରତ। –ଶ୍ରୀଅରବିନ୍ଦ

# ତିନୋଟି ଦେଶ



ଆକାର ପଟେଲ

ବାଂଲାଦେଶରେ ବଳ ପ୍ରୟୋଗକରି ସରକାରକୁ ହଟାଇ ଦିଆଯିବା ପରେ ସଂଖ୍ୟାଲଘୁ ସମ୍ପ୍ରଦାୟ ବିଶେଷକରି ହିନ୍ଦୁଙ୍କ ପ୍ରତି ହିଂସାର ଅନୁମାନ କରାଯାଉଛି। ଦେଖିବାକୁ ଗଲେ ସ୍ୱାଧୀନତା ପାଇବା ପରେ ଦକ୍ଷିଣ ଏସିଆ ଦେଶଗୁଡ଼ିକରେ ସଂଖ୍ୟାଲଘୁଙ୍କୁ ଆକ୍ରମଣ କରିବା ଜାତୀୟତାବାଦର ଏକ ଆଧାର ପାଲଟିଯାଇଛି। ବାଂଲାଦେଶର ସମ୍ବିଧାନ ଆରମ୍ଭ ହୋଇଛି 'ବସ୍‌ମିଲ୍ଲା ଇର୍ ରହମାନ ଇର୍ ରହିମ' ବାକ୍ୟରେ। ଏହାର ଧାରା ୨–ଏ କହେ 'ଗଣତନ୍ତ୍ରର ଔପଚାରିକ ଧର୍ମ ହେଉଛି ଇସ୍‌ଲାମ', କିନ୍ତୁ ଦେଶ ହିନ୍ଦୁ, ବୌଦ୍ଧ, ଖ୍ରୀଷ୍ଟିଆନ ଏବଂ ଅନ୍ୟ ଧର୍ମାବଲମ୍ବୀଙ୍କୁ ସମାନ ସ୍ଥିତି ଏବଂ ସମାନ ଅଧିକାର ନିଶ୍ଚିତ କରିବ। ବାଂଲାଦେଶର ସୁପ୍ରିମକୋର୍ଟଙ୍କ ୨୦୧୦ର ଏକ ଆଦେଶ ଧର୍ମ ନିରପେକ୍ଷତାକୁ ପୁନଃ ସ୍ଥାପିତ କରିଛି। ଏଥିରେ କୁହାଯାଇଛି , ୧୫ ଅଗଷ୍ଟ ୧୯୭୫ରେ ଧର୍ମନିରପେକ୍ଷତା, ଜାତୀୟତା ଏବଂ ସମାଜବାଦ ସମ୍ବନ୍ଧରେ ସମ୍ବିଧାନର ପ୍ରସ୍ତାବନା ତଥା ପ୍ରଯୁଜ୍ୟ ଧାରା ଯେଭଳି ଥିଲା ତାହା ପୁନଃ ପ୍ରଚଳିତ ହେବ। ତେବେ ଏହା ଦେଶର ଧର୍ମ ଉପରେ କିଛି ଉଲ୍ଲେଖ କରି ନ ଥିଲା। ତେଣୁ, ଦେଶର ସମ୍ବିଧାନ ଆଲ୍ଲାଙ୍କ ନାମରେ କୋରାନ୍‌ର ଏକ ପଦ ସହ ଆରମ୍ଭ ହୋଇଥିବା ବିଷୟ ଆମକୁ ଆଶ୍ଚର୍ଯ୍ୟ କରେ। ସମ୍ବିଧାନର ପ୍ରସ୍ତାବନା ପ୍ରତିଶ୍ରୁତି ଦିଏ ଯେ ଜାତୀୟତା, ସମାଜବାଦ, ଗଣତନ୍ତ୍ର ଏବଂ ଧର୍ମ ନିରପେକ୍ଷତାର ସର୍ବୋଚ୍ଚ ଆଦର୍ଶ ସମ୍ବିଧାନର ମୌଳିକ ନୀତି ହେବ, କିନ୍ତୁ ସେଠାରେ ଔପଚାରିକ ଭାବେ ଇସ୍‌ଲାମ ଧର୍ମ ରହିଛି। ଦୁବାଇ ଭଳି ବାଂଲାଦେଶରେ ଶୁକ୍ରବାର ଏବଂ ଶନିବାର ସାପ୍ତାହିକ ଛୁଟିଦିନ। ହେଲେ ଏଭଳି ଧାରାକୁ ପାକିସ୍ତାନ ଅନୁସରଣ କରେ ନାହିଁ। ସ୍ୱାଧୀନତା ସମୟରେ ପାକିସ୍ତାନ ଧର୍ମକୁ ଆଇନରେ ଏକୀକୃତ କରିଥିଲା ଏବଂ ଅନୁଭବ କରିଥିଲା ଯେ ଏହା ଦେଶ ପାଇଁ ଏକ ସକାରାତ୍ମକ ପ୍ରେରଣା ଦେବ। ଏହାକୁ ବୁଝାଇବାକୁ ଯାଇ ପାକିସ୍ତାନର ପ୍ରଥମ ପ୍ରଧାନମନ୍ତ୍ରୀ ଲିଆକତ୍ ଅଲି ଖାନ୍ କହିଥିଲେ, ଭୌତିକ ଏବଂ ବୈଜ୍ଞାନିକ ବିକାଶର ଅଗ୍ରଗତି ହେବା ଯୋଗୁ ମଣିଷ ବିଶ୍ୱ ଏବଂ ସମାଜକୁ ନଷ୍ଟ କରିପାରୁଥିବା ଉଦ୍ଭାବନ କରିବାରେ ସକ୍ଷମ ହୋଇଥିଲା। ଏହା ଘଟିବାର କାରଣ ହେଲା ମଣିଷ ଆଧ୍ୟାତ୍ମିକ ଦିଗକୁ ଅଣଦେଖା କରିବାକୁ ଚାହିଁଥିଲା । ଯଦି ସେ ଈଶ୍ୱରଙ୍କ ଉପରେ ଅଧିକ ବିଶ୍ୱାସ ରଖିଥାନ୍ତା, ତେବେ ଏହି ସମସ୍ୟା ଆସି ନ ଥାନ୍ତା। ସେ ଆହୁରି କହିଥିଲେ, ଧର୍ମ ହିଁ ବିଜ୍ଞାନର ବିପଦକୁ ନିୟନ୍ତ୍ରଣ କରିଥିଲା ଏବଂ ମୁସଲମାନ ଭାବରେ ପାକିସ୍ତାନୀମାନେ ଇସ୍‌ଲାମର ଆଦର୍ଶକୁ ପାଳନ କରିବେ ଏବଂ ବିଶ୍ୱ ପାଇଁ ସେମାନଙ୍କ ଭୂମିକା ରହିବ। ଏହା ପରିବର୍ତ୍ତେ ଯାହା ଘଟିଲା ତାହା ହେଲା ପାକିସ୍ତାନୀ ମୁସଲମାନମାନଙ୍କ ପାଇଁ ଉଦ୍ଦିଷ୍ଟ ନିୟମ ଠିକ୍ ସମୟରେ ଅପସରିଗଲା। ଇସ୍‌ଲାମର ଆଦ୍ୟକାଳରେ କୌଣସି ଜେଲ ନ ଥିଲା । ଆପରାଧିକ କାର୍ଯ୍ୟ ପାଇଁ ଦଣ୍ଡ ସାଧାରଣତଃ ଅଟକ ରଖିବା ପରିବର୍ତ୍ତେ ଶାରୀରିକ ଦଣ୍ଡ ରହିଥିଲା। ପାକିସ୍ତାନ ଚୋରି ପାଇଁ ଅଙ୍ଗ ଛେଦନ ଦଣ୍ଡ ଆରମ୍ଭକରି ଡାକ୍ତରଙ୍କ ଏକ ଗୋଷ୍ଠୀକୁ ଏଥିପାଇଁ ପ୍ରଶିକ୍ଷଣ ଦେଇଥିଲା। କିନ୍ତୁ ଭାରତ ଭଳି ଆଇନରେ ପ୍ରଶିକ୍ଷଣପ୍ରାପ୍ତ ପାକିସ୍ତାନର ବିଚାରପତିମାନେ ଏହି ଦଣ୍ଡାଦେଶ ଶୁଣିବାକୁ ନାରାଜ ହେଲେ। ତେଣୁ ଆଇନଗୁଡ଼ିକ କାର୍ଯ୍ୟକାରୀ ହୋଇପାରିଲାନାହିଁ। ପାକିସ୍ତାନ ପଥର ଫିଙ୍ଗାକୁ ବ୍ୟଭିଚାରର ଦଣ୍ଡ ଭାବରେ ଆଣିଥିଲା , କିନ୍ତୁ କୌଣସି ବ୍ୟକ୍ତିକୁ ପଥର ଫିଙ୍ଗି ହତ୍ୟା କରାଯାଇ ନାହିଁ। ମଦ୍ୟପାନ କରୁଥିବା ଅଭିଯୁକ୍ତମାନଙ୍କୁ ମାଡ଼ଦେବାର ଉତ୍ସାହ ମଧ୍ୟ ଶେଷ ହୋଇଥିଲା ଏବଂ ୨୦୦୯ରେ ଫେଡେରାଲ ଶରିଆତ୍ କୋର୍ଟ ମାଡ଼ ମାରିବା ଦଣ୍ଡକୁ ଅଗ୍ରାହ୍ୟ କରିଥିଲେ ଏବଂ ବିଚାରପତିମାନେ କହିଥିଲେ ଯେ ମଦ ପିଇବା ଅପରାଧ ନୁହେଁ। । ରାଷ୍ଟ୍ରପତି ପରଭେଜ ମୁଶରଫଙ୍କ ସମୟରେ ଶରିଆତ୍ ଓ ପିଙ୍ଗଳ କୋଡ୍‌ରେ ବଳାତ୍କାରର ଦଣ୍ଡକୁ ପାକିସ୍ତାନ ବଦଳାଇ ଦେଇଥିଲା । ପାକିସ୍ତାନକୁ ଇସ୍‌ଲାମିକ ଦେଶ କରିବା ସକାଶେ ଶେଷ ତଥା ପ୍ରମୁଖ ଚେଷ୍ଟା ୨ ଦଶନ୍ଧିରୁ ଅଧିକ ପୂର୍ବରୁ ନୱାଜ ଶରଫିଙ୍କ ଶାସନ ସମୟରେ ସମାପ୍ତ ହୋଇଯାଇଥିଲା। ଏହି ସମୟରେ ତଥାକଥିତ ୧୫ତମ ସମ୍ବିଧାନ ସଂଶୋଧନ ସିନେଟ୍‌ରେ କାଟ ଖାଇଯାଇଥିଲା। ପାକିସ୍ତାନ ଅସମ୍ପୂର୍ଣ୍ଣ ଇସ୍‌ଲାମୀୟ ଦେଶ ହୋଇ ରହିଗଲା ।

ପାକିସ୍ତାନ ଧର୍ମ ନିରପେକ୍ଷତା ଆଡ଼କୁ ଗତି କରିଥିବାବେଳେ ଭାରତ ଅନ୍ୟ ଦିଗରେ ଯଥେଷ୍ଟ ଆଗକୁ ବଢ଼ିଛି। ୧୯୫୦ ଦଶକରୁ ଏହା ଘଟିଆସିଛି ସତ, କିନ୍ତୁ ବିଶେଷ କରି ସାମ୍ପ୍ରତିକ ସମୟରେ ଅଧିକ ହୋଇଛି। ୨୦୧୫ରେ ଭାଜପା ଶାସିତ ରାଜ୍ୟଗୁଡ଼ିକ ଗୋମାଂସ ରଖିବା ଅଧିକାରର ଅପରାଧୀକରଣ ଆରମ୍ଭ ହୋଇଥିଲା, ଯାହା ଭିଡ଼ହିଂସାର କାରଣ ହେଉଛି। ୨୦୧୯ରେ ଭାରତର ସଂସଦ ଟ୍ରିପଲ ତଲାକ୍‌ର ଅପରାଧୀକରଣ କରିଥିଲା। ୨୦୧୮ ପରେ ୭ଟି ଭାଜପା ଶାସିତ ରାଜ୍ୟ ଧର୍ମାନ୍ତରୀକରଣକୁ ଅନୁମତି ନ ଦେଇ ଆନ୍ତଃ ଧର୍ମୀୟ ବିବାହର ଅପରାଧୀକରଣ କରିଥିଲେ। ବାଧ୍ୟତାମୂଳକ ଧର୍ମାନ୍ତରୀକରଣ ପାଇଁ କେହି ଜଣେ ବି ଦୋଷୀ ସାବ୍ୟସ୍ତ ହୋଇନାହାନ୍ତି । ତେଣୁ ଏହାର ଆବଶ୍ୟକତା ନାହିଁ, ମାତ୍ର ଉଦ୍ଦେଶ୍ୟ ହେଉଛି ହଇରାଣ କରିବା । ୨୦୧୯ରେ ଗୁଜରାଟ ଏକ ନିୟମକୁ କଡ଼ାକଡ଼ି କରିଛି ଯାହା ମୁସଲମାନଙ୍କୁ ହିନ୍ଦୁମାନଙ୍କଠାରୁ ସମ୍ପତ୍ତି କ୍ରୟ ଏବଂ ଲିଜ୍‌ରେ ନେବାକୁ ବାରଣକରେ। ପ୍ରକୃତରେ ବିଦେଶୀମାନେ ଗୁଜରାଟରେ ସମ୍ପତ୍ତି କିଣିବା ସହ ଭଡ଼ା ଦେଇପାରିବେ , କିନ୍ତୁ ଗୁଜରାଟୀ ମୁସଲମାନମାନେ ତାହା କରିପାରିବେ ନାହିଁ ।

ପାକିସ୍ତାନ ସାମ୍ବିଧାନିକ ଭାବେ ସାମ୍ପ୍ରଦାୟିକ ହେବାକୁ ଚାହୁଁଥିଲା, ଭାରତ ଧର୍ମ ନିରପେକ୍ଷ ହେବାକୁ ଚାହୁଁଥିଲା। କିନ୍ତୁ ଭାରତ ଏବେ ନିଜକୁ ସାମ୍ପ୍ରଦାୟିକ ହେବାକୁ ଚାହୁଁଛି। ଦେଢ଼ ଶତାବ୍ଦୀ ପୂର୍ବରୁ ମାକ୍ୟୁଲେ ଦେଇଥିବା ଏକ ଦଣ୍ଡ ସଂହିତାକୁ ଏହି ୩ଟି ଦେଶ କାର୍ଯ୍ୟକାରୀ କରନ୍ତି। କିନ୍ତୁ ସେମାନେ ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରିବା ପାଇଁ ସେମାନଙ୍କ ଆଇନରେ ସଂଶୋଧନ କରିଛନ୍ତି। ଆଜି ଭାରତରେ ଏହା ଘଟୁଛି ଏବଂ ପୂର୍ବରୁ ପାକିସ୍ତାନ ମଧ୍ୟ ଏହି ବାଟ ଦେଇ ଯାଇଥିଲା। ତେବେ ଆଶା କରାଯାଏ, ବାଂଲାଦେଶ ଏକ ନୂତନ ଅଧ୍ୟାୟ ଆରମ୍ଭ କରିବା ସହ ଧର୍ମନିରପେକ୍ଷତା ଆଡ଼କୁ ଗତିକରୁ, ଯାହା ପୁରାତନ ଭାରତକୁ ଗଠନ କରିଥିବା ତିନୋଟି ଦେଶର ଭବିଷ୍ୟତ ପାଇଁ ଅନିବାର୍ଯ୍ୟ।

Email:aakar.patel@gmail.com

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| 2 | | | | 9 | | | | 8 |
| | | | | | | | | |
| | 9 | 7 | | | 2 | 1 | | |
| | | | | 2 | 8 | 6 | | |
| 4 | | | 9 | | 5 | | | |
| | | 2 | 1 | 7 | | | | |
| | | | 6 | 5 | | | | 7 |
| | | 3 | | | | | 9 | |
| | 7 | 9 | 4 | 3 | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 9 | 3 | 8 | 7 | 6 | 5 | 2 | 1 |
| 2 | 8 | 7 | 1 | 5 | 3 | 6 | 9 | 4 |
| 6 | 5 | 1 | 9 | 2 | 4 | 7 | 8 | 3 |
| 7 | 2 | 8 | 4 | 3 | 1 | 9 | 6 | 5 |
| 3 | 4 | 6 | 5 | 9 | 8 | 1 | 7 | 2 |
| 9 | 1 | 5 | 7 | 6 | 2 | 4 | 3 | 8 |
| 1 | 3 | 4 | 6 | 8 | 9 | 2 | 5 | 7 |
| 8 | 7 | 9 | 2 | 1 | 5 | 3 | 4 | 6 |
| 5 | 6 | 2 | 3 | 4 | 7 | 8 | 1 | 9 |

ଗତକାଲିର ଉତ୍ତର

# ସଂରକ୍ଷଣର ଗୋଲକଧନ୍ଦା



ସୌଭାଗ୍ୟ ସୁନ୍ଦରରାୟ

ଦୁଇଟି ରାଜ୍ୟର ଜାତିଭିତ୍ତିକ ସଂରକ୍ଷଣ ବ୍ୟବସ୍ଥା ଉପରେ ନିକଟରେ ସେଠାକାର ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି। ଏହି ଦୁଇଟି ରାଜ୍ୟ ହେଲା ବିହାର ଓ ପଶ୍ଚିମବଙ୍ଗ। ବିହାର ସରକାର ସଂରକ୍ଷଣ ସୀମା ୬୫%କୁ ବୃଦ୍ଧି କରିଥିବାବେଳେ ପଶ୍ଚିମବଙ୍ଗ ସରକାର ନୂଆ ୭୭ କିସମ ବର୍ଗଙ୍କୁ ଓବିସି ବା ଅନ୍ୟାନ୍ୟ ବର୍ଗ ତାଲିକାଭୁକ୍ତ କରି ସଂରକ୍ଷଣ ସୁବିଧା ପ୍ରଦାନ କରିଛନ୍ତି। ହାଇକୋର୍ଟଙ୍କ ରହିତାଦେଶ ବିରୋଧରେ ଦୁଇ ରାଜ୍ୟ ସରକାର ସୁପ୍ରିମ୍‌କୋର୍ଟରେ ଆବେଦନ କରିଥିଲେ। ଅଦାଲତ ତତ୍କାଳ ରହିତାଦେଶ ପାଇଁ ମନା କରିଦେଇଛନ୍ତି। ତେଣେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଅନୁସୂଚିତ ଜାତି ବର୍ଗରୁ ସ୍ୱଚ୍ଛଳ ବର୍ଗ ନିରୂପଣ କରିବା ନିମନ୍ତେ ଅଦାଲତ ରାଜ୍ୟଗୁଡ଼ିକୁ ସୁଯୋଗ ଦେଇଛନ୍ତି। ଉପରୋକ୍ତ ୩ଟି ମାମଲାକୁ ତର୍ଜମା କଲେ ଜଣାଯାଏ ଯେ, ସଂରକ୍ଷଣ ସୁବିଧା ଲାଭ କରି ସ୍ୱଚ୍ଛଳରେ ପରିଣତ ହୋଇଥିବା ବ୍ୟକ୍ତିବିଶେଷଙ୍କ ପରିବାରକୁ ସଂରକ୍ଷଣ ପରିସରରୁ ବାଦ୍ ଦିଆଯିବା ନିମନ୍ତେ ଅଦାଲତ ଚାହିଁଛନ୍ତି। ଏହାକୁ ଏବେ ବିଭିନ୍ନ ରାଜ୍ୟ ସରକାର କାର୍ଯ୍ୟକାରୀ କରିବେ କି ନାହିଁ ତାହା ଦେଖିବାର କଥା। ଏଥିସହ ବିହାର ଓ ପଶ୍ଚିମବଙ୍ଗ ସରକାର ମନମୁଖି ଭାବେ ସଂରକ୍ଷଣ ସୁବିଧା ପ୍ରଦାନକୁ ମଧ୍ୟ ଅଦାଲତ ସକାରାତ୍ମକ ଦୃଷ୍ଟିରେ ଦେଖି ନାହାନ୍ତି। ୨୦୧୯ ମସିହା ସାଧାରଣ ନିର୍ବାଚନ ପୂର୍ବରୁ ଭାରତୀୟ ଜନତା ପାର୍ଟି ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ଦ୍ୱାରା ୧୦୩ତମ ସଂଶୋଧନ ଅଣାଯାଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ଆର୍ଥିକ ଅନଗ୍ରସର ଶ୍ରେଣୀକୁ ସଂରକ୍ଷଣ ସୁବିଧା ପ୍ରଦାନ କରାଯାଇ ସେମାନଙ୍କ ନିମନ୍ତେ ସମାନତା ସୃଷ୍ଟି କରିବା। ଏଥିରେ ଆର୍ଥିକ ଅନଗ୍ରସର ଶ୍ରେଣୀ ନିମନ୍ତେ ଶିକ୍ଷା ଓ ଚାକିରି କ୍ଷେତ୍ରରେ ୧୦% ସଂରକ୍ଷଣ ବ୍ୟବସ୍ଥା କରାଯାଇଥିଲା। ଏହି ସଂରକ୍ଷଣ ବିରୋଧରେ ଏକାଧିକ ମାମଲା ସୁପ୍ରିମକୋର୍ଟରେ ଦାଏର ହୋଇଥିଲା। ପରିଶେଷରେ ସୁପ୍ରିମକୋର୍ଟଙ୍କ ୫ ଜଣିଆ ଖଣ୍ଡପୀଠ ସଂଖ୍ୟାଗରିଷ୍ଠ ରାୟରେ ଏହାର ସାମ୍ବିଧାନିକ ବୈଧତାକୁ କାଏମ ରଖିଛନ୍ତି। ଫଳରେ ପ୍ରଥମ ଥର ପାଇଁ ସଂରକ୍ଷଣ ନୀତି ପରିସରକୁ ଏବେ ଆର୍ଥିକ ଦିଗଟି ଆସିଥିଲା ବୋଲି କୁହାଯାଇପାରେ। ପୂର୍ବରୁ ସଂରକ୍ଷଣରେ ସାମାଜିକ ନ୍ୟାୟ ଓ ସମାନତା ବିଷୟ ଉଠିଥିଲା। ସୁପ୍ରିମକୋର୍ଟ ରାୟ ଦ୍ୱାରା ସାମାଜିକ– ଆର୍ଥିକ ସଶକ୍ତୀକରଣରେ ସମାନତା ଆସିପାରିବ ବୋଲି ସଂଖ୍ୟାଗରିଷ୍ଠ ବିଚାରପତି ମତ ଦେଇଥିଲେ।

ଆର୍ଥିକ ସମାନତା ପାଇଁ ଅନୁସୂଚିତ ଜାତି (ଏସ୍‌ସି) ଓ ଜନଜାତି (ଏସ୍‌ଟି)ଙ୍କ ପାଇଁ ଆମ ସମ୍ବିଧାନରେ ସଂରକ୍ଷଣ ସୁଯୋଗ ରହିଛି। ଅନୁସୂଚିତ ଜାତି ପାଇଁ ୧୫%, ଅନୁସୂଚିତ ଜନଜାତି ପାଇଁ ୭.୫% ଓ ଅନ୍ୟାନ୍ୟ ପଛୁଆ ସଂପ୍ରଦାୟ ପାଇଁ ୨୭%



ସଂରକ୍ଷଣ ସୁବିଧା ରହିଛି। ଦେଖିବାକୁ ଗଲେ ମୂଳ ସମ୍ବିଧାନରେ ଶିକ୍ଷା କ୍ଷେତ୍ର ପାଇଁ କୌଣସି ସଂରକ୍ଷଣ ବ୍ୟବସ୍ଥା ରଖାଯାଇନଥିଲା। ତେବେ ୧୯୫୧ ମସିହାରେ ପ୍ରଥମ କରି ସମ୍ବିଧାନ ସଂଶୋଧନ ଆରମ୍ଭ ହୁଏ ଏବଂ ଏଇଠାରେ ଶିକ୍ଷାକୁ ସଂରକ୍ଷଣ ବ୍ୟବସ୍ଥା ଅନ୍ତର୍ଭୁକ୍ତ କରିଦିଆଗଲା। ସ୍ୱାଧୀନ ଭାରତରେ ସାମାଜିକ ନ୍ୟାୟ ଓ ସମାନତାର ଯାତ୍ରା ଆରମ୍ଭ ହେଲା। ଦୀର୍ଘ ୭୦ ବର୍ଷ ମଧ୍ୟରେ ଏସ୍‌ସି/ଏସ୍‌ଟି ବର୍ଗଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତିରେ ଅଗ୍ରାଧିକାର ପ୍ରଦାନ କରିବା ଉଦ୍ଦେଶ୍ୟରେ ଏକାଧିକ ଥର ସମ୍ବିଧାନ ସଂଶୋଧନ ହୋଇଛି। ଏହାର ଉଦ୍ଦେଶ୍ୟ ହେଲା ସମାଜର ଅବହେଳିତ ବର୍ଗଙ୍କୁ ସମାନ ସୁଯୋଗ ପ୍ରଦାନ କରି ସମାଜର ମୁଖ୍ୟ ସ୍ରୋତକୁ ଆଣିବା। ଏସ୍‌ସି/ଏସ୍‌ଟି ବର୍ଗ ସଂରକ୍ଷଣ ପରେ ଆରମ୍ଭ ହେଲା ପଛୁଆ ବର୍ଗ ସଂରକ୍ଷଣ ବ୍ୟବସ୍ଥା। ଦଳିତ ଓ ପଛୁଆବର୍ଗଙ୍କୁ ନେଇ ରାଜନୀତି କରିବାର ଅଭିଳାଷ ଆଉ ଏକ ସଂରକ୍ଷଣ ବ୍ୟବସ୍ଥା ପାଇଁ ସୁଯୋଗ ସୃଷ୍ଟି କଲା ୧୯୯୦ ମସିହାରେ। ମଣ୍ଡଳ କମିଶନ ସୁପାରିସ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନେଲେ ପ୍ରଧାନମନ୍ତ୍ରୀ ଭି.ପି. ସିଂହ। ସାମାଜିକ, ଆର୍ଥିକ ଓ ଶିକ୍ଷା କ୍ଷେତ୍ରରେ ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ନିମନ୍ତେ ମୋରାରଜୀ ଦେଶାଇଙ୍କ ସରକାର ୧୯୭୯ ମସିହାରେ ଏକ କମିଶନ ବସାଇଥିଲେ। ବିନ୍ଧେଶ୍ୱରୀ ପ୍ରସାଦ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଶନ ୧୯୮୦ ମସିହାରେ ନିଜ ରିପୋର୍ଟ ପ୍ରଦାନ କରିଥିଲେ। ରିପୋର୍ଟରେ ପଛୁଆ ବର୍ଗ ପାଇଁ ୨୭% ସଂରକ୍ଷଣ ପାଇଁ ସୁପାରିସ କରାଯାଇଥିଲା। ୧୯୯୦ ମସିହାରେ ମଣ୍ଡଳ କମିଶନ ରିପୋର୍ଟ କାର୍ଯ୍ୟକାରୀ କରି ଭି.ପି. ସିଂହ ସଂରକ୍ଷଣ ରାଜନୀତିର ଯେଉଁ ନୂଆ କୁହୁକ ପେଡ଼ିଟି ଖୋଲିଲେ ତଦ୍ୱାରା ଦେଶରେ ବ୍ୟାପକ ହିଂସାକାଣ୍ଡ ସୃଷ୍ଟି ହେଲା। ସୁପ୍ରିମକୋର୍ଟ ସାମୟିକ ସମୟ ପାଇଁ ସୁପାରିସର କାର୍ଯ୍ୟକାରିତା ଉପରେ ରହିତାଦେଶ ଜାରି କରିଥିଲେ ମଧ୍ୟ ପରେ ଏହାକୁ ମଞ୍ଜୁରୀ ଦେଇଥିଲେ। ୧୯୯୨ ମସିହାରୁ ଏହି ନୂଆ ସଂରକ୍ଷଣ କାର୍ଯ୍ୟକାରୀ ହେଲା। ଫଳରେ ସଂରକ୍ଷଣ ରାଜନୀତିର ଚକ୍ରଟି ଘୂର୍ଣ୍ଣାୟମାନ ଅବସ୍ଥାରେ ରହିଲା। ମଣ୍ଡଳ କମିଶନ ପଛୁଆ ବର୍ଗ ଚିହ୍ନଟ ପାଇଁ ମୁଖ୍ୟତଃ ଜାତି ଓ ସଂପ୍ରଦାୟକୁ ଗୁରୁତ୍ୱ ଦେଇଥିଲେ। ଏଥିରେ ଆୟ କମ୍ ଗୁରୁତ୍ୱ ପାଇଥିଲା। ପ୍ରଧାନମନ୍ତ୍ରୀ ନରସିଂହ ରାଓ ସାଧାରଣ ଶ୍ରେଣୀର ଆର୍ଥିକ ଅସ୍ୱଚ୍ଛଳ ପିଲାଙ୍କ ପାଇଁ ୧୯୯୧ ମସିହାରେ ଆୟଭିତ୍ତିକ ୧୦% ସଂରକ୍ଷଣ ବ୍ୟବସ୍ଥା କରିଥିଲେ ମଧ୍ୟ ତାହାକୁ ସୁପ୍ରିମକୋର୍ଟ ରଦ୍ଦ କରିଥିଲେ। ସେହି ସମୟରେ ସୁପ୍ରିମକୋର୍ଟ ନିର୍ଦ୍ଦିଷ୍ଟ ଭାବେ ମଣ୍ଡଳ କମିଶନ ରିପୋର୍ଟ କାର୍ଯ୍ୟକାରିତାର ବୈଧତା ନେଇ ରାୟ ପ୍ରଦାନ କରିନଥିଲେ।

୧୦୩ତମ ସମ୍ବିଧାନ ସଂଶୋଧନ ମାମଲାରେ ୫ ଜଣିଆ ଖଣ୍ଡପୀଠର ବିଚାରପତି ଜେ.ବି. ପର୍ଦ୍ଦିୱାଲ ସମ୍ବିଧାନ ସଂଶୋଧନକୁ ସମର୍ଥନ ଜଣାଇଥିଲେ ମଧ୍ୟ ନିଜ ରାୟରେ ଦର୍ଶାଇଥିଲେ ଯେ, ସଂରକ୍ଷଣ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଜାରି ରହିପାରିବ ନାହିଁ। ଅର୍ଥାତ୍ ସଂରକ୍ଷଣର ସୁବିଧା ଅନିର୍ଦ୍ଦିଷ୍ଟ ସମୟ ପାଇଁ ହେବା ଉଚିତ ନୁହେଁ। ବିଚାରପତି ବି.ଏମ୍. ତ୍ରିବେଦୀ ମଧ୍ୟ କହିଥିଲେ ଯେ, ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସରକାର ସଂରକ୍ଷଣ ନୀତିର ପୁନର୍ବିଚାର କରିବା ଆବଶ୍ୟକ। ସଂରକ୍ଷଣ ମାନସିକତା ଯୋଗୁ ଇତିମଧ୍ୟରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଆରଜେଡି ନେତା ତେଜସ୍ୱୀ ଯାଦବ, ଜିତନ ରାମ, ଉପେନ୍ଦ୍ର ଖୁସ୍‌ୱା ପ୍ରମୁଖ ଜାତିଭିତ୍ତିକ ଗଣନା ସହ ବିଭିନ୍ନ ଜାତିର ସଂଖ୍ୟା ଅନୁପାତରେ ସଂରକ୍ଷଣ ବ୍ୟବସ୍ଥା ପାଇଁ ଦାବି ଉଠାଇଲେଣି। ଏକଦା ଦେଶର ସ୍ୱଚ୍ଛଳ ବର୍ଗ ଭାବେ ବିବେଚିତ ମରାଠୀ, ପଟେଲ, କାପୁ ଓ ଜାଠ ସଂପ୍ରଦାୟ ସଂରକ୍ଷଣ ଯୋଗୁଁ ବିଭିନ୍ନ କ୍ଷେତ୍ରରେ କୋଣଠେସା ହେଲା ପରେ ଏବେ ଜାତିଭିତ୍ତିକ ସମାନୁପାତିକ ସଂରକ୍ଷଣ ନୀତି ପାଇଁ ଦାବି ଉଠାଇଲେଣି। ଏଥିରୁ ପ୍ରମାଣିତ ହେଉଛି ଯେ, ଦେଶର ସ୍ୱଚ୍ଛଳ ବର୍ଗ କ୍ରମଶଃ ଅସ୍ୱଚ୍ଛଳ ସ୍ତରକୁ ଆସିଗଲେଣି। ଏକଥା ମଧ୍ୟ ଆକଳନ କରାଗଲାଣି ଯେ, ୧୯୮୦ ମସିହାରେ ଦେଶରେ ଅସ୍ୱଚ୍ଛଳ ବର୍ଗ ଜନସଂଖ୍ୟାର ଏକ ଚତୁର୍ଥାଂଶ ଥିବାବେଳେ ଏହା ଏବେ ଦୁଇ ତୃତୀୟାଂଶରେ ପହଞ୍ଚିଲାଣି। ସଂସଦରେ ଆଲୋଚନା ସମୟରେ ୧୦୩ତମ ସମ୍ବିଧାନ ସଂଶୋଧନ ପ୍ରସ୍ତାବକୁ ଦଳିତ ନେତା ହୁକୁମ ଦେବ ଯାଦବ ଓ ରାମ ବିଳାସ ପାଶ୍ୱାନ ପ୍ରମୁଖ ସମର୍ଥନ ଜଣାଇଥିବା ଦେଖାଯାଇଥିଲା।

ସଂରକ୍ଷଣ ବ୍ୟବସ୍ଥା ଜାରି ଥିବାରୁ ପ୍ରାଚୀନ ଜାତିପ୍ରଥା ବ୍ୟବସ୍ଥାରୁ ଏବେ ଅନେକ ଉପଜାତି, ସଂପ୍ରଦାୟ ଓ ଗୋଷ୍ଠୀର ଆବିର୍ଭାବ ଘଟିଲାଣି। ରାଜନୈତିକ ଦଳ ଜାତି ଓ ସଂପ୍ରଦାୟ ଭିତ୍ତିରେ ଭୋଟ ଆକୃଷ୍ଟ କରିବା ନିମନ୍ତେ ସଂରକ୍ଷଣକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରି ଚାଲିଛନ୍ତି। ବିଭିନ୍ନ ଦଳ ସଂରକ୍ଷଣ ସୀମା ୫୦%ରୁ ଅଧିକ ପାଇଁ ମଧ୍ୟ କ୍ରମଶଃ ଦାବି କଲେଣି। ଇନ୍ଦ୍ରର ସହ୍ୱାନେ ମାମଲାରେ ସୁପ୍ରିମକୋର୍ଟର ୯ ଜଣିଆ ଖଣ୍ଡପୀଠ ସଂରକ୍ଷଣ ସୀମା ୫୦%ରେ ସୀମିତ ରଖିଥିଲେ ମଧ୍ୟ ବହୁ କ୍ଷେତ୍ରରେ ଏହା ଧାର୍ଯ୍ୟ ସୀମା ଅତିକ୍ରମ କରିଯାଉଛି। ଏହି କାରଣରୁ ଅଦାଲତଙ୍କୁ ହସ୍ତକ୍ଷେପ କରିବାକୁ ପଡୁଥିବା ଦେଖାଯାଉଛି। କହିବାକୁ ଗଲେ ସୁପ୍ରିମକୋର୍ଟଙ୍କ ରାୟ ଦ୍ୱାରା ସାମାଜିକ ନ୍ୟାୟ ପରିସର ଅଧିକ ପରିବ୍ୟାପ୍ତ ହୋଇପାରିଛି। ଏହାଦ୍ୱାରା ଅଧିକରୁ ଅଧିକ ବର୍ଗ ସାମାଜିକ ନ୍ୟାୟ ପରିସରକୁ ଆସିପାରିବେ। ଅସ୍ୱଚ୍ଛଳ ବର୍ଗର ଏକ ଗୋଷ୍ଠୀ ବା ସଂପ୍ରଦାୟ ଭାବେ ବିବେଚିତ ହୋଇପାରିବେ। ତେବେ କେତେବେଳେ ନା କେତେବେଳେ ସମସ୍ତ ସଂରକ୍ଷଣର ଅନ୍ତ ଘଟାଇବାକୁ ପଡ଼ିବ। ଉଦାରୀକରଣ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଆମକୁ ପ୍ରସ୍ତୁତ ହେବାକୁ ପଡ଼ିବ।

ମୋ: ୯୪୩୭୨୨୯୨୩୩

# ଡିଜିଟାଲ ଗଛ



ମୋହନ ଚରଣ ବିଷି

ଗତ କିଛିଦିନ ତଳେ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କଳାହାଣ୍ଡି, ୧୦୦ ଗୋଟି ଗଛରେ କ୍ୟୁଆର୍ କୋଡ୍ ଲଗାଇବାର ଖବର ପ୍ରସାରିତ ହୋଇଥିଲା। ବିଶ୍ୱବିଦ୍ୟାଳୟର କୁଳପତିଙ୍କ କହିବା ଅନୁସାରେ ଆଗକୁ ଆହୁରି ୫୦୦ ଗଛରେ କ୍ୟୁଆର୍ କୋଡ୍ ଲାଗିବ ଓ ବିଶ୍ୱବିଦ୍ୟାଳୟ ଗ୍ରୀନ୍ କ୍ୟାମ୍ପସ୍ ହେବ। ଯେଉଁ ସବୁ ଗଛ ଲଗାଗଲା ସେହି ଗଛସବୁ ଔଷଧୀୟ ବୃକ୍ଷ। ଏହି କ୍ୟୁଆର୍ କୋଡ୍‌କୁ ସ୍ମାର୍ଟ ଫୋନରେ ସ୍କାନ କଲେ ଗଛର ଓଡ଼ିଆ, ହିନ୍ଦୀ, ଇଂଲିଶ ଓ ବୋଟାନିକାଲ ନାମ, ବୃକ୍ଷର ଔଷଧୀୟ ଗୁଣ, କାର୍ଯ୍ୟ, ଉପକାରିତା, ଗଛର ବୟସ ବିଷୟରେ ଜଣେ ସହଜରେ ଜାଣିପାରିବ। ଗଛକୁ କ୍ୟୁଆର୍ କୋଡିଙ୍ଗ୍ କରିବା ଏକ ସୁନ୍ଦର ବ୍ୟବସ୍ଥା, ଯାହା ମାଧ୍ୟମରେ ଡିଜିଟାଲ ଉପାୟରେ ବୃକ୍ଷ ସମ୍ପର୍କରେ ତଥ୍ୟ ହାସଲ କରିହେବ ଓ ତା'ର ବ୍ୟବହାର ସହ କାର୍ଯ୍ୟକାରିତା ବିଷୟରେ ଅବଗତ ହୋଇପାରିବ। ଲୋକେ ବୃକ୍ଷର ଉପକାର ବିଷୟରେ ଜାଣିବା ଦ୍ୱାରା ବୃକ୍ଷର ସଂରକ୍ଷଣ ହୋଇପାରିବ। ଯେତେ ସବୁ ବୃକ୍ଷଲତା, ଗୁଳ୍ମ ରହିଛି ଧୀରେ ଧୀରେ ଲୁପ୍ତ ହେବାକୁ ଯାଉଛି। ଆଉ ଯେଉଁମାନେ ଏହିସବୁ ଗଛପତ୍ରକୁ ଚିହ୍ନିଛନ୍ତି ସେମାନେ ମଧ୍ୟ ସଂସାରରୁ ବିଦାୟ ନେବେ। ତେଣୁ ସେମାନେ ବଞ୍ଚିଥିବା ସମୟରେ ବୃକ୍ଷଲତାକୁ ଚିହ୍ନଟ କରାଯାଇ ସରକାରୀ ସ୍ତରରେ ହେଉ କି ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ କ୍ୟୁଆର୍ କୋଡ୍ ଲଗାଇବାର ବ୍ୟବସ୍ଥା କଲେ ବୃକ୍ଷଗୁଡ଼ିକର ପରିଚୟ ଲୋକଲୋଚନକୁ ଆସିବା ସହ ଗଛଠାରୁ ଲୋକେ ଅନେକ ସୁଫଳ ପାଇପାରିବେ। କ୍ୟୁଆର୍ କୋଡ୍ ପ୍ରସ୍ତୁତ କରିବା ବେଶି ବ୍ୟୟବହୁଳ ନୁହେଁ। ପ୍ରଥମରେ ବିଭିନ୍ନ ସାମଗ୍ରୀ ଉପରେ କ୍ୟୁଆର୍ କୋଡ୍ ଲାଗୁଥିଲା। ଧୀରେ ଧୀରେ କ୍ୟୁଆର୍ କୋଡ୍ ବିଭିନ୍ନ କ୍ଷେତ୍ରରେ ବ୍ୟବହାର ହେଲା। କିନ୍ତୁ ଗଛରେ କ୍ୟୁଆର୍ କୋଡ୍ ଲଗାଇବା ବ୍ୟାପକ ହୋଇପାରି ନାହିଁ।

ଗଛ ଉପରେ କ୍ୟୁଆର୍ କୋଡ୍ ପ୍ରଥମେ ଇଂଲଣ୍ଡର ଦକ୍ଷିଣ ଲଣ୍ଡନର କ୍ୟୁରେ ଅବସ୍ଥିତ ରୋୟାଲ ବୋଟାନିକ ଗାର୍ଡେନରେ ୨୦୧୧ ମସିହାରେ ବ୍ୟବହାର ହୋଇଥିଲା। କ୍ୟୁ ଗାର୍ଡେନ ହେଉଛି ପୃଥିବୀର ଏକ ବୃହତ୍ତମ ବୋଟାନିକାଲ ଗାର୍ଡେନ ; ଯେଉଁଠି ୩୦,୦୦୦ ବିଭିନ୍ନ ପ୍ରକାରର ବୃକ୍ଷ ରହିଛି। ଭାରତରେ ପ୍ରଥମେ କେରଳରେ ଅବସ୍ଥିତ ଥାଲାସେରି ହେରିଟେଜ୍ ଗାର୍ଡେନରେ ୨୦୧୩ ମସିହାରେ କ୍ୟୁଆର୍ କୋଡ୍ ଲାଗିଥିଲା। ୨୦୧୬ରେ ଆଚାର୍ଯ୍ୟ ଜଗଦୀଶ ଚନ୍ଦ୍ର ବୋଷ ବୋଟାନିକ ଗାର୍ଡେନ ହାୱଡ଼ା, ପଶ୍ଚିମବଙ୍ଗରେ ୨୫୦୦ ବୃକ୍ଷରେ କ୍ୟୁଆର୍ କୋଡ୍ ଲାଗିଲା। ନୂଆଦିଲ୍ଲୀସ୍ଥିତ ମହାନଗର ନିଗମର ବିଭିନ୍ନ ଅଞ୍ଚଳରେ ଥିବା ୬୦୦୦ ଗୋଟି ଗଛରେ ୨୦୧୯ରେ କ୍ୟୁଆର୍ କୋଡ୍ ଲାଗିଥିଲା। ଥାନେସ୍ଥିତ ମହାନଗର ନିଗମ ଅଞ୍ଚଳରେ ୨୦୦୦ ଗଛ ଉପରେ ଚଳିତ ବର୍ଷରେ କ୍ୟୁଆର୍ କୋଡ୍ ଲାଗିଛି। ଚୌଧୁରୀ ଚରଣ ସିଂ ବିଶ୍ୱବିଦ୍ୟାଳୟ, ମେରୁଟ, ପିବି ସିଦ୍ଧାର୍ଥ କଲେଜ, ବିଜୟୱାଡ଼ା, ଏସ୍‌ଏସ୍‌ଏସ୍



ଜୈନ କଲେଜ, ଚେନ୍ନାଇ, ଜମ୍ମୁ ବିଶ୍ୱବିଦ୍ୟାଳୟରେ ଥିବା ଔଷଧୀୟ ଓ ବିରଳ ପ୍ରଜାତିର ବୃକ୍ଷ ଉପରେ କ୍ୟୁଆର୍ କୋଡ୍ ଲାଗି ସାରିଛି। ପର୍ଯ୍ୟଟକମାନେ କ୍ୟୁଆର୍ କୋଡ୍‌କୁ ଉପଯୋଗ କରି ବୃକ୍ଷ ବିଷୟରେ ଜାଣିପାରୁଛନ୍ତି। ବର୍ତ୍ତମାନ ସମୟରେ ଭାରତର ବିଭିନ୍ନ ରାଜ୍ୟରେ ଗଛକୁ ଡିଜିଟାଲ ଉପାୟରେ ଜାଣିବା ପାଇଁ କ୍ୟୁଆର୍ କୋଡ୍ ଲଗାଯାଉଛି।

ଓଡ଼ିଶାରେ ପ୍ରଥମକରି ୨୦୧୮ ମସିହାରେ ରେଜିଓନାଲ ପ୍ଲାଣ୍ଟ ରିସୋର୍ସ ସେଣ୍ଟର, ଭୁବନେଶ୍ୱରଠାରେ ଥିବା ଗଛରେ କ୍ୟୁଆର୍ କୋଡ୍ ଲାଗିଲା। ପାଖାପାଖି ୧୦୦୦ ଗଛରେ କ୍ୟୁଆର୍ କୋଡ୍ ଲାଗିଛି। ଏହିଠାରେ ପର୍ଯ୍ୟଟକ ଓ ଛାତ୍ରୀଛାତ୍ରମାନେ ଆସିଲେ ସ୍କାନିଙ୍ଗ କରି ଗଛ ବିଷୟରେ ବିଭିନ୍ନ ତଥ୍ୟ ହାସଲ କରନ୍ତି। ସେହିପରି ୨୦୨୦ ମସିହାରେ ନନ୍ଦନକାନନ ସ୍ଥିତ ଜୁଲୋଜିକାଲ ପାର୍କ ଓ ବୋଟାନିକାଲ ଗାର୍ଡେନରେ ଥିବା ଗଛରେ କ୍ୟୁଆର୍ କୋଡ୍ ପ୍ରଚଳନ ହେଲା। ଏହାବ୍ୟତୀତ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଯଥା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, ବାରିପଦା, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ଓୟୁଏଟି, ଭୁବନେଶ୍ୱର, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶର ପରେ ମାଁ ମାଣିକେଶରୀ ବିଶ୍ୱବିଦ୍ୟାଳୟ, କଳାହାଣ୍ଡିଠାରେ ବିଭିନ୍ନ ପ୍ରଜାତିର ଔଷଧୀୟ ବୃକ୍ଷରେ କ୍ୟୁଆର୍ କୋଡ୍ ଲାଗିଛି। ବିଶ୍ୱବିଦ୍ୟାଳୟର ବିଭିନ୍ନ ବୃକ୍ଷରେ କ୍ୟୁଆର୍ କୋଡ୍ ଲାଗିବା ଦ୍ୱାରା ଛାତ୍ରୀଛାତ୍ର ଓ ଗବେଷଣାରତ ବିଦ୍ୟାର୍ଥୀମାନେ ଅନେକ ବୃକ୍ଷ ସମ୍ପର୍କରେ ଅବଗତ ହେଉଛନ୍ତି। ସମସ୍ତ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ତଥା ବିଦ୍ୟାଳୟମାନଙ୍କରେ ଥିବା ଗଛମାନଙ୍କରେ କ୍ୟୁଆର୍ କୋଡ୍ ଲଗାଇବା ପାଇଁ ପଦକ୍ଷେପ ନେବା ନିତାନ୍ତ ଆବଶ୍ୟକ। ପ୍ରତ୍ୟେକ ଶ୍ରେଣୀ ତଥା ବିଭାଗର ସିଲାବସ୍‌ରେ ବୃକ୍ଷ ସମ୍ପର୍କରେ କିଛି ତଥ୍ୟ ରହିଲେ ବିଦ୍ୟାର୍ଥୀ ସଚେତନ ହେବା ସହ ସଂରକ୍ଷଣ ପାଇଁ ପଦକ୍ଷେପ ନେଇପାରିବେ।

ବର୍ତ୍ତମାନ ସମୟରେ ବୃକ୍ଷ ସଂରକ୍ଷଣର ଆବଶ୍ୟକତାକୁ ସମସ୍ତେ ଉପଲବ୍ଧି କରି ସାରିଛେ। ବିଶ୍ୱ ତାପାୟନ ଓ ଜଳବାୟୁ ପରିବର୍ତ୍ତନର ପ୍ରମୁଖ କାରଣ ମଧ୍ୟରୁ ଜଙ୍ଗଲ କ୍ଷୟ ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ। ବର୍ତ୍ତମାନ ସମୟରେ କୃତ୍ରିମ ଜଙ୍ଗଲର ସୃଷ୍ଟି କରିବା ପାଇଁ ସମସ୍ତେ ଆଗେଇ ଆସିବାକୁ ହେବ। ସବୁ ବୋଟାନିକାଲ ଗାର୍ଡେନ, ରାସ୍ତାକଡ଼ରେ ଥିବା ବୃକ୍ଷ, ଜଙ୍ଗଲ ପାର୍ଶ୍ୱରେ ଥିବା ବୃକ୍ଷମାନଙ୍କରେ କ୍ୟୁଆର୍ କୋଡ୍ ଲଗାଇବାକୁ ପ୍ରଶାସନ ଦୃଷ୍ଟି ଦେବା ଦରକାର। ଦୃଷ୍ଟି ଗୋଚର ହେଉଥିବା ସ୍ଥାନର ବୃକ୍ଷମାନଙ୍କରେ କ୍ୟୁଆର୍ କୋଡ୍ ପ୍ରଚଳନ ହେଲେ ଅନେକ ଲୁପ୍ତପ୍ରାୟ ବୃକ୍ଷ ଉପରେ ଅଧିକ ଗବେଷଣା ହୋଇପାରିବ। ଏହାଦ୍ୱାରା ବୃକ୍ଷର ସଂରକ୍ଷଣ ହେବ। ଗଛ ଡିଜିଟାଲ ସେତେବେଳେ ହେବ ଯେତେବେଳେ ଗଛରେ କ୍ୟୁଆର୍ କୋଡ୍ ଲାଗିବ। କ୍ୟୁଆର୍ କୋଡ୍ ଲାଗିବା ସହ ଗଛର କୋଡିଂ ମଧ୍ୟ ସହଜରେ କରିହେବ। ଏଥିପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ବିଭିନ୍ନ ପ୍ରକଳ୍ପ ହାତକୁ ନେବାଲାଗି ଯୋଜନା କରିବାର ସମୟ ଆସିଛି।

ଗଡରାମାଲ, କୋକସରା, କଳାହାଣ୍ଡି
ମୋ:୯୭୭୭୪୬୮୮୪୧

## ଏଇ ଭାରତରେ

ଗାଜିଆବାଦରେ ଏକ ଫୁଟ୍‌ପାଥ ସ୍କୁଲ ଚାଲିଛି। ଏନ୍‌ଟିପିସିରୁ ଅବସର ନେବା ପରେ ନିରଜା ସାକ୍‌ସେନା ଏହି ସ୍କୁଲ ଚଳାଉଛନ୍ତି। ଲକ୍‌ଡାଉନ ସମୟରେ ଏଭଳି ଫୁଟ୍‌ପାଥ ସ୍କୁଲ ଚଳାଇବା ଲାଗି ନିରଜା ନିଷ୍ପତ୍ତି ନେଇଥିଲେ ଓ ତାହା ସେବେଠାରୁ ଚାଲିଛି। ଏହାର ନାମ ରଖାଯାଇଛି ଫୁଟପାଥ୍ ପାଠଶାଳା। ଏବେ ଏହି ସ୍କୁଲରେ ୪୦ ଜଣ ପିଲା ପଢୁଛନ୍ତି। ପିଲାମାନଙ୍କ ପଢ଼ିବା ଖର୍ଚ୍ଚ ସହ ଖାଦ୍ୟ, ପୋଷାକ ଓ ପାଠ୍ୟ ଉପକରଣ ମାଗଣାରେ ଯୋଗାଇ ଦିଆଯାଉଛି। ଏଠାରେ କେବଳ ଅସହାୟ ପିଲାମାନେ ପଢୁଛନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି, ନିରଜା ପିଲାମାନଙ୍କଠାରୁ ଫିସ୍ ଆକାରରେ ପ୍ଲାଷ୍ଟିକ୍ ବର୍ଜ୍ୟ ନେଉଛନ୍ତି। ଏହି ସ୍କୁଲରେ ସେ ପିଲାମାନଙ୍କୁ ପରିବେଶ ସଂରକ୍ଷଣ ସମ୍ପର୍କରେ ଶିକ୍ଷା ଦେଉଛନ୍ତି। ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା ସମ୍ପର୍କରେ ମଧ୍ୟ ପିଲାମାନଙ୍କୁ ଶିକ୍ଷା ଦିଆଯାଉଛି। ପିଲାମାନେ ସ୍କୁଲରେ ପ୍ଲାଷ୍ଟିକ ବୋତଲ ଓ ଅନ୍ୟାନ୍ୟ ବର୍ଜ୍ୟ ଦେଇ ପରିବେଶକୁ ରକ୍ଷା କରିବାରେ ଲାଗିଛନ୍ତି। କେବଳ ଏତିକି ନୁହେଁ, ଫୁଟପାଥ୍ ପାଠଶାଳାର ପିଲାମାନେ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୧ ଅଗଷ୍ଟ ୧୯୭୫

- ଧାନବାଦ ନିକଟରେ ଥିବା କେଶରଗଡ଼ କୋଇଲା ଖଣିର ଛାତ ଭୁଶୁଡ଼ିପଡ଼ିବା ଫଳରେ ମାଟିତଳେ ପୋତିହୋଇ ୧୨ ଜଣ ଶ୍ରମିକଙ୍କ ମୃତ୍ୟୁ।
- ଦକ୍ଷିଣ ଆଫ୍ରିକାକୁ କେତେକ ଧରଣର ଭାରୀ ଅସ୍ତ୍ରଶସ୍ତ୍ର ବିକ୍ରୟ ନ କରିବା ନେଇ ଫ୍ରାନ୍ସର ରାଷ୍ଟ୍ରପତି ଗିସ୍‌କାଡ଼ ଡିଇଷ୍ଟାଙ୍ଗଙ୍କ ଘୋଷଣା।
- ହଂକଂରେ ପ୍ରବଳ ଝଡ଼ତୋଫାନ ଯୋଗୁ କ୍ୟାଣ୍ଟନ ନିକଟବର୍ତ୍ତୀ ୱେଷ୍ଟ ନଦୀରେ ଦୁଇଟି ଫେରି ଲଞ୍ଚ ମଧ୍ୟରେ ସଂଘର୍ଷ ଘଟି ୫୦୦ ମୃତ।

## ଚିରନ୍ତନୀ

ଅନାହୂତ ଅନୁଭୂତି କ୍ଷୀଣ ତା'ର ଆୟୁଷ
ଜୀବନର ମରୁ–ପଥେ ଢାଳିଦିଏ ପୀୟୁଷ
ଦିନୁଁ ଦିନୁଁ ଦେହ ମମ ହୁଏ ଯେତେ ପୁରୁଣା
ମୂଳ ତା'ର ଦିନୁଁ ଦିନୁଁ ବଢ଼ି ଉଠେ ବହୁଣ।
–(ପଥର ପ୍ରେମିକ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱାଗତଯୋଗ୍ୟ ପଦକ୍ଷେପ

ମହାଶୟ,

ରାଜ୍ୟ ପରିବହନ କର୍ତ୍ତୃପକ୍ଷ ପିଲାଙ୍କ ଗାଡ଼ି ଚଳାଇବା ଉପରେ ସ୍ୱତନ୍ତ୍ର ଧରପଗଡ଼ ଆରମ୍ଭ କରିଛି। ଏହାଦ୍ୱାରା ଅନେକ ଅଭିଭାବକ ସତର୍କ ହେବେ। ଦେଖାଯାଏ, ମା'ବାପାମାନେ ପିଲାକୁ ଖୁସି କରିବାକୁ ସେମାନଙ୍କୁ ବାଇକ୍ ଦେଇ ରାସ୍ତା ଉପରକୁ ଛାଡ଼ି ଦିଅନ୍ତି। ପିଲାର ଗାଡ଼ି ଚଳାଇବାରେ ଅଭିଜ୍ଞତା ନ ଥାଏ । ନୂଆ କରି ଗାଡ଼ି ଚଳାଉଥିବାରୁ ଗାଡ଼ିକୁ ନିୟନ୍ତ୍ରଣରେ ରଖିବାର କ୍ଷମତା ମଧ୍ୟ ତା'ର ନଥାଏ। ଏପରି ପରିସ୍ଥିତିରେ ଦୁର୍ଘଟଣା ଘଟୁଛି। ଧନଜୀବନ ହାନି ହେଉଛି। ତା' ପରେ ରାସ୍ତାରେ ଭଙ୍ଗାରୁଜା ଲାଠିଚାଳନା ଇତ୍ୟାଦି ପରିସ୍ଥିତି ସୃଷ୍ଟି ହୁଏ। ଏଣୁ ଏସବୁକୁ ବିଚାରକୁ ନେଲେ ରାଜ୍ୟ ସରକାରଙ୍କ ଏପରି ପଦକ୍ଷେପ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଏହି ଧରପଗଡ଼କୁ ତ୍ୱରାନ୍ୱିତ କଲେ ଖୁବ୍ ଭଲ ହୁଅନ୍ତା।

–ଅଶୋକ ରାଉଳ, ଅଡ଼ଙ୍ଗଳ ଅଣଖିଆ, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଫାଇଲେରିଆ ନିରାକରଣ ଅଭିଯାନ

ଧରାକୋଟ,(ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଧରାକୋଟ ଅନନ୍ତ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୱାଇଆରସି ବା ଯୁବ ରେଡକ୍ରସ ୟୁନିଟ ତରଫରୁ ଫାଇଲେରିଆ ନିରାକରଣ ଅଭିଯାନ ସପ୍ତାହ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଅଧକ୍ଷ ଅକ୍ଷୟ ପଟ୍ଟନାୟକ ଅଧକ୍ଷତା କରି ଫାଇଲେରିଆ ନିରାକରଣ ଅଭିଯାନର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ୱାଇଆରସିର ପରାମର୍ଶଦାତା ଅଧାପକ ବଳରାମ ସ୍ୱାଇଁ ଏହାର ସଂଯୋଜନା କରିଥିଲେ। ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପଦାଧିକାରୀ ଓ ଅଙ୍ଗନୱାଡ଼ି କର୍ମୀ ମାନେ ଯୋଗଦେଇ ଅଭିଯାନର ଅଭିମୁଖ୍ୟ ସମ୍ପର୍କରେ ବୁଝାଇଥିଲେ। ଏଥିରେ ୪୦୦ରୁ ଅଧିକ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

**ଛତ୍ରପୁର,୧୦।୮(ଦିଲ୍ଲୀପ ସାମଲ):** ସାପ କାମୁଡ଼ାରେ ଏଚ.ବୁରୁଡ଼ି ଗ୍ରାମର ପୁଷ୍ପଲତା ଦଳାଇ (୩୧)ଙ୍କ ମୃତ୍ୟୁ ଘଟିଛି। ଶନିବାର ସକାଳେ ପୁଷ୍ପଲତା ବିଲରେ ଭେଣ୍ଡି ତୋଳୁଥିବା ବେଳେ ତାଙ୍କୁ କୌଣସି ଏକ ସାପ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ରମ୍ଭା ଥାନା ପୋଲିସ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

**ଗଞ୍ଜାମ,୧୦।୮(ବିଦ୍ୟାଧର ସାହୁ)** ରମ୍ଭା ଥାନା ଇଲାକା ଏଚ. ବୁରୁଡ଼ି ଗ୍ରାମରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ସୁକାନ୍ତ ଦଳାଇଙ୍କ ସ୍ତ୍ରୀ ପୁଷ୍ପାଲତା ଦଳାଇ(୪୫)। ଶନିବାର ସକାଳ ପୁଷ୍ପା ନିଜ ଚାଷ ଜମିରେ କାର୍ଯ୍ୟରତ ଥିବା ସମୟରେ ଏକ ବିଷଧର ସାପ ତାଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲା। ପଡ଼ୋଶୀ ଚାଷୀମାନେ ଗୁରୁତର ମହିଳାଙ୍କୁ ଉଦ୍ଧାର କରି ପରିବାରକୁ ଖବର ଦେବା ସହ ତୁରନ୍ତ ଛତ୍ରପୁର ସରକାରୀ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ଗୁରୁତର ପୁଷ୍ପାଙ୍କୁ ମୃତ ଘୋଷଣା କରିଥିଲେ।

### ଡାଲା ଅଟୋରୁ ଡେଇଁ ଗୁରୁତର ଯୁବକଙ୍କ ମୃତ୍ୟୁ

**ବୁଗୁଡା,୧୦।୮(କାଳିଚରଣ ଦାଶ):** ଚଳନ୍ତା ଡାଲା ଅଟୋରୁ ଡେଇଁ ଗୁରୁତର ହୋଇଥିବା ଜଣେକ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୁଗୁଡା ଏନ୍ଏସି ଅନ୍ତର୍ଗତ ହରିଶରଣପୁର ଶାସନର ବିବାହିତ ଯୁବକ ବାବୁ ଗୌଡ (୪୦)। ଶନିବାର ଏଠାକାର ଗୋଲାବଞ୍ଚର ଗାଁ ନିକଟସ୍ଥ ବିଲରେ ଧାନ ତଳି ଘରା ଭାଙ୍ଗି ବାବୁ ଘରକୁ ଫେରିଥିଲା। ଘରୁ କିଛି ଟଙ୍କା ନେଇ ପ୍ରଚୁର ମଦ୍ୟପାନ କରି ପୁଣି ବିଲକୁ ଯାଉଥିବା ବେଳେ ବେତାରସିଂ ପଟକୁ ଯାଉଥିବା ଏକ ଡାଲା ଅଟୋକୁ ଅଟକାଇ ସେଥିରେ ଚଢ଼ିଥିଲା। କିଛି ସମୟ ପରେ ଗୋଲାବଞ୍ଚର ଗାଁ ଆସିଯିବାରୁ ସେ ଚଳନ୍ତା ଅଟୋରୁ ଡେଇଁ ପଡିଥିଲେ। ଫଳରେ ମୁଣ୍ଡ ଫାଟି ପ୍ରଚୁର ରକ୍ତସ୍ରାବ ହେବା ସହ ଅଚେତ ହୋଇଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ସେଠାରୁ ବୁଗୁଡା ମେଡିକାଲକୁ ଆଣିଥିଲେ। ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ବ୍ରହ୍ମପୁର ଯିବା ବାଟରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି।

### ଯୁବକଙ୍କୁ ଆକ୍ରମଣ ମାମଲା, ଅଭିଯୁକ୍ତ ଜେଲ ଗଲେ

**ଦିଗପହଣ୍ଡି,୧୦।୮(ଅଶେଷ ନାଥ ମିଶ୍ର)** କେ.ନୂଆଗାଁ ଥାନା ପୋଲିସ ନୂଆପଡ଼ା ଗ୍ରାମ ସାନଡେରାସାହିର ଶିବ ସେଠୀଙ୍କୁ ଶନିବାର ଅପରାହ୍ନରେ ଦିଗପହଣ୍ଡି କୋର୍ଟକୁ ଚାଲାଣ କରିଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲକୁ ପଠାଯାଇଛି। ଗତ ଗୁରୁବାର ନୂଆପଡ଼ା ବଡ଼ ଡେରାସାହିର ଏସ.କିରଣ ଆଚାରୀଙ୍କ ଦୁଇ ଭଉଣୀ ଶିବ ମନ୍ଦିରରେ ପୂଜା ସାରି ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ଶିବ ସେମାନଙ୍କୁ ସାହି ଛକ ପାଖରେ କମେଣ୍ଟ ମାରିଥିଲେ। ଦୁଇ ଭଉଣୀ ଘରକୁ ଫେରି ସେମାନଙ୍କ ଭାଇ କିରଣ ଓ ଅରୁଣଙ୍କୁ ଜଣାଇଥିଲେ। ଦୁଇ ଭାଇ ଘଟଣାସ୍ଥଳକୁ ଯାଇ ପଚାରିବାରୁ ଶିବ ଅରୁଣଙ୍କ ହାତକୁ କାମୁଡ଼ି ଦେବା ସହ କିରଣଙ୍କ ମୁଣ୍ଡକୁ ଏକ ଲୁହାଛଡ଼ରେ ଫଟାଇ ଦେଇଥିଲେ। ଉଭୟଙ୍କୁ ନୂଆପଡ଼ା ସରକାରୀ ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଫେରିବା ପରେ କିରଣ ଏତଲା ଦେଇଥିଲେ।

### ଜମିରେ ଛିଣ୍ଡିଲା ବିଦ୍ୟୁତ୍ ତାର, ବର୍ତ୍ତିଲେ ୨୦ରୁ ଊର୍ଦ୍ଧ୍ୱ ଚାଷୀ

**ଗଞ୍ଜାମ,୧୦।୮(ବିଦ୍ୟାଧର ସାହୁ)** ଗଞ୍ଜାମ ବ୍ଲକ ଶତ୍ରୁଶୋଲ ଗ୍ରାମ ନିକଟରେ ଥିବା ଧାନଜମିରେ ଶନିବାର ହଠାତ୍ ଏକ ୧୧ କେଭି ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଲା। ଏଥିରୁ ବର୍ତ୍ତି ଯାଇଛନ୍ତି ୨୦ରୁ ଊର୍ଦ୍ଧ୍ୱ ଚାଷୀ। ଅପରାହ୍ନରେ ଶତ୍ରୁଶୋଲ ଗ୍ରାମର ଧାନ ଚାଷ ଜମି ମାଲିକ ଦିଲୀପ ପଲେଇଙ୍କ ସମେତ ୨୦ ଜଣ ଧାନରୁଆଁଳି କାମ କରୁଥିଲେ। ଏହି ସମୟରେ ଚାଷ ଜମି ଉପର ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ହଠାତ୍ ଚାଷ ଜମି ଉପରକୁ ଖସି ପଡ଼ିଥିଲା। ଦିଲୀପଙ୍କ ସମେତ ଶ୍ରମିକମାନେ ଚାଷଜମିରୁ ବାହାରି ଜୀବନ ବିକଳରେ ସେଠାରୁ ଚାଲିଯାଇଥିଲେ। ବିଦ୍ୟୁତ ଖୁଣ୍ଟ ଦୁର୍ବଳ ଯୋଗୁ ଝୁଲନ୍ତା ଅବସ୍ଥାରେ ରହିଥିଲା। କିନ୍ତୁ ଏହା ଉପରେ ନଜର ରଖୁନଥିବା ସ୍ଥାନୀୟ ବିଦ୍ୟୁତ ବିଭାଗର ଅବହେଳାକୁ ନେଇ ପ୍ରଶ୍ନ ଉଠିଛି। ବିଦ୍ୟୁତ୍ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ସହ ଏହାର ସ୍ଥାୟୀ ସମାଧାନ ପାଇଁ ଦାବି ହୋଇଛି।

# ଘୋଷଣାରେ ଅଟକିଛି ଛତ୍ରପୁରକୁ ମ୍ୟୁନିସିପାଲିଟି ମାନ୍ୟତା

**ଛତ୍ରପୁର,୧୦।୮(ସନ୍ତୋଷ ପାଢୀ):** ଗଞ୍ଜାମ ଜିଲାର ଛତ୍ରପୁର ଏନ୍ଏସିକୁ ମ୍ୟୁନିସିପାଲିଟି ମାନ୍ୟତା ସରକାରୀ ଘୋଷଣାରେ ଅଟକି ରହିଛି। ଘୋଷଣାକୁ ୬ ମାସ ବିତିବାକୁ ଯାଉଥିବା ବେଳେ ଛତ୍ରପୁର ଏନ୍ଏସିରୁ ମ୍ୟୁନିସିପାଲିଟି ନେଇ କୌଣସି ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇନି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ତରବରିଆ ଭାବେ ତତ୍କାଳୀନ ବିଜେଡି ସରକାର ଛତ୍ରପୁର ଏନଏସିକୁ ମ୍ୟୁନିସିପାଲିଟି ଘୋଷଣା କରିଥିଲେ। ଏବେ ଭାଜପା ରାଜ୍ୟରେ ସରକାର ଗଢ଼ିଛି। ଏହି ସରକାର ଚାଲିବାର ୨ ମାସ ହୋଇଥିଲେ ମଧ୍ୟ ଛତ୍ରପୁର ଏନଏସିକୁ ମ୍ୟୁନିସିପାଲିଟି ପାଇଁ କୌଣସି ବିଜ୍ଞପ୍ତି ଜାରି କରି ନ ଥିବାରୁ ପୂର୍ବ ସରକାରଙ୍କ ଘୋଷଣା କାର୍ଯ୍ୟକାରୀ ହୋଇପାରିନି।

ଗତ ଫେବୃଆରୀ ୨୪ ତାରିଖରେ ଛତ୍ରପୁର ଏନଏସିକୁ ମ୍ୟୁନିସିପାଲିଟି ମାନ୍ୟତା ନେଇ ତତ୍କାଳୀନ ବିଜେଡି ସରକାର ଘୋଷଣା କରିଥିଲେ। ସେତେବେଳେ ରାଜ୍ୟ ସରକାର, ବରିଷ୍ଠ ନେତା ଓ ଜିଲା ପ୍ରଶାସନକୁ ବିଜେଡି ପକ୍ଷରୁ କୃତଜ୍ଞତା ଜଣାଇ ମିଷ୍ଟାନ୍ନ ବଣ୍ଟନ ହୋଇଥିଲା। ଅନ୍ୟପକ୍ଷରେ ହାଇକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇଥିବା ନେଇ ଭାଜପା ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ହେଲେ ଏ ଯାଏ ମ୍ୟୁନିସିପାଲିଟି ହୋଇପାରିନି। ସୂଚନାଯୋଗ୍ୟ, ୧୯୫୫ରେ ଗଠିତ ଛତ୍ରପୁର ଏନଏସିକୁ ମ୍ୟୁନିସିପାଲିଟି ମାନ୍ୟତା ଦେବା ନେଇ ଭାରତୀୟ ବିକାଶ ପରିଷଦ ପକ୍ଷରୁ ହାଇକୋର୍ଟରେ ପିଟିଶନ ଦାଖଲ ହୋଇଥିଲା । ଏହାର ଶୁଣାଣି କରି ୬ ସପ୍ତାହ ମଧ୍ୟରେ ଏହି ମାନ୍ୟତା ଦେବା ଲାଗି ରାଜ୍ୟ ସରକାରଙ୍କୁ ୨୦୧୯ ଅଗଷ୍ଟ ୫ ତାରିଖରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ଉକ୍ତ ନିର୍ଦ୍ଦେଶକୁ ସୋମବାର ୬ ବର୍ଷ ବିତିଛି। ସେତେବେଳେ ରାଜ୍ୟ ସରକାର ଏହା ଶୁଣି ନ ଥିଲେ। ପରେ ଏ ନେଇ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଅଦାଲତ ଅବମାନନା ରୁଜୁ କରାଯାଇଥିଲା। ପୁଣି ୪ ସପ୍ତାହ ରାଜ୍ୟ ସରକାରଙ୍କୁ ଏହା କାର୍ଯ୍ୟକାରୀ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

# ହାତୀପଲ ଧାନ ଫସଲ ନଷ୍ଟ କରିଦେଲେ

**ଭଞ୍ଜନଗର,୧୦।୮(ବାବୁଲା ପ୍ରଧାନ):** ସ୍ଥାନୀୟ ଘୁମୁସର ଉତ୍ତର ବନଖଣ୍ଡ ମୁଜାଗଡ ରେଞ୍ଜ ବାଇବାଲି ସେକ୍ସନ ବରଙ୍ଗାରେ ଗୁରୁବାର ୨୩ ଟିକିଆ ହାତୀପଲ ପଶି ଦଳି ଚକଟି ବ୍ୟାପକ ଧାନ ଫସଲ ନଷ୍ଟ କରିଛନ୍ତି। ଏହାଦ୍ୱାରା ଚାଷୀ ହରିହର ସାହୁ, ବିଜୟ ସାହୁ, ପ୍ରଶାନ୍ତ ଘଡ଼େଇ, ଋଷି ପୂଜାରୀ, ନୀର ଘଡ଼େଇ ପ୍ରମୁଖ ଚାଷୀ କ୍ଷତି ସହିଛନ୍ତି। ପ୍ରାୟ ୧୦ ଏକର ଫସଲ ନଷ୍ଟ ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ ଉକ୍ତ ଅଞ୍ଚଳର ଚାଷୀମାନେ ରଥଯାତ୍ରା ସମୟରେ ହିଁ ଧାନ ରୁଆ ପ୍ରାୟ ସାରିଦେଇଥିଲେ। ବର୍ତ୍ତମାନ ଗଛ ବଡ଼ ହେବାକୁ ବସିଛି। ଏହିଭଳି ପରିସ୍ଥିତିରେ ଗୁରୁବାର ସନ୍ଧ୍ୟାରେ ହାତୀପଲ ନିକଟସ୍ଥ ଜଙ୍ଗଲରୁ ବାହାରି ଫସଲ ନଷ୍ଟ କରିଥିଲେ। ଏ ନେଇ ବନ ବିଭାଗ କର୍ମଚାରୀ ସୂଚନା ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି ଫଟୋ ଉଠାଇ ଫେରି ଆସିଥିଲେ।



କ୍ଷତିଗ୍ରସ୍ତ ଫସଲ

କିନ୍ତୁ ହାତୀକୁ ଘଉଡ଼ାଇବା ବ୍ୟବସ୍ଥା କରିନଥିଲେ, ଯାହାକୁ ନେଇ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

# ସମୁଦ୍ରରେ ମେରାଇନ୍ ପୋଲିସର ପାଟ୍ରୋଲିଂ

**ଛତ୍ରପୁର,୧୦।୮ (ସନ୍ତୋଷ ପାଢୀ/ଦିଲୀପ ସାମଲ):** ବାଂଲାଦେଶ ଅଶାନ୍ତ ରହିଛି । ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ବାଂଲାଦେଶୀମାନେ ଦେଶ ଛାଡି ଭାରତ ଆସିବା ସମ୍ଭାବନା ରହିଛି । ଅନୁପ୍ରବେଶକାରୀମାନେ ସମୁଦ୍ରପଥ ଦେଇ ବୋଟ୍ ଯୋଗେ ଆସି ପାରନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ଅତିରିକ୍ତ ପୋଲିସ ଡିଜି (ରେଲୱେ ଓ କୋଷ୍ଟାଲ ସିକ୍ୟୁରିଟି)ଙ୍କ ପକ୍ଷରୁ ଗଞ୍ଜାମ ପୋଲିସକୁ ଆଲର୍ଟ ମେସେଜ୍ ଆସିଛି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ପୋଲିସ ଅଧୀନ ଆର୍ଯ୍ୟପଲ୍ଲୀ ମେରାଇନ୍ ଥାନା ପକ୍ଷରୁ





ପାଟ୍ରୋଲିଂ କରାଯାଉଛି ।

ସମୁଦ୍ରରେ ପାଟ୍ରୋଲିଂ ଜାରି ରହିଥିବା ଶନିବାର ସୂଚନା ଦିଆଯାଇଛି । ଗଞ୍ଜାମ ଏସ୍‌ପି ଜଗମୋହନ ମୀନା କହିଛନ୍ତି, ରାଜ୍ୟ ପୋଲିସ ହେଡକ୍ୱାର୍ଟରରୁ ହାଇଆଲର୍ଟ ମେସେଜ୍ ଆସିଥିଲା ଏବଂ ମେରାଇନ୍ ଥାନା ପୋଲିସ ପକ୍ଷରୁ ସମୁଦ୍ରରେ ପାଟ୍ରୋଲିଂ କରାଯାଉଛି । ଏଥିସହ ମାଛ ଧରା କେନ୍ଦ୍ର ଓ ଫିସିଂ ହାରବରରେ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଏଥିସହ ସାଗର ମିତ୍ର ମାନଙ୍କୁ ସତର୍କ କରାଯାଇଛି । ଅତିରିକ୍ତ ଏସପି ଓ ଛତ୍ରପୁର ଏସଡିପିଓ ଏହାକୁ ମନିଟରିଂ କରୁଥିବା ଏସପି ସୂଚନା ଦେଇଛନ୍ତି। ମେରାଇନ୍ ଥାନା ଅଧିନ ପ୍ରୟାଗୀ ଠାରୁ ହରିପୁର ପର୍ଯ୍ୟନ୍ତ ସମୁଦ୍ର ଓ ବେଳାଭୂମିରେ ପୋଲିସ ପକ୍ଷରୁ ନଜର ରଖାଯାଇ ପାଟ୍ରୋଲିଂ ଚାଲିଛି।

### ମହିଳାଙ୍କୁ ଆକ୍ରମଣ ମାମଲା, ଅଭିଯୁକ୍ତ କୋର୍ଟ ଚାଲାଣ

**ଦିଗପହଣ୍ଡି,୧୦।୮(ଅଶେଷ ନାଥ ମିଶ୍ର)**–ଦିଗପହଣ୍ଡି ବ୍ଲକ ଭ୍ରମରପୁର ଗ୍ରାମର ପ୍ରକାଶ ଗୌଡ଼ଙ୍କୁ କେ.ନୂଆଗାଁ ଥାନା ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗତ ମଙ୍ଗଳବାର ପ୍ରକାଶ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗ୍ରାମର ବାଳକୃଷ୍ଣ ଗୌଡ଼ଙ୍କୁ ଗାଳି ଗୁଲଜ କରିବା ସହ ଧମକ ଦେଇଥିଲେ। ବାଳକୃଷ୍ଣ ଘରକୁ ଆସିବା ପରେ ପୁଣି ଘରକୁ ଆସି ଗାଳି ଗୁଲଜ କରିଥିଲେ। ବାଳକୃଷ୍ଣଙ୍କ ଭଉଣୀ ଲକ୍ଷ୍ମୀ ଗୌଡ଼ ପ୍ରତିବାଦ କରିବାରୁ ପ୍ରକାଶ ପଥରରେ ତାଙ୍କ ମୁଣ୍ଡକୁ ପିଟିଥିଲେ। ଲକ୍ଷ୍ମୀଙ୍କୁ ପରିବାର ଲୋକେ ବୋମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ସେ ଏ ନେଇ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୨୩୭/୨୪ ରେ ମାମଲା ରୁଜୁ କରିଥିଲା। ଶନିବାର ତଦନ୍ତକାରୀ ଅଧିକାରୀ ନୂଆପଡ଼ା ଫାଣ୍ଡି ଏସଆଇ ଜଗବନ୍ଧୁ ବାର୍ଲା ତାଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଆକ୍ରମଣରେ ବ୍ୟବହୃତ ପଥର ଖଣ୍ଡ ଜବତ କରିଥିଲେ।

### ପୋଖରୀରେ ବୁଡ଼ି ଯୁବକ ମୃତ

**ଦିଗପହଣ୍ଡି,୧୦।୮(ଅଶେଷ ନାଥ ମିଶ୍ର)** ଦିଗପହଣ୍ଡି ବ୍ଲକ ବମୋକେଇ ପଞ୍ଚାୟତ କୁମରଡା ଗାଁ ପୋଖରୀରେ ବୁଡି ଶନିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦିଗପହଣ୍ଡି ଜକର ଗ୍ରାମର ଭୋଳାନାଥ ପ୍ରଧାନ (୪୨)। ମାନସିକ ବିକାରଗ୍ରସ୍ତ ଭୋଳାନାଥ ବିଭିନ୍ନ ସମୟରେ ଏଣେତେଣେ ଗାଁ ବୁଲିଥାନ୍ତି। ଶନିବାର ମଧ୍ୟାହ୍ନରେ ଠାକୁରାଣୀ ମନ୍ଦିର ପୋଖରୀରେ ଜଣେ ଯୁବକ ଭାସୁଥିବା କୁମରଡା ଗ୍ରାମର କେତେଜଣ ଦେଖି ପୋଲିସକୁ ଖବର ଦେଇଥିଲେ। କେ. ନୂଆଗାଁ ପୋଲିସ ଓ ଦିଗପହଣ୍ଡି ଅଗ୍ନିଶମ ବାହିନୀ ପହଞ୍ଚି ପୋଖରୀରୁ ଭୋଳାନାଥଙ୍କୁ ଉଦ୍ଧାର କରି ବୋମକେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ନଂ. ୪/୨୪ରେ ମାମଲା ରୁଜୁ ହୋଇଛି। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଜୁଆ ଆଡ୍ଡାରୁ ୬ ଗିରଫ

**ଦିଗପହଣ୍ଡି,୧୦।୮(ଅଶେଷ ନାଥ ମିଶ୍ର)**– ଦିଗପହଣ୍ଡି ବ୍ଲକ ଝରିପଦର ଗ୍ରାମ ନିକଟ କେରାଣ୍ଡିମାଳ ପାହାଡ଼ ପାଖରେ ଦୀର୍ଘଦିନ ହେଲା ଚାଲିଥିବା ଏକ ଜୁଆଆଡ୍ଡା ଉପରେ ଶନିବାର ସନ୍ଧ୍ୟାରେ ପୋଲିସ ଟିମ୍ ଚଢ଼ାଉ କରିଥିଲା। ସେଠାରୁ ୬ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନଙ୍କ ନିକଟରୁ ତାସ ମୁଠା, ଜରିପାଲ, ୬୫୫୦ ଟଙ୍କା ଏବଂ ୪ ଟି ବାଇକ ଜବତ କରାଯାଇଛି।

# ନକଲି ନିଯୁକ୍ତିପତ୍ର ଦେଇ ଠକେଇ ଘଟଣା, ୩ ଗିରଫ

**ବୁଗୁଡ଼ା,୧୦।୮(କାଳିଚରଣ ଦାଶ):** କୋର୍ଟରେ ଜୁନିୟର୍ ଟାଇପିଷ୍ଟ ପଦ ପାଇଁ ନକଲି ନିଯୁକ୍ତି ପତ୍ର ଦେଇ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ଠକାମୀର ଶିକାର ହୋଇଥିବା ଯୁବକଙ୍କ ସମେତ ୩ ଜଣଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବୁଗୁଡ଼ା ନିକଟସ୍ଥ ଷୋହଳମାଇଲିର ପ୍ରଭାତ କୁମାର ପାତ୍ର, ଭଞ୍ଜନଗର ଲଣ୍ଡେଇ ସାହିର ରମେଶ ପାତ୍ର ଏବଂ ଭଞ୍ଜନଗର ଓ କରିମ ହୋଟେଲ ଗଳିରେ ରହୁଥିବା ଜନ୍ମେଜୟ ପାଣିଗ୍ରାହୀ ଓରଫ ଟୁଲୁ। ପ୍ରଭାତ ବି-ଟେକ ପଢା ସାରି ଚାକିରି ଅନ୍ୱେଷଣରେ ଥିବା ବେଳେ ଗତବର୍ଷ ଜୁଲାଇ ମାସରେ ସମ୍ପର୍କୀୟ ରମେଶଙ୍କ ଜରିଆରେ ଟୁଲୁଙ୍କୁ ଯୋଗାଯୋଗ କରିଥିଲେ। ଟୁଲୁ ଚାକିରି କରାଇଦେବେ କହି ୬ ଲକ୍ଷ ଟଙ୍କାର ଡିଲ କରିଥିଲେ। ପ୍ରଭାତ ଏଥିରେ ରାଜି ହୋଇ ଟୁଲୁଙ୍କୁ ୨ ଲକ୍ଷ ଟଙ୍କା ଅଗ୍ରିମ ଦେଇ ବାକି ଟଙ୍କା ଚାକିରି ହେବା ପରେ ଦେବେ ବୋଲି କଥା ଛିଡ଼ିଥିଲା। ଗତ ଜୁଲାଇ ୯ ତାରିଖରେ ବୁଗୁଡ଼ା ଅଦାଲତରେ ଟାଇପିଷ୍ଟ ପଦବୀରେ ଚାକିରି ପାଇଥିବା ଏବଂ ଗତ ୭ ତାରିଖରେ ବୁଗୁଡ଼ା ଅଦାଲତରେ ଆବଶ୍ୟକୀୟ ପ୍ରମାଣପତ୍ର ଦାଖଲ କରି ଚାକିରିରେ ଯୋଗ ଦେବାକୁ ରେଜିଷ୍ଟ୍ରି ପୋଷ୍ଟରେ ନିଯୁକ୍ତି ପତ୍ର ପାଇବା ପରେ ପ୍ରଭାତ ଆଉ ୨ ଲକ୍ଷ ୭୧ ହଜାର ଟଙ୍କା ଟୁଲୁଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଇଥିଲେ। ୭ ତାରିଖରେ ନିଯୁକ୍ତି ପତ୍ରକୁ ଧରି ପ୍ରଭାତ ବୁଗୁଡ଼ା ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ କୋର୍ଟରେ ପହଞ୍ଚିଥିଲେ। ଯାଞ୍ଚ ବେଳେ କୋର୍ଟ କର୍ମଚାରୀମାନେ ନିଯୁକ୍ତି ପତ୍ରକୁ ନକଲି ବୋଲି ଦର୍ଶାଇଥିଲେ। ଜେଏମଏଫସି ମାଜିଷ୍ଟ୍ରେଟ ଏହି ନିଯୁକ୍ତି ପତ୍ର ଦେଖିବା ପରେ ଏହା ନକଲି ଜାଣି ବୁଗୁଡ଼ା ଥାନାକୁ ଖବର ଦେଇଥିଲେ। ପୋଲିସ ପ୍ରଭାତଙ୍କୁ ଧରି ବୁଗୁଡ଼ା ଥାନାକୁ ଆଣି ନଂ ୩୧୮/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହା ପଛରେ ଏକ ଗ୍ୟାଙ୍ଗର ହାତ ଥିବା ଜାଣିବାକୁ ପାଇଥିଲେ। ଆଇଆଇସିଙ୍କ ନେତୃତ୍ୱରେ ଏକ ଟିମ ଭଞ୍ଜନଗର ଯାଇ ରମେଶ ଓ ଟୁଲୁ ପାଣିଗ୍ରାହୀଙ୍କୁ ଗିରଫ କରିଥିଲେ। ଟୁଲୁଙ୍କ ଘରେ ଯାଞ୍ଚ ବେଳେ ବିଭିନ୍ନ ଚାକିରି ପାଇଁ ରଖାଯାଇଥିବା ଅନ ଲାଇନ ଆବେଦନ ଫର୍ମ ଏବଂ ୬୫ ହଜାର ଟଙ୍କା ଜବତ କରାଯିବା ସହ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଥିବା ୨ ଲକ୍ଷ ୩୦ ହଜାର ଟଙ୍କା ଜବତ ହୋଇଛି। ଏହି ରାକେଟରେ ଥିବା ଆଉ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଖୋଜୁଛି।

# ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଚାରାରୋପଣ

**ଛତ୍ରପୁର,୧୦।୮(ଦିଲ୍ଲୀପ ସାମଲ):** ପରିବେଶ ସୁରକ୍ଷା ନିମନ୍ତେ ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ସମ୍ପାଦକ ସିମାଞ୍ଚଳ ନାହାକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପୁରୁଣା ପୋଲିସ ଲାଇନସ୍ଥିତ ମା' ବ୍ୟାଘ୍ରଦେବୀ ମନ୍ଦିର ପାର୍ଶ୍ୱରେ ବିଭିନ୍ନ ପ୍ରକାର ବୃକ୍ଷ ଚାରାରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ପୋଲିସ ଜିଲ୍ଲାର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ (ହୋମଗାର୍ଡ) କାଳୁ ଚରଣ ବେହେରା, ସ୍ୱାଭିମାନ ସ୍ୱେଚ୍ଛାସେବୀ ସଂଗଠନ ସଭାପତି ପ୍ରଶାନ୍ତ କୁମାର ମହାରଣା, କ୍ରାନ୍ତି ଯୁବ ଛାତ୍ର ସଂଗଠନ



ସଭାପତି ଇଜୁ ମିନ ଖାନ, ସୁବାସ ସେଠି, ନିରଞ୍ଜନ ଦାଶ, ଛତ୍ରପୁର ବାଣାୟତ ଓଡ଼ିଆ ସମାଜର ଭାସ୍କର ପ୍ରଧାନ ଓ ସାଇବ ସ୍ୱାଇଁଙ୍କ ସମେତ ସମାଜର ଅନ୍ୟାନ୍ୟ ବ୍ୟକ୍ତି ମାନେ ଯୋଗ ଦେଇ ଗୋଟିଏ ଗୋଟିଏ ଚାରାରୋପଣ କରିବା ସହିତ ଏହାର ଯତ୍ନ ନେବା ନିମନ୍ତେ କହିଥିଲେ ।

# ଜିଲାସ୍ତରୀୟ କ୍ରୀଡ଼ା ଶିକ୍ଷକ କର୍ମଶାଳା



ଶିବିରରେ ଯୋଗ ଦେଇଥିବା କ୍ରୀଡା ଶିକ୍ଷକମାନେ।

**ଭଞ୍ଜନଗର,୧୦।୮(ବାବୁଲା ପ୍ରଧାନ):** ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟଠାରେ ଗଞ୍ଜାମ ଜିଲା ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନ ତରଫରୁ ଶନିବାର ଜିଲାସ୍ତରୀୟ କ୍ରୀଡା ଶିକ୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ଶାରୀରିକ ଇନ୍ସପେକ୍ଟର ଭାଗିରଥି ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭଞ୍ଜନଗର ବରିଷ୍ଠ ଗୋଷ୍ଠୀ ଶିକ୍ଷାଧିକାରୀ ଏସ. ଧନଞ୍ଜୟ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ସନ୍ତୋଷ ଜେନା, ଉପେନ୍ଦ୍ର ଭଞ୍ଜ ହାଇସ୍କୁଲର ପ୍ରଧାନଶିକ୍ଷକ ଉମାକାନ୍ତ ନାହାକ, ବରିଷ୍ଠ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ପି. ଆନନ୍ଦ ରାଓ, ସୁବାସ ଚନ୍ଦ୍ର ଗୌଡ଼ ଓ ମୋଚିରାମ ରଣସିଂହ ଯୋଗଦେଇ ଏହାର ଆଭିମୁଖ୍ୟ ସହ କ୍ରୀଡା ଶିକ୍ଷକମାନଙ୍କ ଭୂମିକା ଉପରେ କହିଥିଲେ। କ୍ରୀଡା ଶିକ୍ଷକମାନେ ବିଦ୍ୟାଳୟର ଗୁରୁଦାୟିତ୍ୱ ବହନ କରୁଥିବା କହିଥିଲେ। କର୍ମଶାଳାରେ ଅନେକଗୁଡିଏ ନୀତିନିୟମ, ନିଷ୍ପତ୍ତି ଉପରେ ଆଲୋଚନା କରାଯାଇଥିଲା। ଖେଳଗୁଡିକର ପରୀକ୍ଷା ମୂଳକ ଭାବେ ପ୍ରଦର୍ଶନ କରାଯାଇଥିଲା। ଶିବିରରେ ୨୫୦ରୁ ଊର୍ଦ୍ଧ୍ୱ କ୍ରୀଡା ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଥିଲେ।

# ଫାଇଲେରିଆ ଔଷଧ ସେବନ ଆରମ୍ଭ



**ଆସିକା,୧୦।୮(ସୁରେନ୍ଦ୍ର ନାଥ ସାହୁ):** ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଶନିବାର ଫାଇଲେରିଆ ନିରାକରଣ ନିମନ୍ତେ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମକୁ ଆସିକା ବିଧାୟକ ସରୋଜ କୁମାର ପାଢୀ ଆରମ୍ଭ କରିଛନ୍ତି। ବିଧାୟକ ପାଢୀ ପ୍ରଥମେ ଏହି ଔଷଧ ସେବନ କରିବା ସହ ଜନସାଧାରଣ ସମସ୍ତେ ଏହି ଔଷଧ ସେବନ କରିବା ଲାଗି ନିବେଦନ କରିଥିଲେ । କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ଉପନିର୍ଦ୍ଦେଶକ ଡାକ୍ତର ଶ୍ୟାମଘନ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଚିକିତ୍ସାଳୟର ଅଧୀକ୍ଷକ ଡା. ବାଳଗୋପଳ ବେହେରା, ଡା. ସୌମ୍ୟଶ୍ରୀ ସାହୁ, ବରିଷ୍ଠ ଭାଜପା ନେତା ବିଜୟ କୁମାର ସ୍ୱାଇଁ, ସଂଗୀତ ପାଢୀ, ସମ୍ବିତ ପାଢୀ, ନିରଞ୍ଜନ ମହାନ୍ତି, ନାରାୟଣ ମୁନି ପ୍ରମୁଖ ଯୋଗଦେଇଥିଲେ । ଆସିକା ଏନଏସିର ୧୮ଟି ୱାର୍ଡର ୨୩ହଜାର ଜନସାଧାରଣଙ୍କ ପାଇଁ ଏହି ଔଷଧ ସେବନ କାର୍ଯ୍ୟକ୍ରମରେ ୧୨ଜଣ ଆଶା, ୨୬ଜଣ ଅଙ୍ଗନୱାଡି କର୍ମୀ ଓ ମହିଳା ସ୍ୱାସ୍ଥ୍ୟ କର୍ମୀ ସାମିଲ ହୋଇଛନ୍ତି।

# ବିଶ୍ୱବିଦ୍ୟାଳୟ ପ୍ରଫେସରଙ୍କ ବେଲଗୁଣ୍ଠା ମହାବିଦ୍ୟାଳୟ ପରିଦର୍ଶନ



ବେଲଗୁଣ୍ଠା ସ୍ନାତକ ମହାବିଦ୍ୟାଳୟ ପରିଦର୍ଶନ କରୁଛନ୍ତି ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ପ୍ରଫେସର।

**ବେଲଗୁଣ୍ଠା,୧୦।୮(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ତରଫରୁ ଓଡ଼ିଆ ବିଭାଗ ଅଧାପକ ଡ. ଦେବୀ ପ୍ରସାଦ ଶତପଥୀ ଏବଂ ଅର୍ଥନୀତି ବିଭାଗର ଅଧାପକ ଡ. ପବିତ୍ର ସିଂ ବେଲଗୁଣ୍ଠା ସ୍ନାତକ ମହାବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଅନୁଷ୍ଠାନ ଅଧକ୍ଷ ଅଜିତ୍ କୁମାର ପଟ୍ଟନାୟକ ଉଭୟ ପ୍ରଫେସରଙ୍କୁ ସ୍ୱାଗତ କରିଥିବା ବେଳେ ସେମାନେ ଅନୁଷ୍ଠାନର ସମସ୍ତ ବିଭାଗୀୟ ମୁଖ୍ୟ, ଅଧାପିକା ଅଧାପକ ଏବଂ ସମସ୍ତ ଅଣ ଶିକ୍ଷକ କର୍ମଚାରୀଙ୍କ ସହିତ ଶିକ୍ଷାର ମାନବୃଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। ଉଭୟ ପ୍ରଫେସର୍ ମହାବିଦ୍ୟାଳୟର ଶ୍ରେଣୀଗୃହ, ପାଠାଗାର ପରିଦର୍ଶନ କରିବା ସହ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧାପିକା, ଅଧାପକ, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

# ପୂର୍ବତନ ଏନ୍ଏସି ଅଧ୍ୟକ୍ଷାଙ୍କ ବିୟୋଗ

**ଆସିକା,୧୦।୮(ସୁରେନ୍ଦ୍ର ନାଥ ସାହୁ):** ଆସିକା ଏନ୍ଏସିର ପୂର୍ବତନ ଅଧକ୍ଷା ତଥା ଏନଏସି ଅନ୍ତର୍ଗତ ବାଣୀବିହାର ବାସିନ୍ଦା ସ୍ୱରୂପାରାଣୀ ରାଉତଙ୍କ ଶନିବାର ପରଲୋକ ହୋଇଯାଇଛି। ତାଙ୍କୁ ୫୮ବର୍ଷ ହୋଇଥିଲା । ଶୁକ୍ରବାର ମୁଣ୍ଡରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ବ୍ରହ୍ମପୁର ବଡମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି । ମୃତ୍ୟୁ ସମୟରେ ସ୍ୱାମୀ ସମବାୟବିତ ସଚ୍ଚିଦାନନ୍ଦ ରାଉତ, ବଡପୁଅ ବିକ୍ରମାନନ୍ଦ ରାଉତ, ସାନପୁଅ ତଥା କାଉନସିଲର ନିଗମାନନ୍ଦ ରାଉତ, ଦୁଇ ବୋହୂ ଓ ନାତି ନାତୁଣି ଉପସ୍ଥିତ ଥିଲେ । ସ୍ୱରୂପା ଆସିକା ସେବା ସମବାୟ ସମିତିର ଉପାଧକ୍ଷା ମଧ ଥିଲେ। ମର ଶରୀରକୁ ବାସଭବନକୁ ଅଣାଯିବା ପରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

# ୨ ବର୍ଷ ହେଲା ସରୁନି ପ୍ରାଣୀ ଚିକିତ୍ସା କେନ୍ଦ୍ର ନିର୍ମାଣ କାର୍ଯ୍ୟ

**ଗଞ୍ଜାମ,୧୦।୮(ବିଦ୍ୟାଧର ସାହୁ)** ଗଞ୍ଜାମ ବ୍ଲକ ପାଲୁର ଜଙ୍କସନ ହୁମ୍ମା ରେଲୱେ ଷ୍ଟେଶନ ନିକଟରେ ଥିବା ପ୍ରାଣୀ ଚିକିତ୍ସା କେନ୍ଦ୍ର କାମ ଅଧାପନ୍ତରିଆ ହୋଇ ରହିଛି। ଦୁଇ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଏହି କେନ୍ଦ୍ରଟିର ଠିକା କାମ ଶେଷ ହେଉନାହିଁ। ବ୍ଲକ ଓ ଜିଲା ପ୍ରଶାସନ ଏହାର ଯାଞ୍ଚ କରୁନଥିବା ଅଭିଯୋଗ ହୋଇଛି। କେବେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବ ସନ୍ଦେହରେ ଅଞ୍ଚଳବାସୀ। ହୁମା ଓ ପାଲୁର ଜଙ୍କ୍ଶନ ଅଞ୍ଚଳର ସାଧାରଣ ଲୋକଙ୍କ ଗୃହପାଳିତ ପଶୁ ଅସୁସ୍ଥ କିମ୍ବା ଦୁର୍ଘଟଣା ଘଟିଲେ ରମ୍ଭା ପ୍ରାଣୀ ଚିକିତ୍ସା କେନ୍ଦ୍ରରୁ କର୍ମଚାରୀମାନେ ଆସିବାର ବିଳମ୍ବ ଯୋଗୁ ଗୃହପାଳିତ ପଶୁଙ୍କ ମୃତ୍ୟୁ ଘଟୁଥିବା ମଧ ଅଭିଯୋଗ ହୋଇଛି। ସେପଟେ ରମ୍ଭା ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଡାକ୍ତର ଓ କର୍ମଚାରୀ ଅଭାବ ହେତୁ ବିଳମ୍ବ ହେଉଛି ବୋଲି ଜଣେ କର୍ମଚାରୀ କହିଛନ୍ତି। ହୁମ୍ମା ରେଲୱେ



ଅଧାପନ୍ତରିଆ ପ୍ରାଣୀ ଚିକିତ୍ସା କେନ୍ଦ୍ର।

ଷ୍ଟେସନ ନିକଟରେ ନିର୍ମାଣ କାର୍ଯ୍ୟ ଚାଲିଥିବା ପ୍ରାଣୀ ଚିକିତ୍ସା କେନ୍ଦ୍ର ନୁହେଁ, ଅନେକ ସ୍ଥାନରେ ଅଧାପନ୍ତରିଆ ଥିବା ଦେଖିବାକୁ ମିଳୁଛି। ଚିକିତ୍ସା କେନ୍ଦ୍ରଟି କେତେ ଟଙ୍କା ବିନିମୟରେ ଟେଣ୍ଡର ଆସିଥିବାର କୌଣସି ସୂଚନାଫଳକ ବୋର୍ଡରେ ଲେଖା ଯାଇନାହିଁ। ଗଞ୍ଜାମ ଜିଲା ପ୍ରଶାସନ ଏହାର ତଦନ୍ତ କରିବା ସହ ଶୀଘ୍ର ଏହି ପ୍ରାଣୀ ଚିକିତ୍ସା କେନ୍ଦ୍ରର ନିର୍ମାଣ କାର୍ଯ୍ୟ ସାରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ପ୍ରବନ୍ଧ ପ୍ରତିଯୋଗିତା

ବ୍ରହ୍ମପୁର,୧୦।୮(ସ୍ୱାଧୀନଶେଖର ପାଢ଼ୀ)

ସ୍ୱାଧୀନତା ଦିବସ ଅବସରରେ ସ୍ଥାନୀୟ ନୂଆ ବସଷ୍ଟାଣ୍ଡ ସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନ ପକ୍ଷରୁ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଡ଼. କେ ଦେବେନ୍ଦ୍ର ସେନାପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ 'ସମୃଦ୍ଧ ଭାରତ ନିର୍ମାଣ କ୍ଷେତ୍ରରେ ଛାତ୍ର ସମାଜର ଭୂମିକା' ଉପରେ ପ୍ରତିଯୋଗୀମାନେ ପ୍ରବନ୍ଧ ଲେଖିଥିଲେ। ଅନୁଷ୍ଠାନର ଡ଼. ନାରାୟଣ ପ୍ରଧାନ, ରଶ୍ମିତା ପରିଡ଼ା, ପ୍ରଭାତ କୁମାର ସାହୁ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଯୁକ୍ତ ୩ କଳା,ବାଣିଜ୍ୟ,ବିଜ୍ଞାନ ଓ ବିବିଏ, ବିସିଏ ବିଭାଗରୁ ପ୍ରାୟ ୧୫ ପ୍ରତିଯୋଗୀ ଏଥିରେ ସାମିଲ ଥିଲେ। ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିବା କୃତି ପ୍ରତିଯୋଗୀଙ୍କୁ ସ୍ୱାଧୀନତା ଦିବସରେ ପୁରସ୍କୃତ କରାଯିବ। ଅନୁଷ୍ଠାନର ସୋନାଲି ପଣ୍ଡା ଓ ଚନ୍ଦନ ସେଠୀ ସହଯୋଗ କରିଥିଲେ ।

### ବିଦ୍ୟାଳୟ ସ୍ତରୀୟ କ୍ୟାରିୟର ମେଳା

ବ୍ରହ୍ମପୁର,୧୦।୮(ସ୍ୱାଧୀନ ଶେଖର ପାଢୀ)

ରାଳବ ସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଶନିବାର ପ୍ରଥମ ସ୍କୁଲସ୍ତରୀୟ କ୍ୟାରିୟର ମେଳା ଅନୁଷ୍ଠିତ ହୋଇଯାଇଛି । କ୍ୟାରିୟର ମେଳା ୧.୦ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଅନୁଷ୍ଠାନ ଆୟୋଜନ କରିଥିଲା । ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା ମୁଖ୍ୟ ଅତିଥି ରହି ମେଳାକୁ ଉଦଘାଟନ କରିଥିଲେ । ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବୃତ୍ତି ସୁଯୋଗ ଉପରେ ମାର୍ଗଦର୍ଶନ କରିବା ଥିଲା ମେଳାର ଉଦ୍ଦେଶ୍ୟ। ସଂପୃକ୍ତ ଶିକ୍ଷାନୁଷ୍ଠାନର ୯ରୁ୧୨ ଶ୍ରେଣୀର ପ୍ରାୟ ୫୦୦ ବିଦ୍ୟାର୍ଥୀ ଓ ସେମାନଙ୍କ ଅଭିଭାବକ ଏଥିରେ ସାମିଲ ଥିଲେ । ୩୦୦ ବିଦ୍ୟାର୍ଥୀ, ପ୍ରଧାନ ଶିକ୍ଷକ ଓ ଶିକ୍ଷକ ଏଥିରେ ଯୋଗଦେଇଥିଲେ । ଛାତ୍ରୀଛାତ୍ର ମାନେ କ୍ୟାରିୟର ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନ ପଚାରିଥିଲେ । କ୍ୟାରିୟର ପ୍ରଶିକ୍ଷଣ ଟିମ ବିଭିନ୍ନ ଏହାର ଉତ୍ତର ଦେଇଥିଲେ। ଯାହା ତାଙ୍କୁ ଭବିଷ୍ୟତରେ କ୍ୟାରିୟର ଅନୁଷନ୍ଧାନରେ ସାହାଯ୍ୟ ହୋଇପାରିବ। ଏଥିରେ ଘରୋଇ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ପାଣିଗ୍ରାହୀ, ଇ.ଟି ରାଓ, ସାର୍ଥକ, କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ଶିବପ୍ରିୟ ଦାଶ, ଅଶୋକ କୁମାର ମିଶ୍ର, ସ୍କୁଲ ପରିଚାଳନା କମିଟି ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

# ତ୍ୱରିତ ସେବା ଯୋଗାଇବାକୁ ପରାମର୍ଶ

ବ୍ରହ୍ମପୁର,୧୦।୮(ସୁବାସ ଚନ୍ଦ୍ର ପାଢ଼ୀ)

## କାଜୁଆଲ୍‌ଟିରେ ରୋଗୀଙ୍କୁ ଭେଟିଲେ ବିଧାୟକ



ବିଧାୟକ ଡାକ୍ତରଙ୍କ ସହ ଆଲୋଚନା କରୁଛନ୍ତି।

ସରକାର ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ପ୍ରାଥମିକତା ଦେଉଛନ୍ତି। ଡାକ୍ତର ଦିବସରେ ବି ସ୍ୱାସ୍ଥ୍ୟମନ୍ତ୍ରୀ ଏମ୍‌କେସିଜି ମେଡିକାଲର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଏ କ୍ଷେତ୍ରରେ ଥିବା ସରକାରୀ ଆଭିମୁଖ୍ୟକୁ ଉପସ୍ଥାପନ କରିଥିଲେ। ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ମଧ ଏ ନେଇ ଉଦ୍ୟମ ଆରମ୍ଭ କରିଛନ୍ତି। ଏମକେସିଜି ଆଶୁ ଚିକିତ୍ସା ବିଭାଗର ଜଣେ ରୋଗୀ ସମ୍ପର୍କୀୟଙ୍କ ଅଭିଯୋଗ ପାଇ ବିଧାୟକ ସେଠାରେ ପହଞ୍ଚି ସମସ୍ତ ରୋଗୀଙ୍କୁ କିଭଳି ତ୍ୱରିତ ଚିକିତ୍ସା ମିଳିବ ସେଥି ଉପରେ ଗୁରୁତ୍ୱ ଦେଇଛନ୍ତି।

ଏମକେସିଜି ମେଡିକାଲର କାଜୁଆଲିଟିରେ ଅବ୍ୟବସ୍ଥା ଲାଗି ରହିଛି। ଏଠାରେ ରୋଗୀଙ୍କୁ ତ୍ୱରିତ ସେବା ମିଳୁ ନ ଥିବା ଅଭିଯୋଗ ହେଉଛି। ଶଯ୍ୟାଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ରୋଗୀ ହନ୍ତସନ୍ତ ହୋଇପଡୁଥିବା ଦେଖାଯାଉଛି। ଏଭଳି ସ୍ଥିତିରେ ଜଣେ ରୋଗୀ ସେବା ନପାଇ ବ୍ରହ୍ମପୁର ବିଧାୟକଙ୍କ ଉପରେ ଭରସା କରିଥିଲେ। ବିଧାୟକ କାଜୁଆଲିଟିରେ ପହଞ୍ଚିଥିଲେ। ସେଠାରେ ଥିବା ରୋଗୀ ସମ୍ପର୍କୀୟମାନେ ଡାକ୍ତରଙ୍କ କିଭଳି ସେବାରେ ଅବହେଳା, ଶଯ୍ୟା ଅଭାବ ଆଦି ବିଷୟରେ ଅଭିଯୋଗ କରିବା ପରେ ବିଧାୟକ ପ୍ରଥମେ ମେଡିକାଲର ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡା ଓ ବିଭାଗୀୟ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ବଡ ମେଡିକାଲର ମୁଖଶାଳା ହେଉଛି କାଜୁଆଲିଟି। ଏଠାରେ ଯଦି ରୋଗୀଙ୍କୁ ଉତ୍ତମ ବ୍ୟବହାର ମିଳିବ ତେବେ ରୋଗ ଅଧେ ଭଲ ହୋଇଯିବ। ଏ କ୍ଷେତ୍ରରେ ଗୁରୁତ୍ୱ ଦେବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଆଶୁ ଚିକିତ୍ସା ବିଭାଗରେ ଥିବା ଅନ୍ୟାନ୍ୟ ୱାର୍ଡରେ ଥିବା ରୋଗୀମାନଙ୍କୁ ବିଧାୟକ ଭେଟି ସେଠାରେ ଠିକ ଭାବେ ସେବା ମିଳୁଛି କି ନାହିଁ ପଚାରି ବୁଝିଥିଲେ। ଏଥି ସହିତ ମାଗଣା ଔଷଧ ମିଳୁଛି କି ନାହିଁ ରୋଗୀଙ୍କ ସହ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟସେବାରେ ଯେଭଳି ବାଧା ନ ଉପୁଜିବ ସେଥିନେଇ ସେଠାରେ ଥିବା ଡାକ୍ତରଙ୍କ ମତାମତ ଲୋଡିଥିଲେ। ଅନ୍ୟାନ୍ୟ ସମସ୍ୟା ସଂକ୍ରାନ୍ତରେ ରେଜିଷ୍ଟ୍ରାରଙ୍କ ସହ ଆଲୋଚନା କରି ଏହାର ସମସ୍ୟା କିଭଳି ସମାଧାନ ହେବ ସେଥିପାଇଁ ପରାମର୍ଶ ଲୋଡିଥିଲେ। ତାହାକୁ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବାକୁ ବିଧାୟକ କହିଥିଲେ। ଏ ସଂକ୍ରାନ୍ତରେ ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡାଙ୍କୁ ପଚାରିବାରୁ ସେ କହିଥିଲେ ଯେ, ବିଧାୟକ ହସ୍ପିଟାଲ ଆସି ରୋଗୀଙ୍କୁ ଅଣଦେଖା କରାଯାଉଥିବା ସମ୍ପର୍କରେ ଆଲୋଚନା କରିଥିଲେ। କାଜୁଆଲିଟିରେ ରୋଗୀଙ୍କୁ ଉତ୍ତମ ଚିକିତ୍ସା ଦେବା ପାଇଁ ସେଠାରେ କାର୍ଯ୍ୟରତ ଡାକ୍ତରଙ୍କୁ ସେ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ବିଧାୟକ କେ. ଅନିଲ କୁମାରଙ୍କୁ ପଚାରିବାରୁ ସେ କହିଥିଲେ ଯେ, ବଡ ମେଡିକାଲ ଦକ୍ଷିଣ ଓଡ଼ିଶାର ଏକ ପ୍ରମୁଖ ସ୍ୱାସ୍ଥ୍ୟ କେନ୍ଦ୍ର। ଏଠାକୁ ବହୁ ଅଞ୍ଚଳରୁ ରୋଗୀମାନେ ଉତ୍ତମ ଚିକିତ୍ସା ସେବା ମିଳିବା ଆଶା ନେଇ ଆସିଥାନ୍ତି। ତେଣୁ ସେମାନଙ୍କୁ ତ୍ୱରିତ ସେବା ଯୋଗାଇଦେବା ପାଇଁ ପରାମର୍ଶ ଦେଇଥିବା କହିଛନ୍ତି। ବିଧାୟକଙ୍କ ପରିଦର୍ଶନ ବେଳେ ତାଙ୍କ ପ୍ରତିନିଧି ତଥା ଆଇନଜୀବୀ ଅଶୋକ କୁମାର ଶୁକ୍ଳ ପ୍ରମୁଖ ଉପସ୍ଥିତ ଥିଲେ।

## 'ବିନା ଔଷଧରେ ସୁସ୍ଥ ଜୀବନ ଯାପନ' ଆଲୋଚନାଚକ୍ର




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ମଞ୍ଚର ନେତୃବୃନ୍ଦ।

ବ୍ରହ୍ମପୁର,୧୦।୮(ସ୍ୱାଧୀନ ଶେଖର ପାଢ଼ୀ)

'ବିନା ଔଷଧରେ ସୁସ୍ଥ ଜୀବନ ଯାପନ' ଶୀର୍ଷକ ଏକ ଆଲୋଚନା ଚକ୍ର ଶନିବାର ଲାଞ୍ଜିପଲ୍ଲୀ ବରିଷ୍ଠ ନାଗରିକ ମଞ୍ଚର ହସ, ଯୋଗ ଓ ବ୍ୟାୟାମ କେନ୍ଦ୍ର ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ପ୍ରଫେସର ଡ. ଭାସ୍କର ପାଢ଼ୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚ ସଂପାଦକ ସୁରେଶ ଜେନା ପ୍ରାରମ୍ଭିକ ସୂଚନା ଦେଇଥିଲେ। ବ୍ୟାୟାମ ଗୁରୁ ଶିବରାମ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଆଲୋଚକ ପ୍ରକୃତି ଚିକିତ୍ସକ ଡା.ପ୍ରକାଶ ଚନ୍ଦ୍ର ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି ଡଃ ପାଢ଼ୀ ମାତୃଗର୍ଭରେ ଭ୍ରୁଣର ସ୍ଥିତି ଓ ବିକାଶ ଉପରେ ସେ ଆଲୋକପାତ କରିଥିଲେ। ମୁଖ୍ୟ ଆଲୋଚକ ଡା ନନ୍ଦ ମନୁଷ୍ୟର ଦୈନିକ ଜୀବନଚର୍ଯ୍ୟାର ସମୀକ୍ଷା କରିଥିଲେ। ସଦସ୍ୟ ରାଜ କିଶୋର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ଯୋଗ ଗୁରୁ ବିଭୂତି ଭୂଷଣ ବେହେରା, ହସ ଗୁରୁ ସୁଜନ ଶୁକ୍ଳ, ଉପ ସଭାପତି ପ୍ରଫେସର ଡଃ ଅରୁଣ କୁମାର ପଣ୍ଡା, ସହ ସଂପାଦକ ଇଂ. ବିନୋଦ କୁମାର ପାଣିଗ୍ରାହୀ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପାତ୍ର, ଉପଦେଷ୍ଟା କେ.କ୍ରିଷ୍ଣା ରାଓ, ସତ୍ୟବାଦୀ ମହାରଣା, ବି.ସୁବା ରାଓ, ଶାନ୍ତନୁ ମିଶ୍ର, ହରିବନ୍ଧୁ ସାହୁ, କୈଳାସ ବେହେରା, ଅଭିମନ୍ୟୁ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ମହାମାୟୀ ମହିଳା କଲେଜର ଆନ୍ତଃ ବିଭାଗୀୟ ଆଲୋଚନାଚକ୍ର




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର,୧୦।୮(ସ୍ୱାଧୀନ ଶେଖର ପାଢ଼ୀ)

ମହାମାୟୀ ମହିଳା ମହାବିଦ୍ୟାଳୟ ଇଣ୍ଟରନାଲ କ୍ୱାଲିଟି ଏସ୍ୟୁରାନ୍ସ ସେଲ (ଆଇକ୍ୟୁଏସି) ପକ୍ଷରୁ ଶନିବାର ଆନ୍ତଃ ବିଭାଗୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ଡ.ନିବେଦିତା ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିଶୁ ଓ ବୃଦ୍ଧ ସମ୍ବନ୍ଧୀୟ ସମସ୍ୟା ଓ ସମାଧାନ ଉପରେ ଆଲୋଚନା ହୋଇଥିଲା। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ଼ ଅରୁନ୍ଧତୀ ରଥ ଯୋଗଦେଇ ଉପାଦେୟ ମତ ରଖିଥିଲେ। ପ୍ରଶାସନିକ ଅଧିକାରିଣୀ ଡ଼ ଜୟନ୍ତୀ ରାଣୀ ପଣ୍ଡା, ଆଇକ୍ୟୁଏସି ସଂଯୋଜିକା ଡ଼.ସୁଜାତା ପଣ୍ଡିତ , ସଦସ୍ୟା ଡ଼. ସ୍ୱର୍ଣ୍ଣଲତା ପଟ୍ଟନାୟକଙ୍କ ସମେତ ସମସ୍ତ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଓ ଅଧ୍ୟାପକ ଯୋଗ ଦେଇଥିଲେ। କଲେଜର ବହୁ ଛାତ୍ରୀ ପ୍ରଶ୍ନଉତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

# ଗଞ୍ଜାମକୁ ଫାଇଲେରିଆ ମୁକ୍ତ କରିବାକୁ ଆହ୍ୱାନ

ବ୍ରହ୍ମପୁର,୧୦।୮(ସ୍ୱାଧୀନ ଶେଖର ପାଢୀ)




କାର୍ଯ୍ୟକ୍ରମରେ ଉପସ୍ଥିତ କୁଳପତି ଗୀତାଞ୍ଜଳି ଦାସଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନୂତନ ସମ୍ମିଳନୀ କକ୍ଷରେ ଶନିବାର ଫାଇଲେରିଆ ନିରାକରଣ ଅଭିଯାନ ଜରିଆରେ ଜିଲାସ୍ତରୀୟ ସାମୂହିକ ଔଷଧ ସେବନ ଓ ଜାତୀୟ କୃମିନାଶକ ଦିବସ ପାଳିତ ହୋଇଥିଲା। କାର୍ଯ୍ୟକ୍ରମକୁ ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏନଏସଏସ, ବିଲ ଗେଟ୍ସ ଫାଉଣ୍ଡେଶନ ଓ ଭାରତୀୟ ଫାର୍ମାସୀ ପରିଷଦ ମିଳିତ ଭାବେ ଆୟୋଜନ କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ କୁଳସଚିବ ସଚ୍ଚିଦାନନ୍ଦ ନାୟକ, ଚିଫ ଡେଭଲପମେଣ୍ଟ ଅଫିସର ତଥା ଗଞ୍ଜାମ ପରିଷଦ ନିର୍ବାହୀ ଅଧିକାରୀ ମିସ. ମଧୁମିତା ଯୋଗ ଦେଇ ଜିଲାକୁ ଫାଇଲେରିଆ ମୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ। ସିଡ଼ିଏମଓ ଡା. ଉମାକାନ୍ତ ମିଶ୍ର ଫାଇଲେରିଆ ରୋଗ ବିଷୟରେ ଆଲୋକପାତ କରିଥିଲେ। ଗଞ୍ଜାମ ଜିଲା ପ୍ରଶାସନ ଏଡ଼ିଏମ ଦେବବ୍ରତ ସାହୁ, ପିଡ଼ି ଡ୍ରୁଡା ରବୀନ୍ଦ୍ର କୁମାର ପଟେଲ, ଏଡ଼ିପିଏଚଓ ଗଞ୍ଜାମ ଡ. ସନ୍ତୋଷ କୁମାର ପାଢ଼ୀ, ରଙ୍ଗେଇଲୁଣ୍ଡା ବିଡିଓ ଅଂଶୁମାନ ମହାପାତ୍ର, ଡିପିଏମ ଗଞ୍ଜାମ ଶ୍ୟାମ ସୁନ୍ଦର ତ୍ରିପାଠୀ, ବିଏମଜିଏଫର ଡେପୁଟି ଡାଇରେକ୍ଟର ଡ. ସୁନୀତା କ୍ରିଷ୍ଣନ, ଡ଼. ରବି ଶଙ୍କର ପଣ୍ଡିତ, ରାଜଶ୍ରୀ ଦାଶ, ରାଜ୍ୟ ସଂଯୋଜକ ଡ଼. ଅଜିତ ବସନ୍ତରାୟ, ସିଏସଆର ମୁଖ୍ୟ ଜୋସେଫ କିରଣ କୁମାର, ଜିଏଚଏସର ଅଙ୍କିତ ଚୌହାନ, ଜୀବନ କୁମାର ସାମନ୍ତ ସୀଙ୍ଗେ, ଜିଲା କନସୁଲାଣ୍ଟ ସୁଜିତ କୁମାର କାର୍ଜି ପ୍ରମୁଖ ଉପସ୍ଥିତ ଥିଲେ। ନିଜେ ଫାଇଲେରିଆ ମୁକ୍ତ ହେବା ସହ ସାଙ୍ଗସାଥୀ, ପରିବାର, ବନ୍ଧୁବର୍ଗ ଫାଇଲେରିଆ ଔଷଧ ସେବନ କରି ନିଜକୁ ମୁକ୍ତ କରିବାକୁ ପରାମର୍ଶ ଦେଇଥିଲେ। ଜାତୀୟ ସେବା ଯୋଜନା ଜିଲା କାର୍ଯ୍ୟକାରୀ ଅଧିକାରୀ ଗଣେଶ ସାହୁ ଧନ୍ୟବାଦ ଦେଇଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଏନଏସଏସ କାର୍ଯ୍ୟକାରୀ ଅଧିକାରୀ ଡ. ଶଙ୍କର୍ଷଣ ମଲ୍ଲିକ ଏବଂ ଗଞ୍ଜାମ ଜିଲା ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ଅଧିକାରୀ ଡ. ସୁଜିତ କାର୍ଜି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏନଏସଏସର ଶତାଧିକ ସ୍ୱେଚ୍ଛାସେବୀ, କାର୍ଯ୍ୟକାରୀ ଅଧିକାରୀ, ସ୍ୱାସ୍ଥ୍ୟ ଓ କଲ୍ୟାଣ ବିଭାଗ ଆଶାକର୍ମୀ, ସ୍ୱାସ୍ଥ୍ୟ କର୍ମୀ ଏଥିରେ ଯୋଗ ଦେଇଥିଲେ। ଏହି ଅବସରରେ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଥିଲା। ଏହା ୧୦ ଦିନ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନ ପରିକ୍ରମା କରିବ।

## ୩ କାର୍‌ରୁ ଗଞ୍ଜେଇ ଜବତ, ୪ ଗିରଫ

ବ୍ରହ୍ମପୁର,୧୦।୮(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରକୁ ଗଞ୍ଜେଇ ଚାଲାଣ କରୁଥିବା ୩ଟି କାରକୁ ଅବକାରୀ ଗୋଇନ୍ଦା ବିଭାଗ ଜବତ କରିଛି । ସେଥିରୁ ମୋଟ ୬୬ କେଜି ଗଞ୍ଜେଇ ଜବତ କରାଯିବା ସହ ୪ ଜଣଙ୍କୁ ଗରିଫ କରାଯାଇଛି। ସେମାନେ ହେଲେ ନୟାଗଡ ଜିଲା ଫତେଗଡ ଥାନା ହନୁମନ୍ତପ୍ରସାଦ ଗ୍ରାମର ସନ୍ତୋଷ ପାତ୍ର, କଟକ ଜିଲା ନିଆଳି ଥାନା ଆଠଗାଁର ଅନିରୁଦ୍ଧ ସାହୁ, କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଡମବାଡେଇ ଗ୍ରାମର ସୁଶାନ୍ତ ଦିଗାଲ ଓ ଜରକିରାହା ଗ୍ରାମର ପଇତ ଦିଗାଲ। ଆସିକା ପଟୁ ବ୍ରହ୍ମପୁର ସହରକୁ ଏକାଧିକ କାରରେ ଗଞ୍ଜେଇ ଚାଲାଣ ହେଉଥିବା ଖବରପାଇ ବିଭାଗର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସ୍ନେହଲତା ନାୟକଙ୍କ ନିର୍ଦ୍ଦେଶରେ ଏସଆଇ ଅଜିତ ନାୟକ ଏବଂ ତାଙ୍କ ଟିମ ଆଙ୍କୁଶପୁର ଛକରେ ଗାଡି ଯାଞ୍ଚ ଆରମ୍ଭ କରିଥିଲେ । ଆସିକାପଟୁ ଆସୁଥିବା ଏକ ବୋଲେରୋକୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ୨୨ କେଜି ଗଞ୍ଜେଇ ମିଳିଥିଲା। ପରେ ପରେ ଆଉ ଦୁଇଟି ଗାଡିରୁ ୨୨ କେଜି ଲେଖାଏ ଗଞ୍ଜେଇ ମିଳିଥିଲା। ସମସ୍ତ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି ।

## ରଷିକୁଲ୍ୟା ହିଡ଼ରେ ତାଳ, ବଟ ଚାରାରୋପଣ

ବ୍ରହ୍ମପୁର,୧୦।୮
(ଅଶୋକ କୁମାର ସାହୁ)



ରଷିକୁଲ୍ୟା ହିଡରେ ଚାରା ରୋପଣ କରାଯାଉଛି।

ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ ପକ୍ଷରୁ ଚଳିତବର୍ଷ ଆରମ୍ଭ ହୋଇଥିବା ବନୀକରଣ କାର୍ଯ୍ୟକ୍ରମର ୪୬ତମ ଦିବସରେ ରଷିକୁଲ୍ୟା ହିଡରେ ତାଳ ଓ ବଟ ବୃକ୍ଷ ଚାରାରୋପଣ କରାଯାଇଛି। ୫୦ ବରଗଛ ସହ ୫୦୦ ତାଳଟାଙ୍କୁ ଲଗାଯାଇଛି। ତାଳ ଓ ବରଗଛ ବନ୍ୟା ଜଳକୁ ପ୍ରତିହତ କରିବା ସହ କୂଳ ସୁରକ୍ଷାର କ୍ଷମତା ରହିଛି। ପୂର୍ବରୁ ବନୀକରଣ କରାଯାଇଥିବା ୨୦ ପାହାଡ଼ ଓ ନୂଆ ଏକ ଛୋଟ ଲଣ୍ଡା ପାହାଡ଼ରେ ବନୀକରଣ ପାଇଁ ପ୍ରାୟ ୧ ଲକ୍ଷ ୪୦ ହଜାର ମଞ୍ଜିଗୁଳା ଓ ୬ ଲକ୍ଷ ମଞ୍ଜି ବ୍ୟବହାର କରାଯାଇଥିଲା। ୨୦୦୮ରୁ ଉକ୍ତ ଫାଉଣ୍ଡେଶନ ଜଳ ଓ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦେଇ ଆସିଛି। ଏହି କ୍ରମରେ ବିଭିନ୍ନ ଅଞ୍ଚଳରେ ୮୦ ହଜାରରୁ ଊର୍ଦ୍ଧ୍ୱ ଚାରା ରୋପଣ ସହ ଦୁଇଟି ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରିଛି ଓ ୨୦ଟି ଲଣ୍ଡା ପାହାଡ଼କୁ ସବୁଜିମା କରିଛି। ଏହି ପରିପ୍ରେକ୍ଷୀରେ ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନର ସ୍ୱେଚ୍ଛାସେବୀ ସୁଧୀର ରାଉତ କହିଛନ୍ତି, ଆଗାମୀ ଦିନରେ ବିଶ୍ୱ ସମ୍ମୁଖୀନ ହେବାକୁ ଥିବା ବିପଦକୁ ଆଖି ଆଗରେ ରଖି ଅନୁଷ୍ଠାନ ପକ୍ଷରୁ ଏଭଳି ପ୍ରୟାସ ଜାରି ରହିଛି। ନିଜସ୍ୱ ଅନୁଦାନରେ ଏଭଳି ପ୍ରୟାସ କରାଯାଉଥିବାରୁ ଅନେକ ସ୍ୱେଚ୍ଛାସେବୀ ଓ ସ୍କୁଲ କଲେଜ ଛାତ୍ରୀଛାତ୍ର ସ୍ୱତଃସ୍ଫୂର୍ତ୍ତ ଭାବେ ଶ୍ରମଦାନ କରୁଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବୃକ୍ଷ ପ୍ରେମୀ ଯୋଗୀ ପାଢୀଙ୍କ ସମେତ ଆର୍ଯ୍ୟଭଟ୍ଟ ସ୍ୱେଚ୍ଛାସେବୀ ଶକୁନ୍ତଳା ଦେବୀ, ସବିତା ସାହୁକାର, ଅଞ୍ଜଳି ମହାନ୍ତି, ସୁଶାନ୍ତ ମହାନ୍ତି, ଭୀର ରାଜୁପାତ୍ର, କେ.ଘନଶ୍ୟାମ, ତପନ ରେଡି, ହିମାଂଶୁ ସାହୁକାର,ଶୁଭେନ୍ଦୁ ପାତ୍ର, ମାଧବ ନାୟକ ଓ ସୁଧୀର ରାଉତ ଅଂଶଗ୍ରହଣ କରିଥିଲେ।

# ଏମ୍‌କେସିଜି ଛାତ୍ର ସଂଘର କ୍ୟାଣ୍ଡେଲ ଶୋଭାଯାତ୍ରା



କ୍ୟାଣ୍ଡେଲ ଶୋଭାଯାତ୍ରାରେ ଉପସ୍ଥିତ ଛାତ୍ରୀଛାତ୍ର।

ବ୍ରହ୍ମପୁର,୧୦।୮(ସୁବାସ ଚନ୍ଦ୍ର ପାଢ଼ୀ)

ପଶ୍ଚିମବଙ୍ଗର ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ପିଜି ଡାକ୍ତରାଣୀ ମୌମିତା ଦେନାଥଙ୍କ ସନ୍ଦେହଜନକ ହତ୍ୟା ଘଟଣାକୁ ଏମକେସିଜି ମେଡିକାଲ କଲେଜ ଛାତ୍ର ସଂଘ ପକ୍ଷରୁ ନିନ୍ଦା କରାଯାଇଛି । ତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ଦାବି ସହ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସଂଘ ପକ୍ଷରୁ ଶନିବାର ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏମ୍‌କେସିଜି କଲେଜ ପ୍ରଶାସନିକ କୋଠାରେ ଏମବିବିଏସ ଛାତ୍ର ସଂଘ ଓ କନିଷ୍ଠ ଡାକ୍ତର ସଂଘର କର୍ମକର୍ତ୍ତା ଓ ସଦସ୍ୟ ଏକତ୍ରିତ ହୋଇ ମୃତ ଡାକ୍ତରୀ ଛାତ୍ରୀଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରିଥିଲେ। ଏହି ଘଟଣାର ଉପଯୁକ୍ତ ତଦନ୍ତ କରି ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦାବି କରିଥିଲେ । ଶୋଭାଯାତ୍ରାରେ ଏମବିବିଏସ ସଂଘ ସଭାପତି କୃଷ୍ଣ କୁମାର ମହାପାତ୍ର ଓ ଜୁନିୟର ଡାକ୍ତର ସଂଘ ସଭାପତି ସୁବାଶିଷ ବେହେରାଙ୍କ ସମେତ ବହୁ ଡାକ୍ତରୀ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

## କଲେଜ ଉନ୍ନୟନ ପରିଷଦର ବୈଠକ

ବ୍ରହ୍ମପୁର,୧୦।୮(ସ୍ୱାଧୀନଶେଖରପାଢୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସିନେଟ ହଲ ଠାରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ଅଧ୍ୟକ୍ଷତାରେ କଲେଜ ଉନ୍ନୟନ ପରିଷଦର ବୈଠକ ହୋଇଥିଲା। ଏଥିରେ ସମୂହ କଲେଜର ଉନ୍ନୟନ ପରିଷଦର ନିର୍ଦ୍ଦେଶକ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, ଆଇକ୍ୟୁଏସିର ନିର୍ଦ୍ଦେଶକ ପ୍ରଫେସର ସୁଧାକର ପାତ୍ର, ଉଚ୍ଚ ଶିକ୍ଷା ବିଭାଗର ଯୁଗ୍ମ ସଚିବ ମନ ରଞ୍ଜନ ନାୟକ ଉପସ୍ଥିତ ରହି କଲେଜ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏଥିରେ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ଅଧୀନରେ ଥିବା ୧୬ କଲେଜର ଅଧ୍ୟକ୍ଷା ଅଧ୍ୟକ୍ଷ ଓ ପ୍ରତିନିଧି ଯୋଗ ଦେଇଥିଲେ। ପ୍ରଫେସର ସୁଧାକାର ପାତ୍ର ଧନ୍ୟବାଦ ଦେଇଥିଲେ ।

## ବିନାୟକ ଆଚାର୍ଯ୍ୟ କଲେଜରେ ବିଶ୍ୱ ଜୈବ ଇନ୍ଧନ ଦିବସ

ବ୍ରହ୍ମପୁର,୧୦।୮(ସ୍ୱାଧୀନ ଶେଖର ପାଢ଼ୀ)

ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଶନିବାର ବିଶ୍ୱ ଜୈବ ଇନ୍ଧନ ଦିବସ ପାଳିତ ହୋଇଯାଇଛି। ଜୈବ ଇନ୍ଧନର ଉପକାରିତା ଓ ସ୍ୱଚ୍ଛ ପରିବେଶ ନିର୍ମାଣ କରିବା ପ୍ରୟାସରେ ବିଭାଗୀୟ ମୁଖ୍ୟ ଡ଼. । ମାନା ମିଲିଆନଙ୍କ ତତ୍ତ୍ୱାବଧାନରେ ଚାରା ରୋପଣ କାର୍ଯ୍ୟକ୍ରମ ହୋଇଥିଲା। କଲେଜର ଅଧ୍ୟକ୍ଷା ଡ଼.ପ୍ରମିଳା ଖାଡ଼ଙ୍ଗା କଲେଜ କ୍ୟାମ୍ପସରେ ଚାରା ରୋପଣ କରି କଲେଜ ବିଦ୍ୟାର୍ଥୀଙ୍କୁ ଏନେଇ ପ୍ରୋତ୍ସାହିତ କରିଥିଲେ। ଏଥିରେ ପ୍ରଶାସନିକ ଅଧିକାରୀ ଆନନ୍ଦ ସେଠୀ, କନିଷ୍ଠ ଅଧ୍ୟାପିକା ଡ଼.ଶୁଭଶ୍ରୀ ଅପରାଜିତା, ପିଇଟି ଗୌରୀ ପାତ୍ର, ଆମୋସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିଭାବକ, ଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟି ବୈଠକ

ବ୍ରହ୍ମପୁର,୧୦।୮(ସ୍ୱାଧୀନ ଶେଖର ପାଢ଼ୀ)

ସରକାରୀ ନିର୍ଦ୍ଦେଶ ଅନୁସାରେ ଅଭିଭାବକ, ଶିକ୍ଷକ, ବିଦ୍ୟାଳୟ ପରିଚାଳନା ଏବଂ ଉନ୍ନୟନ କମିଟିକୁ ନେଇ ଶନିବାର ସହରର ସମସ୍ତ ବିଦ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ସରକାରୀ, ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଅଭିଭାବମାନଙ୍କୁ ନେଇ ବୈଠକ ହୋଇଥିଲା। ଛାତ୍ରୀଛାତ୍ରଙ୍କ ବୌଦ୍ଧିକ, ସହବୌଦ୍ଧିକ ଗୁଣାବଳୀର ବିକାଶ କରିବା, ରାଜ୍ୟ ସରକାରଙ୍କ ପକ୍ଷରୁ ବିଦ୍ୟାର୍ଥୀଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ, ଶୈକ୍ଷିକ ଅଭିବୃଦ୍ଧି ନିମନ୍ତେ ଶିକ୍ଷଣ ସାମଗ୍ରୀ ଯୋଗାଣ ଏବଂ ସେପ୍ଟେମ୍ବର ୧ରୁ ୧୫ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷ ପାଳନ ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିପରି ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ନିରାପତ୍ତା ବ୍ୟବସ୍ଥା, ଅନଲାଇନ ସୁରକ୍ଷା ଓ ସାଇବର ସଚେତନାତା, ବିଦ୍ୟାଳୟରେ ୟୁଥ ଏବଂ ଇକୋ କ୍ଳବ ଗଠନ, ବିଦ୍ୟର୍ଥୀଙ୍କ ବୟସ ଅନୁଯାୟୀ ଉପଯୁକ୍ତ ଶ୍ରେଣୀରେ ନାମଲେଖାଇବା ଓ ନିୟମିତ ଭାବରେ ଶିକ୍ଷା ସମାପ୍ତିକୁ ସୁନିଶ୍ଚିତ କରିବା ସମ୍ପର୍କରେ ଆଲୋଚନ କରାଯାଇଥିଲା। ଏହା ସହ ବେଟି ବଚାଓ ବେଟି ପଢ଼ାଓ, କୈଶୋର ଛାତ୍ରୀମାନଙ୍କ ପାଇଁ ଇନ୍ସିନେଟର ଓ ଭେଣ୍ଡିଂ ମେସିନର ବ୍ୟବସ୍ଥା ଏବଂ ଅଭିଭାବକମାନଙ୍କ ଠାରୁ ବିଦ୍ୟାଳୟ ଶିକ୍ଷାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଗଠନମୂଳକ ପ୍ରସ୍ତାବକୁ ନେଇ ଆଲୋଚନା ହୋଇଥିଲା। ଏହା ସହ ବିଦ୍ୟାଳୟ ଗୁଡ଼ିକରେ ଥିବା ଶ୍ରେଣୀ ଗୃହ ଅଭାବ, ପାନୀୟ ଜଳାଭାବ ଓ ଶିକ୍ଷକ ଅଭାବସମେତ ବିଭିନ୍ନ ସମସ୍ୟା ସମ୍ପର୍କରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଅଭିଭାବକ ମାନେ ଆଲୋଚନା କରିଥିଲେ। ସମାଧାନ ପାଇଁ ପଦେକ୍ଷପ ନେବାକୁ କୁହାଯାଇଥିଲା। କିଛି ବିଦ୍ୟାୟରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ଶୌଚାଳୟ ନଥିବା ନେଇ ଅଭିଭାବକମାନେ ଅଭିଯୋଗ କରିଥିଲେ। ସହରର ବହୁ ପ୍ରାଥମିକ ବିଦ୍ୟାଳୟ ସମେତ ସହରର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୈଠକ ନିମନ୍ତେ କୋଠାର ଅଭାବ ରହିଛି। ସ୍କୁଲର ବିଭିନ୍ନ କୋଠାରେ ବୈଠକ ହୋଇଥିବା ବେଳେ ସ୍ଥାନ ଅଭାବରୁ ଅନେକ ଅଭିଭାବକ ଦସ୍ତଖତ କରି ବୈଠକରେ ଯୋଗ ନ ଦେଇ ଫେରିଯାଇଥିଲେ। ଅନ୍ୟପକ୍ଷରେ ବର୍ଷକୁ ୪ ଥର ଏହି ବୈଠକ ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି।

## ଗଞ୍ଜାମରେ ୩୭ ଡେଙ୍ଗୁ ପଜିଟିଭ

ବ୍ରହ୍ମପୁର,୧୦।୮(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲାରେ ଏ ଯାବତ ୩୭ ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇଛନ୍ତି। ଜିଲାର ଆଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳରୁ ୨, ବମୋକେଇ ଅଞ୍ଚଳରୁ ୩, ବଡଗଡ ଅଞ୍ଚଳରୁ ୨, ଧରାକୋଟ ଅଞ୍ଚଳରୁ ଜଣେ, ଚିକିଟିରୁ ୩, ବେଲଗୁଣ୍ଠା ଅଞ୍ଚଳରୁ ୩ ଏବଂ ଗାଲେରୀ, କୁକୁଡାଖଣ୍ଡି, ଖଣ୍ଡଦେଉଳି, କୋଦଳା ଅଞ୍ଚଳରୁ ଜଣେ ଲେଖାଏ, କେଲୁଆପଲ୍ଲୀ ଅଞ୍ଚଳରୁ ୨, ପାତ୍ରପୁର ଅଞ୍ଚଳରୁ ୪, ବ୍ରହ୍ମପୁର ମହାନଗର ନିଗମରୁ ୯ ଚିହ୍ନଟ ହୋଇଛନ୍ତି। ସମସ୍ତ ରୋଗୀଙ୍କୁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିକିତ୍ସା କରାଯାଇଛି। ଅନେକ ଜଣଙ୍କୁ ଏମକେସିଜିର ସ୍ୱତନ୍ତ୍ର ଡେଙ୍ଗୁ ୱାର୍ଡରେ ଭର୍ତ୍ତି କରାଯାଇଛି। ଅନେକ ସୁସ୍ଥ ହୋଇ ଫେରିଛନ୍ତି। ଡେଙ୍ଗୁ ପଜିଟିଭ ଚିହ୍ନଟ ଅଞ୍ଚଳରେ ଲାର୍ଭା ନଷ୍ଟ କରାଯାଉଛି। ଚିହ୍ନଟ ୩୭ ପଜିଟିଭ ମଧ୍ୟରୁ ୨୧ ଜଣ ବହାର ରାଜ୍ୟରେ ରହି କାମ କରୁଥିବା ବେଳେ ଡେଙ୍ଗୁରେ ପୀଡିତ ହୋଇ ଗଞ୍ଜାମକୁ ଫେରିଛନ୍ତି ।

# ରକ୍ତହୀନତା ଦୂର ପାଇଁ ସ୍ୱାସ୍ଥ୍ୟ ବିଭାଗର ଗୁରୁତ୍ୱ

ବ୍ରହ୍ମପୁର ,୧୦।୮(ସୁବାସ ଚନ୍ଦ୍ର ପାଢ଼ୀ)



ଜଣେ ଛାତ୍ରଙ୍କୁ କୃମିନାଶକ ଔଷଧ ଖୁଆଯାଉଛି।

ରକ୍ତହୀନତା ଓ ଅପପୁଷ୍ଟି ଦୂର ପାଇଁ ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱ ଦେଇଛି। ତେଣୁ ଶନିବାର ଜାତୀୟ କୃମି ନାଶକ ଦିବସରେ ଆଲବେଣ୍ଡାଜଲ ଔଷଧ ପ୍ରଦାନ କରି କାର୍ଯକ୍ରମ ଆରମ୍ଭ କରିଛି। ଜିଲା ସ୍ୱାସ୍ଥ୍ୟ ଓ ଶିକ୍ଷା ବିଭାଗ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସିଟି ହାଇସ୍କୁଲରେ ଜିଲା ସ୍ୱାସ୍ଥ୍ୟ ବିକାଶ ସମିତି ତରଫରୁ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ବିଇଏମସି ମେୟର ସଂଘମିତ୍ରା ଦଳାଇ ଯୋଗଦେଇ ଏହାକୁ ଉଦଘାଟନ କରି 'ଆଲବେଣ୍ଡାଜଲ' ଖାଇବା ଦ୍ୱାରା ଛାତ୍ରୀଛାତ୍ରଙ୍କ ରକ୍ତହୀନତା ସମସ୍ୟା ଦୂର ହେବ ବୋଲି ସେ କହିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟାଧିକାରୀ (ସିଡିଏମଓ) ଡା. ଉମାଶଙ୍କର ମିଶ୍ର ଏହି ଅବସରରେ କେତେକ ଛାତ୍ରୀଙ୍କୁ କୃମି ନାଶକ ଔଷଧ ଖୁଆଇଥିଲେ। ଜିଲାରେ ୧୧ ଲକ୍ଷ ପିଲାଙ୍କୁ ଏହି ଔଷଧ ଖାଇବାକୁ ଦିଆଯିବ ବୋଲି ସେ କହିଥିଲେ। ଏହି ଔଷଧ ଖାଇବା ଦ୍ୱାରା ରକ୍ତହୀନତା ନିୟନ୍ତ୍ରଣ, ଶିକ୍ଷା ଦକ୍ଷତା ବୃଦ୍ଧି ହେବ ଓ ପୁଷ୍ଟିହୀନତାରୁ ରକ୍ଷା ମିଳିବ। ଜାତୀୟ କୃମିନାଶକ ଦିବସର ମୂଳ ଲକ୍ଷ୍ୟ ହେଉଛି ପିଲାମାନଙ୍କ ସ୍ୱାସ୍ଥ୍ୟ, ପୋଷଣ ସ୍ଥିତି, ଶିକ୍ଷା ତଥା ଜୀବନଶୈଳୀରେ ଉନ୍ନତି ଆଣିବା। ସେହିପରି ଯେଉଁ ଛାତ୍ରୀଛାତ୍ର ଶନିବାର ଏହି ଔଷଧ ଖାଇ ନାହାନ୍ତି, ସେମାନେ ରବିବାର ଖାଇପାରିବେ ବୋଲି ସିଡିଏମଓ ସୂଚନା ଦେଇଛନ୍ତି। ସେହିପରି ଜିଲାରେ ୧ରୁ ୫ ବର୍ଷ ବୟସର ପିଲାମାନଙ୍କୁ କୃମିନାଶକ ସିରପ, ୬ରୁ ୧୯ବର୍ଷ ବୟସର ପିଲାମାନଙ୍କୁ ବଟିକା ପ୍ରଦାନ କରାଯିବ। ଉକ୍ତ ଔଷଧର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ ଏବଂ ଏହା ପିଲାମାନଙ୍କ ପାଇଁ ସମ୍ପୂର୍ଣ୍ଣ ନିରାପଦ। ଅତିରିକ୍ତ ଜିଲା ସହରାଞ୍ଚଳ ଜନ ସ୍ୱାସ୍ଥ୍ୟଧିକାରୀ ମାନସ ରଞ୍ଜନ ପଣ୍ଡା , ସିଡିପିଓ କଳ୍ପନା ପାଢ଼ୀ, ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପନ୍ନଗ ଭୂଷଣ ମାଝୀ, ଡ଼ିଏମଆରସିଏଚର ଡେପୁଟି ମ୍ୟାନେଜର ଶକ୍ତି କୁମାର ଦୀଗାଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ପୂର୍ବୋଦୟ ଭାରତର ନେତୃତ୍ୱ ନେବ ଓଡ଼ିଶା: ମନମୋହନ

ଭୁବନେଶ୍ୱର,୧୦।୮(ଅନିଲ ଦାସ)

## ଓଡ଼ିଶାକୁ ୧୫ ହଜାରରୁ ଉର୍ଦ୍ଧ୍ୱ କୋଟି ଟଙ୍କାର ରେଳ ପ୍ରକଳ୍ପ

### ବିଜେଡି ସରକାର ଅମଳରେ ଆନ୍ତରିକତାର ଅଭାବ ଯୋଗୁ ବିକାଶ ବାଧାପ୍ରାପ୍ତ ହୋଇଥିଲା

ଚଳିତ ଆର୍ଥିକବର୍ଷ ବଜେଟରେ ରେଳପଥ ବିକାଶ କ୍ଷେତ୍ରରେ ଓଡ଼ିଶାକୁ ୧୦,୮୫୬ କୋଟି ଟଙ୍କାର ସର୍ବକାଳୀନ ସର୍ବାଧିକ ପରିମାଣର ଆର୍ଥିକ ଅନୁଦାନ ମିଳିଛି। ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର କ୍ୟାବିନେଟ୍‌ରେ ନିଆଯାଇଥିବା ନିଷ୍ପତ୍ତି ଓଡ଼ିଶାବାସୀଙ୍କ ଲାଗି ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ରାଜ୍ୟ ଭାଜପା କାର୍ଯ୍ୟାଳୟଠାରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, କ୍ୟାବିନେଟ୍‌ରେ ଅନୁମୋଦନ ମିଳିଥିବା ସମୁଦାୟ ୮ଟି ରେଳ ପ୍ରକଳ୍ପ ମଧ୍ୟରୁ ଓଡ଼ିଶା ପାଇଁ ୬ଟି ରହିଛି। ଓଡ଼ିଶାର ରେଳ ଇତିହାସରେ ପ୍ରଥମ ଥର ପାଇଁ ୧୫ ହଜାରରୁ ଉର୍ଦ୍ଧ୍ୱ କୋଟି ବ୍ୟୟରେ ଏସବୁ ପ୍ରକଳ୍ପ ନିର୍ମାଣ ହେବାକୁ ଯାଉଛି। ଓଡ଼ିଶାର ବିକାଶ ଲାଗି ମୋଦିଙ୍କ ପ୍ରତିଶ୍ରୁତିବଦ୍ଧତା ପାଇଁ ମନମୋହନ ତାଙ୍କୁ କୃତଜ୍ଞତା ଜଣାଇବା ସହିତ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଶୁକ୍ରବାର କେନ୍ଦ୍ର କ୍ୟାବିନେଟରେ ଓଡ଼ିଶା ପାଇଁ ଅନୁମୋଦିତ ହୋଇଥିବା ୬ଟି ରେଳ ପ୍ରକଳ୍ପ ଗୁଣପୁର-ଥେରୁବାଲି ନୂତନ ରେଳ ପାଇଁ ୧,୩୨୬ କୋଟି, ଜୁନାଗଡ- ନବରଙ୍ଗପୁର ନୂତନ ରେଳ ପ୍ରକଳ୍ପ ଲାଗି ୩,୨୭୪ କୋଟି,



ମନମୋହନ ସାମଲ

ମାଲକାନଗିରି ଭଦ୍ରାଚଲମ୍-ପାଣ୍ଡୁରାଙ୍ଗପୁରମ୍ ନୂତନ ରେଳ ପାଇଁ ୪,୧୦୯ କୋଟି, ବାଦାମପାହାଡ଼-କେନ୍ଦୁଝରଗଡ଼ ନୂତନ ରେଳ ପାଇଁ ୨,୧୦୭ କୋଟି, ବାଙ୍ଗିରିପୋଷୀ-ଗୋରୁମହିଷାଣି ନୂତନ ରେଳ ନିମନ୍ତେ ୨,୫୪୯ କୋଟି ଏବଂ ବୁରାମରା ଚାକୁଳିଆ ନୂତନ ରେଳ ପାଇଁ ୧,୬୩୯ କୋଟି ଟଙ୍କା ମଞ୍ଜୁରୀ ମିଳିଛି ବୋଲି ମନମୋହନ କହିଛନ୍ତି।

ନୂତନ ରେଳ ପ୍ରକଳ୍ପ ଯୋଗୁ ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର ଓ କଳାହାଣ୍ଡି ଆଦି ଆଦିବାସୀ ଜିଲାର ଆର୍ଥିକ ବିକାଶ ସୁଦୃଢ଼ ହୋଇପାରିବ ବୋଲି ମନମୋହନ କହିଛନ୍ତି। ଯେଉଁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକୁ ପୂର୍ବରୁ ଯିବାକୁ କଷ୍ଟକର ଥିଲା, ସେସବୁ ଅଞ୍ଚଳରେ ଗମନାଗମନ ସୁଦୃଢ଼ ହେବା ସହ କୃଷି, ଶିଳ୍ପ, ପର୍ଯ୍ୟଟନ ଓ ଅନ୍ୟାନ୍ୟ କ୍ଷେତ୍ରର ବିକାଶ ହୋଇପାରିବ। ଏଥିସହ ବନଜାତ ଦ୍ରବ୍ୟକୁ ରାଜ୍ୟ ତଥା ରାଜ୍ୟ ବାହାରକୁ ପହଞ୍ଚାଯାଇପାରିବ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ଆର୍ଥିକ ସ୍ଥିତି ମଜଭୁତ ହେବ। ରାଜ୍ୟରେ ନୂତନ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ତ୍ୱରାନ୍ୱିତ ହେବ। ଜଳପଥ ସହ ସଂଯୋଗୀକରଣ ସମ୍ଭବ ହେବାରେ ସହାୟକ ହେବ। ବାସ୍ତବରେ ରାଜ୍ୟରେ ରୋଜଗାର ଓ ସ୍ୱରୋଜଗାର କାରଣରୁ ଅନେକ ଲକ୍ଷ ଓଡ଼ିଆ ଯୁବତୀଯୁବକଙ୍କ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସେ କହିଛନ୍ତି।

ସେହିପରି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ଅନୁମୋଦନ କରାଯାଇ ବାସହୀନଙ୍କ ପାଇଁ ୩ କୋଟି ପକ୍କାଘର ନିର୍ମାଣ ଲାଗି ୫ ଲକ୍ଷ ୩୬ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହାଦ୍ୱାରା ଓଡ଼ିଶାର ଯୋଗ୍ୟ ବାସହୀନ ହିତାଧିକାରୀମାନେ ପକ୍କା ଘର ପାଇପାରିବେ ବୋଲି ମନମୋହନ କହିଛନ୍ତି। କେନ୍ଦ୍ରରେ ମୋଦି ସରକାର ଗଠନ ହେବା ପରେ ଓଡ଼ିଶାର ବିକାଶକୁ ସର୍ବଦା ପ୍ରାଧାନ୍ୟ ଦିଆଯାଉଛି। ମାତ୍ର ବିଜେଡି ସରକାର ଅମଳରେ ରାଜନୈତିକ ଇଚ୍ଛା ଓ ଆନ୍ତରିକତା ଅଭାବରୁ କେନ୍ଦ୍ରୀୟ ପ୍ରକଳ୍ପଗୁଡ଼ିକୁ ବାସ୍ତବ ରୂପ ମିଳି ପାରୁ ନ ଥିଲା ଏବଂ ଓଡ଼ିଶାରେ ବିକାଶ ବାଧାପ୍ରାପ୍ତ ହେଉଥିଲା। ଏବେ ଓଡ଼ିଶାରେ ଡବଲ ଇଞ୍ଜିନ୍ ସରକାର ଗଠନ ହୋଇଥିବାରୁ ସମସ୍ତ ବାଧା ଦୂର ହୋଇଛି। ପୂର୍ବଭାରତର ବିକାଶ ପାଇଁ ମୋଦି ଦେଖିଥିବା ସ୍ୱପ୍ନ ନିଶ୍ଚୟ ପୂରଣ ହେବ ଏବଂ ଭାଜପା ଶାସନରେ ଓଡ଼ିଶା ପୂର୍ବୋଦୟ ଭାରତର ନେତୃତ୍ୱ ନେବ ବୋଲି ମନମୋହନ କହିଛନ୍ତି।

# ୮ବର୍ଷ ମଧ୍ୟରେ ଓଡ଼ିଶା ପାଇଁ ମଞ୍ଜୁର ହୋଇନି ନୂଆ ରେଳ ପ୍ରକଳ୍ପ: ବିଜେଡି

ଭୁବନେଶ୍ୱର, ୧୦।୮(ଅନିଲଦାସ)

## ସାତବର୍ଷ ପୂର୍ବରୁ ଘୋଷିତ ପ୍ରକଳ୍ପକୁ ପୁଣି କ୍ୟାବିନେଟ ମଞ୍ଜୁରୀ

ଗତ ୮ ବର୍ଷ ମଧ୍ୟରେ ଓଡ଼ିଶା ପାଇଁ କୌଣସି ନୂଆ ରେଳଲାଇନ ମଞ୍ଜୁର ହୋଇନାହିଁ। କିଛି ପ୍ରକଳ୍ପ ବଜେଟରେ ମଞ୍ଜୁରୀ ପାଇ ମଧ୍ୟ କେନ୍ଦ୍ର ସରକାର ଶୀତଳଭଣ୍ଡାରରେ ରଖି ଦେଇଛନ୍ତି। ଅଣଭାଜପା ଶାସିତ ରାଜ୍ୟ ପ୍ରତି କେନ୍ଦ୍ର ସରକାର ଏଭଳି ଆଭିମୁଖ୍ୟ ସର୍ବଦା ପୋଷଣ କରିଆସିଛି ବୋଲି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି।


ଶଙ୍ଖଭବନଠାରେ ଶନିବାର ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଗୁଣପୁର-ଥେରୁବାଲି ରେଳଲାଇନ ଏହାର ଜ୍ୱଳନ୍ତ ଉଦାହରଣ। ୨୦୧୭-୧୮ ବଜେଟରେ ଏହା ଅନୁମୋଦନ ହୋଇସାରିଥିଲେ ମଧ୍ୟ ଗତ ୭ବର୍ଷ ଧରି କେବଳ ରାଜ୍ୟ ସରକାରଙ୍କୁ ଜମି ଓ ଅର୍ଥ ମାଗିବା ଛଡ଼ା କେନ୍ଦ୍ର ସରକାର ଆଉ କିଛି କରିନାହାନ୍ତି। ରାଜ୍ୟ ସରକାର ଜମି ଦେଲା ପରେ ବି କୌଣସି କାର୍ଯ୍ୟାରମ୍ଭ ହୋଇନାହିଁ। ୭ବର୍ଷ ପୂର୍ବର ବଜେଟ ଅନୁମୋଦିତ ପ୍ରକଳ୍ପକୁ ବର୍ତ୍ତମାନ ପ୍ରଚାର କରାଯାଉଛି।



ଲେନିନ୍ ମହାନ୍ତି

କ୍ୟାବିନେଟ୍‌ରେ ମଞ୍ଜୁର ହୋଇଥିବା ରେଳ ପ୍ରକଳ୍ପଗୁଡ଼ିକ କେବଳ ରାଜ୍ୟରୁ ଖଣିଜପଦାର୍ଥ ପରିବହନ କରିବା ପାଇଁ ଉଦ୍ଦିଷ୍ଟ। ଖଣିଜ ପଦାର୍ଥ ଉତ୍ତୋଳନ କରି ଚାଲାଣ କରିବା ପାଇଁ କେନ୍ଦୁଝର ଜିଲାରେ ଏହି ପ୍ରକଳ୍ପ ହେବ, ସ୍ଥାନୀୟ ଲୋକଙ୍କ ସୁବିଧା ପାଇଁ ନୁହେଁ। ମାଲକାନଗିରି-ଭଦ୍ରାଚଳମ୍ ଏହାର ଦୃଷ୍ଟାନ୍ତ। ଇବ୍ ଥର୍ମାଲ ଓ ତାଳଚେରରୁ କୋଇଲା ଓ ଲୁହାପଥର ଏହି ବିକଳ୍ପ ରେଳଲାଇନ ମାଧ୍ୟମରେ ଆନ୍ଧ୍ର ପ୍ରଦେଶ ଓ ମହାରାଷ୍ଟ୍ରକୁ ଯିବ। ଏହାଦ୍ୱାରା ଅନ୍ୟ ରାଜ୍ୟଗୁଡ଼ିକ ଉପକୃତ ହେବେ। ଯଦି ଗୋପାଳପୁର ବନ୍ଦରକୁ ଏହି ଲାଇନ ଯୋଡ଼ି ହୋଇଥାଆନ୍ତା, ତାହାହେଲେ ରାଜ୍ୟ ଅର୍ଥନୀତିକୁ ସମୃଦ୍ଧ କରିଥାଆନ୍ତା। ଚନ୍ଦ୍ରବାବୁ ନାଇଡୁଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏହି ପ୍ରକଳ୍ପମାନ କରାଯାଉଛି। ଜୟପୁର-ମାଲକାନଗିରି ଓ ଜୟପୁର-ନବରଙ୍ଗପୁର ରେଳ ପ୍ରକଳ୍ପର କ'ଣ ଅଗ୍ରଗତି ହୋଇଛି ସେ ପ୍ରଶ୍ନ କରିଛନ୍ତି। ପ୍ରତିବର୍ଷ ରେଳମନ୍ତ୍ରୀ ଓଡ଼ିଶାକୁ ୭ହଜାର/୮ହଜାର/୧୦ହଜାର କୋଟି ଟଙ୍କା ବଜେଟରେ ଘୋଷଣା କରୁଛନ୍ତି। ବଜେଟରେ ମଞ୍ଜୁରିପ୍ରାପ୍ତ ଅର୍ଥ ମଧ୍ୟରୁ କେତେ ବ୍ୟୟ ହୋଇଛି ପ୍ରଶ୍ନକଲେ ତାହାର ଉତ୍ତର ମିଳୁନାହିଁ। ଆଶ୍ଚର୍ଯ୍ୟର କଥା କୌଣସି ବର୍ଷ ବ୍ୟୟ ପରିମାଣ ୩ ହଜାର କୋଟି ଟଙ୍କା ଛୁଇଁପାରି ନାହିଁ। ପଦ୍ମପୁର ଉପନିର୍ବାଚନ ବେଳେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଅନ୍ୟ କେନ୍ଦ୍ରମନ୍ତ୍ରୀ ବରଗଡ଼-ନୂଆପଡ଼ା ଭାୟା ପଦ୍ମପୁରରେ ରେଳଲାଇନ ନିର୍ମାଣ ବାବଦରେ କରିଥିବା ଘୋଷଣା ଭୁଲି ଯାଇଛନ୍ତି ବୋଲି ଲେଲିନ୍ କହିଛନ୍ତି।

# ଡବଲ ଇଞ୍ଜିନ ସରକାରର ଗ୍ୟାରେଣ୍ଟି, ଭୂମିହୀନ ରହିବେ ନାହିଁ: ସୁରେଶ ପୂଜାରୀ



ଚିପଲିମାରେ ଆୟୋଜିତ ସାଧାରଣ ସଭାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଲୋକେ ଦାବିପତ୍ର ପ୍ରଦାନ କରୁଛନ୍ତି।

ସମ୍ବଲପୁର,୧୦।୮ (ଭବାନୀ ଶଙ୍କର ଭୋଇ)

## ସମସ୍ତ ଭୂମିହୀନଙ୍କୁ ମିଳିବ ୪ ଡେସିମିଲ ଜମି

ଆସନ୍ତା ପାଞ୍ଚବର୍ଷ ମଧ୍ୟରେ ରାଜ୍ୟର ସମସ୍ତ ଭୂମିହୀନଙ୍କୁ ୪ଡେସିମିଲ ସ୍ଥାୟୀ ଜମିପଟ୍ଟା ପ୍ରଦାନ କରାଯିବା ଲକ୍ଷ୍ୟ ରଖାଯାଇଛି। ଏଥିସହ ପ୍ରଧାନମନ୍ତ୍ରୀ ଆବାସ, ମାଗଣା ବିଜୁଳି ସଂଯୋଗ, ହର ଘର ନଳ ସେ ଜଳ ଯୋଜନାରେ ପାଇପ ଯୋଗେ ପାଣି ଓ ଉଜ୍ଜ୍ୱଳା ଗ୍ୟାସ୍‌ର ଫୁଲ୍ ପ୍ୟାକେଜ ମିଳିବ। ରାଜ୍ୟରେ କେହି ବି ଭୂମିହୀନ ରହିବେ ନାହିଁ। ଏହା ମୋଦି ସରକାର ଓ ଡବଲ ଇଞ୍ଜିନ ସରକାରର ଗ୍ୟାରେଣ୍ଟି ବୋଲି କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ସମ୍ବଲପୁର ଜିଲା ଚିପିଲିମାଠାରେ ଅନୁଷ୍ଠିତ ସାଧାରଣ ସଭାରେ ଯୋଗଦେବା ଅବସରରେ ସ୍ଥାୟୀ ଜମିପଟ୍ଟା ନ ଥିବାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବାରୁ ବଞ୍ଚିତ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିବା ଅବସରରେ ମନ୍ତ୍ରୀ ପୂଜାରୀ ଏହା କହିଛନ୍ତି। ବିଗତ ବର୍ଷଗୁଡ଼ିକରେ ବିଭିନ୍ନ ବିଭାଗ ଓ ଶିଳ୍ପାନୁଷ୍ଠାନକୁ ଦିଆ ଯାଇ ଅବ୍ୟବହୃତ ଥିବା ସମସ୍ତ ଜମିକୁ ରାଜସ୍ୱ ବିଭାଗକୁ ଫେରାଇ ଆଣିବା ଦିଗରେ ସମ୍ପୃକ୍ତ ବିଭାଗ କାମ ଆରମ୍ଭ କରିଛି ବୋଲି ସେ କହିଛନ୍ତି।

ସଭାରେ ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାୟକ କହିଥିଲେ ଯେ, ବିଧାୟକ ଥିବା ସମୟରେ ବସନ୍ତପୁର ଅଞ୍ଚଳବାସୀଙ୍କ ପୈତୃକ ଜମି ଫେରେଇବା ପାଇଁ ବିଧାନସଭାରେ ସେ ଦାବି କରିଥିଲେ। ହେଲେ ପୂର୍ବ ବିଜେଡି ସରକାର ରାଜନୈତିକ ବିଦ୍ୱେଷ କାରଣରୁ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲା। ବର୍ତ୍ତମାନ ରାଜ୍ୟ ଓ କେନ୍ଦ୍ରରେ ଭାଜପା ସରକାର ଆସିବା ପରେ ମନ୍ତ୍ରୀ ନିଜେ ଲୋକଙ୍କ ପାଖକୁ ଆସି ଦାବି ଶୁଣୁଥିବା ସେ କହିଥିଲେ। ଏହି ଅବସରରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାମଚନ୍ଦ୍ର ମେହେର, ରାଜ୍ୟ ପେନାଲିଷ୍ଟ ମାନସ ରଞ୍ଜନ ବକ୍ସି, ଗୋଶାଳା ମଣ୍ଡଳ ସଭାପତି ଦେବେନ୍ଦ୍ର ନାଏକ, କଳାମାଟି ପଞ୍ଚାୟତ ସରପଞ୍ଚ ସୁଷମା ସାହୁ, ବସନ୍ତପୁର ପଞ୍ଚାୟତ ସରପଞ୍ଚ ସସ୍ମିତା ରଣା, ସଂଯୁକ୍ତା ପ୍ରଧାନ, ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଏଥିପୂର୍ବରୁ ମନ୍ତ୍ରୀ ପୂଜାରୀ ହୀରାକୁଦ ବନ୍ଧର ବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପ ପାଇଁ ଜମି ହରାଇଥିବା ଲୋକଙ୍କୁ ଭେଟିଥିଲେ। ୭୫ବର୍ଷ ପୂର୍ବରୁ ଜଳସମ୍ପଦ ବିଭାଗ ଦ୍ୱାରା ଅଧିକୃତ ହୋଇ ଅବ୍ୟବହୃତ ରହିଥିବା ପୈତୃକ ଜମିକୁ ଫେରାଇ ଦେବା ପାଇଁ ସ୍ଥାନୀୟ ଲୋକେ ଦାବି କରିଥିଲେ। ସେଠାରୁ ଯାଇ ମନ୍ତ୍ରୀ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ଚିପିଲିମାସ୍ଥିତ ମା' ଘଣ୍ଟେଶ୍ୱରୀଙ୍କ ଦର୍ଶନ କରିଥିଲେ।

# ଆଳୁ ସମସ୍ୟା ସମାଧାନ ପାଇଁ ସରକାରଙ୍କ ଆନ୍ତରିକତା ନାହିଁ: ପ୍ରମିଳା

ଭୁବନେଶ୍ୱର,୧୦।୮(ଅନିଲ ଦାସ)

## ଅସାଧୁ ବ୍ୟବସାୟୀଙ୍କ ସହ ଭାଜପାର ସମ୍ପର୍କ ରହିଛି

ପ୍ରାୟ ମାସେ ଧରି ରାଜ୍ୟରେ ଆଳୁ ସମସ୍ୟା ଦେଖାଦେଇଛି, ଯାହା ଥମିବାର ନାଁ ନେଉନାହିଁ। ରାଜ୍ୟ ସରକାରଙ୍କ ଆଳୁ ମହଜୁଦକାରୀଙ୍କ ଉପରେ କୋହଳ ମନୋଭାବ ଓ ଆଳୁ ସମସ୍ୟାର ସମାଧାନ ପାଇଁ ଆନ୍ତରିକତାର ଅଭାବ ଯୋଗୁ ସମସ୍ୟା ଯେଉଁଠିକୁ ସେଇଠି ରହିଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି।

ଶଙ୍ଖଭବନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ସରକାର ଆଳୁ ଦର ନିୟନ୍ତ୍ରଣରେ ରହିଥିବା ଦାବି କରୁଥିଲେ ମଧ୍ୟ ଏବେ ବି ଦର କିଲୋ ପିଛା ୫୦ ଟଙ୍କା ରହିଛି। ଅନ୍ୟ ରାଜ୍ୟରୁ ଆଳୁ ଆଣିବା ନେଇ ସମସ୍ୟା ଥିବା କଥା କୁହାଯାଉଥିଲେ ବି କିଛି ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ଆଳୁ ମହଜୁଦ ରଖାଯାଇ ବଜାରରେ କୃତ୍ରିମ ଅଭାବ ସୃଷ୍ଟି କରାଯାଉଛି। ଏହି ସମସ୍ୟା ପ୍ରତି ଭାଜପା ସରକାରଙ୍କ ଉଦାସୀନତା ପରିସ୍ଥିତିକୁ ଅଧିକ ଗମ୍ଭୀର କରିଛି। ଆଳୁ ମହଜୁଦ ରଖୁଥିବା ଅସାଧୁ ବ୍ୟବସାୟୀଙ୍କ ଭାଜପା ସହିତ ନିବିଡ଼ ସମ୍ପର୍କ ରହିଥିବାରୁ ସରକାର ଏ ପର୍ଯ୍ୟନ୍ତ ସେହି ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଭାଜପା ସରକାର ଓଡ଼ିଶାରେ ନାଫେଡ୍ ସହଯୋଗରେ ଆଳୁ ସପ୍ତାହକ ଭିତରେ ଉପଲବ୍ଧ କରିବାକୁ କହୁଛନ୍ତି, କିନ୍ତୁ ଏବେ ସ୍ଥିତିକୁ ଦେଖିଲେ ଲାଗୁଛି, ଆଗାମୀ ୧୫ ଦିନ ମଧ୍ୟରେ ସ୍ଥିତି ସ୍ୱାଭାବିକ ହେବ ନାହିଁ। ଓଡ଼ିଶା ଲୋକେ ଆଗାମୀ ୧୫ ଦିନ ପର୍ଯ୍ୟନ୍ତ ସମସ୍ୟା ଭୋଗିବେ। ସେହିପରି ବଜାରରେ ଅନ୍ୟାନ୍ୟ ପନିପରିବା ଦର ଆକାଶଛୁଆଁ ହୋଇଛି। ତାହାର ନିୟନ୍ତ୍ରଣ ପ୍ରତି ସରକାରଙ୍କ ନିଘା ନାହିଁ। ଓଲଟା ମନ୍ତ୍ରୀ ପନିପରିବା ଦର ନିୟନ୍ତ୍ରଣ କରିବାରେ ସରକାରଙ୍କ କୌଣସି ଭୂମିକା ନାହିଁ ବୋଲି ଦେଇଥିବା ମନ୍ତବ୍ୟ ଗ୍ରହଣୀୟ ନୁହେଁ। ସରକାର ତୁରନ୍ତ ଆଳୁ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଅନ୍ତୁ। ଆବଶ୍ୟକ ଅନୁସାରେ, ଏସ୍‌ମା ଆଇନ ଲାଗୁକରିବା କଥା ଚିନ୍ତା କରନ୍ତୁ ବୋଲି ପ୍ରମିଳା କହିଛନ୍ତି।

**OFFICE OF THE PRINCIPAL, RAJSUNAKHALA COLLEGE**
Rajsunakhala, Dist.: Nayagarh, Odisha - 752065
**TENDER CALL NOTICE**
No.: RC/OHEPEE/2024-25/001 Date: 09.08.2024
Sealed tenders (Two Bid) are invited from the intending registered Suppliers /dealers/ firms having valid GST Registration/ Tax Clearance Certificate of last three years/ PAN Card for supply of stools for laboratory, CCTV with monitor and Laboratory Furniture for the Department of "Physics, Chemistry, Botany & Zoology" of reputed brand. CE & ISO Certified Company Interested bidders may submit their quotations by Registered Post / Speed Post/Courier only on or before 30.08.2024 (4.00 P.M.). Quotations received incomplete or after scheduled date and time shall be summarily rejected. The details of items, specifications, Terms and Conditions can be obtained from the office website **www.rajsunakhalacollege.ac.in** or Principal office on producing valid ID proof of the Firm. The undersigned reserves the right to accept/reject or cancel any or all quotations without assigning any reasons thereof.
PRINCIPAL
RAJSUNAKHALA COLLEGE, NAYAGARH

कार्यपालक अभियन्ता का कार्यालय,
ग्रामीण कार्य विभाग, कार्य प्रमण्डल, हजारीबाग
शुद्धि पत्र
इस कार्यालय के पत्रांक–1061, दिनांक–24.07.2024 द्वारा आमंत्रित ई–निविदा आमंत्रण सूचना सं0–04/2024-25/RWD/EE/HAZARIBAG, दिनांक–24.07.2024, जिसका PR No-330717 Rural Work Department (24-25).D से प्रकाशित निविदा में निम्नवत् संशोधन की जाती है–
1. वेबसाईट में निविदा प्रकाशन की तिथि :– 13.08.2024
2. ई–निविदा प्राप्ति की अंतिम तिथि एवं समय :–23.08.2024 अपराह्न 5.00 बजे तक ।
3. निविदा खोलने की, तिथि, एवं समय–24.08.2024 अपराह्न 5.30 बजे।
शेष सभी शर्तें यथावत रहेगी ।
विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है ।
कार्यपालक अभियंता,
ग्रामीण कार्य विभाग, कार्य प्रमण्डल, हजारीबाग
PR 332381 Rural Work Department(24-25)D

idco Your power to grow | ODISHA NEW OPPORTUNITIES No.CAD-817
**OFFICE OF THE DIVISIONAL HEAD, IDCO, ROURKELA DIVISION, ROURKELA- 769004**
Tender Call Notice No. IDCO/RKL/CIV/E/1799/2023-2024/1617 DTD: 08.08.2024
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

| Sl. No. | Name of work | Value of work (Approx.) | Period of completion |
|---|---|---|---|
| 1 | Up Gradation of Mini Auditorium in the Administrative Building of BPUT, Rourkela | Rs.34.91 Lakhs | 03 (Three) calendar months |

1. Other details

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Divisional Head, IDCO, Rourkela Division, Rourkela | Bid ID no- DH/ RKL/ CIV//E-03/ 2024-25 | 17.00 hours of dt.13.08.2024 | 17.00 hours of dt.22.08.2024 |

Further details can be seen from the e-Procurement Portal: www.tendersodisha.gov.in. Corrigendum or addendum if any will not be published in newspapers and can only be seen in the e-procurement portal www.tenderodisha.gov.in as well as IDCO website www.idco.in.
Sd./- Divisional Head
OIPR-14003/11/0038/2425 IDCO, Rourkela Division

कार्यपालक अभियंता का कार्यालय,
ग्रामीण कार्य विभाग,
कार्य प्रमंडल, चाईबासा
email- rwdchaibasa64@gmail.com
शुद्धि पत्र
एतद् द्वारा सूचित किया जाता है कि इस कार्यालय के पत्रांक–1060(अनु0) दिनांक –29.07.2024 द्वारा आमंत्रित ई निविदा आमंत्रण सूचना सं0– **06 /2024-25 /RWD /EE/CHAIBASA** जिसका **PR No&331180 (West Singhbhum) 24-25 (D)** में निकाली गई निविदा को आंशिक रूप से संशोधित किया जाता है जो निम्न है –

| क्र0 | पूर्व में दैनिक समाचार पत्र में प्रकाशित | संशोधित तिथि |
|---|---|---|
| 1 | वेबसाईट में निविदा प्रकाशन की तिथि :– 10.08. 2024 | वेबसाईट में निविदा प्रकाशन की तिथि – 14.08.2024 |
| 2 | ई–निविदा प्राप्ति की अंतिम तिथि एवं समय :– 20.08. 2024 अपराह्न 05:00 बजे तक। | ई–निविदा प्राप्ति की अंतिम तिथि एवं समय :– 04.09.2024 अपराह्न 05:00 बजे तक। |
| 3 | निविदा खोलने की तिथि एवं समंय :– 21.08. 2024 अपराह्न 05:00 बजे। | निविदा खोलने की तिथि एवं समंय :– 05.09.2024 अपराह्न 05:00 बजे। |

निविदा की शेष कंडिकाएँ एवं शर्तें यथावत् रहेंगी।
विश्वासभाजन,
कार्यपालक अभियंता
ग्रामीण कार्य विभाग, कार्य प्रमण्डल, चाईबासा।
PR.NO.332345 West Singhbhum(24-25):D

**DIRECTORATE OF GROUND WATER DEVELOPMENT, ODISHA**
Office of the Deputy Director, GWD Division-II, Bhubaneswar
A/2, Unit-V, Bhubaneswar
[e-mail: srgeologistrsbbsr@gmail.com]
INVITATION FOR BIDS (IFB)
e-Procurement Notice: 559 Date: 07.08.24
Bid Identification No. 05/GWRSD/CHHATA/2024-25
(Single- Envelope Bidding Process)
No.A-211:- Deputy Director, Geology, GWD Division-II, Plot - A/2, Unit-V, Bhubaneswar on behalf of Governor of Odisha invites bids from bidders Class 'D' & 'C' (As per latest OPWD codal provisions) registered with the State Governments and bidders of equivalent Grade / Class registered with Central Government / MES / Railways for the construction of works following work.
Bids must be submitted online on or before **22.08.2024 at 11.00 hrs**. IST (system server time). Proposals will be opened online on **22.08.2024; at 12.00 hours**. In the event of the date specified for proposal opening being declared as a closed holiday for the purchaser's office, the due date for opening of bid will be the following working day at the appointed time. Details of the tender will be available in the procurement portal 'www.tendersodisha.gov.in'.

| Sl. No. | Description | Details |
|---|---|---|
| 1 | Name of the work | Construction of 04 Nos. RRHS under CHHATA scheme in Nayagarh Urban and Block area of Nayagarh District |
| 2 | Start date of availability of bid document online (bid download) | 13.08.2024 from 11.00 hrs. |
| 3 | Last date of availability of bid document online (bid download) | 22.08.2024 upto 11.00 hrs. |
| 4 | Last date and time for receipt of bid document (Bid submission end date & time) | 22.08.2024 upto 11.00 hrs. |
| 5 | Date & time of opening of bid document (bid opening date) | 22.08.2024 at 12.00 hrs. |

Sd./- Deputy Director, Geology, GWD Division-II, Bhubaneswar
OIPR-32469/11/0004/2425

e-Procurement Cell
OFFICE OF THE EXECUTIVE ENGINEER, SPECIAL WORKS DIVISION, BUILDING CONSTRUCTION DEPARTMENT Ranchi
e-Procurement Notice, (Very-Very Short Notice)
Notice Inviting Tender Reference No:- BCD/EE, Special Works Div, BCD, Ranchi-RFP11/2024-25 Date:-08.08.24
*Online bids are invited by Executive Engineer, Special Works Division, Building Construction Department, Ranchi for appointing* ***"Consultancy Service for Preparation of DPR & PMC Services for Construction of State Guest House at Puri, Odisha"*** *from qualified reputed Consultancy firms.*

| | |
|---|---|
| Date of Procurement of RFP Document | From 16.08.2024 , 10.00 A.M. |
| Last date of online submission of RFP and Bid Document | 27.08.2024 upto 12.00 Noon |
| Date and Time of Opening of Technical | 28.08.2024 at 12.00 Noon |
| Date of Pre Bid meeting | 21.08.2024 at 11.30 A.M. |
| Place of Opening | From 2.5 crore upto 5 crore :- e-procurement cell office of the chief engineer, Combined Office Building, Building Construction Department, Line Tank Road, Ranchi Above 5 crore :- Chairman, e-procurement Cell, Room No. 326A, 3rd Floor, Building Construction Department, Jharkhand Mantralaya, Dhurwa, Ranchi |
| Cost of RFP Documents | Rs. 10,000/- |

Note- Cost of Bidding Document (Not Refundable) & Bid Security (Security Deposit) shall be payable online through http://jharkhandtenders.gov.in
Any change can be seen on Website http:// jharkhandtenders.gov.in
Any other information can be seen on http://jharkhandtenders.gov.in
PR 332393 Building(24-25)#D
Nodal Officer, e-Procurement Cell
OFFICE OF EXECUTIVE ENGINEER, SPECIAL WORKS DIVISION, BUILDING CONSTRUCTION DEPARTMENT, RANCHI.

# ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷାଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ହାଇକୋର୍ଟରେ ମାମଲା

କଟକ,୧୦।୮(କାର୍ତ୍ତିକ ସାହୁ)

ନୟାଗଡ଼ ଜିଲା ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷା ଓ କାଉନସିଲରଙ୍କ ମଧ୍ୟରେ ଚାଲିଥିବା ବିବାଦ ରୋଚକ ମୋଡ଼ ନେଇଛି। ଅଧ୍ୟକ୍ଷା ଆରତି ପ୍ରଧାନ ଓ ତାଙ୍କ ସ୍ୱାମୀ ବିଧାନ ଚନ୍ଦ୍ର ପ୍ରଧାନଙ୍କ ବିରୋଧରେ ବିଜେଡି କାଉନ୍‌ସିଲରଙ୍କ ଆପତ୍ତିଜନକ ମନ୍ତବ୍ୟ ପ୍ରସଙ୍ଗକୁ ନେଇ ହାଇକୋର୍ଟରେ ମାମଲା ହୋଇଛି। ଏଥିସହ ବ୍ୟବସ୍ଥାର ଗଳାବାଟ ଦେଇ ଅନାସ୍ଥା ଆଣିବାକୁ କୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଆପତ୍ତିଜନକ ମନ୍ତବ୍ୟ ଦେଇଥିବା କାଉନ୍‌ସିଲରଙ୍କ ବିରୋଧରେ ଆରତି ଓ ବିଧାନ ଚନ୍ଦ୍ର ୫ କୋଟି ଟଙ୍କାର ମାନହାନି ମକଦ୍ଦମା କରିଛନ୍ତି।

ସୂଚନା ଅନୁସାରେ, ପୌର ନିର୍ବାଚନବେଳେ ଖଣ୍ଡପଡା ଏନ୍‌ଏସି ଅଧ୍ୟକ୍ଷା ପଦବୀ ପାଇଁ ଆରତି ସ୍ୱାଧୀନ ଭାବେ ଲଢିଥିଲେ। ବିଜେଡିକୁ ଚକ୍‌ମା ଦେଇ ସେ ବିଜୟୀ ହୋଇଥିଲେ। ୧୩ ଆସନବିଶିଷ୍ଟ ଖଣ୍ଡପଡା ଏନ୍‌ଏସିରେ ବିଜେଡିରୁ ୯ ଜଣ ଜିତିଥିବାବେଳେ ଅଧ୍ୟକ୍ଷାଙ୍କୁ ମିଶାଇ ୪ ଜଣ ସ୍ୱାଧୀନ ଭାବେ ବିଜୟୀ ହୋଇଥିଲେ। ପରବର୍ତ୍ତୀ ସମୟରେ ଅଧ୍ୟକ୍ଷାଙ୍କ ସମେତ ୪ କାଉନ୍‌ସିଲର ଭାଜପାରେ ମିଶି ଯାଇଥିଲେ। ତା'ପରେ ସବୁକିଛି ଠିକ୍‌ଠାକ୍ ଚାଲିଥିଲା। ହେଲେ ୨୦୨୪ ନିର୍ବାଚନରେ ବିଜେଡିର ଶୋଚନୀୟ ପରାଜୟ ପରେ ଖଣ୍ଡପଡା ରାଜନୀତି କଡ ଲେଉଟାଇଥିଲା। ଅଧ୍ୟକ୍ଷା ଆରତିଙ୍କ ବିରୋଧରେ ବିଜେଡିର ୯ କାଉନ୍‌ସିଲର ଅନାସ୍ଥା ଆଣିଥିଲେ। ଗତ ମାସ ୩୦ ତାରିଖରେ ବିଜେଡି କାଉନ୍‌ସିଲରମାନେ ନୟାଗଡ଼ ଜିଲାପାଳଙ୍କ ପାଖରେ ଅନାସ୍ଥା ପ୍ରସ୍ତାବ ଦେଇଥିଲେ। ଏଥିସହ ଆରତି ଓ ବିଧାନ ଚନ୍ଦ୍ରଙ୍କ ବିରୋଧରେ ବିଜେଡି କାଉନ୍‌ସିଲରମାନେ ବିଭିନ୍ନ ଗଣମାଧ୍ୟମରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଛି। ଏହା ବିରୋଧରେ ଗତ ୫ ତାରିଖରେ ଆରତି ଓ ତାଙ୍କ ସ୍ୱାମୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଅନାସ୍ଥା ବିରୋଧ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ସେହିପରି ଅପମାନଜନକ ମନ୍ତବ୍ୟ ଦେଇଥିବା ବିଜେଡି କାଉନ୍‌ସିଲରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।

# ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା: କାଉନସିଲରଙ୍କୁ ନୋଟିସ

ନୀଳଗିରି, ୧୦।୮(ପ୍ରଶାନ୍ତ ବିଶ୍ୱାଳ)

## ନୀଳଗିରି ଏନ୍‌ଏସି

### ଭାଜପା ଶିବିରରେ ତତ୍ପରତା

ବାଲେଶ୍ୱର ଜିଲା ନୀଳଗିରି ବିଜ୍ଞପିତ ଅଞ୍ଚଳ ପରିଷଦ(ଏନଏସି) ଅଧ୍ୟକ୍ଷା ଅମ୍ବିକା ଦାସଙ୍କ ବିରୋଧରେ ଅନାସ୍ଥା ଭୋଟ ନେଇ କାଉନସିଲରଙ୍କୁ ନୋଟିସ୍ କରାଯାଇଛି। ଅଗଷ୍ଟ ୫ରେ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଲାଗି ୧୩ଜଣ କାଉନସିଲରଙ୍କ ମଧ୍ୟରୁ ୧୧ଜଣଙ୍କ ଦସ୍ତଖତ ଥାଇ ୯ଜଣ କାଉନସିଲର ବାଲେଶ୍ୱର ଜିଲାପାଳଙ୍କୁ ଭେଟି ପତ୍ର ଦେଇଥିଲେ। ଅନାସ୍ଥା ପ୍ରସ୍ତାବ ମୁତାବକ ଓଡ଼ିଶା ମ୍ୟୁନିସପାଲ ଆଇନ ୧୯୫୦ ଧାରା ୫୪ (୨) ଅନୁସାରେ ନୀଳଗିରି ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ବୈଠକ ଆସନ୍ତା ୧୪ତାରିଖ ପୂର୍ବାହ୍ନ ୧୧ଟାରେ ଏନ୍‌ଏସି ସଭା ଗୃହରେ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ଆବଶ୍ୟକସ୍ଥଳେ ଭୋଟ ଗ୍ରହଣ ଅପରାହ୍ନ ୧୨ଟା ୩୦ମିନିଟ୍‌ରେ କରାଯିବ ଓ ଅପରାହ୍ନ ୧ଟାରେ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ।

ସୂଚନା ଥାଉ କି, ନୀଳଗିରି ଏନ୍‌ଏସି ନିର୍ବାଚନରେ ୧୩ଟି କାଉନସିଲର ପଦବୀ ମଧ୍ୟରୁ ବିଜେଡି ୮ଟି ହାତେଇ ଥିବା ବେଳେ ବିଜେଡିର ଅମ୍ବିକା ଦାସ ଅଧ୍ୟକ୍ଷା ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଗତ ୨୦୨୪ ନିର୍ବାଚନ ସମୟରେ ଦଳ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ସେହି ସମୟରେ ୬ଜଣ ବିଜେଡି କାଉନସିଲର ଏବଂ ଜଣେ ସ୍ୱାଧୀନ କାଉନସିଲର ଭାଜପାରେ ସାମିଲ ହୋଇଥିଲେ। ପରବର୍ତ୍ତୀ ସମୟରେ ୧୦ନଂ. ୱାର୍ଡ କାଉନସିଲର ଗୌରାଙ୍ଗ ବିନ୍ଧାଣି ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଥିଲେ। ଅପରପକ୍ଷେ ଅନାସ୍ଥା ଭୋଟ ନେଇ ଭାଜପା ଶିବିରରେ ତତ୍ପରତା ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି।

## ସଂକ୍ଷେପରେ

### ୩ ଗରିବ ପିଲାଙ୍କୁ ପଢ଼ାଇବ ଜିଲା ପ୍ରଶାସନ

ପାରଳାଖେମୁଣ୍ଡି,୧୦।୮(ଗିରିଧାରୀ ପରିଛା): ଗଜପତି ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ପାରଳାଖେମୁଣ୍ଡି ସହରକୁ ଶିଶୁ ଶ୍ରମିକ ଓ ଶିଶୁ ଭିକ୍ଷୁକ ମୁକ୍ତ କରାଯିବାକୁ ପ୍ରୟାସ ଚାଲିଛି। ଶନିବାର କଲେଜ ଛକ ନିକଟରେ ୩ ଜଣ ଗରିବ ପିଲା ଜରି ଓ ବୋତଲ ଗୋଟାଉଥିବା ଜିଲ୍ଲା ପ୍ରଶାସନ ପାଖରେ ଖବର ପହଞ୍ଚିବା ପରେ ଶିଶୁ ସୁରକ୍ଷା ଅଧିକାରୀ ଓ ତାଙ୍କ ଟିମ୍ ସେଠାରେ ପହଞ୍ଚି ୧୪,୧୦ ଓ ୮ବର୍ଷିୟ ପିଲା ୩ ଜଣଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କ ମଧ୍ୟରେ ୨ ଜଣ ଝିଅ ଓ ଗୋଟିଏ ପୁଅ ଥିବା ଜଣାପଡ଼ିଛି। ପିଲାମାନେ ପାଠ ପଢ଼ିବା ପାଇଁ ଇଚ୍ଛୁକ ଥିଲେ ମଧ୍ୟ ପରିବାର ଅର୍ଥର ଅଭାବ ଯୋଗୁ ପଢି ପାରୁନାହାନ୍ତି। ଏହା ଜାଣିବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କ ପାଠ ପଢା ଦାୟିତ୍ୱ ନେଇଛି।

### ଶିକ୍ଷକ ଅଭିଭାବକ ସମ୍ମିଳନୀ

ଆର.ଉଦୟଗିରି,୧୦।୮(ମନୋଜ କୁମାର ପାଢୀ): ମହେନ୍ଦ୍ରଗଡ଼ କାର୍ତ୍ତିକ ଗମାଙ୍ଗ ଉଚ୍ଚ ବିଦ୍ୟାଳୟରେ ଶନିବାର ଶିକ୍ଷକ ଓ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୱାର୍ଡ ସଦସ୍ୟ ସୁକେଶୀ ପାତ୍ର, ପୂର୍ବତନ ଛାତ୍ର ସନ୍ତୋଷ ପାଲ,ବହୁ ଅଭିଭାବକ ଓ ଶିକ୍ଷକ କର୍ମଚାରୀମାନେ ଯୋଗ ଦେଇଥିଲେ। ବିଦ୍ୟାଳୟର ବିଭିନ୍ନ ବିଷୟ ଯଥା ଶିକ୍ଷାଦାନ ପଦ୍ଧତି, ପରୀକ୍ଷା ପଦ୍ଧତି ଓ ଆନୁସଙ୍ଗିକ ଅଭାବ ଅସୁବିଧା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରଧାନ ଶିକ୍ଷକ ଲୋକନାଥ ନାହାକ ସ୍ୱାଗତ ଭାଷଣ ଦେବା ସହ ସରକାରଙ୍କ ଆଭିମୁଖ୍ୟ ଗୁଡିକ ବୁଝାଇଥିଲେ। ଚଳିତବର୍ଷ ବିଦ୍ୟାଳୟର କିରାଣି ଶିବରାମ ରଥ ଓ ବିଜ୍ଞାନ ସହାୟକ ତାରିଣୀ ବଡରଇତ ଅବସର ନେଉଥିବା ପ୍ରଧାନ ଶିକ୍ଷକ ପ୍ରକାଶ କରିଥିଲେ। ଉଭୟ କର୍ମଚାରୀ ସରକାରଙ୍କ କୌଣସି ପେନସନ ପାଉ ନ ଥିବା ଜାଣି ଅଭିଭାବକମାନେ ଦୁଃଖ ପ୍ରକାଶ କରିଥିଲେ। ବରିଷ୍ଠ ଶିକ୍ଷକ ଏସ. ରାମାରାଓ ଧନ୍ୟବାଦ ଅର୍ପଣ କରିଥିଲେ।

### ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା

ଜି. ଉଦୟଗିରି,୧୦।୮ (ଶିଶିର ପଟ୍ଟନାୟକ): ଫୁଲବାଣୀ ସଙ୍କୁଳର ଜ୍ଞାନ ବିଜ୍ଞାନ ମେଳା ଜି. ଉଦୟଗିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୃଷି ବୈଜ୍ଞାନିକ ଶ୍ରିପାଲି ପ୍ରଧାନ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ପ୍ରାଧ୍ୟାପକ ଲଡୁକେଶ୍ୱର ରଥ ଯୋଗ ଦେଇ ଆଜିର ଯୁଗରେ ବିଜ୍ଞାନର ଆବଶ୍ୟକତା ଉପରେ କହିଥିଲେ। ବିଦ୍ୟାଳୟ ସଭାପତି ବିନୋଦ ବିହାରୀ ଦାଶ , ସମ୍ପାଦକ ଶିବରାମ ସାହୁ, କୋଷାଧ୍ୟକ୍ଷ ଗୋଲକ ବିହାରୀ ପଟ୍ଟନାୟକ ଏବଂ ବିଚାରକ ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବଳରାମ ସାହୁ ଏବଂ ଡକ୍ଟର ସତ୍ୟ ନାରାୟଣ ପଟ୍ଟନାୟକ ଉପସ୍ଥିତଥିଲେ। ଉଦଯାପନୀରେ ଫୁଲବାଣୀ ବିଭାଗର ବିଭାଗ ନିରୀକ୍ଷକ ପଦ୍ମନାଭ ସାମଲ,ଜିଲ୍ଲା ପ୍ରମୁଖ ଇନ୍ଦ୍ରମଣି ନାୟକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଳିଙ୍ଗ ମହାବିଦ୍ୟାଳୟ ର ଅଧ୍ୟକ୍ଷ ସୁଧାଂଶୁ ଶେଖର ମେହେର ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ମାଧବାନନ୍ଦ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ର ପ୍ରଥମ ସମ୍ପାଦକ ରାଜେନ୍ଦ୍ର ମହାପାତ୍ର ମଧ୍ୟ ମଞ୍ଚସୀନ ଥିଲେ।

# ଜଙ୍ଗଲ ଜମି, ପଟ୍ଟା ଦାବି ନେଇ ଗର୍ଜିଲେ ଜନଜାତି

ଦାରିଙ୍ଗବାଡି, ୧୦।୮ (ଅରୁଣ ସାହୁ)



''ଜଳ, ଜମି ଓ ଜଙ୍ଗଲ ହେଉଛି ଆମ ଅଧିକାର। ଆମ ଅସ୍ମିତା ଉପରେ ଆକ୍ରମଣ ବନ୍ଦ କର''। ଏଭଳି ଶବ୍ଦରେ ଗୁଞ୍ଜରିତ ହେଲା ଦାରିଙ୍ଗବାଡି ସହର। ବିଭିନ୍ନ ସ୍ଥାନରେ ଅନୁସୂଚିତ ଜନଜାତି ସମ୍ପ୍ରଦାୟ ପକ୍ଷରୁ ବିଶ୍ୱ ଜନଜାତି ଦିବସ ପାଳିତ ହେଉଛି। ଏଥିପାଇଁ ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ବସବାସ କରୁଥିବା ଜନଜାତି ସମ୍ପ୍ରଦାୟର ସଂଗଠନ ଓ ସାଧାରଣ ଲୋକଙ୍କ ପକ୍ଷରୁ ଜୋରଦାର ବିକ୍ଷୋଭ ଓ ସଭା, ଶୋଭାଯାତ୍ରା କରାଯାଇଛି। ସଭା ଓ ଶୋଭାଯାତ୍ରା ମାଧ୍ୟମରେ ଅଞ୍ଚଳର ଅନେକ ମୌଳିକ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଉକ୍ତ ଦାବି ପତ୍ରକୁ ସ୍ଥାନୀୟ ତହସିଲଦାର ଶରତ ଶବରଙ୍କୁ ପ୍ରଦାନ କରାଯାଇଛି। ସେମାନଙ୍କ ଦାବି ମଧ୍ୟରେ ମୁଖ୍ୟତଃ ଜଳ -ଜମି ଓ ଜଙ୍ଗଲ ସମ୍ପର୍କରେ ଅଞ୍ଚଳରେ ଅନେକ

ଦାବିପତ୍ର ଦେବାପାଇଁ ବାହାରିଛନ୍ତି।

ଜନଜାତିଙ୍କୁ ଏବେ ପର୍ଯ୍ୟନ୍ତ ଜଙ୍ଗଲଜମି କିମ୍ୱା ଜଙ୍ଗଲଜମି ପଟ୍ଟା ମିଳିପାରିନାହିଁ । ସେହିପରି ଜମିପଟ୍ଟା ମିଳିଥିଲେ ସୁଦ୍ଧା ଜମି ଚିହ୍ନଟ କରାଯାଇନାହିଁ, ଜଙ୍ଗଲ ସଂରକ୍ଷଣ (ସଂଶୋଧନ )ଆଇନ ୨୦୨୩ କୁ ବାତିଲ ପାଇଁ ଦାବି କରାଯିବାକୁ ପଦକ୍ଷେପ ସମେତ ସର୍ବସାଧାରଣ ଜମିରେ ବାସ କରୁଥିବା ଭୂମି ତଥା ଜମିପଟ୍ଟା ହୀନ ଲୋକଙ୍କୁ ମାନ୍ୟତା ଦେଇ ଜମିପଟ୍ଟା ଓ ଜମି ଯୋଗାଇଦେବା, ପେସା ଆଇନକୁ ଅବିଳମ୍ୱେ ଲାଗୁ କରିବା, ଜନଜାତିଙ୍କ ଅମଳ ହେଉଥିବା ସମସ୍ତ କୃଷିଜାତ ଦ୍ରବ୍ୟର ଉଚିତ ମୂଲ୍ୟ ଓ ବିକ୍ରିବଟା ବ୍ୟବସ୍ଥା, ଡ଼ଃ. ଆମ୍ବେଦକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ରହିଥିବା ଛାତ୍ରାବାସକୁ କାର୍ଯ୍ୟକ୍ଷମ କରିବା ସହ ସେଠାରେ ଡିଗ୍ରୀ କଲେଜ ସ୍ଥାପନ କରାଯିବା, ସେହିପରି ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଖାଲି ପଡିଥିବା ସମିତି ସଦସ୍ୟ ଦାସିଙ୍ଗବାଡି ଓ କିରିକୁଟି ସରପଞ୍ଚ ପଦବୀ ଓ ବିଭିନ୍ନ ପଞ୍ଚାୟତ ଅଞ୍ଚଳରେ ଖାଲି ପଡିଥିବା ୱାର୍ଡ ସଦସ୍ୟ ପାଇଁ ନିର୍ବାଚନ କରାଯିବା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁ, ମହିଳା ଓ ଭେଷଜ ବିଶେଷଜ୍ଞଙ୍କୁ ନିଯୁକ୍ତି ଦେବା, ଦାରିଙ୍ଗବାଡି ସମବାୟ ସମିତିରେ ଦୀର୍ଘ ବର୍ଷ ହେଲା ଖାଲିପଡିଥିବା ପରିଚାଳକ ନିର୍ଦ୍ଦେଶକ ନିଯୁକ୍ତି ଦେବା, ବ୍ରାହ୍ମଣୀଗାଁ ଥାନା ଅଞ୍ଚଳର ଆଠଟି ପଞ୍ଚାୟତକୁ ନେଇ ବ୍ଲକ ଗଠନ ପାଇଁ ପଦକ୍ଷେପକୁ ତ୍ୱରାନ୍ୱିତ କରାଯିବ ଆଦି ଦାବି କରିବାକୁ ସଂଗଠନ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମକୁ କୁଇ ଉଜାନପୁଟା ଓ ଆଦିବାସୀ ସଙ୍ଗଠନ ପକ୍ଷରୁ ଆୟୋଜନ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରେ ୟୁନସ ପ୍ରଧାନଙ୍କ ଆହ୍ୱାନ କ୍ରମେ ଚକ୍ରଧର ମଲିକ, ପ୍ରକାଶ ପ୍ରଧାନ, ସାରାଗୁଡ଼ି ଗ୍ରାମର ଶଙ୍କର ମାଝୀ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସାରାବତୀ ପ୍ରଧାନ ପ୍ରମୁଖ ନେତୃତ୍ୱ ନେଉଥିବା ଜଣାପଡ଼ିଛି।

**ସ୍ମାରକପତ୍ର ପ୍ରଦାନ**

## ଫୁଲବାଣୀ ପୌରାଧ୍ୟକ୍ଷା ଅନାସ୍ଥା ମାମଲା
# ୨୧ରେ ହାଇକୋର୍ଟରେ ହାଜର ହେବେ ଜିଲାପାଳ

ଫୁଲବାଣୀ, ୧୦।୮(ରାକେଶ କୁମାର ରାଉତ)

ଫୁଲବାଣୀ ପୌରାଧ୍ୟକ୍ଷା ସ୍ମିତାରାଣୀ ମହାନ୍ତି ଆସ୍ଥା ଭୋଟରେ ହାରିବା ପରେ ଆଜି ଯାଏ ଏହି ପଦବୀରେ କାହାରିକୁ ଦାୟିତ୍ୱ ଦିଆଯାଇନାହିଁ । ଜିଲାପାଳ ହୁଅନ୍ତୁ ଅବା ସରକାର ଆଜି ଯାଏ ଏହି ବିଷୟରେ ଚୁପ୍ ଅଛନ୍ତି। ଜିଲାପାଳ ଆଜି ଯାଏ ପୌରାଧ୍ୟକ୍ଷାଙ୍କ ବହିଷ୍କାର ଉପରେ କୌଣସି ଚିଠି ଜାରି କରି ନାହାନ୍ତି। ଏହାକୁ ବିରୋଧି ବିଜେଡି କାଉନସିଲର ମୃତ୍ୟୁ ପରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ରାଜ୍ୟ ସରକାର ଏ ସମ୍ପର୍କରେ ତୁରନ୍ତ ନୋଟିଫିକେଶନ ଜାରି କରିବା ପାଇଁ ନିବେଦନ କରିଛନ୍ତି। ହାଇକୋର୍ଟ ଏହାର ଶୁଣାଣୀ କରି ଆସନ୍ତା ୨୧ ତାରିଖରେ ଅଦାଲତରେ ହାଜିର ହେବା ପାଇଁ କନ୍ଧମାଳ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୁଚନାଯୋଗ୍ୟ, ପୌରାଧ୍ୟକ୍ଷା ସ୍ମିତାରାଣୀ ମହାନ୍ତିଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ପ୍ରକାଶ କରି ପୌର ପରିଷଦର ୧୦ ଜଣ କାଉନସିଲର ଗତ ଏପ୍ରିଲ ୧୦ ତାରିଖରେ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ଏହା ଉପରେ ଆଲୋଚନା ପାଇଁ ସେହି ମାସ ୨୩ ତାରିଖରେ ବୈଠକ ପାଇଁ ଜିଲାପାଳ ନୋଟିସ ଜାରି କରିଥିଲେ। ଏହା ବିରୋଧରେ ଅଧ୍ୟକ୍ଷା ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାରୁ ଦ୍ୱିତୀୟ ଥର ପାଇଁ ଜୁଲାଇ ୧୯ ତାରିଖରେ ବୈଠକ ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା। ସେହିଦିନ ନିର୍ବାଚନ ଅଧିକାରୀ ଅନୁପସ୍ଥିତ ରହିବାରୁ ୨୩ ତାରିଖକୁ ଘୁଞ୍ଚି ଥିଲା ବୈଠକ । ସେହିଦିନ ଅନାସ୍ଥା ଉପରେ ଆଲୋଚନା କରାଯାଇ ଆସ୍ଥା ଭୋଟ ଗ୍ରହଣ କରାଯାଇଥିଲା। ପୌରାଧ୍ୟକ୍ଷାଙ୍କ ବିରୋଧରେ ୧୦ଟି ଭୋଟ ଯାଇଥିଲା । କିନ୍ତୁ ଫଳ ଆଜି ଯାଏ ଘୋଷଣା ହୋଇ ପାରିଲା ନାହିଁ କି ସେହି ପଦବୀରେ ଆଜି ପର୍ଯ୍ୟନ୍ତ କାହାରିକୁ ଦାୟିତ୍ୱ ଦିଆଗଲା ନାହିଁ। ଫଳରେ ପୌର ପରିଷଦରେ ସମସ୍ତ ଉନ୍ନୟନ କାର୍ଯ୍ୟ ବନ୍ଦ ରହିବା ସହିତ ଅଚଳାବସ୍ଥା ସୃଷ୍ଟି ହୋଇଛି।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଶିଶୁ ପାଇଲା ନୂଆ ଜୀବନ

ବାଲିଗୁଡା,୧୦।୮ (ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା କ. ନୂଆଗାଁ ବ୍ଲକ ବଣ୍ଡଗୁଡା ପଞ୍ଚାୟତ ଗଟାମାହା ଗ୍ରାମର ଅନନ୍ତ ପ୍ରଧାନଙ୍କ ନବଜନ୍ମିତ ଶିଶୁ ଠିକ୍ ଭାବେ ନିଃଶ୍ୱାସ ପ୍ରଶ୍ୱାସ ନେଇ ନ ପାରି ୧ ମାସ ଜୀବନ ସହ ସଂଗ୍ରାମ କରୁଥିଲା। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ରାଜ୍ୟ ବାହାରେ ଚିକିତ୍ସିତ ହୋଇ ଶିଶୁଟି ନୂଆ ଜୀବନ ପାଇଛି। ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁଟି ଜନ୍ମ ହେବା ପରେ ତାହାର ନିଃଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟା ହେବାରୁ ଡାକ୍ତର ବ୍ରହ୍ମପୁର ଏମକେସିଜି ବଡ ମେଡିକାଲ ପଠାଇଥିଲେ। ସେଠାରୁ ତାକୁ କଟକ ଶିଶୁ ଭବନ ପଠାଯାଇଥିଲା। ଶିଶୁଟିର ଉତ୍ତମ ଚିକିତ୍ସା ହୋଇ ନ ପାରିବାରୁ ପରିବାର ଲୋକେ ବିଜୁ ସ୍ୱାସ୍ଥ୍ୟକାର୍ଡରେ ଏକ ଘରୋଇ ମେଡିକାଲରେ ଭର୍ତ୍ତି କଲେ। ସେହି କାର୍ଡରୁ ସମସ୍ତ ଅର୍ଥ ସରିଯିବା ପରେ ମଧ୍ୟ ଶିଶୁଟି ଜୀବନ ମରଣ ସହ ସଂଗ୍ରାମ କରୁଥିଲା। ବାଲିଗୁଡା ପୂର୍ବତନ ବିଧାୟକ କରେନ୍ଦ୍ର ମାଝିଙ୍କ ଏହି ଘଟଣା ଜାଣିବା ପରେ ଶିଶୁର ପରିବାର ସଦସ୍ୟଙ୍କୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗଙ୍କ ନିକଟକୁ ଯାଇ ସମସ୍ତ ଘଟଣା କହିବା ସହ ରିପୋର୍ଟ ଦେଖାଇଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ରାଷ୍ଟ୍ରୀୟ ବାଲ ବିକାଶ ସ୍ୱାସ୍ଥ୍ୟ ସେବା ମାଧ୍ୟମରେ ଶିଶୁକୁ କୋଲକତାସ୍ଥିତ ଘରୋଇ ହସ୍ପିଟାଲକୁ ପଠାଇଥିଲେ ସମସ୍ତ ଖର୍ଚ୍ଚ ବହନ କରିବା ପାଇଁ ଆଶ୍ୱାସନା ଦେଇଥିଲେ। ଉକ୍ତ ହସ୍ପିଟାଲରେ ଗତ ୧ ତାରିଖରେ ଶିଶୁଟିର ସଫଳ ଅସ୍ତ୍ରୋପଚାର କରାଯାଇଛି ଏବଂ ସେ ସୁସ୍ଥ ରହିଥିବା ପରିବାର କହିଛନ୍ତି। ଅଞ୍ଚଳବାସୀ ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ ଓ ପୂର୍ବତନ ବିଧାୟକ ମାଝିଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି।

## ୧ କୁଇଣ୍ଟାଲ ୯୫ କେଜି ଗଞ୍ଜେଇ ଜବତ, ୨ ଗିରଫ

ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୧୦।୮ (ଅରୁଣ ସାହୁ/ମନୋରଞ୍ଜନ ରଣା)

ଦାରିଙ୍ଗବାଡ଼ି ପୋଲିସ ଏକ ଗଞ୍ଜେଇ ଭର୍ତ୍ତି ପିକ୍ଅପ୍ ଭ୍ୟାନ ସହ ୧ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତି ଥିବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସ୍ଥାନୀୟ ବ୍ଲକ ତିଲୋରୀ ପଞ୍ଚାୟତ ଜଗେରମାହା ଗ୍ରାମର ଏଲିଆସ ଦିଗାଲ ଏବଂ ଉକ୍ତ ଅଞ୍ଚଳର ସନୋଜ ପ୍ରଧାନ। ଶୁକ୍ରବାର ତିଲୋରୀ ଅଞ୍ଚଳରୁ ଏକ ପିକ୍ଅପ ଭ୍ୟାନ (ଓଡି ୦୪-ଏଲ-୩୦୮୯)ରେ ଗଞ୍ଜେଇ ନେଇ ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ଖବର ପାଇ ପୋଲିସ ଦାରିଙ୍ଗବାଡି ବଇନ ଶଙ୍ଖ ନିକଟରେ ବ୍ଲକିଂ କରି ଯାଞ୍ଚ କରୁଥିବାରୁ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ବ୍ରାହ୍ମଣୀଗାଁ ଥାନା ପୋଲିସ ମାଣ୍ଡିପଙ୍କା ଜଙ୍ଗଲରୁ ୯୫ କେଜି ଗଞ୍ଜେଇ ଜବତ କରିଛି। ଏ ନେଇ ପୋଲିସ ନଂ.୯୯/୨୪ରେ ମାମଲା ରୁଜୁ ହୋଇଛି। ପୋଲିସ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ଖବର ପାଇ ଉକ୍ତ ଜଙ୍ଗଲ ଭିତରକୁ ଯାଇଥିଲେ। ସେଠାରେ ୩ଟି ପ୍ଲାଷ୍ଟିକ ବସ୍ତା ପରିତ୍ୟକ୍ତ ଅବସ୍ଥାରେ ଥିବା ନଜରକୁ ଆସିଥିଲା। ଉକ୍ତ ବସ୍ତାକୁ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା



ପାରଳାଖେମୁଣ୍ଡି,୧୦।୮(ଗିରିଧାରୀ ପରିଛା):

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଶନିବାର ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ଜମାଦାରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲା ଶିକ୍ଷା ଅଧିକାରୀ ମାୟାଧର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ବିଜ୍ଞାନ ନିରୀକ୍ଷକ ଏ. ରବି କୁମାର, ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଚନ୍ଦ୍ରଶେଖର ପଟ୍ଟନାୟକ, ବିଦ୍ୟାଳୟର ବରିଷ୍ଠ ଉପଦେଷ୍ଟା ରାମାନନ୍ଦ ଦାଶ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ବିଦ୍ୟାଳୟର ସ୍ମାର୍ଟ କ୍ଲାସ ଉଦଘାଟନ ହୋଇଥିଲା। ମେଳାରେ ୨୧୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକମାନେ ପ୍ରକଳ୍ପ ଗୁଡ଼ିକର ମୂଲ୍ୟାଙ୍କନରେ ସହଯୋଗ କରିଥିଲେ। ଶ୍ରେଷ୍ଠ ଛାତ୍ରଛାତ୍ରୀମାନେ ଆସନ୍ତା ୨୪ ତାରିଖରେ ଗଞ୍ଜାମ ଜିଲା ଛତ୍ରପୁର ଠାରେ ହେବାକୁ ଥିବା ବିଭାଗ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିବେ।

# ସମସ୍ୟାଘେରରେ ପାକାଡ଼ାମ୍ବା ଗାଁ

ଖଜୁରିପଡ଼ା,୧୦।୮ (ବିଦୁରବେହେରା)



ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶ ଅମୃତ ମହୋତ୍ସବ ପାଳନ କରିଥିବା ବେଳେ ଆଜି ଅନେକ ଗାଁକୁ ରାସ୍ତା ନାହିଁ। କାହାର ଦେହ ଖରାପ ହେଲେ ଖଟିଆରେ ବୁହା ହୁଅନ୍ତି ରୋଗୀ। ୧୯୫୪ ମସିହା ସ୍ଥାପିତ ହୋଇଛି ସରକାରୀ ପ୍ରାଥମିକ ବିଦ୍ୟାଳୟ। ହେଲେ ବିଦ୍ୟାଳୟକୁ ରାସ୍ତା ନାହିଁ। ଧର୍ମ ମଣ୍ଡପ ଅଛି ଗାଁରେ ତାହା ଭଗ୍ନ ଅବସ୍ଥାରେ। ଏହିଭଳି ଅନେକ ସମସ୍ୟା ଘେରରେ ରହିଛି ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ପିରିକୁଡ଼ି ଗ୍ରାମ ପଞ୍ଚାୟତ ଅଧୀନ ପାକାଡ଼ାମ୍ବା ଗାଁ। ଏହି ଗ୍ରାମରେ ୨୨ ପରିବାର ବସବାସ କରନ୍ତି। ସମସ୍ତେ ଅନୁସୂଚିତ ଜନଜାତି ଓ ଜାତି ବର୍ଗର ଲୋକ ଅଛନ୍ତି। ଗାଁକୁ ଯିବା ପାଇଁ ଭଲ ରାସ୍ତାଟିଏ ନାହିଁ। ପର୍ବତ ପାହାଡ ରାସ୍ତା ସାଙ୍ଗକୁ କାଦୁଅରେ ପରିପୂର୍ଣ୍ଣ। ଯାହା ଚାଲିକି ଯିବା ମଧ୍ୟ କଷ୍ଟ ସାଧ ହେଉଛି। ଗାଁରେ କାହାର ଦେହ ଅସୁସ୍ଥ ହେଲେ କିମ୍ୱା ଗର୍ଭବତି ମହିଳା ପ୍ରସବ ପାଇଁ ମେଡିକାଲ ଯିବାକୁ ହେଲେ ୨ କିମି ରାସ୍ତା ଖଟିଆରେ ବୁହିବାକୁ ପଡୁଥିବା ଗ୍ରାମବାସୀ କହିଛନ୍ତି। ସେହିପରି ଗାଁରେ ପ୍ରାଥମିକ ବିଦ୍ୟାଳୟ ଅଛି। କିନ୍ତୁ ରାସ୍ତା ସମସ୍ୟା ଯୋଗୁଁ ଛାତ୍ରୀଛାତ୍ରମାନେ ସ୍କୁଲରେ କମ ପାଠ ପଢୁଛନ୍ତି। ଗାଁରେ ଅଙ୍ଗନୱାଡି କେନ୍ଦ୍ର ନାହିଁ। କୋମଳମତି ଶିଶୁମାନେ ୩ କିମି ଦୂରରେ ଥିବା ଗୁମୁରିଖୋଲ ଅଗନୱାଡି ଯିବାକୁ ଇଚ୍ଛା କରୁ ନାହାଁନ୍ତି। କି ଅଭିଭାବକମାନେ ମଧ୍ୟ ଘାଟି ପାହାଡ ରାସ୍ତା ଦେଇ ଯିବାକୁ ଛାଡୁ ନଥିବାରୁ ପ୍ରାଥମିକ ବିଦ୍ୟାଳୟରେ ହିଁ ଶିଶୁ ପଢୁଛନ୍ତି। ଏଥିସହ ଉକ୍ତ ଗାଁରେ ନଳ କୁପ ଠିକ ସେ ପାଣି ଯୋଗାଇ ପାରୁ ନାହିଁ। ଗାଁରେ ପ୍ରମୁଖ ସମସ୍ୟା ରାସ୍ତା ସମସ୍ୟା ଥିବାରୁ ରାସ୍ତା ନିର୍ମାଣ ପାଇଁ ସରକାରଙ୍କୁ ଅନେକ ଥର ଆବେଦନ କରି ବିଫଳ ହୋଇଥିବା କୁହନ୍ତି ଦାନ ସିଂ କହଁର, ମିନି କହଁର ଏବଂ ସେବତୀ କହଁର। ତେଣୁ ଜିଲାପ୍ରଶାସନ ତଥା ଓଡ଼ିଶା ସରକାର ଏହି ସମସ୍ୟା ସମାଧାନ କରିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ଏ ନେଇ ବିଡିଓ ଜର୍ଜ ଡୁଙ୍ଗ ଡୁଙ୍ଗଙ୍କୁ ପଚାରିବାରୁ ଏହି ସମସ୍ୟା ଶୀଘ୍ର ସମାଧାନ କରାଯିବ ବୋଲି ସେ କହିଛନ୍ତି।

## ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ଜି.ଉଦୟଗିରି,୧୦।୮ (ଶିଶିର ପଟ୍ଟନାୟକ)- ଜି.ଉଦୟଗିରି ବ୍ଲକ କାର୍ଯ୍ୟାଳୟରେ ଶୁକ୍ରବାର ଅତିରିକ୍ତ ଉପ ଜିଲାପାଳ ମନୋଜ କୁମାର ଦେବତାଙ୍କ ଅଧ୍ୟକ୍ଷତାରେ ୭୮ତମ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ପୋଲିସ ପ୍ରଶାସନ, ଦମକଳ କେନ୍ଦ୍ର ଅଧିକାରୀ, ବିଭିନ୍ନ ସରକାରୀ ଏବଂ ବେସରକାରୀ ଅଧିକାରୀ ସ୍ୱେଚ୍ଛାସେବୀ, ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଚଳିତବର୍ଷ ଏନଏସି ଅଧୀନରେ ଥିବା ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ହେବାକୁ ଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇଥିଲା। ଜାତୀୟ ଦିବସ କିଭଳି ସୁରୁଖୁରୁରେ ପାଳନ ହେବ ସେଥି ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି।

# ଉଚ୍ଚଶିକ୍ଷା ନିମନ୍ତେ ଛାତ୍ରଙ୍କୁ ମିଳିଲା ସହାୟତା

**ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ**



ପାରଳାଖେମୁଣ୍ଡି,୧୦।୮(ଗିରିଧାରୀ ପରିଛା): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଗଜପତି ଜିଲା ପ୍ରଶାସନ ତରଫରୁ ପାରଳାଖେମୁଣ୍ଡି ଜଙ୍ଗମ୍ ସାହିର ଜି. ସନୁକ ରାଓଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ବାପାଙ୍କ ଦେହାନ୍ତ ପରେ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂସାଶିତ ମହାବିଦ୍ୟାଳୟ ଯୁକ୍ତ ୨ର ଛାତ୍ର ସାନୁକ ଆର୍ଥିକ ସ୍ଥିତି ସଚ୍ଛଳ ନ ଥିବାର ଅଧିକ ପାଠ ପଢିବାକୁ ଅସମର୍ଥ ହେଉଥିଲେ। ଆର୍ଥିକ ସହାୟତା ନିମନ୍ତେ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ଅନୁରୋଧ ରକ୍ଷା କରି ସହାୟତା ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଶନିବାର ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ସନୁକଙ୍କୁ ୧୫ ହଜାର ଟଙ୍କାର ଚେକ ପ୍ରଦାନ କରିଛନ୍ତି। ଏହାଦ୍ୱାରା ସନୁକ ଆଗକୁ ଅଧିକ ପାଠପଢିବା ସହିତ ନିଜର ଲକ୍ଷ୍ୟ ପୂରଣ କରିପାରିବେ ବୋଲି ଜିଲାପାଳ କହିଛନ୍ତି ।

# ଦାରିଙ୍ଗବାଡ଼ି ବିଡିଓଙ୍କ ମୋବାଇଲ ହ୍ୟାକ କଲେ ଦୁର୍ବୃତ୍ତ

ଦାରିଙ୍ଗବାଡି,୧୦।୮(ଅରୁଣ ସାହୁ): ଦାରିଙ୍ଗବାଡି ବିଡିଓ ଗଦାଧର ପାତ୍ରଙ୍କ ମୋବାଇଲ (ନଂ.୯୪୩୮୩୫୪୫୬୬)କୁ କୌଣସି ଦୁର୍ବୃତ୍ତ ହ୍ୟାକ କରିଛନ୍ତି। ବିଡିଓ ଯେଉଁସବୁ ହ୍ୱାଟ୍ସଆପ ଗ୍ରୁପଗୁଡିକରେ ଅଛନ୍ତି, ହ୍ୟାକର ସେଥିରେ ପିଏମ କିଶାନ ଆପ୍‌କୁ ପୋଷ୍ଟ କରି ଉକ୍ତ ଆପ୍‌କୁ ଅନ୍ଇନଷ୍ଟଲ କରିବାକୁ ନିବେଦନ କରିଛନ୍ତି। ହ୍ୟାକର ତାଙ୍କ ନମ୍ବର ଅପବ୍ୟବହାର କରୁଥିବା ବିଡିଓ କହିଛନ୍ତି। ଜଣେ ପ୍ରଶାସନିକ ଅଧିକାରୀଙ୍କ ମୋବାଇଲ ନମ୍ବର ଟି ହ୍ୟାକ ହୋଇଯିବା ପରେ ଏବେ ଚିନ୍ତା ବଢିଛି। ତାଙ୍କ ବ୍ୟାଙ୍କ ଆକାଉଣ୍ଟ ସମେତ ଅନ୍ୟ ସରକାରୀ ତଥ୍ୟ ସବୁ ଚୋରି ହେବା ଆଶଙ୍କା ବୃଦ୍ଧି ପାଇଛି।

# କାମରେ ଆସୁନି ତଣ୍ଡ୍ରିଗାଁ ମତ୍ସ୍ୟ ଯାଆଁଳ କେନ୍ଦ୍ର

ଫିରିଙ୍ଗିଆ/ଫୁଲବାଣୀ ଅଫିସ, ୧୦।୮ (ବିମଳ ଦିଗାଲ/ ରାକେଶ କୁମାର ରାଉତ)

ତଣ୍ଡ୍ରିଗାଁରେ ଦୀର୍ଘ ବର୍ଷରୁ ନିର୍ମାଣ କରାଯାଇଥିବା ମତ୍ସ୍ୟ ଜାଆଁଳ କେନ୍ଦ୍ର ଏବେ ଅବହେଳିତ ହୋଇ ପଡ଼ିଛି। ବର୍ତ୍ତମାନ ପରିସ୍ଥିତିରେ ସରକାର ଜନସାଧାରଣଙ୍କ ରୋଜଗାର ଓ ସୁବିଧା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ସମସ୍ତ ସୁବିଧା ଯୋଗାଇ ଦେଉଛନ୍ତି। ତେବେ ଦୀର୍ଘ ୫୦ ବର୍ଷରୁ ଅଧିକ ହେବ ତଣ୍ଡ୍ରିଗାଁରେ ଏକ ମତ୍ସ୍ୟ ଜାଆଁଳ କେନ୍ଦ୍ର ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିବା ସହ ୪ ଟି କୁଣ୍ଡ ନିର୍ମାଣ କରି ମେଶିନ ଲଗାଇ ୨ଟି ବଡ଼ ପୋଖରୀ ସହ ସମୁଦାୟ ୧୦ ପୋଖରୀ ଖୋଳି ଏହାର ରକ୍ଷଣା ବେକ୍ଷଣ ପାଇଁ କର୍ମଚାରୀ ନିଯୁକ୍ତି ଦେଇଥିଲେ। କର୍ମଚାରୀଙ୍କ ରହିବା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ୨ଟି ଘର ମଧ୍ୟ ନିର୍ମାଣ କରିଥିଲେ। ଏହାଦ୍ୱାରା ଏହି ତଣ୍ଡ୍ରି ଗାଁ ମତ୍ସ୍ୟ ଜାଆଁଳ କେନ୍ଦ୍ରର ରକ୍ଷଣା ବେକ୍ଷଣ ସହ ଏହି କେନ୍ଦ୍ରରୁ ଅଞ୍ଚଳର ମାଛ ଚାଷୀ ଜାଆଁଳ ନେଇ ମାଛ ଚାଷ କରିବା ସହ ଭଲ ୨ ପଇସା ରୋଜଗାର କରି ପାରୁଥିଲେ। ଗତ ୨୦ ବର୍ଷରୁ ଅଧିକ ହେବ ଏହି ଜାଆଁଳା ଉତ୍ପାଦନ କେନ୍ଦ୍ର ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ନଷ୍ଟ ହୋଇ ପଡ଼ିଛି। ଯାହାଦ୍ୱାରା ନିର୍ମାଣାଧୀନ ଲକ୍ଷାଧିକ ଟଙ୍କାର ଘର ଭାଙ୍ଗି ନଷ୍ଟ ହୋଇପଡ଼ିଛି। ମାଛ ଚାଷ ପାଇଁ ଉପଯୋଗୀ ୨ଟି ବଡ଼ ପୋଖରୀରେ ବର୍ତ୍ତମାନ ଘାସ ଲଟାରେ ପରିଣତ ହୋଇରହିଛି। ବାକି ଅନ୍ୟ ଆଠଟି ଛୋଟ ପୋଖରୀ ମଧ୍ୟରେ ୪ଟି ପୋଖରୀ ମଧ୍ୟ ଘାସ ଲଟାରେ ପରିପୂର୍ଣ୍ଣ ହୋଇ ପଡ଼ିଛି। ଜାଆଁଳ ଉତ୍ପାଦନ କରାଯାଉଥିବା ମେଶିନ ସରଞ୍ଜାମ ନଷ୍ଟ ହୋଇଥିବା ବେଳେ ନିର୍ମାଣାଧୀନ କୁଣ୍ଡ ମଧ୍ୟ ଭଙ୍ଗା ଅବସ୍ଥାରେ ପଡ଼ିଛି । ପ୍ରଶାସନ ତଥା ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବା ସହ ଏହାର ପୁନଃ ଉଦ୍ଧାର କରି ପୁଣି ଥରେ ମାଛ ଜାଆଁଳ ଉତ୍ପାଦନ କଲେ କିଛି ଅଞ୍ଚଳର ଯୁବକ ମଧ୍ୟ କାର୍ଯ୍ୟରେ ନିୟୋଜିତ ହେବେ ବୋଲି ଆଶା ରଖିଛନ୍ତି।

## ଜମି ବିବାଦକୁ ନେଇ ବନାଞ୍ଚଳ ଅଧିକାରୀଙ୍କ ଦ୍ୱାରସ୍ଥ

ମୋହନା,୧୦।୮(ମନ୍ମଥ ମିଶ୍ର): ଜମି ବିବାଦକୁ ନେଇ ୩ ପରିବାର ମୋହନା ବନାଞ୍ଚଳ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପୂର୍ବରୁ ଓସ୍ତପଦା ଗାଁ ନିକଟରେ ଥିବା ଜମିରେ ଗଣେଶ ନାୟକଙ୍କ ପରିବାର ସହ ଆଉ ଦୁଇ ପରିବାର ଚାଷ କରି ଆସୁଥିଲେ। ହେଲେ ଏବେ ମର୍ଚିମା ଗାଁର କେତେଜଣ ଲୋକେ ଜୋର ଜବରଦସ୍ତ ଜମିରେ ଥିବା ବଡ଼ ପଣସ ଗଛକୁ କାଟିବା ସହ ଗଣେଶ ଓ ଦୁଇ ପରିବାରଙ୍କୁ ଜମିରୁ ଚାଲିଯିବା ପାଇଁ ଧମକ ଦେଇଥିଲେ। ୩ ପରିବାର ଏ ସମ୍ପର୍କରେ ମୋହନା ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ପ୍ରସାଦ ବିଷୋୟୀଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ବନାଞ୍ଚଳ ଅଧିକାରୀ କହିଛନ୍ତି, ଉଭୟ ପକ୍ଷ ନିଜ ଜମିର ପଟ୍ଟା ଦେଇଛନ୍ତି। ମୋହନା ଥାନାରେ ଅଭିଯୋଗ ପରେ ରାଜସ୍ୱ ନିରୀକ୍ଷକ ଯାଇ ତଦନ୍ତ କରିବେ ବୋଲି ସୂଚନା ଦେଇଛନ୍ତି।

# କଲେଜ ଅଧ୍ୟକ୍ଷଙ୍କ ବିରୋଧରେ ଅର୍ଥ ଆତ୍ମସାତ୍ ଅଭିଯୋଗ

**ତଦନ୍ତ ପାଇଁ ପରିଚାଳନା କମିଟିର ଦାବି, ଛାତ୍ରୀଛାତ୍ରଙ୍କ ବିକ୍ଷୋଭ**



ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ତୁମୁଡିବନ୍ଧ,୧୦।୮(ଦିପକ କୁମାର ପରାସେଠ): କନ୍ଧମାଳ ଜିଲା ତୁମୁଡିବନ୍ଧ ନେତାଜୀ ସୁଭାଷ ବୋଷ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ବିରୋଧରେ ଅର୍ଥ ଆତ୍ମସାତ ଅଭିଯୋଗ ହୋଇଛି। ଶୁକ୍ରବାର ଏ ନେଇ କଲେଜ ସମ୍ମୁଖରେ ବିକ୍ଷୋଭ କରାଯାଇଥିବା ବେଳେ ପରିଚାଳନା କମିଟି ତଦନ୍ତ ଦାବି କରିଥିବା ଦେଖିବାକୁ ମିଳିଛି। ସୂଚନାନୁସାରେ ଗତ ୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ବାଲିଗୁଡ଼ା ଉପଜିଲାପାଳଙ୍କ ପତ୍ର ସଂଖ୍ୟା ୧୯୭୭ ତା ୨୪.୦୪.୨୩ ପ୍ରକାରେ ବାର୍ଷିକ ବ୍ୟୟ ଅଟକଳ ୩୨,୫୪,୫୬୦.୦୦ ଟଙ୍କା। କିନ୍ତୁ ମହାବିଦ୍ୟାଳୟର ବ୍ୟାଙ୍କ ଜମା ଖାତାରୁ ଅଧ୍ୟକ୍ଷ ବିଶେଶ୍ୱର ଆଚାର୍ଯ୍ୟ ମନଇଚ୍ଛା ୮୧,୧୭,୨୯୭.୫୦ ଟଙ୍କା ଉଠାଣ କରିଛନ୍ତି, ଯାହାକି ଅନୁଷ୍ଠାନ ଦ୍ୱାରା ମଞ୍ଜୁର ହୋଇଥିବା ବାର୍ଷିକ ବ୍ୟୟ ବରାଦ ଠାରୁ ଦୁଇଗୁଣରୁ ଅଧିକ। ଏହା ସହିତ ଛାତ୍ରୀଛାତ୍ରମାନଙ୍କ ଠାରୁ ବିଭିନ୍ନ ଆଳ ଦେଖାଇ ଚାନ୍ଦା ଆଦାୟ କରିଛନ୍ତି। ବିଭିନ୍ନ ଅଭିଯୋଗକୁ ନେଇ ଅଭିଭାବକ ଓ ପରିଚାଳନା କମିଟି ଉଚ୍ଚଶିକ୍ଷା ବିଭାଗକୁ ଲିଖିତ ଭାବରେ ଜଣାଇଥିଲେ। ତାହାକୁ ଆଧାର କରି ବ୍ରହ୍ମପୁର ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ସିଦ୍ଧାର୍ଥ ଶେଖର ପାଢ଼ୀ ଗତ ୧୬.୯.୨୦୨୩ ତାରିଖରେ ମହାବିଦ୍ୟାଳୟକୁ ପରିଦର୍ଶନ ପାଇଁ ଆସି ତଦନ୍ତ କରିବାକୁ ଚାହିଁଥିଲେ। ହେଲେ ସମ୍ପୃକ୍ତ ଅଧ୍ୟକ୍ଷ ଆଚାର୍ଯ୍ୟ ସହଯୋଗ ନ କରିବାରୁ ଆଞ୍ଚଳିକ ନିର୍ଦ୍ଦେଶକ ପାଢ଼ୀ ବିରକ୍ତି ପ୍ରକାଶ କରିବା ସହିତ ଫେରି ଯାଇଥିଲେ। ଏହି ଘଟଣାକୁ ତଦାରଖ କରିବା ପାଇଁ ପତ୍ର ସଂଖ୍ୟା -୨୭୭୬, ୧୮.୯.୨୦୨୩ ତାରିଖରେ ଅଧ୍ୟକ୍ଷ ମହିଳା ମହାବିଦ୍ୟାଳୟ ଫୁଲବାଣୀ ଓ କଳିଙ୍ଗ ମହାବିଦ୍ୟାଳୟ ଉଦୟଗିରିକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ମଧ୍ୟ ସେ ସହଯୋଗ କରିନଥିଲେ। ପୁନର୍ବାର ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ବ୍ରହ୍ମପୁରଙ୍କ ଚିଠି କ୍ରମେ ପତ୍ର ସଂଖ୍ୟା-ଆରଡିଇ-ବିଏଏମ୍-୧୨/୨୦୨୩, ୮୨୮, ତା ୨୮.୦୩.୨୦୨୪ ରିଖ ପ୍ରକାରେ କ୍ୟାସ୍ ରେକର୍ଡ ଯାଞ୍ଚ ପାଇଁ ତା ୦୨.୦୪.୨୦୨୪ ରିଖ ସମୟ ୨.୩୦ରେ ସ୍ୱୟଂଶାସିତ ମହାବିଦ୍ୟାଳୟ ଫୁଲବାଣୀ ଠାରେ କରାଯିବା ପାଇଁ ନିର୍ଦ୍ଦେଶ ଦେଲେ। ମହାବିଦ୍ୟାଳୟର ସଭାପତି ପାଉଲ୍ ମଣ୍ଡଳ ଏବଂ ମହାବିଦ୍ୟାଳୟର ପରିଚାଳନା କମିଟିର ସମସ୍ତ ସଦସ୍ୟା/ସଦସ୍ୟ ମଧ୍ୟ ଯାଞ୍ଚ ସମୟରେ ଉପସ୍ଥିତ ଥିଲେ। ସେହିଦିନ ମଧ୍ୟ ତଦନ୍ତ ନ କରି ୨୪ ଦିନର ମହଲତ ମାଗିଥିଲେ। ତାହାକୁ ତଦନ୍ତ ଅଧିକାରୀ ମଞ୍ଜୁର କରି ତା ୨୬.୦୪.୨୦୨୪ ରିଖକୁ ଧାର୍ଯ୍ୟ କରିଥିଲେ। ସେହିଦିନ ମଧ୍ୟ ବ୍ୟୟ ବରାଦର ସମସ୍ତ ବିଲ, ଭାଉଚର ପ୍ରଦାନ କରିପାରିନଥିଲେ। ତେବେ ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ପରିଚାଳନା କମିଟି ଓ ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ଅଭିଯୋଗର ଉପଯୁକ୍ତ ତଦନ୍ତ କରିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି।

# ଡ୍ରୋନ୍ ଟେକ୍ନୋଲୋଜିରେ ଗ୍ଲୋବାଲ ଲିଡର ହେବ ଭାରତ

ନୂଆଦିଲ୍ଲୀ,୧୦।୮

କ୍ରମାଗତ ଭାବେ ଭାରତୀୟ ଡ୍ରୋନ୍ ବଜାର ଦ୍ରୁତ ଅଭିବୃଦ୍ଧି ପଥରେ ରହିଛି, ଯାହା ୧୭.୦ %ର ଏକ କମ୍ପାଉଣ୍ଡ ଆନୁଆଲ ଗ୍ରୋଥ୍ ରେଟ୍ (ସିଏଜିଆର)ରେ ୨୦୨୪ର ୬୫୪ ମିଲିୟନ ଡଲାରରୁ ୨୦୨୯ରେ ୧୪୩୭ ମିଲିୟନ ଡଲାରକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଏପରିକି ଏହି ବୃଦ୍ଧି କୃଷି, ପ୍ରତିରକ୍ଷା ଓ ଇ-କମର୍ସ ଭଳି ବିବିଧ ପ୍ଲାଟଫର୍ମ(କ୍ଷେତ୍ର)ଗୁଡ଼ିକରେ ବଢ଼ୁଥିବା ଚାହିଦା ଦ୍ୱାରା ବହୁମାତ୍ରାରେ ପରିଚାଳିତ ହୋଇଛି। ଏପରିକି ୨୦୩୦ ସୁଦ୍ଧା ଭାରତ ଡ୍ରୋନ୍ ଟେକ୍ନୋଲୋଜି କ୍ଷେତ୍ରରେ ଏକ ଗ୍ଲୋବାଲ ଲିଡର ହେବ ବୋଲି ଆକଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା 'କୌଶଳ ରଥ' ଅଭିଯାନର ଔପଚାରିକ ଉଦ୍ଘାଟନ ନିକଟରେ ହୋଇଯାଇଛି। ଏହା ସହ ଓଡ଼ିଶା ଦ୍ରୁତ ଅଭିବୃଦ୍ଧିଶୀଳ ଶିଳ୍ପରେ ଏକ ପ୍ରମୁଖ ରାଜ୍ୟ ଭାବେ ପରିଣତ ହେବାର ଆକାଂକ୍ଷାକୁ ଏକ ମହତ୍ୱପୂର୍ଣ୍ଣ ପ୍ରୋତ୍ସାହନ ମିଳିଛି। ସେହିଭଳି ସ୍କିଲ୍ଡ-ଇନ୍-ଓଡ଼ିଶା ମିଶନ ଅଧୀନରେ ଏହି ପଦକ୍ଷେପର ଏକ ଅଂଶ ଭାବେ ଓଡ଼ିଶାରେ ଅବସ୍ଥାପିତ ଏକ ଡ୍ରୋନ୍ ଟେକ୍ନୋଲୋଜି ଓ ଆନାଲିଟିକ୍ସ କମ୍ପାନୀ 'ଆଇଜି ଡ୍ରୋନ୍ସ' ଜାତୀୟ



ଦକ୍ଷତା ବିକାଶ ନିଗମ (ଏନ୍ଏସ୍ଡିସି) ଦ୍ୱାରା ଅନୁମୋଦିତ ପାଠ୍ୟକ୍ରମଗୁଡ଼ିକୁ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଆରମ୍ଭ କରିଛି। ଏହା ମାଧ୍ୟମରେ ଆଡ୍ଭାନ୍ସଡ ଡ୍ରୋନ୍ ଟେକ୍ନୋଲୋଜି ଫଣ୍ଡାମେଣ୍ଟାଲ୍ସ ସହିତ ଏ କ୍ଷେତ୍ରରେ ୧୦,୦୦୦ରୁ ଅଧିକ ଯୁବପିଢ଼ିଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା ପାଇଁ କମ୍ପାନୀ ପ୍ରସ୍ତୁତ ରହିଛି। ଆଇଜି ଡ୍ରୋନ୍ସ ନିକଟରେ ସ୍ୱତନ୍ତ୍ର ଭାବେ ନିର୍ମିତ ଏକ ଅତ୍ୟାଧୁନିକ ଡ୍ରୋନ୍ ସିମୁଲେଟର ରହିଛି, ଯାହାକି ସ୍ୱଦେଶୀ ଭାବେ ବିକଶିତ ଓ ଭାରତର ପ୍ରଥମ ସିମୁଲେଟର । ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିରେ ଶୁଭାରମ୍ଭ କରାଯାଇଥିଲା। ସେହିପରି ୨ ଯୁବ ଓଡ଼ିଆ ଉଦ୍ୟୋଗୀ ବୋଧିସତ୍ୱ ସଂଘପ୍ରିୟା ଓ ଓମ୍ପ୍ରକାଶଙ୍କ ଦ୍ୱାରା ସ୍ଥାପିତ ଆଇଜି ଡ୍ରୋନ୍ସ ୨୦୩୦ ସୁଦ୍ଧା ଭାରତକୁ ଏକ ଗ୍ଲୋବାଲ ଡ୍ରୋନ୍ ହବ୍ରେ ପରିଣତ କରାଇବା ଯାତ୍ରାରେ ଓଡ଼ିଶାକୁ ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଭାବେ ଅବସ୍ଥାପିତ କରିବା ଲାଗି ପ୍ରତିବଦ୍ଧ ରହିଛନ୍ତି। ଏପରିକି କମ୍ପାନୀର ପ୍ରୟାସଗୁଡ଼ିକ ରାଜ୍ୟର ପ୍ରତିଭାମାନଙ୍କୁ ଉପଯୋଗ କରିବା ସହ ସେମାନଙ୍କୁ ଡ୍ରୋନ୍ ଟେକ୍ନୋଲୋଜି କ୍ଷେତ୍ରରେ ଅତ୍ୟାଧୁନିକ ଦକ୍ଷତା ପ୍ରଦାନ କରିବା ଦିଗରେ ପ୍ରସ୍ତୁତ ରହିଛି, ଯାହାର ନିଯୁକ୍ତି ବଜାରରେ ଯଥେଷ୍ଟ ଅଧିକ ଚାହିଦା ରହିଛି। ଏ ସମ୍ପର୍କରେ ଆଇଜି ଡ୍ରୋନ୍ସର ଏମ୍ଡି ବୋଧିସତ୍ୱ ସଂଘପ୍ରିୟା କହିଛନ୍ତି,ଡ୍ରୋନ ଶିଳ୍ପରେ ଏକ ପ୍ରମୁଖ ଖେଳାଳି ହେବା ପାଇଁ ଓଡ଼ିଶା ନିକଟରେ ଅପାର କ୍ଷମତା ରହିଛି। ଏପରିକି କୌଶଳ ରଥ ଅଭିଯାନ ମାଧ୍ୟମରେ ଆମେ ଯୁବପିଢ଼ିଙ୍କୁ ଡ୍ରୋନ୍ ଟେକ୍ନୋଲୋଜି ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ଷେତ୍ରର ଅତ୍ୟାଧୁନିକ ଦକ୍ଷତା ସହ ସୁସଜ୍ଜିତ କରିବା ପାଇଁ ଲକ୍ଷ୍ୟ ରଖିଛୁ, ଯାହା ଭବିଷ୍ୟତ ପାଇଁ ଜରୁରୀ । ଆମର ସ୍ୱତନ୍ତ୍ର ଆଭିମୁଖ୍ୟ ବ୍ୟବହାରିକ ଅଭିଜ୍ଞତା ଉପରେ ଗୁରୁତ୍ୱ ଦେଉଛି, ଯାହା ଆମର ପ୍ରଶିକ୍ଷାର୍ଥୀମାନେ ଯେପରି ନିଯୁକ୍ତି ପାଇଁ ପ୍ରସ୍ତୁତ ରହିବେ ଏବଂ ବିଭିନ୍ନ ଶିଳ୍ପରେ ଏଭଳି ଦକ୍ଷତାଗୁଡ଼ିକୁ ଉପଯୋଗ କରିବାକୁ ସକ୍ଷମ ହେବେ ତାହା ସୁନିଶ୍ଚିତ କରୁଛି। ସେହିଭଳି ସରକାରୀ ଆଇଟିଆଇ ଲକ୍ଷ୍ମୀପୁର କୋରାପୁଟର ପ୍ରିନ୍ସିପାଲ ଇଞ୍ଜିନିୟର ସୁଭେନ କୁମାର ବେହେରା କହିଛନ୍ତି, ଓଡ଼ିଶା ସରକାରଙ୍କ ଏକ ପ୍ରଶଂସନୀୟ ପଦକ୍ଷେପ କୌଶଳ ରଥ ମୋ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କୁ ଆଇଜି ଡ୍ରୋନ୍ ମାଧ୍ୟମରେ ଡ୍ରୋନ୍ ଟେକ୍ନୋଲୋଜିର ମୌଳିକତା ଉପରେ ତାଲିମ ପ୍ରଦାନ କରିଛି। ଏହି କାର୍ଯ୍ୟକ୍ରମ ସେମାନଙ୍କୁ ସ୍କିଲ ଇଣ୍ଡିଆ ଏନ୍ଏସ୍ଡିସି ଅନୁମୋଦିତ ପାଠ୍ୟକ୍ରମଗୁଡ଼ିକର ଜ୍ଞାନ ସହ ସମୃଦ୍ଧ କରିଛି। କୌଶଳ ରଥ ଅଭିଯାନକୁ ବିଶେଷକରି ସୁଦୂର ଅଣସଂରକ୍ଷିତ ଅଞ୍ଚଳଗୁଡ଼ିକରେ ଓଡ଼ିଶାର ଛାତ୍ରୀଛାତ୍ରମାନଙ୍କୁ ଅତ୍ୟାଧୁନିକ ଦକ୍ଷତା ବିକାଶ ସୁଯୋଗ ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି।

# ଡିସେମ୍ବର ୮ରୁ ଏସ୍ଏନ୍ଏପି

ନୂଆଦିଲ୍ଲୀ,୧୦।୮

ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ସିମ୍ବୋସିସ୍ ଇଣ୍ଟରନ୍ୟାଶନାଲ୍ (ଡିମିଡ୍ ୟୁନିଭର୍ସିଟି)ର ବହୁ ପ୍ରତୀକ୍ଷିତ ସିମ୍ବିବିଓସିସ୍ ନ୍ୟାଶନାଲ ଆପ୍ଟିଚ୍ୟୁଡ୍ ଟେଷ୍ଟ ବା ଏସ୍ଏନ୍ଏପି-୨୦୨୪ର ପଞ୍ଜୀକରଣ ପ୍ରକ୍ରିୟା ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି। ଏପରିକି ଏହି ପ୍ରବେଶିକା ପରୀକ୍ଷା ୨୦୨୪ ଡିସେମ୍ବର ୮ରୁ ଆରମ୍ଭ ହେଉଛି। ଅପରପକ୍ଷରେ ୨୦୨୪ ଅଗଷ୍ଟ ୫ରୁ ଏହାର ଆବେଦନ ୱିଣ୍ଡୋ ଖୋଲିଥିଲାବେଳେ ପଞ୍ଜୀକରଣ ପ୍ରକ୍ରିୟା, ଯୋଗ୍ୟତା ମାନଦଣ୍ଡ ଏବଂ ଅନ୍ୟାନ୍ୟ ଜରୁରୀ ସୂଚନା ପାଇଁ ଆବେଦନକାରୀଙ୍କୁ ଏସ୍ଏନ୍ଏପି ୱେବ୍ସାଇଟ୍ ପରିଦର୍ଶନ କରିବାକୁ ହେବ। ସେହିପରି ୨୦୨୪ ଏସ୍ଏନ୍ଏପି କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି) ତିନୋଟି ଭିନ୍ନ ତାରିଖ ୨୦୨୪ ଡିସେମ୍ବର ୮, ଡିସେମ୍ବର ୧୫ ଏବଂ ଡିସେମ୍ବର ୨୧ରେ ଅନୁଷ୍ଠିତ ହେବ। ଏସ୍ଏନ୍ଏପି ୨୦୨୪ର ପରୀକ୍ଷା ଫଳାଫଳ ୨୦୨୫ ଜାନୁଆରୀ ୮ରେ ଘୋଷଣା ହେବ। ଉଲ୍ଲେଖଯୋଗ୍ୟ, ଆଗାମୀ ପରୀକ୍ଷା ଆଶାୟୀ ପ୍ରାର୍ଥୀଙ୍କୁ ଏକକ ଆବେଦନ ଫର୍ମ ସହିତ ସିମ୍ବୋସିସ୍ ଇଣ୍ଟରନ୍ୟାଶନାଲ୍ (ଡିମିଡ୍ ୟୁନିଭର୍ସିଟି) ଅଧୀନରେ ଥିବା ୧୭ ଟି ଅନୁଷ୍ଠାନରେ ୨୭ଟି ପ୍ରୋଗ୍ରାମରେ ଆବେଦନ କରିବାର ସୁଯୋଗ ପ୍ରଦାନ କରିଥାଏ।

# ବଜାରରେ ବିଏସ୍ଏଚ୍ର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୧୦।୮

ହୋମ୍ ଆପ୍ଲାଏନ୍ସ ଶିଳ୍ପରେ ଏକ ଗ୍ଲୋବାଲ ଲିଡର ବିଏସ୍ଏଚ୍ ହସ୍ଜରେଟ ଜିଏମ୍ବିଏଚ୍ର ଏକ ସହାୟକ କମ୍ପାନୀ ବିଏସ୍ଏଚ୍ ହୋମ ଆପ୍ଲାଏନ୍ସେସ ପ୍ରାଇଭେଟ୍ ଲିମିଟେଡ୍ର ନୂତନ ଉତ୍ପାଦ 'ମେଡ୍-ଇନ୍-ଇଣ୍ଡିଆ' ବଶ୍ ଏବଂ ସାଇମେନ୍ସ ଫ୍ରଣ୍ଟ-ଲୋଡିଂ ୱାଶିଂ ମେଶିନ ରେଞ୍ଜର ଉନ୍ମୋଚନ ନିକଟରେ ହୋଇଯାଇଛି। ଏପରିକି ୯-୧୦ କେଜି ଲୋଡ୍କୁ ନିୟନ୍ତ୍ରଣ କରିବାର ଏକ କ୍ଷମତା, ଅତ୍ୟାଧୁନିକ ଶକ୍ତି ଦକ୍ଷତା ଓ ଟେକ୍ନୋଲୋଜି ସହ ଏହି ୱାଶିଂମେଶିନଗୁଡ଼ିକୁ ସମସ୍ତ ସଫେଇ ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଛି। ସେହିଭଳି ସିଲ୍ଭର, ଡାର୍କ ଗ୍ରେ ଓ ଡାର୍କ ଲେକ୍ ଭଳି ଚମତ୍କାର ରଙ୍ଗରେ ଉପଲବ୍ଧ ଏହି ମେଶିନଗୁଡ଼ିକ କେବଳ ଉନ୍ନତ କାର୍ଯ୍ୟଦକ୍ଷତା ପ୍ରଦାନ କରୁନାହାନ୍ତି ବରଂ ଆପଣଙ୍କର ଲଣ୍ଡ୍ରି ସ୍ପେଶ୍ରେ ବିଳାସପୂର୍ଣ୍ଣତାର ଏକ ସ୍ପର୍ଶ ଯୋଗ କରୁଛନ୍ତି। ଏହି ନୂଆ ରେଞ୍ଜର ବଶ୍ ଏବଂ ସାଇମେନ୍ସ ମେଶିନଗୁଡ଼ିକ ଏକ ଅତୁଳନୀୟ ସଫେଇ ଅନୁଭୂତି ପ୍ରଦାନ କରୁଛନ୍ତି, ଉତ୍କୃଷ୍ଟମାନର ପୋଷାକ ଯତ୍ନ ଓ ସୁବିଧାର ପ୍ରତିଶ୍ରୁତି ଦେଉଛନ୍ତି। ଜର୍ମାନ ଷ୍ଟାଣ୍ଡାର୍ଡର ଗୁଣବତ୍ତା ଓ ଡିଜାଇନ ସହ ନିର୍ମିତ ଏହି 'ମେଡ୍ ଇନ୍ ଇଣ୍ଡିଆ' ୱାଶିଂ




ମେଶିନଗୁଡ଼ିକ ଅନ୍ତର୍ଜାତୀୟ ବେଞ୍ଚମାର୍କ ସହ ମେଳ ଖାଉଥିବା ନିର୍ଭରଯୋଗ୍ୟତା ଓ କାର୍ଯ୍ୟଦକ୍ଷତା ସୁନିଶ୍ଚିତ କରୁଛନ୍ତି। ଏ ସମ୍ପର୍କରେ ବିଏସ୍ଏଚ୍ ହୋମ୍ ଆପ୍ଲାଏନ୍ସେସର ଏମ୍ଡି ଓ ସିଇଓ ସୈଫ୍ ଖାନ୍ କହିଛନ୍ତି, ମେକ୍-ଇନ୍-ଇଣ୍ଡିଆ-ଫର୍-ଇଣ୍ଡିଆ ପ୍ରତି ଆମର ଦୃଢ଼ ପ୍ରତିବଦ୍ଧତାର ଅଂଶ ଭାବେ ଆମେ ଆମର ନୂତନ ରେଞ୍ଜ୍ର ଉଚ୍ଚ କ୍ଷମତାସମ୍ପନ୍ନ ଫ୍ରଣ୍ଟ ଲୋଡ୍ ୱାଶିଂ ମେଶିନର ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ବଶ୍ ଫ୍ରଣ୍ଟ ଲୋଡିଂ ୱାଶିଂ ମେଶିନର ବଢ଼ୁଥିବା ଚାହିଦା ପୂରଣ କରିବା ପାଇଁ ଆମେ ଏକ ୨ୟ ଆସେମ୍ବ୍ଲି ଲାଇନ୍ ସହ ଚେନ୍ନାଇ ଫ୍ୟାକ୍ଟ୍ରିରେ ଆମର କ୍ଷମତାକୁ ଦୁଇ ଗୁଣ ବୃଦ୍ଧି କରିଛୁ। ସେହିଭଳି ଆମର ନୂଆ ୯କେଜି ଓ ୧୦କେଜି ବଶ୍ ଏବଂ ସାଇମେନ୍ସ ଫ୍ରଣ୍ଟ ଲୋଡ୍ ୱାଶିଂ ମେଶିନଗୁଡ଼ିକୁ ଭାରତୀୟ ପରିବାରଗୁଡ଼ିକର ବିବିଧ ଆବଶ୍ୟକତାକୁ ପୂରଣ କରିବା ପାଇଁ ଯତ୍ନର ସହ ନିର୍ମାଣ କରାଯାଇଛି, ଯାହା କପଡ଼ା ଯତ୍ନକୁ ବୈପ୍ଳବିକ କରିଛି।

# ଓଜିଏସ୍ରେ 'ଦ ନଲେଜ କ୍ରଲ୍'

ଭୁବନେଶ୍ୱର, ୧୦।୮

ଓଡିଏମ୍ ଗ୍ଲୋବାଲ ସ୍କୁଲ(ଓଜିଏସ୍)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ଦ ନଲେଜ କ୍ରଲ୍' ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଜ୍ଞାନ ଓ ସୃଜନଶୀଳତାର ଶକ୍ତି ସହ ଶିକ୍ଷାର ଯାତ୍ରାକୁ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗର୍ବର ସହିତ ପାଳନ କରିଛି। ସେହିଭଳି ଦ ନଲେଜ କ୍ରଲ୍ କାର୍ଯ୍ୟକ୍ରମ ଯୁବ ଶିକ୍ଷାର୍ଥୀଙ୍କ ମଧ୍ୟରେ ପାଳନ କରାଯାଇଥିଲାବେଳେ ବୈଜ୍ଞାନିକ କୌତୂହଳକୁ ପ୍ରଜ୍ୱଳିତ ଓ ବୃଦ୍ଧି କରିବା ପାଇଁ ପ୍ରସ୍ତୁତ ଅଭିନବ ବିଚାରଧାରା, କଳାତ୍ମକ ଅଭିବ୍ୟକ୍ତି ଓ ଭୌତିକ ସଫଳତାର ଏହା ଏକ ଜୀବନ୍ତ ପ୍ରଦର୍ଶନୀ ଥିଲା। ବିଶେଷକରି ଗ୍ରେଡ୍-



୧ରୁ ୫ ପର୍ଯ୍ୟନ୍ତ ସ୍କୁଲର ଯୁବ ଶିକ୍ଷାର୍ଥୀମାନେ ପ୍ରେରଣାଦାୟକ ଶିକ୍ଷଣୀୟ ଚଳଚ୍ଚିତ୍ରଗୁଡ଼ିକୁ ଅନ୍ୱେଷଣ କରିଥିଲେ। ସେହିପରି ଫନ୍ ୱିଥ୍ ସାଇନ୍ସ, ମ୍ୟାଡ୍ ଓଭର ମ୍ୟାଥ୍ସ ଓ ରିଲିଭିଂ ଆୱାର ହିଷ୍ଟ୍ରିର ଏକ ଚମତ୍କାର ଯାତ୍ରାକୁ ପରିଲକ୍ଷିତ ମଧ୍ୟ କରିଥିଲେ, ଯାହା ସେମାନଙ୍କର ପରିକଳ୍ପନାର ସୀମାକୁ ଆଗକୁ ବିସ୍ତାର ଏବଂ ଆନ୍ତଃ ବିଭାଗୀୟ ସହଭାଗିତାକୁ ପ୍ରୋତ୍ସାହିତ କରିଥିଲା। ଅପରପକ୍ଷରେ ସ୍କୁଲର ସିନିୟର ଛାତ୍ରୀଛାତ୍ରମାନେ ରୋବୋଟିକ୍ସ ଉପରେ ରାଜା ମାହାରୀଙ୍କର ଏକ କର୍ମଶାଳା ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉପରେ ବିଶ୍ୱନାଥ ପାତ୍ରଙ୍କ ଆଲୋଚନାଚକ୍ରରେ ଯୋଗଦେଇଥିଲେ। ଏଥିସହ କସ୍ମସ୍:ନୋଇଂ ଦ ସ୍ପେସ୍ ଆଣ୍ଡ ଇନୋଭେଶନ ଫେଷ୍ଟ ଉପରେ ଏକ ସୁନ୍ଦର ଉପସ୍ଥାପନା ଦିଆଯାଇଥିଲା ; ଯେଉଁଠାରେ ବିଭିନ୍ନ ଗ୍ରେଡ୍ର ଛାତ୍ରୀଛାତ୍ରମାନେ ନିଜର ପ୍ରୋଜେକ୍ଟଗୁଡ଼ିକୁ ପ୍ରଦର୍ଶିତ କରିଥିଲେ। ଏହା ସେମାନଙ୍କର ସୃଜନଶୀଳତା, ଜଟିଳ ଚିନ୍ତାଧାରା ଓ ସମସ୍ୟା ସମାଧାନକାରୀ କ୍ଷମତାକୁ ଦର୍ଶାଇଥିଲା। ଏପରିକି ଯୁବ ଶିକ୍ଷାର୍ଥୀମାନେ କଳାତ୍ମକ ଅଭିବ୍ୟକ୍ତି ଓ ବୈଜ୍ଞାନିକ ପରୀକ୍ଷଣର ଏକ ମିଶ୍ରଣ ସହ ସ୍ଥାୟୀ ସମାଧାନ ଉପରେ ନିଜର ଉଦ୍ଭାବନଗୁଡ଼ିକୁ ଆହୁରି ଉନ୍ନତ କରିଥିଲେ।

# ଲେନୋଭୋର 'ବ୍ୟାକ୍ ଟୁ କଲେଜ' ଅଫର

ନୂଆଦିଲ୍ଲୀ,୧୦।୮

ଦେଶର ପ୍ରମୁଖ ଇ-ବ୍ରାଣ୍ଡ ତଥା ଗ୍ଲୋବାଲ ଟେକ୍ନୋଲୋଜି ପାୱାର ହାଉସ୍ ଲେନୋଭୋର ବହୁ ପ୍ରତୀକ୍ଷିତ ସ୍କିମ୍ 'ବ୍ୟାକ୍-ଟୁ-କଲେଜ' ବା ବିଟିସି ଅଫରର ଶୁଭାରମ୍ଭ କରାଯାଇଛି। ଏହି ଅଫର ୨୦୨୪ ଅଗଷ୍ଟ ୧୮ ପର୍ଯ୍ୟନ୍ତ ବୈଧ ରହିବ। ଏପରିକି ଏହି ବ୍ରାଣ୍ଡ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରିମିୟମ ଡିଭାଇସ୍ଗୁଡ଼ିକ ପାଇଁ ରହିଥିବା ଚାହିଦା ପୂରଣ କରିବା ଲାଗି ଲାପ୍ଟପ୍ ଓ ଆକ୍ସେସରି ଉପରେ ଏକ ବିସ୍ତୃତ ଶୃଙ୍ଖଳାର ରିହାତି ପ୍ରଦାନ କରୁଛି। ସେହିଭଳି ଲେନୋଭୋର ବିଟିସି ଅଫର ସମସ୍ତ ରିଟେଲ ଓ ଇ-ଟେଲ ଚ୍ୟାନେଲଗୁଡ଼ିକରେ ବୈଧ ରହିଛି। ବିଶେଷକରି ଏହା ନିର୍ଦ୍ଦିଷ୍ଟ କଞ୍ଜ୍ୟୁମର ନୋଟ୍ବୁକ ଓ ଡେସ୍କଟପ୍ଗୁଡ଼ିକ ଉପରେ ଲାଗୁ ହେଉଛି। ଲେନୋଭୋର ବାଏବ୍ୟାକ୍ ପ୍ରୋଗ୍ରାମ ୟୋଗା, ଲେଜିଅନ, ଏଲ୍ଓକ୍ୟୁ, ସ୍ଲିମ୍୫, ଫ୍ଲେକ୍ସ ୫ ଓ ଏଆଇଓ ସମେତ ବିଭିନ୍ନ ମଡେଲ ଉପରେ ଆକର୍ଷଣୀୟ ବାଏବ୍ୟାକ୍ ମୂଲ୍ୟ ପ୍ରଦାନ କରାଯାଉଛି। ଏପରିକି ଏହାର ଏକ୍ସଚେଞ୍ଜ ଟପ୍-ଅପ୍ ଅଫରଗୁଡ଼ିକ ଅତିରିକ୍ତ ସଞ୍ଚୟ ପ୍ରଦାନ କରୁଛି, ଯାହା ଏହାକୁ ଛାତ୍ରୀଛାତ୍ରଙ୍କ ଲାଗି ନିଜର ଡିଭାଇସ୍କୁ ଅପ୍ଗ୍ରେଡ୍ କରିବା ପାଇଁ ସହଜ କରୁଛି।



## OFFICE OF THE EXECUTIVE ENGINEER RURAL WORKS DIVISION-II, DHENKANAL KAMAKHYANAGAR

Letter No.3481// Date:7.8.24

**Quotation Call Notice No.01/2024-25**

**No.O-188:** Sealed quotations/tenders are invited from interested reputed Travel Agencies/Tour operators or Private individuals for providing OL (One) No. of Non-AC/AC diesel driven four wheeler vehicle having sitting capacity not more than ten including driver Bolero of Model SLX/ZLX/B60PT/PIUS of white colour which shall conform to the terms and conditions (Annexure-I) for Official use NHM Works on monthly rent basis.

The cost of hire charges for engagement of Six month is Rs. 1,80,000/-(i.e 6X30000= 180000) which is base price for cost comparison.

Details regarding the term and condition and tender paper will be available at Division office from 12.08.2024 to 17.08.2024 have to pay Rs.500.00 only towards the cost of Quotation paper in shape of demand draft in favour of Executive Engineer, RW Division-II, Kamakhyanagar. The filled quotation papers with required EMD & cost of quotation paper should be delivered/dropped in the office of the undersigned by 20.08.2024 till 4.00 PM along with all relevant documents. The quotation will be opened on same day at 5.00 PM in presence of the quotationer or their authorized representatives. The undersign reserve the right to reject or cancelled any or all the tender without assigning any reason thereof.

**Sd./- Executive Engineer**
**Rural Works Division-II, Dkl**
**Kamakhyanagar**

OIPR-25094/11/0005/2425

## Rejuvenating Watersheds for Agricultural Resilience through Innovative Development (REWARD), LRI-OUAT

## COLLEGE OF AGRICULTURE
## ODISHA UNIVERSITY OF AGRICULTURE AND TECHNOLOGY
## BHUBANESWAR-751003

**Engagement of manpower on contractual basis through Walk-in-Interview**

**No.KK-117:** Walk-in-interview for engagement of Senior Research Fellow at GIS lab on contractual basis under the World Bank assisted project on LRI-OUAT (REWARD) funded by DSC&WD, Dept. of Ag & FE, Govt. of Odisha will be held in the **Committee room of the Dean of Research, Odisha University of Agriculture and Technology, Bhubaneswar.** For details of the advertisement, positions, qualification and experience, nature of job and schedule of Walk-in-Interview please visit ouat.nic.in.

OIPR-01541/11/0001/2425 **Sd./- PI, LRI-OUAT (REWARD)**

No.O-185

e-mail ID - rw_sambalpur@yahoo.co.in
Phone No. : 0663-2401850

No. 4030 dated. : 08.08.2024

**Government of Odisha "e" procurement Notice**

**Bid Identification No. TENDER ONLINE SBPR - 01 of 24-25**

1. Name of the work : Road works as per DTCN available in the website : www.tendersodisha.gov.in
2. Total No. of Work : 03(Three) Nos.
3. Estimated Cost : Varies from Rs. 29.37 lakhs to 46.22 lakhs
4. Period of Completion : 03 (Three) Calendar months
5. Period and time of availability of bid document in the portal for bidding : 17.08.2024 at 11.00 AM to 28.08.2024 up to 5.00 PM
6. Date and time of opening of Tender : 29.08.2024 at 11.00 AM
7. Name and address of the officer inviting bid : S.E.R.W. Divn. Sambalpur

(1) Other details can be seen from detailed notice inviting tenders, available in website : www.tendersodishagov.in
(2) Corrigendum if any shall only be published in the website : www.tenderodisha.gov.in

**Sd./- Superintending Engineer**
**Rural Works Division, Sambalpur**

OIPR-25076/11/0001/2425

## ODISHA PUBLIC SERVICE COMMISSION, CUTTACK

**NOTICE**

No. : 4447/P.S.C., Dt : 09.08.2024

1E-52-2024/25 (DR-III)

**No.D-109:** It is for information of all concerned that, the Commission have decided to conduct the written examination for recruitment to the post of **Post Graduate Teachers (Group-B)**, pursuant to Advt. No. 25 of 2023-24 on **15.09.2024, 29.09.2024 & 06.10.2024** in five zones viz. Balasore, Berhampur, Bhubaneswar, Cuttack & Sambalpur as per the programme detailed below :

**PROGRAMME FOR WRITTEN EXAMINATION**

| Date | 1st Session | 2nd Session | 3rd Session |
|---|---|---|---|
| | 9.00 A.M. to 11.00 A.M. | 12.00 Noon to 2.00 P.M. | 3.30 P.M. to 5.30 P.M. |
| 15.09.2024 (Sunday) | Paper - I (Compulsory Paper) General English & General Knowledge | Paper - II Anthropology, Education, Geology, Logic/Philosophy, Statistics and Urdu | Paper - III Anthropology, Education, Geology, Logic/Philosophy, Statistics and Urdu |
| 29.09.2024 (Sunday) | Paper - II English, Hindi & Sociology | Paper - II Chemistry, Economics, History, Political Science, Sanskrit and Zoology | Paper - III Chemistry, Economics, History, Political Science, Sanskrit and Zoology |
| 06.10.2024 (Sunday) | Paper - III English, Hindi & Sociology | Paper - II Botany, Commerce, Geography, Home Science, Mathematics, Odia, Physics and Psychology | Paper - III Botany, Commerce, Geography, Home Science, Mathematics, Odia, Physics and Psychology |

NB : The PwD candidates will be given extra 20 minutes per hour in each session. (i.e. 09.00 A.M. to 11.40 A.M. for 1st session, 12.00 Noon to 02.40 P.M. for 2nd session and 03.30 P.M. to 06.10 P.M. for 3rd session).

The candidates are advised to visit the website of the Commission **(http://opsc.gov.in)** regularly for further updates.

OIPR-12002/11/0067/2425 **Sd./- Secretary (I/C)**

## Government of Odisha
## Higher Education Department

**Timeline for Phase-II e-Admission into U.G. Courses under SAMS in the Higher Education Institutions for the Academic Session 2024-25**

**No.N-73:** Timeline for Phase-II e-Admission in all (+3) Degree HEIs intcuding Self Financing (Degree) Colleges/ Sanskrit (Shastri) of the State under Student Academic Management System (SAMS) is given below. Any changes in the timeline will be published in the newspapers as well as in the website www.samsodisha.gov.in. Kindly refer the Common Prospectus (CP) before filling up the CAF.

| Sl# | Activities | Timeline |
|---|---|---|
| 1 | Availability of online **Common Application Form (CAF)** on the website **www. samsodisha.gov.in** | **12. -Aug-2024 (Monday) (04:00 PM)** |
| 2 | Last date for applying online CAF through **www.samsodisha.gov.in.** | **26-Aug-2024 (Monday) (upto 11:45 PM)** |
| 3 | Editing of CAF (if required) for the CAF submitted earlier. No fresh CAF will be allowed during this period | **27-Aug- 2024 (Tuesday) (10.00 AM)** |
| 4 | Publication of Provisional allotment of seats for **1st Selection alongwith the list of waitlisted applicants (in their upper choice HEIs) in HEI's e-Space as per the actual vacancy** | **02-Sep-2024 (Monday) (04.00 PM)** |
| 5 | Reporting of selected applicants **(with the downloaded intimation letter)** and payment of admission fees at the allotted institutions, directly in online mode **(Net Banking/Bank Challan/ NEFT/UPI etc.)** for taking admission. **(for First Round Admission)** | **03-Sep-2024 (Tuesday) (10.00 AM) to 06-Sep-2024 (Friday) (05.00 PM)** |
| 6 | Data updation of the admitted students in the e-space by the respective Institutions **(for First Round Admission)** | **03-Sep-2024 (Tuesday) (10.00 AM) to 06-Sep-2024 (Friday) (07.00 PM)** |
| 7 | Publication of **merit wise list among the waitlisted applicants from the list of waitlisted applicants provided in HEI's e-space** at their **Notice Board/ Website** and will also **communicate to the applicants via Phone Call/SMS/Whats-app** | **10-September-2024 (02.00 PM)** |
| 8 | Reporting of selected applicants from waiting list to take admission in one of the selected HEIs, where the **total/differential admission fees will be deposited directly at the HEIs in online mode (Net Banking/ Bank Challan/ NEFT/ UPI etc.)** | **11-Sept-2024 (Tuesday) (10.00 AM) to 12-Sept-2024 (Thursday) (05.00 PM)** |
| 9 | **Admission Updation** of the selected student's data by the HEIs in their e-Space | **11-Sept-2024 (Tuesday) (10.00 AM) to 12-Sept-2024 (Thursday) (07.00 PM)** |
| 10 | If vacancy still persist HEIs will **Call/Whats-app** from the remaining waitlisted applicants merit wise to take admission, where the **total/ differential admission fees will be deposited directly at the HEIs in online mode (Net Banking/Bank Challan/NEFT/UPI etc.)** | **13-Sept-2024 (Tuesday) (10.00 AM) to 14-Sept-2024 (Thursday) (05.00 PM)** |
| 11 | **Admission Updation** of the student's data by the HEIs in their e-Space | **13-Sept-2024 (Tuesday) (10.00 AM) to 14-Sept-2024 (Thursday) (07.00 PM)** |

**For More details please contact: e-Admission Helpline (Toll Free) Number 155335/ 1800-345-6770**

OIPR-11001/11/0023/2425 **Sd./- Deputy Director, PTC Section**

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ସଂଖ୍ୟା: **RDM-LAC-SUN-0001-2024-26738/ R&DM,** ତାରିଖ **08 AUG 2024**

**ପ୍ରତ୍ୟାହାର ଅଧିସୂଚନା**

**No.VII-06:** ଏତଦ୍ୱାରା ରାଜ୍ୟ ସରକାର, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act, 2013)ର ଧାରା ୯୩ (୧) ଦ୍ୱାରା ପ୍ରଦତ୍ତ କ୍ଷମତାକୁ ବ୍ୟବହାର କରି ଗ୍ରାମ-ଖମାରବାହାଲ, ତହସିଲ-ଟାଙ୍ଗରପାଳି, ଜିଲ୍ଲା-ସୁନ୍ଦରଗଡରେ ବ୍ୟାଙ୍କିବାହାଲରୁ ବେଦବାହାଲ ପର୍ଯ୍ୟନ୍ତ ଏକ ଉତ୍ସର୍ଗୀକୃତ କୋଇଲା କରିଡର ନିର୍ମାଣ ପ୍ରକଳ୍ପ ପାଇଁ, ସୁନ୍ଦରଗଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦ୍ୱାରା, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act,2013)ର ଧାରା ୧୧ (୧) ଅନୁଯାୟୀ ହୋଇଥିବା ଅଧିସୂଚନା ସଂଖ୍ୟା ୧୦୯୦ ତା.୦୯.୦୮.୨୦୨୩ ରେ ଅଧିସୂଚିତ ଏବଂ ଓଡ଼ିଶା ଗେଜେଟ୍ର ଅସାଧାରଣୀୟ ବିଷୟଭିତ୍ତିକ ସଂଖ୍ୟା. ୨୮୨, ତା.୦୮.୦୨.୨୦୨୪ରେ ପ୍ରକାଶିତ ହୋଇଥିବା ସମୁଦାୟ ଅଧିସୂଚିତ ଏ.୦.୯୨ ଭୂମି ମଧ୍ୟରୁ, ଦଖଲକୁ ନିଆଯାଇନଥିବା ଏ. ୦.୭୭ ଭୂମିକୁ ପ୍ରତ୍ୟାହାର କରିଛନ୍ତି ।

ପ୍ରତ୍ୟାହାର ଭୂମି ଅନୁସୂଚୀ ତଳେ ସଂଲଗ୍ନ କରାଯାଇଛି ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ଦିଗନ୍ତ ରାଉତରାୟ)
ଅତିରିକ୍ତ ଶାସନ ସଚିବ

**ଜମିର ତଫସିଲ**

**ମୌଜା-ଖମାରବାହାଲ, ତହସିଲ:ଟାଙ୍ଗରପାଲି, ଥାନା:ଭଷ୍ମା, ଜିଲ୍ଲା:ସୁନ୍ଦରଗଡ଼**

| କ୍ରମାଙ୍କ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ମୋଟ ରକବା (ଏକରରେ) | ପ୍ରତ୍ୟାହାର ରକବା (ଏକରରେ) | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୧୧ | ୧୫୯ | ବାହାଲ ସାଧାରଣ | ୧.୬୧ | ୦.୧୬ | ଧନୁର୍ଜ୍ୟ ବୁଡା, ପିତା:ଗୋବିନ୍ଦ ବୁଡା, ଜାତି:ଭୂୟାଁ, ବାସସ୍ଥାନ:ନିଜଗାଁ |
| ୨ | ୨୫ | ୬୧୭ | ଗୋଡା ଏକ | ୦.୪୦ | ୦.୦୭ | ନକୁଳ ବୁଡା,ପିତା:ଜଗନ୍ନାଥ ବୁଡା,ଜାତି:ଭୂୟାଁ,ବାସସ୍ଥାନ:ନିଜଗାଁ |
| ୩ | ୨୮ | ୬୧୦ | ବାହାଲ ସାଧାରଣ | ୦.୪୩ | ୦.୨୪ | ନୀଳ ବୁଡା,ପିତା:ମାନରଥ ବୁଡା, ଜାତି:ଭୂୟାଁ, ବାସସ୍ଥାନ:ନିଜଗାଁ |
| ୪ | ୪୭ | ୬୧୮ | ବଗାୟତ ଦୁଇ | ୦.୪୭ | ୦.୧୪ | ଭକ୍ତି ଚୌଧୁରୀ,ପିତା:ଦୁମଲି ଚୌଧୁରୀ,ଜାତି:ଭୂୟାଁ,ବାସସ୍ଥାନ:ନିଜଗାଁ |
| ୫ | ୫୭ | ୧୬୦ | ମାଳ ସାଧାରଣ | ୦.୦୪ | ୦.୦୧ | ରଘୁନାଥ ବୁଡା,ପିତା:ମନରଥ ବୁଡା,ଜାତି:ଭୂୟାଁ,ବାସସ୍ଥାନ:ନିଜଗାଁ |
| ୬ | ୬୪ | ୫୭୬ | ଘରବାରି | ୦.୩୯ | ୦.୦୨ | ଭକ୍ତରାମ ବୁଡା, ପିତା:ରସାନନ୍ଦ ବୁଡା, ଜାତି:ଭୂୟାଁ,ବାସସ୍ଥାନ:ନିଜଗାଁ |
| | | ୬୦୯ | ବାହାଲ ସାଧାରଣ | ୦.୬୯ | ୦.୦୪ | |
| ୭ | ୭୬ | ୬୧୧/ ୭୬୦ | ଗୋଡା-୨ | ୦.୦୩ | ୦.୦୩ | ସରସ୍ୱତୀ ସରଡିଆ, ସ୍ୱାମୀ-ବାବୁଲାଲ ସରଡିଆ, ବାସସ୍ଥାନ-ଅମସଡେଗି, ଶୁସିଲା ପ୍ରଧାନ, ସ୍ୱାମୀ-ମୋହନ ପ୍ରଧାନ, ଜାତି:ଭୂୟାଁ, ବାସସ୍ଥାନ:ଖମାରବାହାଲ |
| ୮ | ୭୮/ ୧୦୬ | ୧୬୧/ ୯୭୦ | ବାହାଲ ସାଧାରଣ | ୦.୧୦ | ୦.୦୬ | ଅଭିନା ମହାନନ୍ଦିଆ, ସ୍ୱାମୀ-ମଧୁସୂଦନ ମହାନନ୍ଦିଆ, ଜା-ଗଣ୍ଡା, ବାସସ୍ଥାନ-ନିଜଗାଁ |
| ମୋଟ ପ୍ରତ୍ୟାହାର ରକବା (ଏକରରେ) | | | | | ୦.୭୭ | |

ସ୍ୱା./-ରାଜସ୍ୱ ନିରୀକ୍ଷକ, ଭୂ-ଅର୍ଜନ ଉପବିଭାଗ, ସୁନ୍ଦରଗଡ | OIPR-24001/14/0090/2425 | ସ୍ୱା./-ଭୂ-ଅର୍ଜନ ଅଧିକାରୀ, ସୁନ୍ଦରଗଡ

## OFFICE OF THE DEAN & PRINCIPAL
## MAHARAJA KRISHNA CHANDRA GAJAPATI MEDICAL COLLEGE, BRAHMAPUR-760004 GANJAM, ORISSA

**No.9726/MCB-2024/Welfare/Dt.Berhampur, the 8th Aug, 2024**

**TENDER NOTICE**

**No.E-198:** Bids in sealed tender are invited from reputed agencies/service providers to provide the service of DIET (Dry, Liquid, Cooked) to Indoor patients for MKCG Medical College & Hospital for a period of one year w.e.f the date of execution of the agreement and likely to extend for another period subject to satisfactory performance, mutual agreement on yearly basis.

The detailed information for outsourcing of aforesaid service is available in the Tender document which may either be downloaded from the website www.mkcgmch.org or procure in person from Office of the Dean & Principal, M.K.C.G. Medical College, Berhampur (GM), on any working day between 11 A.M. to 4 PM on payment of Rs.5000/- (Rupees Five thousand) only. The last date and time for submission of Tender document is from 21 (Twenty one) days from the date of publication of this Advertisement in the News paper by Speed Post/ Regd. Post only.

The undersigned reserves the right to cancel the Tender in full or parts at any time without assigning any reason thereof.

**Sd./- Dean & Principal**
**MKCG Medical College, Berhampur**
**OIPR-10013/11/0003/2425**

## OFFICE OF THE DHENKANAL MUNICIPAL COUNCIL, DHENKANAL

**E-Procurement Notice** No.C-395

Tender Call Notice No. 2996/DKLMPLTY/Date - 03.08.2024

| | | | |
|---|---|---|---|
| 1 | Name of the Work | : | "Construction of Dhenkanal Smart Park at Dhenkanal Municipality" Published the website the e-procurement portal https://tenderodisha.gov.in. |
| 2 | No. of works put to tender | : | One No. of individual work |
| 3 | Estimated cost | : | Rs. 222.8 Lakhs |
| 4 | Period of completion | : | 06 (Six) Months |
| 5 | Date and time of availability | : | From 11.00 hours of Dt. 09.08.2024 to 17.30 of dt. of bid document in the portal dt. 23.08.2024 |
| 6 | Last date/Time for receipt of bids | : | 17.30 hours of Dt - 23.08.2024 |
| 7 | Date and time of opening of Technical bid | : | 11.00 hours of Dt. - 27.08.2024 |
| 8 | Name and address of the Officer : Executive Officer, Dhenkanal Municipality, Dhenkanal Inviting Bid | | |

Further details can be seen from the e-procurement portal https://tenderodisha.gov.in

OIPR-13146/11/0010/2425

**Sd./- ExecutiveOfficer**
**Dhenkanal Municipality**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ମାମୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବାଛୁରୀର ଇଣ୍ଟରଭ୍ୟୁ



**ନୂଆଦିଲ୍ଲୀ:** ଅଧିକାଂଶ ପିଲା ପ୍ରାଣୀମାନଙ୍କୁ ବହୁତ ଭଲ ପାଆନ୍ତି। ସେମାନେ ଜୀବଜନ୍ତୁଙ୍କ ସହ ବନ୍ଧୁତା କରିବାକୁ ପସନ୍ଦ କରନ୍ତି। ନିକଟରେ ଏପରି ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି, ଯେଉଁଥିରେ ଜଣେ ଛୋଟ ଝିଅ ଏକ ବାଛୁରୀର ସାକ୍ଷାତକାର ନେବାକୁ ପ୍ରୟାସ କରୁଛି। ଏହି ଭିଡିଓଟିକୁ ସୋସିଆଲ ମିଡିଆ ୟୁଜର୍ସ ବେଶ୍ ପସନ୍ଦ କରିଛନ୍ତି। ଭିଡିଓରେ ପ୍ରଥମେ ଏକ କୁନି ଝିଅ ଜଣେ ରିପୋର୍ଟରଙ୍କ ଭଳି ପୋଜ୍ ଦେଉଛି। ପରେ ସେ ଗୋଟିଏ ମାଇକ୍‌କୁ ବାଛୁରୀର ମୁହଁ ନିକଟରେ ରଖି କୌଣସି ପ୍ରଶ୍ନ ପଚାରିବାକୁ ଲାଗୁଛି। ପ୍ରଶ୍ନ ପଚାରିବା ପରେ ଝିଅଟି ବାଛୁରୀ ପରି ଶବ୍ଦ କରୁଛି। ତେବେ ମାଇକ୍‌ଟି ମୁହଁ ନିକଟକୁ ଆସିବା ମାତ୍ରେ ବାଛୁରୀଟି କିଛି ଶବ୍ଦ କରି କହିବାକୁ ଲାଗୁଛି, ଯେପରି ସେ ଝିଅଟିର ପ୍ରଶ୍ନ ବୁଝିପାରିଛି ଓ ଏହାର ଉତ୍ତର ଦେଉଛି।


## ଜନ୍ମବାର୍ଷିକ ଶୁଭେଚ୍ଛା



**ରାଜଶ୍ରୀ ସ୍ୱାଇଁ (ମାମୁନି)**
ଗ୍ରାମ: ଧୁଁପୁର୍, ତିର୍ତ୍ତୋଲ, ଜଗତ୍‌ସିଂହପୁର
ଜନ୍ମଦିନର ଶୁଭ ଅବସରରେ
କି ଉପହାର ତୁମକୁ ମୁଁ ଦେଇପାରିବି!!
ଖାଲି ଏହାହିଁ ସ୍ୱୀକାର କରିନିଅ
ବହୁତ ବହୁତ ପ୍ରେମ ଓ ସ୍ନେହ ତୁମ ପାଇଁ !!
ଜନ୍ମଦିନ ପାଇଁ ଅନେକ ଅନେକ ଶୁଭକାମନା ତୁମ ପାଇଁ।
ଧ-୧୦୦୯


# ଗୋରୁଙ୍କୁ ଜଗିବେ ପୋଲିସ



**କୋଟା:** ରାସ୍ତାରେ ଯିବାବେଳେ ଅନେକ ପୋଲିସ ଚେକ୍‌ପୋଷ୍ଟ ଦେଖିବାକୁ ମିଳିଥାଏ। ଲୋକଙ୍କ ସୁବିଧା ତଥା ବିଭିନ୍ନ ଯାଞ୍ଚ ପାଇଁ ଏହି ଚେକ୍‌ପୋଷ୍ଟଗୁଡ଼ିକ ନିର୍ମିତ ହୋଇଥାଏ। ତେବେ ରାଜସ୍ଥାନର କୋଟା ସହରରେ ଗୋରୁମାନଙ୍କୁ ଜଗିବା ପାଇଁ ଅନେକ ପୋଲିସ ଚେକ୍‌ପୋଷ୍ଟ ନିର୍ମିତ ହୋଇଛି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

କୋଟାରେ ଗୋରୁମାନଙ୍କୁ ଜଗିବା ପାଇଁ ଅନେକ ଚେକ୍‌ପୋଷ୍ଟ ନିର୍ମାଣ କରାଯାଇଛି। ଏହି ଚେକ୍‌ପୋଷ୍ଟଗୁଡ଼ିକରେ ସବୁବେଳେ ପୋଲିସ ନିୟୋଜିତ ରହିଥାନ୍ତି। ଆଖପାଖ ଗ୍ରାମରୁ ଆସୁଥିବା ଗୋରୁମାନେ ଯେପରି କୋଟା ସହର ଭିତରେ ପ୍ରବେଶ ନ କରନ୍ତି, ସେଥିପାଇଁ କୋଟା ମହାନଗର ନିଗମ ପକ୍ଷରୁ ପୋଲିସ ସହଯୋଗରେ ଏହି ଚେକ୍‌ପୋଷ୍ଟଗୁଡ଼ିକର ନିର୍ମାଣ କରାଯାଇଛି। ପୋଲିସ ବ୍ୟତୀତ ବହୁ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ମଧ୍ୟ ଏହି ଚେକ୍‌ପୋଷ୍ଟଗୁଡ଼ିକରେ ଗୋରୁମାନଙ୍କୁ ଜଗିବା ପାଇଁ ନିୟୋଜନ କରାଯାଇଛି। ଏନେଇ କୋଟା ଉତ୍ତର ମ୍ୟୁନିସିପାଲିଟି କର୍ପୋରେସନ୍ କମିଶନର ଅନୁରାଗ ଭର୍ଗା ସୂଚନା ଦେଇଛନ୍ତି। ପୂର୍ବରୁ ମହାନଗର ନିଗମ ଅଧୀନରେ ଥିବା କୋଟା ସହର ଉପକଣ୍ଠସ୍ଥିତ ଗ୍ରାମଗୁଡ଼ିକରୁ ଗୋରୁମାନେ ଆସି ସହର ମଧ୍ୟରେ ପ୍ରବେଶ କରୁଥିଲେ, ଫଳରେ ଦୁର୍ଘଟଣା ମାମଲା ବଢ଼ିବାକୁ ଲାଗିଥିଲା। ତେଣୁ ଗୋରୁମାନଙ୍କୁ ସହରାଞ୍ଚଳରେ ପ୍ରବେଶ ନ କରାଇବା ପାଇଁ ଏହିସବୁ ଚେକ୍‌ପୋଷ୍ଟର ନିର୍ମାଣ କରାଯାଇଥିବା କମିଶନର କହିଛନ୍ତି। ସମ୍ପ୍ରତି ସହରର କେଶବ୍‌ରାୟ ପାଟନ୍, ବଲ୍ଲୋଭ, ଧାକଡ୍‌କେଡ଼ି ଏବଂ ବାଁରା ଆଦି ଅଞ୍ଚଳରେ ଏହି ଚେକ୍‌ପୋଷ୍ଟ ନିର୍ମାଣ କରାଯାଇଛି। ସେହିପରି ଉକ୍ତ ଚେକ୍‌ପୋଷ୍ଟଗୁଡ଼ିକରେ ୨୪ ଘଣ୍ଟା ଧରି ପୋଲିସ କର୍ମଚାରୀ କିମ୍ବା ଚୁକ୍ତିଭିତ୍ତିକ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି ଆଖପାଖ ଗ୍ରାମାଞ୍ଚଳରୁ ଆସୁଥିବା ଗାଈ, ମେଣ୍ଢା, ଛେଳି ପଲ ଆଦିଙ୍କ ଉପରେ ନଜର ରଖୁଛନ୍ତି। ଅନ୍ୟପକ୍ଷରେ ଯେଉଁମାନଙ୍କ ଗୋରୁ ସହରାଞ୍ଚଳରେ ପ୍ରବେଶ କରୁଛନ୍ତି ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର କହିଛନ୍ତି।

# ଟ୍ରୋଲ୍ କଲେ ବି ଫରକ ପଡୁନି


ମଲାଇକା ଆରୋରା

**ମୁମ୍ବାଇ:** ଅଭିନେତ୍ରୀ ମଲାଇକା ଆରୋରା ତାଙ୍କ ବୃତ୍ତିଗତ ଜୀବନ ବ୍ୟତୀତ ବ୍ୟକ୍ତିଗତ ଜୀବନକୁ ନେଇ ମଧ୍ୟ ବହୁ ଚର୍ଚ୍ଚାରେ ରହିଥାନ୍ତି। କିଛି ଦିନ ତଳେ ଅଭିନେତା ଅର୍ଜୁନ କପୁରଙ୍କ ସହ ତାଙ୍କର ବ୍ରେକ୍‌ଅପକୁ ନେଇ ବହୁ ଚର୍ଚ୍ଚା ଓ ଆଲୋଚନା ହୋଇଥିଲା। ଏହାକୁ ପ୍ରସଙ୍ଗ କରି ସୋସିଆଲ ମିଡିଆରେ ବହୁ ୟୁଜର୍ସ ମଲାଇକାଙ୍କୁ ଟ୍ରୋଲ୍ କରିଥିଲେ। ଶନିବାର ଏକ ସାକ୍ଷାତ୍‌କାରରେ ମଲାଇକା ଏନେଇ ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ପୂର୍ବରୁ ଯେତେବେଳେ ତାଙ୍କୁ ନେଇ ସୋସିଆଲ ମିଡିଆରେ ଟ୍ରୋଲ୍ କରାଯାଉଥିଲା, ସେତେବେଳେ ସେ ଉଦାସ ହୋଇଯାଉଥିଲେ ଏବଂ ଏହାଯୋଗୁ ତାଙ୍କର ପୂରା ଦିନ ନଷ୍ଟ ହୋଇଯାଉଥିଲା। କିନ୍ତୁ ବର୍ତ୍ତମାନ ସେ ଏହି ସମସ୍ୟାରୁ ମୁକୁଳିବାରେ ସଫଳ ହୋଇଛନ୍ତି। ଏଥିପାଇଁ ସେ ନିଜକୁ ମାନସିକ ଭାବେ ସୁଦୃଢ଼ କରିଥିବା ମଲାଇକା କହିଛନ୍ତି। ସେ ପ୍ରତ୍ୟେକ ଦିନ ଯୋଗ ଓ ଧ୍ୟାନ କରିବା ସହ ଠିକ୍ ସମୟରେ ଖାଆନ୍ତି ଏବଂ ଠିକ୍ ସମୟରେ ଶୋଉଥିବା ମଧ୍ୟ କହିଛନ୍ତି। ଏସବୁ କରିବା ଦ୍ୱାରା ବ୍ୟକ୍ତି ମାନସିକ ସ୍ତରରେ ସୁଦୃଢ଼ ହୋଇଥାଏ ଏବଂ ଯେତେ ସମାଲୋଚନା କିମ୍ବା ଟ୍ରୋଲ୍ କରାଗଲେ ମଧ୍ୟ ଫରକ ପଡ଼ି ନ ଥାଏ ବୋଲି ମଲାଇକା କହିଛନ୍ତି।

ତେବେ ସୋସିଆଲ ମିଡିଆରେ କେବଳ ଟ୍ରୋଲ୍ କରାଯାଇ ନ ଥାଏ, ବହୁ ପ୍ରଶଂସକ ତାଙ୍କ କାର୍ଯ୍ୟକୁ ସୋସିଆଲ ମିଡିଆରେ ପ୍ରଶଂସା ମଧ୍ୟ କରିଥାନ୍ତି ବୋଲି ମଲାଇକା କହିଛନ୍ତି। ଏହାଦ୍ୱାରା ଭଲ କାମ କରିବାକୁ ତାଙ୍କୁ ପ୍ରେରଣା ମିଳିଥାଏ ବୋଲି ମଲାଇକା କହିଛନ୍ତି। ତେବେ କଠିନ ପରିଶ୍ରମ, ଯୋଗ, ବ୍ୟାୟାମ ଓ ଧ୍ୟାନ ଆଦି ଲଗାତର କରୁଥିବା ହେତୁ ୪୮ ବର୍ଷ ବୟସରେ ମଧ୍ୟ ସେ ଫିଟ୍ ଅଛନ୍ତି ବୋଲି ମଲାଇକା କହିଛନ୍ତି।


# Classified Everyday

0674-2580101, 2549949


MATRIMONIAL

## BRIDE WANTED

Handsome Brahmin Boy 1991, 5'8", BSc (Physics) serving Clerk Nationalised Bank, Settled Bhubaneswar. "SUNASANSAR". 9937512659. D-75984

## GROOM WANTED

**Looking for a BBSR based Bengali Brahmin smart boy for my daughter Devgon Tularashi 30Y, H- 5'.1". She has done her MBA and currently running her own Company in BBSR. Interested person please contact- 9776466119, 9438183096.** D-945

62 ବୟସ୍କା Rtd. ବିଧବା ମହିଳାଙ୍କୁ any casteର ବରପାତ୍ର ଆବଶ୍ୟକ। (Urgent need). 7077871702. D-1008


REAL ESTATE
SALE

**Individual Gharabari 2700 Sum Hospital-2 Nakhara,1500,2000 Pahala NH5, Balianta, Cv Raman, Infosys-2 Plot immediate sale details. 9937004650.** D-975

କଟକ-ଭୁବନେଶ୍ୱର ମଧ୍ୟରେ ନବନିର୍ମିତ Sum Hospital, Grand Bazar (NH-16) ରୁ ଅଳ୍ପ ଦୂରତାରେ ୩୦ ଫୁଟ ରାସ୍ତା ଥାଇ ଘରବାରି plot କିଣନ୍ତୁ। 9658562429. D-75983

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9937417418, 9348871895.** D-1000

**HOUSE FOR SELL- Main road side individual house near Nua Gaon Petrol Pump Bhubaneswar, corner house, BDA approved, 3 storied building, plot size 2000 sqft. CONTACT- 91780 86321.** D-1003


**(1) Commercial plot, facing to NH Road Nakhara to Niali NH 10000sqft., 3sides road, (2) Residential plot near Petal English Medium School 1100/- sqft. with boundarywall at Brahmanjharilo, Cuttack, 11K.M. to BBSR. Personal plots, No builders. 7809525452.** D-75766

Duplex project at Retang Medical, Station, CV Raman University Tamando, Bhubaneswar. 7008459987. D-75976

IDCO plot sale at Khurda Industrial Estate Area 239 decimal with 50ft. Black top road connected with Electric connection and shade. Interested buyer may contact- 9437107010. D-997

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9040307584, 9437040045.** D-1001




**Commercial 14 rooms attached bathrooms Ground Floor, Chandrasekharpur, Bhubaneswar. 8763802787.** D-966

**2 BHK House only for Residence, Sahid Nagar. 8249873855.** D-75817




**Full body massage experience good looking therapist @ 999 (Bhubaneswar). 9078484455.** D-999

Newly open SPA positively health benefits with expert therapist. 9040286886. D-76143

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75767

**Relax, Refresh your body, mind at Saikrupa Spa with best therapies. 8984068077.** D-883

Newly open health benefits spa by expert therapist. Contact: 6371861658. D-76142

Newly open health benefits SPA special offer @ 799 Bapuji Nagar. 8018429809. D-76144


BUSINESS

We require white Hospital Bedsheets and School Notebooks. Contact- 8260232337. D-987

**Ice Factory Manchineries Kiloskar Compressor Kcx4,450 Canes. 8480204021, 6371837547.** D-950

## LOST

ମୁଁ ନୀହାରିକା ନାୟକ ଜଣାଉଅଛି କି, ଗତ ୨୮|୦୨|୨୦୨୪ ତାରିଖ ସନ୍ଧ୍ୟା ସମୟରେ ଯୋରନ୍ଦା ବଜାରରେ ଜେରକ୍ସ କରିବା ସମୟରେ ମୋର B.Tech ସାର୍ଟିଫିକେଟ୍ ସହିତ B.Techର ୩, ୪, ୫, ୬, ୭, ୮ ସେମିଷ୍ଟରର ମାର୍କଶିଟ୍ ଓ ପ୍ରମାଣପତ୍ର, ଡିପ୍ଲୋମା ସାର୍ଟିଫିକେଟ ଓ ମାର୍କଶିଟ୍, ମାଧ୍ୟମିକ ସାର୍ଟିଫିକେଟ୍ ଗୁଡ଼ିକ କେଉଁଠାରେ ହଜିଯାଇଛି। କେହି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଇଲେ ନିମ୍ନ ଠିକଣାରେ ଜଣାଇପାରିବେ। ଠିକଣା- ନୀହାରିକା ନାୟକ, ଗ୍ରାମ- କାବେରା, ପୋଷ୍ଟ- କାବେରା ମାଧପୁର, ଥାନା- ଗଁଦିଆ, ଜିଲ୍ଲା- ଢେଙ୍କାନାଳ। ଫୋନ୍ ନଂ.- 8144541019ରେ ଜଣାଇବାକୁ ଅନୁରୋଧ। ଧ-୭୫୪୪୫

## AFFIDAVIT

I, Rajkishore Nayak, S/o- Late Pabani Nayak, resident of Ward No.- 8, HIG-77, Phase-I, Lumbini Vihar, P.O.- Chandrasekharpur, Bhubaneswar, P.S.- Maitri Vihar, Dist.- Khordha, PIN- 751016, Odisha declare by this affidavit No.-80/ 09.08.2024 that now onwards I shall be known as Rajkishor Nayak for all future purposes. D-1012

By virtue of an affidavit before Notary Public, dtd. Aug. 09.2024, has been changed name/ surname from Sabita Pradhan to Sabita Sahu, At- Jharabeda, Dhenkanal, Odisha for all purposes. D-1005

By virtue of an affidavit before Notary Public, dtd. Aug. 09.2024, Daitary Sahoo has been change son name Rahul Kumar Sahoo to Rohita Kumar Sahoo, At- Shyampur, Ghatikia, Khordha, Odisha for all purposes. D-1006

By virtue of an affidavit before Notary Public, dtd. Aug. 09.2024, Prakash Chandra Parida has been changed his son name Umakant Parida to Prince Parida, At- Jatani, Khordha, Odisha for all purposes. D-1007

Affidavit No.-39, dt. 07.08.2024 before Executive Magistrate, BBSR. My name is Bijaya Kumar Barik which reflect my Aadhaar No. xxxx xxxx 8280 and my D.L. No.- OD33 20190008051, but my son's (Biswa Ranjan Barik's) D.L. bearing No.- OD3320190006884 and his Aadhaar No.- xxxx xxxx 9099 my name have been reflected as "Bijay Kumar Barik" instead of Bijaya Kumar Barik. This affidavit is required to be produced before the concerned authority for correction of my name as Bijaya Kumar Barik in the son's D.L. & Aadhaar Card and necessary action. D-1002

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକ



✓ଛାୟାମଣୀ ମହାନ୍ତି
ଉରାଢ଼, ତିର୍ତ୍ତୋଲ, ଜଗତସିଂହପୁର
ଆବିର୍ଭାବ : ୦୫.୦୬.୧୯୩୪
ତିରୋଧାନ : ୨୩.୦୮.୨୦୨୩
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ।
ନ ଚୈନଂ କ୍ଳେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ।।
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-: ଶ୍ରଦ୍ଧାଞ୍ଜଳି ସହ :-
ପୁତ୍ର, ପୁତ୍ରବଧୂ ଓ ବନ୍ଧୁ ପରିବାରବର୍ଗ
ଧ-୭୫୫୪୩

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


# ୫ କେ.ଜି. ଆଳୁ ଲାଞ୍ଚ ମାଗି ପୋଲିସ ନିଲମ୍ବିତ



କନୌଜ, ୧୦।୮

ଉତ୍ତରପ୍ରଦେଶ କନୌଜ ଜିଲ୍ଲାରୁ ପୋଲିସ ସହ ଜଡ଼ିତ ଏକ ଅଭିନବ ଭ୍ରଷ୍ଟାଚାର ମାମଲା ସାମ୍ନାକୁ ଆସିଛି। ସ୍ଥାନୀୟ ସୌରିଖ ଥାନା ଅନ୍ତର୍ଗତ ଭବାଲପୁର ଚପୁନ୍ନା ଫାଣ୍ଡିର ସବ୍ ଇନ୍ସପେକ୍ଟର ରାମକୃପାଳ ସିଂ ଏକ ନିର୍ଦ୍ଦିଷ୍ଟ ମାମଲାକୁ ରଫାଦଫା କରିବା ପାଇଁ ଜଣେ ଚାଷୀଙ୍କୁ ଲାଞ୍ଚରେ ୫ କେ.ଜି. ଆଳୁ ମାଗି ନିଲମ୍ବିତ ହୋଇଛନ୍ତି। ଏହାର ଏକ ଅଡିଓ ଭାଇରାଲ ହୋଇଛି, ଯେଉଁଥିରେ ରାମକୃପାଳ ଜଣେ କୃଷକଙ୍କୁ ଲାଞ୍ଚ ସ୍ୱରୂପ ୫ କେ.ଜି. ଆଳୁ ମାଗିଛନ୍ତି। ତେବେ କୃଷକ ଜଣକ ଏଥିରେ ନିଜର ଅସମର୍ଥତା ଦେଖାଇଛନ୍ତି। ଶେଷରେ ୩ କେ.ଜି ଆଳୁ ଲାଞ୍ଚରେ ଦେବା ପାଇଁ ଡିଲ୍ ଫାଇନାଲ ହୋଇଥିବା ଅଡିଓରୁ ଜଣାପଡୁଛି। ଭାଇରାଲ ଅଡିଓକୁ ଭିତ୍ତି କରି କନୌଜ ପୋଲିସ ଅଧୀକ୍ଷକ(ଏସ୍‌ପି) ଅମିତ୍ କୁମାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଅଡିଓର ପ୍ରାଥମିକ ତଦନ୍ତରୁ ରାମକୃପାଳ ଦୋଷୀ ଥିବା ଜଣାପଡ଼ିବା ପରେ ତାଙ୍କୁ ନିଲମ୍ବନ କରାଯାଇଛି ବୋଲି ଶନିବାର କନୌଜ ପୋଲିସ ପକ୍ଷରୁ ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ ଏକ୍ସ'ରେ ସୂଚନା ଦିଆଯାଇଛି। ରାମକୃପାଳଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ମଧ୍ୟ ଆରମ୍ଭ କରାଯାଇଥିବା ନେଇ କନୌଜ ପୋଲିସ ପକ୍ଷରୁ ବିବୃତି ଜାରି ହୋଇଛି। ତେବେ ଲାଞ୍ଚ ନେବା ପାଇଁ ଆଳୁକୁ ଏକ କୋଡ୍ ୱାର୍ଡ ଭାବେ ବ୍ୟବହାର କରାଯାଇଛି। ଅଡିଓରେ ଥିବା ଚାଷୀଙ୍କ ନାଁରେ ରହିଥିବା କୌଣସି ମାମଲାକୁ ରଫାଦଫା କରିବା ପାଇଁ ରାମକୃପାଳ ୫ ଲକ୍ଷ ଟଙ୍କା ବଦଳରେ କୋଡ୍ ୱାର୍ଡ ସ୍ୱରୂପ ୫ କେ.ଜି ଆଳୁ ମାଗିଥିଲେ ବୋଲି କନୌଜ ଏଏସ୍‌ପି କହିଛନ୍ତି। ତେବେ ଉକ୍ତ ଚାଷୀଙ୍କ ବିରୋଧରେ କେଉଁ ମାମଲା ରହିଛି, ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ। ଖୁବ୍‌ଶୀଘ୍ର ତଦନ୍ତରୁ ଏନେଇ ଜଣାପଡ଼ିବ ବୋଲି ସେ କହିଛନ୍ତି।

## ଆଳୁ କୋଡ୍ ୱାର୍ଡ ଥିଲା: କନୌଜ ଏଏସ୍‌ପି

# ପୁରୀରେ ଜମି କିଣିଛନ୍ତି ସତ୍ୟଜିତ

ଭୁବନେଶ୍ୱର,୧୦।୮
(ସୂର୍ଯ୍ୟକାନ୍ତ ବେହେରା)

## ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡ ବେଳେ ମିଳିଲା ନୂଆ ତଥ୍ୟ

- ଜମି ଅଚଳ ପାଇଁ ତହସିଲଦାରଙ୍କୁ ଚିଠି ଲେଖିଲା କମିଶନରେଟ ପୋଲିସ
- ଭୁବନେଶ୍ୱର, କଟକ, ଯାଜପୁରରେ ବି ଜମି ଥିବା ନେଇ ତନାଘନା

ମିଥ୍ୟା ପରିଚୟ ଦେଇ ବହୁ ମହିଳାଙ୍କୁ ବିବାହ ବାହାନାରେ ଲକ୍ଷ ଲକ୍ଷ ଟଙ୍କା, ଗାଡ଼ି ଆଦି ଠକିଥିବା ସତ୍ୟଜିତ ସାମଲଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ୫ଦିନିଆ ରିମାଣ୍ଡରେ ଆଣିଛି କମିଶନରେଟ ପୋଲିସ। ଶନିବାର ସକାଳେ ତାଙ୍କୁ ଝାରପଡ଼ା ଜେଲରୁ ଆଣିବା ପରେ ମାରାଥନ ଜେରା ଚାଲିଛି। ତେବେ ଜେରା ବେଳେ ପୋଲିସ ଏହି ରସିକିଆ ଠକଙ୍କ ସାମ୍ରାଜ୍ୟର ଆଉ ଏକ ନୂଆ ତଥ୍ୟ ପାଇଛି। ଅଭିଯୁକ୍ତ ସତ୍ୟଜିତ ପୁରୀ ମାଳତିପାଟପୁରରେ ଏକ ଜମି କିଣିଥିବା ତଦନ୍ତ ବେଳେ ଜଣାପଡିଛି। ତେଣୁ ଏହି ଜମିର ସବିଶେଷ ତଥ୍ୟ ଦେବା ସହ ତାହାକୁ ଫ୍ରିଜ୍ କରିବା ପାଇଁ ସ୍ଥାନୀୟ ତହସିଲଦାରଙ୍କୁ ଚିଠି ଲେଖାଯାଇଥିବା ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ସେହିପରି କଟକ, ଭୁବନେଶ୍ୱର ଓ ଯାଜପୁରରେ ସତ୍ୟଜିତ ଜମି କିଣିଥିବା ସନ୍ଦେହ କରାଯାଉଥିବାରୁ ପୋଲିସ ଅଧିକ ଖୋଳତାଡ ଜାରି ରଖିଛି। ସେହିପରି ସତ୍ୟଜିତଙ୍କଠାରୁ ଜବତ ପାସ୍‌ପୋର୍ଟକୁ ନେଇ ମଧ୍ୟ ତଦନ୍ତ ଚାଲିଛି। ସତ୍ୟଜିତ ଗତ ୩ ବର୍ଷ ଭିତରେ କେଉଁ ଦେଶକୁ ଯାଇଛନ୍ତି, ଏବାବଦକୁ କେତେ ଟଙ୍କା ଖର୍ଚ୍ଚ କରିଛନ୍ତି, ସେସବୁ ଟଙ୍କା ଆଉ କାହାଠାରୁ ଆଣିଛନ୍ତି, ତାହାର ତଥ୍ୟ ଜାଣିବା ପାଇଁ ଉଦ୍ୟମ ଚାଲିଛି। ଅନ୍ୟପକ୍ଷରେ ଜବତ ହୋଇଥିବା ନଗଦ ଟଙ୍କା ସହ ସତ୍ୟଜିତଙ୍କ ମୋଟ ୩୮ ଲକ୍ଷ ଟଙ୍କାର ସମ୍ପତ୍ତି ଫ୍ରିଜ୍ ହୋଇସାରିଛି। ଏବେ ଜମି ମିଳିଥିବାରୁ ଆଗକୁ ଆହୁରି ଅଧିକ ସମ୍ପତ୍ତି ଫ୍ରିଜ୍ ପାଇଁ ପଦକ୍ଷେପ ନିଆଯିବ। ଏଯାବତ୍ ସତ୍ୟଜିତଙ୍କ ବିରୋଧରେ ଠକେଇର ଶିକାର ହୋଇଥିବା ୩ଜଣ ମହିଳା କ୍ୟାପିଟାଲ ଥାନାରେ ଅଭିଯୋଗ କରିଛନ୍ତି। ସମ୍ମାନ ହାନି ଆଶଙ୍କାରେ ଅନ୍ୟ ମହିଳାମାନେ ଆଗକୁ ଆସିବାକୁ ଚାହୁଁ ନ ଥିବାରୁ ସେମାନଙ୍କ ସହ ସ୍ୱତନ୍ତ୍ର ପୋଲିସ ଟିମ୍ ଯୋଗାଯୋଗରେ ଥିବା ସୂଚନା ଦିଆଯାଇଛି।

ଘଟଣାରୁ ପ୍ରକାଶ ଯେ, ସତ୍ୟଜିତ ନିଜକୁ ପୋଲିସ, ସିବିଆଇ ଅଫିସର ଭଳି ଭିନ୍ନ ଭିନ୍ନ ପରିଚୟ ଦେଇ ମାଟ୍ରିମୋନିଆଲ ସାଇଟରେ ୪୯ରୁ ଅଧିକ ମହିଳାଙ୍କ ସହ ସମ୍ପର୍କ ବଢ଼ାଇଥିଲେ। ବହୁ ମହିଳାଙ୍କ ସହ ବିବାହ ଏଗ୍ରିମେଣ୍ଟ କରି ଶାରୀରିକ ସମ୍ପର୍କ ରଖିବା ସହ ଠକେଇ କରିଥିଲେ। ତେବେ କ୍ୟାପିଟାଲ ଥାନାରେ ଏତଲା ଦେଇଥିବା ୩ଜଣ ମହିଳାଙ୍କ ମଧ୍ୟରୁ ସତ୍ୟଜିତ୍ ଜଣଙ୍କଠାରୁ ୩୬ଲକ୍ଷ ଟଙ୍କା ଓ କାର୍ ନେଇଥିବାବେଳେ ଅନ୍ୟଜଣଙ୍କଠାରୁ ୮ଲକ୍ଷ ଟଙ୍କା ଓ ଏକ ବୁଲେଟ ଠକି ନେଇଛନ୍ତି। ସେହିଭଳି ବ୍ରହ୍ମପୁରର ଜଣେ ମହିଳାଙ୍କଠାରୁ ୧.୬୦ ଲକ୍ଷ ଟଙ୍କା ନଗଦ ଆକାରରେ ନେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ତେବେ ପ୍ରଥମ ଦୁଇ ମହିଳାଙ୍କ ଅଭିଯୋଗ ପରେ ସତ୍ୟଜିତ୍‌ଙ୍କୁ ଗିରଫ କରିଥିଲା କ୍ୟାପିଟାଲ ଥାନା ପୋଲିସ।

# କଲେଜ ନିକଟରେ ବ୍ରାଉନସୁଗାର ବେପାର, ୨ ଗିରଫ

ଭୁବନେଶ୍ୱର,୧୦।୮
(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀ କଲେଜ ନିକଟରେ ବେଆଇନ ଭାବେ ବ୍ରାଉନସୁଗାର ବେପାର କରୁଥିବା ବେଳେ ଖଣ୍ଡଗିରି ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଖଣ୍ଡଗିରି ଧର୍ମବିହାରର ପବିତ୍ର ପୃଷ୍ଟି ଓ ନୟାପଲ୍ଲୀ ଡେଲ୍‌ଟା ଅଞ୍ଚଳର ସୁଶାନ୍ତ କୁମାର ସାହୁ। ଉଭୟଙ୍କଠାରୁ ୧୨.୧୩ ଗ୍ରାମ୍ ବ୍ରାଉନସୁଗାର ଓ ଅପରାଧରେ ବ୍ୟବହୃତ ଗୋଟିଏ ମୋଟରସାଇକେଲ ଜବତ ହୋଇଛି। ତେବେ ଜବତ ନିଶାଦ୍ରବ୍ୟର ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଅଧିକ ହେବ। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜବତ ବ୍ରାଉନସୁଗାରକୁ ଅଭିଯୁକ୍ତଦ୍ୱୟ ଛାତ୍ରମାନଙ୍କୁ ଦେବାକୁ ଆଣିଥିଲେ ନା ଆଉ କାହାକୁ ତାହାର ଅଧିକ ତଦନ୍ତ ଚଳାଇଛି ପୋଲିସ।

# ପ୍ରେମିକଙ୍କ ଘରେ ନିଆଁ ଲଗାଇଦେଲେ

ବାସୁଦେବପୁର,୧୦।୮
(ନାରାୟଣ ପ୍ରସାଦ ବାରିକ୍)

## ପ୍ରତାରଣାର ପ୍ରତିଶୋଧ



୪ ବର୍ଷର ପ୍ରେମ ସମ୍ପର୍କ ପରେ ଏବେ ପ୍ରେମିକ ତାଙ୍କ ସହ କଥା ହେଉନାହାନ୍ତି। ତାଙ୍କଠାରୁ ଦୂରେଇ ରହୁଥିବା ଅନୁଭବ କରି ରାଗିଯାଇଥିଲେ ପ୍ରେମିକା। ପ୍ରତାରଣା ସହି ନ ପାରି ପ୍ରତିଶୋଧପରାୟଣ ହୋଇ ସେ ସାଙ୍ଗ ସହ ମିଶି ପ୍ରେମିକଙ୍କ ଘରେ ନିଆଁ ଲଗାଇ ଦେଇଥିବା ବେଳେ ପୋଲିସ ତାଙ୍କୁ ଗିରଫ କରିଛି। ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତର ରୁକୁଣାଦେଇ ଗ୍ରାମରେ ଏଭଳି ଘଟଣା ଘଟିଯାଇଛି। ଗିରଫ ଯୁବତୀ ହେଉଛନ୍ତି ଭଦ୍ରକ କଚେରି ବଜାର ଅଞ୍ଚଳର ଅନ୍ନପୂର୍ଣ୍ଣା ସାହା।

ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି ଯେ, ରୁକୁଣାଦେଇ ଗ୍ରାମର ପ୍ରଭାତ ମହାପାତ୍ର ନାମକ ଯୁବକ ଅନ୍ନପୂର୍ଣ୍ଣାଙ୍କୁ ୪ବର୍ଷ ଧରି ପ୍ରେମ କରି ଆସୁଥିଲେ। ଗତ କିଛିଦିନ ହେଲା ପ୍ରଭାତ ଅନ୍ନପୂର୍ଣ୍ଣାଙ୍କ ସହ ଫୋନ୍‌ରେ କଥା ହେଉ ନ ଥିବାବେଳେ ଦୂରେଇ ଦୂରେଇ ରହୁଥିଲେ। ଏହାକୁ ନେଇ ଅନ୍ନପୂର୍ଣ୍ଣା ଉତ୍‌କ୍ଷିପ୍ତ ହୋଇ ଶୁକ୍ରବାର ଅପରାହ୍ନରେ ତାଙ୍କର ଜଣେ ସାଙ୍ଗକୁ ଧରି ପ୍ରେମିକଙ୍କ ଘର ରୁକୁଣାଦେଇ ଗ୍ରାମରେ ପହଞ୍ଚିଥିଲେ। କେହି କିଛି ଜାଣିବା ପେଟ୍ରୋଲକୁ ପ୍ରଭାତଙ୍କ ଘର ଉପରେ ଢାଳି ନିଆଁ ଲଗାଇ ଦେଇଥିଲେ। ସ୍ଥାନୀୟ ଲୋକେ ଓ ପ୍ରଭାତଙ୍କ ପରିବାର ଲୋକ ସେମାନଙ୍କୁ କାବୁ କରି ରଖି ପୋଲିସ ଜିମା ଦେଇଥିଲେ। ଏନେଇ ପ୍ରଭାତଙ୍କ ମା' ଜ୍ୟୋତ୍ସ୍ନାରାଣୀ ମହାପାତ୍ରଙ୍କ ଅଭିଯୋଗକ୍ରମେ ଏକ ମାମଲା(ନଂ.୫୮୮/୨୪) ରୁଜୁ କରାଯାଇ ଶନିବାର ଅନ୍ନପୂର୍ଣ୍ଣାଙ୍କୁ ଗିରଫ କରାଯାଇଛି ଏବଂ ଅଧିକ ତଦନ୍ତ ଜାରି ରହିଥିବା ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ କହିଛନ୍ତି। ପ୍ରକାଶଥାଉ କି, ପ୍ରଭାତ ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଥିବା ଜଣାପଡ଼ିଛି।

# ଠକେଇ ଅଭିଯୋଗରେ ଶିକ୍ଷୟିତ୍ରୀ ଗିରଫ

ଘସିପୁରା(ନିରଞ୍ଜନ ସାହୁ )/
ଆନନ୍ଦପୁର(ଉମେଶ ଚନ୍ଦ୍ର ପାଢ଼ୀ)/
ରାମଚନ୍ଦ୍ରପୁର,(ଗଣେଶ୍ୱର ସା),୧୦।୮

## ଚାକିରି କରାଇଦେବାକୁ କହି ୫ ଲକ୍ଷ ନେଇଥିଲେ

ଚାକିରି କରାଇଦେବା ନାଁରେ ଅର୍ଥ ତୋସାରପାତ ଅଭିଯୋଗରେ ଜଣେ ଶିକ୍ଷୟିତ୍ରୀଙ୍କୁ ଘସିପୁରା ପୋଲିସ ଗିରଫ କରିଛି। ଗିରଫ ଶିକ୍ଷୟିତ୍ରୀ ହେଲେ ଆନନ୍ଦପୁର ପୌରାଞ୍ଚଳ ଜଅଁରାର ଅବସରପ୍ରାପ୍ତ ଶିକ୍ଷକ ରବିନ୍ଦ୍ର କୁମାର ବେହେରାଙ୍କ ସ୍ତ୍ରୀ ଅନୁସୂୟା ବାରିକ। ସେ ଯାଜପୁର ଜିଲା ରଗଡ଼ି ତାଳପଦା ସେବାଶ୍ରମରେ ଶିକ୍ଷକତା କରୁଛନ୍ତି।

ସୂଚନା ଅନୁଯାୟୀ, ଶିକ୍ଷୟିତ୍ରୀ ଓ ତାଙ୍କ ସ୍ୱାମୀ ଆନନ୍ଦପୁର ଥାନା ଅଧୀନ ଯେରଗଡ଼ିଆ ଗୋପାଳପୁରର ମଧୁସ୍ମିତା ଜେନାଙ୍କୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ଚାକିରି କରାଇଦେବାର ପ୍ରଲୋଭନ ଦେଖାଇଥିଲେ। ଏ ବାବଦରେ ତାଙ୍କଠାରୁ ବିଭିନ୍ନ ସମୟରେ ୫ ଲକ୍ଷ ୬୫ ହଜାର ଟଙ୍କା ନେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଚାକିରି ଦେଇ ନ ଥିବା ବେଳେ ଅର୍ଥ ଫେରସ୍ତ ମାଗିବାରୁ ଧରା ଦେଇ ନ ଥିଲେ। ବାଧହୋଇ ମଧୁସ୍ମିତା ଶୁକ୍ରବାର ଘସିପୁରା ଥାନାରେ ଦମ୍ପତିଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୩୧୪/୨୪) ରୁଜୁ କରି ଶନିବାର ଶିକ୍ଷୟିତ୍ରୀଙ୍କୁ ଆନନ୍ଦପୁର ପୌରାଞ୍ଚଳସ୍ଥିତ ବାସଭବନରୁ ଗିରଫ କରିଥିଲା। ତାଙ୍କ ସ୍ୱାମୀ ଫେରାର ହୋଇଯାଇଥିବା ଜଣାପଡ଼ିଛି। ପୋଲିସ ଶନିବାର ଶିକ୍ଷୟିତ୍ରୀଙ୍କୁ ଅଦାଲତରେ ହାଜର କରିଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇଦେଇଛି।

# ତିନିଦିନ ପରେ ବି ହତ୍ୟାକାରୀଙ୍କୁ ପାଉନି ପୋଲିସ

## ରାଜଧାନୀରେ ଦୁଇ ସାଙ୍ଗଙ୍କୁ ଛୁରି ଭୁସି ହତ୍ୟା ଘଟଣା

- ଥାନା ଘେରିବେ ମୃତକଙ୍କ ପରିବାର ଲୋକେ





ଅଭିଯୁକ୍ତ ଗଣେଶ ଓ ପ୍ରଦୀପ

ଭୁବନେଶ୍ୱର,୧୦।୮(ସୂର୍ଯ୍ୟକାନ୍ତ ବେହେରା)

ଗାଡି ପାର୍କିଂକୁ ନେଇ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା କୁହାସ୍ଥିତ କଲ୍ୟାଣ ପ୍ଲାଜା ଆନେକ୍ସ ଆପାର୍ଟମେଣ୍ଟ ନିକଟରେ ଦୁଇ ସାଙ୍ଗ କୁହା ଗ୍ରାମର ରଶ୍ମିରଞ୍ଜନ ସେଠୀ ଓରଫ ଜିତୁଆ ଓ କେନ୍ଦ୍ରାପଡ଼ା ରାଜନଗର ଅଞ୍ଚଳର ସାଙ୍ଗ ସମ୍ବିତ ରାଉତ ଓରଫ ଜୁଲୁଙ୍କୁ ଛୁରି ଭୁସି ହତ୍ୟା ଘଟଣାରେ କମିଶନରେଟ୍ ପୋଲିସ ତଦନ୍ତ ଜାରି ରଖିଛି। ସମ୍ପୃକ୍ତ ଅଭିଯୁକ୍ତ କୁହା ଗାଁର ଗଣେଶ ମଲ୍ଲିକ, ଭାଇ ପ୍ରଦୀପ ଓ ଅନ୍ୟମାନେ ଘଟଣା ପରେ ବାଇକ ଯୋଗେ ଫେରାର ହେଉଥିବା ସିସିଟିଭି ଫୁଟେଜରୁ ପୋଲିସ ଜାଣିବା ପରେ ଉକ୍ତ ଗାଡିର ନମ୍ବର ଅନୁସାରେ ସେମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ହେଲେ ଅଭିଯୁକ୍ତମାନେ ଘଟଣା ପରଠାରୁ ବାଇକରେ ବୁଲୁଛନ୍ତି ନା ଟ୍ରେନରେ ଓଡିଶା ବାହାରକୁ ଫେରାର ହୋଇଯାଇଛନ୍ତି ତାହା ଜଣାପଡିନାହିଁ। କିନ୍ତୁ ହତ୍ୟାକାରୀମାନେ ଓଡିଶା ଭିତରେ ରହିଥିବା ପୋଲିସ ନିଜେ କହୁଥିବା ବେଳେ ଘଟଣାକୁ ତିନିଦିନ ବିତିଯାଇଥିଲେ ମଧ୍ୟ ସେମାନଙ୍କୁ ଏଯାବତ ଧରି ନ ପାରିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ନ କରାଗଲେ ଥାନା ଘେରାଉ କରିବାକୁ ମୃତଙ୍କ ପରିବାର ଓ ସମ୍ପର୍କୀୟ ସଜବାଜ ହେଉଥିବା ସୂଚନା ମିଳିଛି ।

ସୂଚନାନୁସାରେ, ଆପାର୍ଟମେଣ୍ଟରେ ରଶ୍ମିରଞ୍ଜନ କାର୍ ପାର୍କିଂ କରିବାକୁ ନେଇ ବିବାଦ ଉପୁଜିଥିଲା। ହତ୍ୟାକାଣ୍ଡର ୩ଦିନ ପୂର୍ବରୁ ଉକ୍ତ ଆପାର୍ଟମେଣ୍ଟରେ ସୁପରଭାଇଜର ହୋଇଥିବା ଅନ୍ୟତମ ଅଭିଯୁକ୍ତ ଗଣେଷ ମଲ୍ଲିକ ଏହାକୁ ବିରୋଧ କରିଥିଲେ। ବୁଧବାର ରାତି ପ୍ରାୟ ୯ଟାବେଳେ ଏହି ଝଗଡ଼ା ଉଗ୍ରରୂପ ନେଇଥିଲା। ଯୁକ୍ତିତର୍କ ବେଳେ ଉଭୟେ ହାତାହାତି ହୋଇଥିଲେ। ଉଭୟଙ୍କ ମଧ୍ୟରେ ଝଗଡା ବେଳେ ଜୁଲୁ ଏହାକୁ ସମାଧାନ କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଗଣେଶ ତାଙ୍କ ଭାଇ ପ୍ରଦୀପ ଓ ଅନ୍ୟମାନଙ୍କୁ ଘଟଣାସ୍ଥଳକୁ ଡାକି ଦେଇଥିଲେ। ପରେ ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ଜୁଲୁ ଓ ରଶ୍ମିରଞ୍ଜନଙ୍କୁ ଗୋଡ଼ାଇ ଗୋଡ଼ାଇ ଛୁରି ଭୁସି ହତ୍ୟା କରିଥିଲେ।

# ପୁରୀରେ ପ୍ରଥମଥର ପାଳନ ହେବ ନୌସେନା ଦିବସ

ପୁରୀ,୧୦।୮( ଅଜିତ୍ କୁମାର ମହାନ୍ତି)

## ଯୋଗଦେବେ ରାଷ୍ଟ୍ରପତି

## ସମୁଦ୍ରରେ ୫ ଯୁଦ୍ଧ ଜାହାଜ ଦେଖିଲେ ପର୍ଯ୍ୟଟକ



ଏୟାର ଶୋ' ପରେ ଏବେ ପୁରୀରେ ଅନୁଷ୍ଠିତ ହେବ ନୌସେନା ଦିବସ ବା ନାଭାଲ୍ ଡେ। ଆସନ୍ତା ଡିସେମ୍ବର ୪ ତାରିଖରେ ପୁରୀ ସ୍ୱର୍ଗଦ୍ୱାର ବେଳାଭୂମିରେ ନୌସେନା ଦିବସ ଅନୁଷ୍ଠିତ ହେବ। ଏହାପୂର୍ବରୁ ନୌସେନା ମୁଖ୍ୟଙ୍କ ସହ ନୌସେନାର ଅଧିକାରୀମାନେ ଶନିବାର ପୁରୀ ଆସି ବେଳାଭୂମିରେ ହାଇଡ୍ରୋଗ୍ରାଫି ସର୍ଭେ କରିଥିବା ବେଳେ ବିସ୍ତୃତ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଏହି ଅବସରରେ ପୁରୀ ବେଳାଭୂମିର ଅନତିଦୂର ସମୁଦ୍ରମଧ୍ୟରେ ନୌସେନାର ୫ଟି ଯୁଦ୍ଧ ଜାହାଜକୁ ଅତି ନିକଟରୁ ଦେଖି ପର୍ଯ୍ୟଟକମାନେ ଖୁସିବ୍ୟକ୍ତ କରିଛନ୍ତି। ବିଶେଷକରି ପ୍ରଥମଥର ପାଇଁ ଆୟୋଜିତ ହେବାକୁ ଥିବା ନୌସେନା ଦିବସ ଖବର ଶୁଣି ପୁରୀବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବାରୁ ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉଛି। ସାଧାରଣ ଲୋକମାନେ ସମୁଦ୍ରକୂଳରେ ଉପସ୍ଥିତ ରହି ନୌସେନା ଦିବସରେ ବିଭିନ୍ନ କଳାକୌଶଳ ଦେଖି ଅଭିଜ୍ଞତା ହାସଲ କରିପାରିବେ।

ଶନିବାର ପୂର୍ବାହ୍ନରେ ପୁରୀ ବେଳାଭୂମିଠାରୁ ମାତ୍ର ୨୦୦ମିଟର ଦୂରରେ ନୌସେନାର ୫ଟି ଯୁଦ୍ଧ ଜାହାଜ ରହିଥିଲା। ଆଇଏନ୍‌ଏସ୍ ଜଳସ୍ୱ, ଆଇଏନ୍‌ଏସ୍ କିଲଟନ୍, ଆଇଏନ୍‌ଏସ୍ ସୁମେଧା, ସରସ୍ୱତୀ ଭଳି ଯୁଦ୍ଧ ଜାହାଜ ସମେତ ନୌସେନାର ଗୋଟିଏ ରେସ୍କ୍ୟୁ ଜାହାଜ ସମୁଦ୍ର ତଟରେ ସାମିଲ ହୋଇଥିଲା। ନୌସେନା ପକ୍ଷରୁ ୧୯୪୪ ମସିହାଠାରୁ ପ୍ରତିବର୍ଷ ଡିସେମ୍ବର ୪ ତାରିଖରେ ନୌସେନା ଦିବସ ପାଳନ ହେଉଛି। ପୂର୍ବରୁ ଏହି ସ୍ୱତନ୍ତ୍ର ଦିବସ ବମ୍ବେ, ବିଶାଖାପାଟଣା ଭଳି ବଡ଼ ବଡ଼ ସହରର ସମୁଦ୍ର କୂଳରେ ପାଳନ ହୋଇ ଆସୁଥିଲା। ତେବେ ଚଳିତ ବର୍ଷ ପୁରୀ ସମୁଦ୍ର ତଟରେ ଏହି ଦିବସ ପାଳନ କରିବାକୁ ନୌସେନା ନିଷ୍ପତ୍ତି ନେଇଛି। ଏଥିପାଇଁ ବହୁ ସଂଖ୍ୟାରେ ଜଳ ଜାହାଜ ପୁରୀ ଉପକୂଳକୁ ଆସିବ। ନୌସେନା ଦିବସ ପାଳନ ଅବସରରେ ଏହି ଜାହାଜ କଳା କୌଶଳ ପ୍ରଦର୍ଶନ କରିବ। ପୂର୍ବରୁ ପୁରୀ ଉପକୂଳରେ ବାୟୁସେନା ପକ୍ଷରୁ ଏୟାର ଶୋ' ପ୍ରଦର୍ଶିତ ହୋଇ ସାରିଥିବାବେଳେ ଏବେ ନୌସେନା ତା'ର ବୀରତ୍ୱର କଳାକୌଶଳ ପ୍ରଦର୍ଶନ କରିବା ପାଇଁ ପୁରୀ ଉପକୂଳକୁ ମନୋନୀତ କରିଛି। ନୌସେନାର ମୁଖ୍ୟ ଆଡମିରାଲ୍ ଦିନେଶ୍ କେ. ତ୍ରିପାଠୀ ବ୍ଲୁ ଫ୍ଲାଗ୍ ବିଚ୍ ଯାଇ ଅଧିକାରୀଙ୍କ ସହ ନୌସେନା ଦିବସ ନିମନ୍ତେ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ତେବେ ଆଗକୁ ଆହୁରି ନୌସେନା ଜାହାଜ ପୁରୀ ବେଳାଭୂମିକୁ ଆସିବାକୁ ଥିବାବେଳେ ନୌସେନା ଦିବସରେ ଚିତ୍ତାକର୍ଷକ ଶୋ' ଦେଖିବାକୁ ମିଳିବ ବୋଲି ନୌସେନା ଅଧିକାରୀ କହିଛନ୍ତି। ଭାରତୀୟ ନୌସେନା ଅଧିକାରୀ ବୀରଜ ଚୌଧୁରୀ କହିଛନ୍ତି, ଭାରତୀୟ ନୌସେନାର ବିଭିନ୍ନ ଜାହାଜ ଏଠାରେ ରହି ବିଭିନ୍ନ କଳା କୌଶଳ ପ୍ରଦର୍ଶନ କରିବେ। ବିଭିନ୍ନ ଯୁଦ୍ଧ ବିମାନ ଏୟାର ଶୋ' କରିବା ସହ ଯୁଦ୍ଧ ଜାହାଜ ବୋଟ୍ ଶୋ' କରିବେ। ଶୋ' ସହ କମାଣ୍ଡୋମାନେ ମଧ୍ୟ ଏହି ଅବସରରେ ବିଭିନ୍ନ ଯୁଦ୍ଧର କଳା କୌଶଳ ପ୍ରଦର୍ଶନ କରିବେ। ସମୁଦ୍ରରେ କେତେ ଗଭୀରତା ରହିଛି, ଜାହାଜଗୁଡ଼ିକ ଆସିପାରିବ କି ନାହିଁ ସେନେଇ ଏବେ ଅନୁଧ୍ୟାନ କରାଯାଉଛି। ବେଳାଭୂମି ଏବଂ ସମୁଦ୍ରର ସ୍ଥିତି ନେଇ ମଧ୍ୟ ଅନୁଧ୍ୟାନ କରାଯାଉଛି। ଅନେକ ଜାହାଜ ଆସିବ। ଭାରତୀୟ ନୌସେନା ନିଜର ପରାକାଷ୍ଠା ପ୍ରଦର୍ଶନ କରିବ ବୋଲି ସେ କହିଛନ୍ତି। ତେବେ ପୁରୀ ବେଳାଭୂମିଠାରୁ କମ୍ ଦୂରରେ ଲାଗିଥିବା ୫ଟି ନୌସେନା ଜାହାଜକୁ ଅତି ନିକଟରୁ ଦେଖି ପର୍ଯ୍ୟଟକମାନେ ବେଶ୍ ଖୁସି ପ୍ରକଟ କରିଛନ୍ତି। ପ୍ରଥମଥର ଓଡ଼ିଶାର ଜଗନ୍ନାଥ ଧାମ ପୁରୀରେ ନୌସେନା ଦିବସ ପାଳନ ହେବାକୁ ଥିବାରୁ ପର୍ଯ୍ୟଟକମାନେ ଖୁସି ଜାହିର କରିଛନ୍ତି। ପୁରୀରେ ନୌସେନା ଦିବସ ପାଳନ ପାଇଁ ପ୍ରାରମ୍ଭିକ ପ୍ରସ୍ତୁତି ଆରମ୍ଭ ହୋଇସାରିଥିବା ବେଳେ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମହାପ୍ରଭୁଙ୍କ ଦର୍ଶନ କରି ନୌସେନା ଅଧିକାରୀ ତ୍ରିପାଠୀ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଭାରତୀୟ ନୌସେନାର ନେଭି ଡେ' ପାଳନ କରାଯାଇଥାଏ। ତେବେ ଚଳିତଥର ପୁରୀ ବେଳାଭୂମିରେ ଏହାକୁ ପାଳନ କରାଯିବାକୁ ସ୍ଥିର ହୋଇଛି, ଯାହା ଏକ ଗର୍ବ ଓ ଖୁସିର ବିଷୟ। ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରାଯିବ ବୋଲି ଜିଲାପାଳ ସ୍ୱାଇଁ କହିଛନ୍ତି।

**OFFICE OF THE SUPERINTENDENT, SDH, HINDOL, DHENKANAL**

Advt.No.-629 Date:06.08.2024

**No.E-196:** Sealed Expression of Interests are invited from reputed Agencies/Individuals for hiring of vehicles for engagement in O/o-Superitendent, SDH, Hindol, Dhenkanal on monthly hiring/daily hiring basis. The details regarding application format, terms & conditions of the expression may be download from District website i.e. www.dhenkanal.nic.in. The Expression of Interest should reach the office of the Superitendent, SDH, Hindol, Dhenkanal latest by 23.08.2024 at 03.30 P.M. through Speed Post/ Registered Post/ Courier only. The Expression of Interest will be opened on same date at 04.00 P.M. in the office of the undersigned in the presence of the applicants/ authorized representative of the applicants. The undersigned is not responsible for any kind of postal delay & reserves all right to cancel any or all the expression at any stage of selection/finalization process without assigning any reason thereof. Any typographical error may be exempted.

**Sd./- Superintendent, SDH, Hindol, Dhenkanal**
OIPR-10251/11/0001/2425

**OFFICE OF THE DIVISIONAL FOREST OFFICER, PARALAKHEMUNDI DIVISION**
ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି ବନଖଣ୍ଡ
E-mail: dfo.parlakhemundi@odisha.gov.in
Office Order No.74/1F
Dated Paralakhemundi the 08 August 2024

**EXTENSION OF TENDER NOTICE**

**No.MM-117:** The tender for "Erection of Iron Angle Chain link wire mesh fencing for length of 7200 running meters" at Tuburuba CA Plantation of Ramagiri Range in Paralakhemundi Forest Division which was published vide Tender Notice No.05 dtd.25.06.2024 is hereby extended to 19.08.2024 as only single tender was received and date for opening of the bids shall be 20.08.2024 at 11.00 A.M. The terms and conditions earlier published shall remain unaltered.

**Sd./- Divisional Forest Officer**
**Paralakhemundi Division**
OIPR-08148/11/0012/2425

**Government of Odisha**
**Office of the Chief Construction Engineer**
**Rural Works Circle, Bolangir**

**Repair and Maintenance of Rural Roads Under PMGSY & Other Scheme**
e-Procurement Notice
**Bid Identification No. BLGR-Online-02/2024-25**

**No.O-191:** The Chief Construction Engineer, R.W. Circle, Bolangir on behalf of Odisha State Rural Road Agency invites **percentage rate** bids in electronic tendering system for **Repair/Maintenance of the Rural roads constructed under Pradhan Mantri Gram Sadak Yojana** in the district of **Bolangir for 1 (one)** number of package with estimated cost totalling to **Rs. 1.76 cr.** including maintenance for five year from the eligible contractors registered with **State PWD / CPWD / MES / Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract. Date of release of Invitation for bids through e-procurement **dt (17.08.2024)**

**Availability of Bid Documents and mode of submission**: the bid document is available online and should be submitted online in http://www.pmgsytenders.gov.in. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4B (a) (ii) of ITB with **C.C.E., R.W. Circle, Bolangir,** on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

**last date/Time for receipt of bids through e-procurement : (31.08.2024.) upto 5.00 P.M**

For further details please log on to http://www.pmgsytenders.gov.in.

**Sd./- Chief Engineer**
**R.W.Circle, Bolangir**
OIPR-25118/11/0005/2425

No.E-202

**ଜାତୀୟ କୃମିନାଶକ ଦିବସ - ୨୦୨୪**

ଚଳିତ ଅଗଷ୍ଟ ମାସ ୧୦ ତାରିଖରେ ୧୯ଟି ଜିଲ୍ଲା - ବାଲେଶ୍ୱର, ଭଦ୍ରକ, ବଲାଙ୍ଗିର, ବୌଦ୍ଧ, କଟକ, ଦେଓଗଡ଼, ଗଜପତି, ଜଗତସିଂହପୁର, କେନ୍ଦ୍ରାପଡା, କଳାହାଣ୍ଡି, କନ୍ଧମାଳ, ଖୋର୍ଦ୍ଧା, କୋରାପୁଟ, ମାଲ୍‌କାନଗିରି, ନୟାଗଡ, ନବରଙ୍ଗପୁର, ନୂଆପଡା, ରାୟଗଡା ଓ ପୁରୀରେ ଜାତୀୟ କୃମିନାଶକ ଦିବସ ପାଳନ କରାଯାଉଅଛି। ଏହି ଜିଲ୍ଲା ଗୁଡିକରେ ୧-୧୯ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲା ଓ ୨୦-୨୪ ବର୍ଷ ବୟସର ପ୍ରଜନନକ୍ଷମ ମହିଳାମାନଙ୍କୁ କୃମିନାଶକ ଔଷଧ ଖାଇବାକୁ ଦିଆଯିବ। ବାକି ଥିବା ଅନ୍ୟ ୧୧ଟି ଜିଲ୍ଲା ଗୁଡିକରେ ଫାଇଲେରିଆ ସମୂହ ଔଷଧ ସେବନ କାର୍ଯ୍ୟକ୍ରମ ଅନୁସାରେ ୨ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତଙ୍କୁ ଡ଼ି.ଇ.ସି. ବଟିକା ସହିତ କୃମିନାଶକ ଔଷଧ ଖାଇବାକୁ ଦିଆଯିବ ଏବଂ ୧-୨ ବର୍ଷର ପିଲାମାନଙ୍କୁ କେବଳ କୃମିନାଶକ ଔଷଧ ଖାଇବାକୁ ଦିଆଯିବ। ୧୧ଟି ଜିଲ୍ଲାର ଯେଉଁ ବ୍ଲକ୍‌ମାନଙ୍କରେ ଫାଇଲେରିଆ ସମୂହ ଔଷଧ ସେବନ କାର୍ଯ୍ୟକ୍ରମ ହେଉନାହିଁ ସେହି ବ୍ଲକ୍‌ମାନଙ୍କରେ ଜାତୀୟ କୃମିନାଶକ ଦିବସ ପାଳନ କରାଯିବ। ଯେଉଁମାନେ ୧୦ ତାରିଖରେ କୌଣସି କାରଣରୁ ଏହି ଔଷଧ ଖାଇପାରିନଥିବେ ସେମାନେ ଅଗଷ୍ଟ ୧୭ ତାରିଖରେ ଏହି ଔଷଧ ଖାଇପାରିବେ। ବିଦ୍ୟାଳୟ ଯାଉଥିବା ସମସ୍ତ ପିଲାଙ୍କୁ ଶିକ୍ଷକମାନେ କୃମିନାଶକ ଔଷଧ ଖାଇବାକୁ ଦେବେ। ବିଦ୍ୟାଳୟ ଯାଉନଥିବା ପିଲାମାନେ ସେମାନଙ୍କ ଅଞ୍ଚଳରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ଅଙ୍ଗନୱାଡି କର୍ମୀ କିମ୍ବା ଆଶା କର୍ମୀ ଏହି ଔଷଧ ଖାଇବାକୁ ଦେବେ।

ଏହା ସହିତ ଅଗଷ୍ଟ ମାସରେ ଅନୁଷ୍ଠିତ ହେଉଥିବା ସମସ୍ତ ଟୀକାକରଣ ଶିବିରରେ ୯ ମାସରୁ ୫ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ଭିଟାମିନ୍ "କ" ଦ୍ରବଣ ଖାଇବାକୁ ଦିଆଯିବ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
OIPR-10003/11/0054/2425

# ମୋବାଇଲ୍ ଫଟୋଗ୍ରାଫି ଓ ଇନ୍‌କମ୍









**ମୋବାଇଲ୍‌ରେ ଫଟୋଗ୍ରାଫି ନିଶା ବର୍ତ୍ତମାନ ଅନେକଙ୍କଠାରେ ଦେଖିବାକୁ ମିଳୁଛି। ହେଲେ ଏହା କେବଳ ଏକ ସଉକ ନୁହେଁ, ବରଂ କେତେକଙ୍କ ପାଇଁ ପାଲଟିଛି ରୋଜଗାରର ମାଧ୍ୟମ...**

ବର୍ତ୍ତମାନ ପିଲାଠୁ ବୃଦ୍ଧ ସଭିଙ୍କ ପାଖରେ ମୋବାଇଲ୍ ଫୋନ୍ ରହିଛି। ପାଠପଢ଼ା, ମାର୍କେଟିଂ, ବ୍ୟାଙ୍କିଙ୍ଗ୍, ଶପିଂ, ଏଣ୍ଟରଟେନ୍‌ମେଣ୍ଟଠୁ ଆରମ୍ଭ କରି ଫଟୋଗ୍ରାଫି ପାଇଁ ଏହାର ସାହାଯ୍ୟ ନେଉଛନ୍ତି। ଏଥିପାଇଁ ଅଧିକାଂଶ କମ୍ପାନି ପକ୍ଷରୁ ବିଭିନ୍ନ ଫିଚର୍ସ ସହିତ ଭଲ ଭଲ କ୍ୟାମେରା ଅପ୍ସନ ଥିବା ମୋବାଇଲ୍ ଫୋନ୍ ବି ମାର୍କେଟ୍‌କୁ ଆସୁଛି। ଆଉ ଅନେକ ଯୁବପିଢ଼ି ଏହାକୁ ବ୍ୟବହାର କରି ଫଟୋ ଓ ଭିଡିଓ ଆଦି କଣ୍ଟେଣ୍ଟ ପ୍ରସ୍ତୁତ କରି ରୋଜଗାରର ମାଧ୍ୟମ ଭାବେ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି।

**ଜାଣିରଖନ୍ତୁ:** ମୋବାଇଲ୍‌ରେ ଫଟୋ ଉଠାଉଥିଲେ କ୍ୟାମେରାକୁ ହାଇ କ୍ୱାଲିଟି ସେଟିଂରେ ରଖନ୍ତୁ। ଫଟୋ ସବୁବେଳେ ୪ ମେଗା ପିକ୍ସେଲ୍‌ରୁ ଅଧିକ ହୋଇଥିବା ଭଲ। ସେହିପରି ଅନ୍‌ଲାଇନ୍ ଅପ୍‌ଲୋଡ୍ ପାଇଁ ଫଟୋର ଫାଇଲ୍ ସାଇଜ୍ ୫୦ ଏମ୍‌ବି କିମ୍ବା ତା'ଠୁ କମ୍ ରଖିବା ଦରକାର। ଯଦି ଇପିଏସ୍ ଫାଇଲ୍ ହୋଇଥାଏ, ତେବେ ଏହାର ସାଇଜ୍ ଅତିବେଶିରେ ୧୦୦ ଏମ୍‌ବି କିମ୍ବା ତା'ଠୁ କମ୍ ରଖନ୍ତୁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, କାହାରି ଶୁଣା କଥାରେ ଟଙ୍କା ରୋଜଗାର ନିଶାରେ ଯେକୌଣସି ପ୍ଲାଟ୍‌ଫର୍ମ ବା ସାଇଟ୍‌ରେ ଫଟୋ ଅପ୍‌ଲୋଡ୍ କରନ୍ତୁ ନାହିଁ। ପ୍ରଥମେ ଏହା ବିଷୟରେ ଭଲ ଭାବେ ବୁଝନ୍ତୁ ଏବଂ ସମସ୍ତ ଗାଇଡ୍‌ଲାଇନ୍ ଫଲୋ କରିବା ସହ ସର୍ତ୍ତାବଳୀଗୁଡ଼ିକ ପଢ଼ିବା ପରେ ହିଁ ଫଟୋ ଅପ୍‌ଲୋଡ୍ କରନ୍ତୁ।

**କ'ଣ ରହିଛି ପ୍ଲାଟ୍‌ଫର୍ମ:** ବର୍ତ୍ତମାନ ଇଣ୍ଟରନେଟ୍‌ର ଏଭଳି ଅନେକ ପ୍ଲାଟ୍‌ଫର୍ମ ରହିଛି, ଯେଉଁମାନେ ୟୁଜରଙ୍କ ଫଟୋ ପାଇଁ ପେମେଣ୍ଟ କରିଥା'ନ୍ତି। ଯେଉଁଥିରେ ଶଟରଷ୍ଟକ୍ ଇମେଜ୍, ଆଡୋବ ଷ୍ଟକ୍, ଅଲାମୀ, ସ୍ମଗ୍‌ମଗ୍, ଫଟୋ ସେଲ୍ଟର, ଫଟୋ ମୋଟେ ଭଳି ଅନେକ ସାମିଲ ରହିଛି। ଏଥିରେ ଫଟୋ ଅପ୍‌ଲୋଡ୍ ପାଇଁ ଏକ କଣ୍ଟ୍ରିବ୍ୟୁଟର ଆକାଉଣ୍ଟ ଖୋଲିବାକୁ ହୋଇଥାଏ ଏବଂ ପରବର୍ତ୍ତୀ ପ୍ରୋସେସ୍‌କୁ ଫଲୋ କରିବାକୁ ହୋଇଥାଏ।


**କେମିତି କରିବେ ଅପ୍‌ଲୋଡ୍:** ଏଭଳି ପ୍ଲାଟ୍‌ଫର୍ମରେ ଫଟୋ ଅପ୍‌ଲୋଡ୍ କରି ଇନ୍‌କମ୍ କରିବାକୁ ଚାହୁଁଥିଲେ ପ୍ରଥମେ ଏକ କଣ୍ଟ୍ରିବ୍ୟୁଟର ଆକାଉଣ୍ଟ ଖୋଲିବାକୁ ହୋଇଥାଏ। ପରେ ସେଥିରେ ଥିବା ସର୍ତ୍ତାବଳୀଗୁଡ଼ିକ ପଢ଼ିବା ପରେ ହିଁ ଫାଇଲ୍ ଅପ୍‌ଲୋଡ୍ କରନ୍ତୁ। ଫାଇଲ୍‌ର ନାମ ଏବଂ ୱାର୍ଡ ଠିକ୍ ଭାବେ ବ୍ୟବହାର କରନ୍ତୁ, ଯେପରି ଏହା ସମସ୍ତଙ୍କ ପାଇଁ ସର୍ଚ୍ଚେବଲ୍ ହୋଇପାରିବ। ଆପଣ ଅପ୍‌ଲୋଡ୍ କରିଥିବା କଣ୍ଟେଣ୍ଟଗୁଡ଼ିକୁ ପ୍ରଥମେ ଉକ୍ତ ସାଇଟ୍‌ର ଟିମ୍ ରିଭ୍ୟୁ କରିଥାନ୍ତି ଏବଂ ତାହା ଠିକ୍ ଥିଲେ ହିଁ ୱେବ୍‌ସାଇଟ୍‌ରେ ରିଲିଜ୍ କରିଥାନ୍ତି। କାରଣ ଏହା ୟୁଜର୍‌ଙ୍କ ପାଇଁ ଆବଶ୍ୟକ ହୋଇଥିଲେ ହିଁ ସେମାନେ ଏହାକୁ କିଣିବା ପାଇଁ ଟଙ୍କା ଖର୍ଚ୍ଚ କରିବେ ଏବଂ ସେଥିରୁ କିଛି ଟଙ୍କା ଆପଣଙ୍କୁ ମିଳିପାରିବ।

**ସର୍ଚ୍ଚରେ ଆସିବା ଲାଗି:** ଯଦି ଏଥିରେ ଆକାଉଣ୍ଟ ଖୋଲି ଗୋଟିଏ ପରେ ଗୋଟିଏ ଫଟୋ ଅପ୍‌ଲୋଡ୍ କରି ଚାଲିଛନ୍ତି, ହେଲେ କେହି ଏହାକୁ ଦେଖୁନାହାନ୍ତି କିମ୍ବା ଡାଉନ୍‌ଲୋଡ୍ କରୁନାହାନ୍ତି ; ତେବେ କେତେକ ଦିଗ ପ୍ରତି ଦୃଷ୍ଟି ଦେବାର ବିଶେଷ ଆବଶ୍ୟକତା ରହିଛି। ତେଣୁ ଫଟୋ ଅପ୍‌ଲୋଡ୍ କରିବା ବେଳେ ଏହା ସମ୍ପର୍କରେ ସମସ୍ତ ତଥ୍ୟ ଯେପରିକି ନାମ, କିୱାର୍ଡ ଇତ୍ୟାଦି ଠିକ୍ ଭାବେ ଲେଖନ୍ତୁ। ଏପରି କଲେ ଆପଣଙ୍କ କଣ୍ଟେଣ୍ଟ ସହଜରେ ସର୍ଚ୍ଚରେ ଆସିଯିବ ଏବଂ ଅଧିକରୁ ଅଧିକ ୟୁଜର୍‌ଙ୍କ ଦ୍ୱାରା ଡାଉନ୍‌ଲୋଡ୍ କରାଯାଇପାରିବ।



**କେମିତି ମିଳେ ଟଙ୍କା:** ସବୁ ଷ୍ଟକ୍ ପିକ୍ଚର ପ୍ଲାଟ୍‌ଫର୍ମରେ ଫଟୋ ପ୍ରତି ଟଙ୍କା ଅଲଗା ଅଲଗା ରହିଥାଏ। ଜଣେ କଣ୍ଟ୍ରିବ୍ୟୁଟର ଭାବେ ଆପଣ ଅପ୍‌ଲୋଡ୍ କରୁଥିବା ଫଟୋକୁ ଯଦି କେହି ୟୁଜର୍ କିଣେ କିମ୍ବା ପେଡ୍ ସବ୍‌ସ୍କ୍ରାଇବର୍ ଡାଉନ୍‌ଲୋଡ୍ କରେ, ତେବେ କମ୍ପାନି ପାଖାପାଖି ଏହାର ୪୦% ଟଙ୍କା ଆପଣଙ୍କ ରେଜିଷ୍ଟର୍ଡ ଆକାଉଣ୍ଟକୁ ପଠାଇଥାଏ।

**ଜାଣିବା ରହିଛି ହେଲ୍ପ ସେଣ୍ଟର:** କୌଣସି ବି ନୂଆ କାର୍ଯ୍ୟ କରିବା ବେଳେ ଏହା ସମ୍ପର୍କରେ ସବୁ ତଥ୍ୟ ଜଣା ନ ଥାଏ। ତେଣୁ ଏହା ବିଷୟରେ ଜାଣିବା ପାଇଁ ସବୁଠୁ ବେଷ୍ଟ ଉପାୟ ହେଉଛି ସେଥିରେ ଥିବା ହେଲ୍ପ ସେଣ୍ଟର। ମନରେ ଥିବା ଯେକୌଣସି ଡାଉଟ୍‌କୁ ଆପଣ ସେଥିରେ ପଚାରି କ୍ଲିଅର କରିପାରିବେ।





## ଏ ସପ୍ତାହର ପ୍ରଶ୍ନ

୧– ଭାରତର ଜାତୀୟ ବୃକ୍ଷ ............ ?
୨– ସୂର୍ଯ୍ୟମୁଖୀ .............. ଦେଶର ଜାତୀୟ ଫୁଲ ?
୩– ପୋବିତୋରା ଅଭୟାରଣ୍ୟ .............. ରାଜ୍ୟରେ ଅବସ୍ଥିତ ?
୪– ନ୍ୟାଶନାଲ୍ ହ୍ୟାଣ୍ଡଲୁମ୍ ଡେ' ପ୍ରତିବର୍ଷ ........... ତାରିଖରେ ପାଳନ କରାଯାଏ ?
୫– ଗୌତମ ବୁଦ୍ଧଙ୍କ ................ ବୟସରେ ନିର୍ବାଣ ପ୍ରାପ୍ତି ହୋଇଥିଲା ?

## ଗତ ଥରର ଉତ୍ତର

୧ ରଚନା ବିଶ୍ୱତ୍ ରାଓ୍ୱତ୍
୨ ଡେନିସ୍ ପାପିନ୍
୩ ୟୁନିକର୍ଣ୍ଣ
୪ ନିନା ସିଂ
୫ ମାଣ୍ଡାରିନ୍

## ଉତ୍ତରଦାତା



ଜସ୍ମିନ୍ ପଟ୍ଟନାୟକ, ଭୁବନେଶ୍ୱର



ମାନସ କୁମାର କର, କୋଣାର୍କ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସବୁଠୁ ବଡ଼ ଗୁରୁଦ୍ୱାରା

୧– ଶ୍ରୀ ଦରବାର ସାହିବ........................ ଅମ୍ରିତସର
୨– ଗୁରୁ ନାନକ ଦରବାର ........................ ଦୁବାଇ
୩– ଶ୍ରୀ ହେମକୁଣ୍ଡ ସାହିବ ଜୀ ........................ ଉତ୍ତରାଖଣ୍ଡ
୪– ଗୁରୁଦ୍ୱାରା ବାଂଲା ସାହିବ ........................ ଦିଲ୍ଲୀ
୫– ଗୁରୁଦ୍ୱାରା ଦାତା ବନ୍ଦି ଛୋଡ୍ ........................ ଗ୍ୱାଲିୟର
୬– ଗୁରୁଦ୍ୱାରା ବେର୍ ସାହିବ ........................ ସୁଲ୍‌ତାନପୁର, ପଞ୍ଜାବ
୭– ମଣିକରନ୍ ଗୁରୁଦ୍ୱାରା ........................ ମନାଲୀ
୮– ଗୁରୁଦ୍ୱାରା ଶ୍ରୀ ଗୁରୁ ସିଂ ସଭା ........................ ଲଣ୍ଡନ
୯– ଗୁରୁଦ୍ୱାରା ଭଟ୍ଟ ସାହିବ ........................ ରୂପନଗର, ପଞ୍ଜାବ
୧୦– ଶ୍ରୀ ଗୁରୁ ତେଗ୍ ଭାଦୁର ସାହିବ ଗୁରୁଦ୍ୱାରା........................ ଆସାମ

## ଜାଣନ୍ତୁ ଦୁନିଆ

# ଦାମୀ କଫି



**କଫି ପିଇବା ଅନେକଙ୍କୁ ଭାରି ପସନ୍ଦ। ହେଲେ ଜାଣନ୍ତି କି, ଏମିତି ବି ଏକ କଫି ଅଛି ଯାହାର ଦାମ୍ ଏତେ ଅଧିକ ଯେ, ଏହାକୁ କିଣିବା ସାଧାରଣ ଲୋକଙ୍କ ପାଇଁ ସ୍ୱପ୍ନ। ସବୁଠୁ ଅଜବ କଥା ହେଉଛି, ଏହି କଫିକୁ ପ୍ରସ୍ତୁତ କରାଯାଇଥାଏ ଏକ ପକ୍ଷୀର ମଳରେ। ଜାଣନ୍ତୁ ପୃଥିବୀର ସବୁଠୁ ଦାମୀ କଫି ସମ୍ପର୍କରେ...**

⏭ପୃଥିବୀର ସୁବୁଠୁ ଦାମୀ କଫି ହେଉଛି ଜାକୁ ବାର୍ଡ କଫି। ଏହା ବ୍ରାଜିଲ୍‌ର ଏକ ବିଲୁପ୍ତପ୍ରାୟ ଜାକୁ ପକ୍ଷୀର ମଳରୁ ପ୍ରସ୍ତୁତ କରାଯାଇଥାଏ। ଏହି କଫିର ଦାମ୍ କିଲୋ ପିଛା ଏକ ହଜାର ଡଲାର, ଅର୍ଥାତ୍ ଭାରତୀୟ ମୁଦ୍ରାରେ ୭୨ ହଜାର ଟଙ୍କା।

⏭ଏହି କଫି ପ୍ରସ୍ତୁତ ଲାଗି ପ୍ରଥମେ ଜାକୁ ପକ୍ଷୀ ମଳ ସଂଗ୍ରହ କରାଯାଇଥାଏ। ତାହାକୁ ଭଲ ଭାବେ ଧୋଇ ସେଥିରୁ କଫି ମଞ୍ଜି ଅଲଗା କରାଯାଇଥାଏ। ପରେ ଏହାକୁ ଗୁଣ୍ଡ କରି କଫି ପ୍ରସ୍ତୁତ କରାଯାଇଥାଏ। କୌଣସି ମେଶିନ୍ ବ୍ୟବହାର କରା ନ ଯାଇ ଏହି କାର୍ଯ୍ୟ ହାତରେ କରାଯାଇଥାଏ। ଯେହେତୁ ଏଥିପାଇଁ ଅଧିକ ସମୟ ସହ ପରିଶ୍ରମ ବି ଲାଗିଥାଏ, ତେଣୁ ଏହାର ଦାମ୍ ଖୁବ୍ ଅଧିକ।

⏭ପ୍ରାୟ ୨୦୦୦ ମସିହା ବେଳକୁ ପ୍ରଥମଥର ପାଇଁ ଏହି କଫିଚାଷ ଆରମ୍ଭ ହୋଇଥିଲା। ହେନରିକ୍ ସ୍ଲୋପର ଡି. ଅରାଉଜୋ ନାମକ ଜଣେ ବ୍ୟକ୍ତିଙ୍କର ଏକ କଫି ଫାର୍ମ ଥିଲା। ଦିନେ ସକାଳୁ ସେ ଦେଖିବା ବେଳକୁ କେତେଗୁଡ଼ିଏ ଜାକୁ ପକ୍ଷୀ ଫାର୍ମରେ ଥିବା କଫି ମଞ୍ଜି ଖାଇ ଚାଷ ନଷ୍ଟ କରୁଛନ୍ତି। ସେହି ସମୟରେ ସେ ଭାବିଲେ ଯଦି ଇଣ୍ଡୋନେସିଆରେ ସିବେଟ୍ ପଶୁମଳରୁ ଦାମୀ କୋପି ଲୁବାକ କଫି ପ୍ରସ୍ତୁତ କରାଯାଇପାରୁଛି, ତେବେ ଜାକୁ ପକ୍ଷୀମଳରୁ ମଧ୍ୟ କଫି ମଞ୍ଜି ସଂଗ୍ରହ କରାଯାଇ କଫି ପ୍ରସ୍ତୁତ କରାଯାଇପାରିବ। ବାସ୍ ତା' ପରେ ଏହି କାର୍ଯ୍ୟ ଆରମ୍ଭ କରିଥିଲେ।



## ୟୁଥ୍ ଆଲର୍ଟ

# ଦୂରାନ୍ତୁ ଚକ୍ଷୁ ସମସ୍ୟା

**ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କଠାରେ ଚକ୍ଷୁ ସମସ୍ୟା ଦେଖିବାକୁ ମିଳୁଛି। ଏହାର ମୁଖ୍ୟ କାରଣ ପାଠପଢ଼ାଠାରୁ ଜବ୍ ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟ ଲାଗି ଦୀର୍ଘ ସମୟ କମ୍ପ୍ୟୁଟର ଓ ମୋବାଇଲ୍ ଫୋନ୍‌ର ବ୍ୟବହାର। ଏମିତିରେ ଚକ୍ଷୁର ସୁରକ୍ଷା ନିମନ୍ତେ କେତେକ ନିୟମ ପାଳନ କଲେ ଉପକୃତ ହୋଇପାରିବେ, ଜାଣିରଖନ୍ତୁ ସେ ସମ୍ପର୍କରେ...**


**ଚକ୍ଷୁ ପରୀକ୍ଷା:** ଚକ୍ଷୁ ସମସ୍ୟା ଥିଲେ ଅବା ଦେଖାଦେଲେ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ଚକ୍ଷୁ ପରୀକ୍ଷା କରାଇବାକୁ ଆଦୌ ଭୁଲନ୍ତୁ ନାହିଁ। ଆମେରିକାନ୍ ଏକାଡେମୀ ଅଫ୍ ଅପ୍‌ଥାଲ୍ମୋଲୋଜି ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ମୁତାବକ ଚକ୍ଷୁ ସମସ୍ୟା ଥିଲେ ପ୍ରତିବର୍ଷ ଏବଂ ଚକ୍ଷୁ ସମସ୍ୟା ନ ଥିଲେ ୩୦ ବର୍ଷ ବୟସ ପରେ ସଭିଙ୍କୁ ଅତିକମ୍‌ରେ ୨ ବର୍ଷରେ ଥରେ ଚକ୍ଷୁ ପରୀକ୍ଷା କରାଇନେବା ଆବଶ୍ୟକ।

**୨୦-୨୦-୨୦ ରୁଲ୍ ମାନନ୍ତୁ:** ଯଦି ଅଧିକ ସମୟ କମ୍ପ୍ୟୁଟରରେ କାମ କରିବାକୁ ପଡୁଛି, ତେବେ ପ୍ରତି ୨୦ ମିନିଟ୍‌ରେ ୨୦ ସେକେଣ୍ଡ ପାଇଁ ଅତି କମ୍‌ରେ ୨୦ ଫୁଟ୍ ଦୂରରେ ଥିବା କିଛି ବସ୍ତୁକୁ ଦେଖନ୍ତୁ। ଏହାଦ୍ୱାରା ଚକ୍ଷୁ ଉପରେ କମ୍ ଚାପ(ଡିଜିଟାଲ୍ ଆଇ ଷ୍ଟ୍ରେନ୍) ପଡ଼ିଥାଏ ଏବଂ ଏହାର ମାଂସପେଶୀ ରିଲାକ୍ସ ରହିଥାଏ। କେବଳ ଏତିକି ନୁହେଁ, ଏହାଦ୍ୱାରା କମ୍ପ୍ୟୁଟର ଭିଜନ୍ ସିଣ୍ଡ୍ରୋମ୍ କମ୍ ହୋଇଥାଏ ବୋଲି ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ପକ୍ଷରୁ ହୋଇଥିବା ଗବେଷଣାରୁ ଜଣାପଡ଼ିଛି।

**ଲାଇଟ୍ ବ୍ୟବସ୍ଥା ଠିକ୍ ରଖନ୍ତୁ:** ପଢ଼ିବାବେଳେ କିମ୍ବା କମ୍ପ୍ୟୁଟର, ଲାପ୍‌ଟପ୍, ମୋବାଇଲ୍ ଆଦିରେ କାମ କଲାବେଳେ ଘରର ଲାଇଟ୍ ବ୍ୟବସ୍ଥା ଠିକ୍ ରଖନ୍ତୁ। କାରଣ କମ୍ ଲାଇଟ୍‌ରେ ଅଧିକ ସମୟ କାମ କରିବା ଦ୍ୱାରା ଏହାର ନକାରାତ୍ମକ ପ୍ରଭାବ ଆଖି ଉପରେ ପଡ଼ିଥାଏ ଏବଂ ଆଖି ଖରାପ ହେବାର ଆଶଙ୍କା ବୃଦ୍ଧି ପାଇଥାଏ।

**ଖାଦ୍ୟ ପ୍ରତି ଯତ୍ନଶୀଳ ହୁଅନ୍ତୁ:** ପ୍ରତିଦିନ ଖାଦ୍ୟ ତାଲିକାରେ ଭିଟାମିନ୍ ସି, ଇ ଯୁକ୍ତ ଖାଦ୍ୟ ସହିତ ମିନେରାଲ୍ସ, ଜିଙ୍କ୍, ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ସାମିଲ କଲେ ଚକ୍ଷୁ ସୁସ୍ଥ ରହିଥାଏ। ତେଣୁ ତେଲ ମସଲା କିମ୍ବା ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ପରିବର୍ତ୍ତେ ସବୁଜ ପନିପରିବା, ଶାଗ, ମାଛ, ବାଦାମ, ଲେମ୍ବୁ, କମଳା ଭଳି ଖଟାଫଳ ଆଦି ଖାଇଲେ ଭଲ।





**ସ୍ୱାସ୍ଥ୍ୟ ସମସ୍ୟା:** ହାଇ ବ୍ଲଡ୍‌ପ୍ରେସର୍ କିମ୍ବା ଡାଇବେଟିସ୍ ଭଳି ସ୍ୱାସ୍ଥ୍ୟ ସମସ୍ୟା ଚକ୍ଷୁ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ତେଣୁ ଏଭଳି ସମସ୍ୟା ଥିଲେ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ସେବନ କରନ୍ତୁ।

**ସନ୍‌ଗ୍ଲାସ୍ ବ୍ୟବହାର କରନ୍ତୁ:** ଖରାର ମଧ୍ୟ ଆଖି ଉପରେ ବହୁତ ପ୍ରଭାବ ପକାଇଥାଏ। ତେଣୁ ଦିନରେ ବାହାରକୁ ଯିବାବାଳେ ଚକ୍ଷୁର ସୁରକ୍ଷା ନିମନ୍ତେ ସନ୍‌ଗ୍ଲାସ୍ ପିନ୍ଧିବାକୁ ଆଦୌ ଭୁଲନ୍ତୁ ନାହିଁ।

**ଚକ୍ଷୁ ଏକ୍ସରସାଇଜ୍:** ଚକ୍ଷୁକୁ ଠିକ୍ ରଖିବା ସହ ଦୃଷ୍ଟିଶକ୍ତି ବୃଦ୍ଧି କରିବା ଲାଗି ବିଭିନ୍ନ ଏକ୍ସରସାଇଜ୍ କରନ୍ତୁ। ଏହାଦ୍ୱାରା ଚକ୍ଷୁର ମାଂସପେଶୀ ରିଲାକ୍ସ ରହିଥାଏ। ଏଠାରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହେବା ସହ ଅକ୍ସିଜେନ୍ ଠିକ୍ ଭାବେ ମିଳିଥାଏ।

# ‘ଖେଳାଳିଙ୍କ ତ୍ୟାଗ, ପ୍ରତିବଦ୍ଧତା ଦେଶକୁ ଗର୍ବିତ କରିଛି’




କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ଦ୍ୱାରା ଶନିବାର ସମ୍ବର୍ଦ୍ଧିତ ହେବା ଅବସରରେ ଭାରତୀୟ ପୁରୁଷ ହକି ଦଳ।

## ଭାରତୀୟ ହକି ଦଳକୁ ଭବ୍ୟ ସ୍ୱାଗତ

ନୂଆଦିଲ୍ଲୀ, ୧୦।୮ (ପି.ଟି.)

ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିବା ଭାରତୀୟ ପୁରୁଷ ହକି ଦଳ ଶନିବାର ଦେଶକୁ ପ୍ରତ୍ୟାବର୍ତ୍ତନ କରିଛି। ଏଠାରେ ପହଞ୍ଚିବା ପରେ ହରମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଦଳକୁ ଭବ୍ୟ ସ୍ୱାଗତ କରାଯାଇଛି। ଶହ ଶହ ସଂଖ୍ୟାରେ ପ୍ରଶଂସକ ଉପସ୍ଥିତ ରହି ବିଭିନ୍ନ ଧ୍ୱନି ଦେବାସହ ଭାରତୀୟ ଦଳକୁ ସ୍ୱାଗତ କରିଥିଲେ। ପ୍ୟାରିସ ଅଲିମ୍ପିକ୍ସର ବ୍ରୋଞ୍ଜ ପଦକ ମୁକାବିଲାରେ ଭାରତ ୨-୧ ଗୋଲରେ ସ୍ପେନ୍‌କୁ ପରାସ୍ତ କରିଥିଲା। ଫଳରେ ଏହାକୁ ମିଶାଇ ଅଲିମ୍ପିକ୍ସରେ ଭାରତର ପଦକ ସଂଖ୍ୟା ୧୩ରେ ପହଞ୍ଚିଛି। ‘‘ଆମେ ସମସ୍ତ ପ୍ରକାର ସମର୍ଥନ ପାଇଛୁ। ଆମର ସମସ୍ତ ଆବଶ୍ୟକତାକୁ ପୂରଣ କରାଯାଇଛି। ତେଣୁ ଆମେ ସମସ୍ତଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛୁ। ହକି ପାଇଁ ଏହା ଏକ ବଡ଼ ସଫଳତା। ପ୍ରଶଂସକଙ୍କ ଭଲପାଇବା ଆମ ଦାୟିତ୍ୱକୁ ଦ୍ୱିଗୁଣିତ କରିଛି। ପଡ଼ିଆରେ ପ୍ରବେଶ କରିବାପରେ ଆମେ ଯଥା ସମ୍ଭବ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିଛୁ। ଫଳସ୍ୱରୂପ ଆମେ ପଦକଧରି ଫେରିବା ସମ୍ଭବ ହୋଇଛି। ଦେଶରେ ଏଭଳି ସ୍ୱାଗତରେ ଆମେ ଅଭିଭୂତ’’ ବୋଲି ସ୍ପେନ୍ ବିପକ୍ଷରେ ଡବଲ ଗୋଲ ସ୍କୋରର ହରମନପ୍ରୀତ ପ୍ରକାଶ କରିଛନ୍ତି।

‘‘ଖେଳ ବେଳେ ଆମେ ପରସ୍ପର ଉପରେ ଭରସା ରଖିଥିଲୁ। ଫଳ ସ୍ୱରୂପ ପଦକ ରୂପରେ ତା’ର ପୁରସ୍କାର ମିଳିଲା। ଗ୍ରେଟ ବ୍ରିଟେନ ବିପକ୍ଷ ମ୍ୟାଚରେ ଆମେ ୧୦ ଜଣରେ ଖେଳିବାକୁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇଥିଲୁ। ମିଡ୍‌ଫିଲ୍ଡରମାନେ ଫରୱାର୍ଡଙ୍କୁ ସହାୟତା କରୁଥିଲେ। ଆବଶ୍ୟକସ୍ଥଳେ ଡିଫେଣ୍ଡରମାନେ ମିଡ୍‌ଫିଲ୍ଡରଙ୍କୁ ଅବା ମିଡ୍‌ଫିଲ୍ଡରମାନେ ଡିଫେଣ୍ଡରଙ୍କୁ ସାହାଯ୍ୟ କରୁଥିଲେ। ଗୋଲପୋଷ୍ଟରେ ଦଣ୍ଡାୟମାନ ଥିଲେ ବିଗ୍ ମ୍ୟାଚ ପି.ଆର. ଶ୍ରୀଜେଶ୍। ସେ ନିଜ ଷ୍ଟିକ୍ ମାଧ୍ୟମରେ ଆମକୁ ଅନେକ ସଙ୍କଟ ସମୟରେ ଉଦ୍ଧାର କରିଥିଲେ’’ ବୋଲି ଉପ-ଅଧିନାୟକ ହାର୍ଦ୍ଦିକ ସିଂ ପ୍ରକାଶ କରିଛନ୍ତି। ୧୯୭୨ ପରେ ପ୍ରଥମଥର ପାଇଁ ଭାରତ ଅଲିମ୍ପିକ୍ସରେ କ୍ରମାଗତ ପଦକ ହାସଲ କରିବାକୁ ସକ୍ଷମ ହେଲା।

କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଭାରତୀୟ ହକି ଦଳର ପ୍ରଶଂସାରେ ଶତମୁଖ ହୋଇଛନ୍ତି। ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆର୍ଥିକ ପୁରସ୍କାରରେ ସମ୍ମାନିତ କରିଛନ୍ତି। ‘‘ତୁମେମାନେ ଦେଶପାଇଁ ଗୌରବ ଆଣି କୋଟି କୋଟି ଯୁବ ଆଥ୍‌ଲେଟଙ୍କ ସ୍ୱପ୍ନ ସାକାର ପାଇଁ ଉତ୍ସାହିତ କରିଛ। ତୁମମାନଙ୍କର ତ୍ୟାଗ, କଠିନ ପରିଶ୍ରମ ଏବଂ ବିଶ୍ୱସ୍ତରରେ ଉତ୍କୃଷ୍ଟ ପ୍ରଦର୍ଶନ ଦେଶକୁ ଗର୍ବିତ କରିଛି। ତୁମ ସଫଳତାରେ ପୂରା ଦେଶ ଗର୍ବିତ’’ ବୋଲି ମାଣ୍ଡବ୍ୟ ପ୍ରକାଶ କରିଛନ୍ତି। ଭାରତୀୟ ଦଳର ସଫଳତାରେ ଅଂଶୀଦାର ଥିବା କୋଚିଂ ଷ୍ଟାଫ୍ ଏବଂ ସପୋର୍ଟ ଷ୍ଟାଫ୍‌ଙ୍କୁ ମଧ୍ୟ କ୍ରୀଡ଼ାମନ୍ତ୍ରୀ ପ୍ରଶଂସା କରିଛନ୍ତି। ହକି ପ୍ରତି ସରକାରଙ୍କ ପ୍ରତିବଦ୍ଧତା ଜାରି ରହିବ। ଦେଶର କ୍ରୀଡ଼ା ପ୍ରତିଭାଙ୍କ ବିକାଶ ସହ ହକିର ଉନ୍ନତି ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ‘‘ହକି ଆମ ପାଇଁ କ୍ରୀଡ଼ାଠାରୁ ଆହୁରି କିଛି ଅଧିକ। ଆମ ଜାତୀୟ ଗର୍ବର ଏହା ସଙ୍କେତ। ଖେଳାଳିଙ୍କ କଠିନ ପରିଶ୍ରମ, ପ୍ରତିଶ୍ରୁତିବଦ୍ଧତା ଓ ଆବେଗ ଯୋଗୁ ଆମକୁ ଏହି ଐତିହାସିକ ସଫଳତା ମିଳିଛି ବୋଲି ମାଣ୍ଡବ୍ୟ କହିଛନ୍ତି।

### ଉଦ୍‌ଯାପନୀ ପରେ ଆସିବେ ଅମିତ୍

ପ୍ୟାରିସ ଅଲିମ୍ପିକ୍ସର ଉଦ୍‌ଯାପନୀ ଉତ୍ସବ ରବିବାର ଅନୁଷ୍ଠିତ ହେବ। ଶନିବାର ଭାରତୀୟ ହକି ଦଳର କେତେକ ସଦସ୍ୟ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ମାତ୍ର ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ଅମିତ ରୋହିଦାସ ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ଭାରତ ଫେରିବେ ବୋଲି ଜଣାଯାଇଛି। ଅବସର ଘୋଷଣା କରିଥିବା ତାରକା ଗୋଲକିପର ପି.ଆର. ଶ୍ରୀଜେଶ୍ ଉଦ୍‌ଯାପନୀରେ ଡବଲ ବ୍ରୋଞ୍ଜ ମେଡାଲିଷ୍ଟ ମନୁ ଭାକରଙ୍କ ସହ ତ୍ରିରଙ୍ଗା ଧରି ଭାରତୀୟ ଦଳର ନେତୃତ୍ୱ ନେବେ। ତେଣୁ ସେ ମଧ୍ୟ ପରେ ଫେରିବେ। ଭାରତ ନ ଫେରି ଉଦ୍‌ଯାପନୀ ଉତ୍ସବରେ ଯୋଗଦେବା ପାଇଁ ପ୍ୟାରିସରେ ରହିଥିବା ଦେଶର ଅନ୍ୟ ହକି ଖେଳାଳିମାନେ ହେଲେ ରାଜ କୁମାର ପାଲ, ଅଭିଷେକ, ସୁଖଜିତ ସିଂ ଓ ସଞ୍ଜୟ।

# ସ୍ୱର୍ଣ୍ଣ ଜିତିଲେ ଇମାନେ ଖେଲିଫ୍



ସ୍ୱର୍ଣ୍ଣ ପଦକ ଜିତିବାପରେ ଉଲ୍ଲସିତ ଇମାନେ ଖେଲିଫ।

ପ୍ୟାରିସ୍,୧୦।୮(ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ଆଲଜେରିଆର ଇମାନେ ଖେଲିଫ୍ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଲିଙ୍ଗ ନିରୂପଣକୁ ନେଇ ସମଗ୍ର ବିଶ୍ୱରେ ଖେଲିଫ୍ ସମାଲୋଚନାର ଶିକାର ହୋଇଥିଲେ ମଧ୍ୟ ମହିଳା ୬୬ କିଗ୍ରା ଓଜନ ବର୍ଗରେ ଆଲଜେରିଆ ବକ୍ସର ଇମାନେ ଖେଲିଫ୍ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଚାଇନାର ୟାଙ୍ଗ ଲିଉଙ୍କୁ ୫-୦ରେ ହରାଇବା ସହିତ ସେ ଏହି ସଫଳତା ହାସଲ କରିଛନ୍ତି। ଦୀର୍ଘ ୮ ବର୍ଷ ହେବ ଏହା ମୋର ସ୍ୱପ୍ନ ରହିଥିବା ବେଳେ ଶେଷରେ ଏହା ହାସଲ କରିବାରେ ସଫଳ ହୋଇଛି ବୋଲି କହିଛନ୍ତି ଖେଲିଫ୍। ଅଲିମ୍ପିକ୍ସ ଆରମ୍ଭ ହେବା ସମୟରୁ ଖେଲିଫ୍‌ଙ୍କ ଲିଙ୍ଗ ନିରୂପଣକୁ ନେଇ ଅନେକ ପ୍ରଶ୍ନବାଚୀ ଆସିଥିଲା। ଏପରି କି ପ୍ରଥମ ବାଉଟ୍‌ରେ

### ଲିଙ୍ଗ ନିରୂପଣ ମାମଲାରେ ପୂର୍ଣ୍ଣଚ୍ଛେଦ

ଇଟାଲୀର ଆଞ୍ଜେଲା କେରିନିଙ୍କୁ ମାତ୍ର ୪୬ ସେକେଣ୍ଡରେ ନକ୍‌ଆଉଟ କରି ଚର୍ଚ୍ଚାକୁ ଆସିଥିଲେ ଖେଲିଫ୍। ପୂର୍ବରୁ ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏଶନ୍ (ଆଇବିଏ) ତାଙ୍କୁ ବାସନ୍ଦ କରିଥିଲେ ମଧ୍ୟ ଅଲିମ୍ପିକ୍ସରେ ଅଂଶଗ୍ରହଣର ସୁଯୋଗ ମିଳିଥିଲା। କେରିନିଙ୍କ ଅଭିଯୋଗ ପରେ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପରି ବ୍ୟକ୍ତି ଏହାକୁ ଜଣେ ପୁରୁଷ ଓ ମହିଳାଙ୍କ ଲଢ଼େଇ ଭାବରେ ବର୍ଣ୍ଣନା କରିଥିଲେ। ସମଗ୍ର ବିଶ୍ୱରେ ଇଣ୍ଟରନେଟରେ ଖେଲିଫ୍‌ଙ୍କୁ ସମାଲୋଚନାର ଶିକାର ହେବାକୁ ପଡିଥିଲା। ତେବେ ଏଥିରେ ହତୋତ୍ସାହିତ ନ ହୋଇ ସେ ବିଜୟୀ ହୋଇଥିଲେ।




ପ୍ୟାରିସରୁ ଫେରି ଶନିବାର ନୂଆଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିବାପରେ ପରିବାର ବର୍ଗଙ୍କ ସହ ଭାରତୀୟ ହକି ତାରକା ମନପ୍ରୀତ ସିଂ।

# ୫୦ ଗ୍ରାମ୍ ପାଇଁ ପଦକ ହରାଇଥିଲେ ହିଗୁଚି

## ଭିନେଶଙ୍କୁ ଜଣାଇଲେ ସମବେଦନା




ରେଇ ହିଗୁଚି

ପ୍ୟାରିସ୍,୧୦।୮(ପି.ଟି.)

ଭାରତୀୟ ମହିଳା ରେସ୍‌ଲର ଭିନେଶ ଫୋଗଟ ୧୦୦ ଗ୍ରାମ ଅଧିକ ଓଜନ ପାଇଁ ଅଯୋଗ୍ୟ ଘୋଷିତ ହୋଇ ଅଲିମ୍ପିକ୍ସ ପଦକ ହରାଇବା ପରେ ଏହା ସମଗ୍ର ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାକୁ ନେଇ ଜାପାନିଜ ରେସ୍‌ଲର ତଥା ଚଳିତ ଅଲିମ୍ପିକ୍ସର ସ୍ୱର୍ଣ୍ଣ ବିଜେତା ରେଇ ହିଗୁଚି ଭିନେଶଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ହିଗୁଚିଙ୍କ ସହ ମଧ୍ୟ ଟୋକିଓ ଅଲିମ୍ପିକ୍ସରେ ସମାନ ଘଟଣା ଘଟିଥିଲା। ୫୭ କିଗ୍ରା ଓଜନ ବର୍ଗର ଫ୍ରି ଷ୍ଟାଇଲ ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ହିଗୁଚି ଆବଶ୍ୟକ ଓଜନ ମାନଦଣ୍ଡରୁ ମାତ୍ର ୫୦ ଗ୍ରାମ ଅଧିକ ଓଜନର ରହିଥିଲେ। ଫଳରେ ଏକ ପ୍ଲେ ଅଫ୍ ମ୍ୟାଚ୍ ପୂର୍ବରୁ ତାଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଥିଲା। ହିଗୁଚି ଏକ୍ସରେ ପୋଷ୍ଟ କରିବା ସହ ଭିନେଶଙ୍କୁ ସମବେଦନା ଜଣାଇଛନ୍ତି। ‘ଭିନେଶ ମୁଁ ତୁମ ଦୁଃଖ ବୁଝି ପାରୁଛି। ସମାନ କାରଣରୁ ୫୦ ଗ୍ରାମ ଓଜନ ପାଇଁ ମୁଁ ମଧ୍ୟ ୩ ବର୍ଷ ତଳେ ଅଯୋଗ୍ୟ ଘୋଷିତ ହୋଇଥିଲେ। ନିଜ ଚାରି ପାଖରେ ଉଠୁଥିବା ସ୍ୱର ପ୍ରତି ଧ୍ୟାନ ନ ଦେଇ ଆଗକୁ ବଢ। ଏଭଳି ସ୍ଥିତିରୁ ଆଗକୁ ବଢି ବିଜୟୀ ହେବା ହିଁ ତୁମର ଲକ୍ଷ୍ୟ ହେବା ଉଚିତ ’ ବୋଲି ପୋଷ୍ଟ କରଥିଲେ ହିଗୁଚି।

ଚଳିତ ଅଲିମ୍ପିକ୍ସରେ ହିଗୁଚି ୫୭ କିଗ୍ରା ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେମି ଫାଇନାଲରେ ଭାରତୀୟ ରେସ୍‌ଲର ଅମନ ସେରାୱତଙ୍କୁ ହରାଇଥିଲେ ହିଗୁଚି। ଭିନେଶ ଅଯୋଗ୍ୟ ଘୋଷିତ ହେବା ପରେ ଅବସର ଘୋଷଣା କରିଥିଲେ। ଅବସର ଘୋଷଣା ପୋଷ୍ଟ ଉପରେ ପ୍ରତିକ୍ରିୟା ରଖି ଏଭଳି ମନ୍ତବ୍ୟ ଦେଇଛନ୍ତି ରେଇ ହିଗୁଚି। ହିଗୁଚି ଅଯୋଗ୍ୟ ଘୋଷିତ ହୋଇଥିବା ବେଳେ ଅଲିମ୍ପିକ୍ସରେ ଜାପାନରେ ଆୟୋଜିତ ହୋଇଥିଲା। ତେବେ ଘରୋଇ ପରିବେଶରେ ଆୟୋଜିତ ହେବା ସତ୍ତ୍ୱେ ମଧ୍ୟ ହିଗୁଚିଙ୍କ ନିକଟରେ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିବାର କୌଣସି ସୁଯୋଗ ନ ଥିଲା।

## ସମାନ ପରିସ୍ଥିତିରେ ଥିଲେ ଅମନ

ପ୍ୟାରିସ୍,୧୦।୮(ପି.ଟି.): ପ୍ୟାରିସ୍ ଅଲିମ୍ପିକ୍ସରେ ରେସ୍‌ଲିଂରେ ଭାରତ ପାଇଁ ପ୍ରଥମ ବ୍ରୋଞ୍ଜ ପଦକ ଜିତିଥିବା ଅମନ ସେରାୱତ ମଧ୍ୟ ଭିନେଶଙ୍କ ଭଳି ପରସ୍ଥିତିର ସମ୍ମୁଖୀନ ହୋଇଥିଲା। ୫୭ କିଗ୍ରା ଓଜନ ବର୍ଗରେ ବ୍ରୋଞ୍ଜ ପଦକ ପ୍ଲେ ଅଫ୍ ମ୍ୟାଚ୍ ପୂର୍ବର ସକାଳରୁ ଅମନଙ୍କ ଓଜନ ୪.୬ କେଜି ବଢି ଯାଇଥିଲା। ତେବେ ୧୦ ଘଣ୍ଟାର ପରିଶ୍ରମ କରିବା ସହ ଅମନ ୪.୬ କେଜି ଓଜନ କମ୍ କରାଇଥିଲେ। ସନ୍ଧ୍ୟା ୬.୩୦ରେ ରେଇ ହିଗୁଚିଙ୍କ ନିକଟରୁ ପରାଜିତ ହେବା ପରେ ଅମନଙ୍କ ଓଜନ ବଢିଥିବା ଜଣା ପଡିଥିଲା। ୨୧ ବର୍ଷୀୟ ଅମନଙ୍କୁ ତାଙ୍କ କୋଚ୍ କୌଣସି ସମୟ ନଷ୍ଟ ନ କରି ଅମନଙ୍କୁ ଅଭ୍ୟାସ କରାଇବା ଆରମ୍ଭ କରିଥିଲେ। ପ୍ରଥମେ ଦେଢ ଘଣ୍ଟାର ମେଟ୍ ସେସନ୍ କରିଥିଲେ। ଦେଢ ଘଣ୍ଟା ଧରି ଷ୍ଟାଣ୍ଡିଂ ରେସ୍‌ଲିଂ କରାଇବା ପରେ ହଟ୍ ବାଥ୍(ସଉନା) କରାଯାଇଥିଲା। ରାତି ୧୨.୩୦ ପରେ ଅମନ ଜିମ୍‌ରେ ଅଭ୍ୟାସ୍ କରିଥିଲେ। ନିରନ୍ତର ଭାବରେ ଟ୍ରେଡ୍‌ମିଲ୍ ଉପରେ ଏକ ଘଣ୍ଟା ଧରି ଦୌଡିଥିଲେ। ଏହାପରେ ୩୦ ମିନିଟର ବ୍ରେକ୍ ନେଇଥିଲେ ଅମନ। ପରେ ୫ ମିନିଟର ସଉନା ବାଥ୍ ନେଇ ଓଜନ ହେବା ବେଳକୁ ସେ ୯୦୦ ଗ୍ରାମ ଅଧିକ ଓଜନର ରହିଥିଲେ। ଏହାପରେ ଜଗିଂ ପାଇଁ ପରାମର୍ଶ ଦେଇଥିଲେ କୋଚ୍। ୧୫ ମିନିଟର ରନିଂ ସେସନ୍ ପରେ ରାତି ୪.୩୦ରେ ଆଉ ଥରେ ଓଜନ ହେବା ବେଳକୁ ଅମନଙ୍କ ଓଜନ ୫୬.୯ କେଜି ରହିଥିଲା। ଏହି ସେସନ୍ ମଧ୍ୟରେ ଅମନଙ୍କୁ ଉଷୁମ ପାଣି ସହିତ ମହୁ ଓ ଲେମ୍ବୁ ଦିଆଯାଇଥିଲା। ଏହା ସହିତ ମଝିରେ ସାମାନ୍ୟ କଫି ମଧ୍ୟ ଦିଆଯାଇଥିବା କୋଚ୍ ସୂଚନା ଦେଇଥିଲେ।

# ‘ଫ୍ରି ଆଫ୍‌ଗାନ ଓମେନ’ ଲେଖା ପାଇଁ ଆଥ୍‌ଲେଟ ଅଯୋଗ୍ୟ

ପ୍ୟାରିସ, ୧୦।୮(ଏପି)

### ବ୍ରେକ୍‌ଡ୍ୟାନ୍ସ ପ୍ରତିଯୋଗିତା

ଅଲିମ୍ପିକ୍ସରେ ପ୍ରଥମ ଥର ବ୍ରେକ୍ ଡ୍ୟାନ୍ସ ପ୍ରତିଯୋଗିତା ସାମିଲ କରାଯାଇଛି। ହେଲେ ନିୟମ ଉଲ୍ଲଂଘନ ପାଇଁ ଜଣେ ଆଫଗାନ ଶରଣାର୍ଥୀ ପ୍ରତିଯୋଗୀଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଛି। କାରଣ ପ୍ରି-କ୍ୱାଲିଫାୟର ମୁକାବିଲା ବେଳେ ତାଙ୍କ ପୋଷାକରେ ‘ଫ୍ରି ଆଫଗାନ ଓମେନ’ ସ୍ଲୋଗାନ ଲେଖା ରହିଥିବା ଦେଖିବାକୁ ମିଳିଥିଲା। ଏହି ୨୧ବର୍ଷୀୟା ମାନିଝା ତଲାଶ ହେଉଛନ୍ତି ଆଫଗାନିସ୍ତାର ମୂଳ ବାସିନ୍ଦା। ତାଙ୍କ ଦଳ ଇଣ୍ଡିଆ ସର୍ବୋଚ୍ଚ ବିପକ୍ଷ ମୁକାବିଲାରେ ହାରିଯାଇଥିଲା। ସେ ଯଦି ଅଯୋଗ୍ୟ ଘୋଷିତ ନ ହୋଇଥାନ୍ତେ ତେବେ ମଧ୍ୟ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇପାରି ନ ଥାନ୍ତେ। କାରଣ ଅଲିମ୍ପିକ୍ସରେ ଖେଳ ପଡ଼ିଆ ହେଉ ଅବା ପୋଡିୟମରେ ରାଜନୈତିକ ମନ୍ତବ୍ୟ ଓ ସ୍ଲୋଗାନ ବାରଣ ରହିଛି। ୨୦୨୧ରେ ଆଫଗାନିସ୍ତାନରେ ତାଲିବାନମାନେ କ୍ଷମତା ଦଖଲ କରିବା ପରେ ତଲାଶ ନିଜ ଦେଶ ଛାଡ଼ି ସ୍ପେନରେ ଆଶ୍ରୟ ନେଇଥିଲେ। ଅଲିମ୍ପିକ୍ସ ପୂର୍ବରୁ ସେ ତାଙ୍କର ଏକ ସାକ୍ଷାତ୍‌କାରରେ କହିଥିଲେ, ସେ ଏଠାକୁ ତାଙ୍କ ସ୍ୱପ୍ନ ସାକାର କରିବାକୁ ଆସିଛନ୍ତି। ବ୍ରେକ୍ ଡ୍ୟାନ୍‌ସିଂର ପରିଚାଳନା ପରିଷଦ ୱାର୍ଲ୍ଡ ଡ୍ୟାନ୍ସ ସ୍ପୋର୍ଟ୍ସ ଫେଡେରେଶନ ତରଫରୁ ଏକ ବିବୃତି ଜାରି କରାଯାଇଛି। ମାନିଝା ପ୍ରି- କ୍ୱାଲିଫାୟରରେ ଯେଉଁ ପୋଷାକ ପରିଧାନ କରିଥିଲେ। ସେଥିରେ ଏକ ରାଜନୈତିକ ସ୍ଲୋଗାନ ଲେଖା ରହିଥିଲା। ଏଥିପାଇଁ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଛି।




‘ଫ୍ରି ଆଫଗାନ ଓମେନ’ ସ୍ଲୋଗାନ ସମ୍ବଳିତ ପୋଷାକ ପ୍ରଦର୍ଶନ କରୁଛନ୍ତି ମାନିଝା ତଲାଶ।

# କ୍ୱାର୍ଟର ଫାଇନାଲରେ ହାରିଲେ ରିତିକା

ପ୍ୟାରିସ୍,୧୦।୮(ପି.ଟି.): ଭାରତୀୟ ମହିଳା ରେସ୍‌ଲର ରୀତିକା ହୁଡା ଶନିବାର କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଛନ୍ତି। ୭୬ କେଜି ଓଜନ ବର୍ଗରେ କିର୍ଗିଜସ୍ତାନର ମେଡେଟ୍ କାଇଜିଙ୍କ ସହ ୧-୧ରେ ଡ୍ର ରଖିଥିଲେ ମଧ୍ୟ ନୂଆ ନିୟମ ଆଧାରରେ ରୀତିକା ପରାଜିତ ହୋଇଥିଲେ। ୬ ମିନିଟ୍‌ର ମୁକାବିଲା ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ପ୍ରଥମ ରାଉଣ୍ଡ ପ୍ରି କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ରୀତିକା ହଙ୍ଗେରୀର ବର୍ନାଡେଟ୍ ନାଗିଙ୍କୁ ୧୨-୨ରେ ପରାସ୍ତ କରିଥିଲେ। ରୀତିକା ଶକ୍ତି ଓ ଦକ୍ଷତାର ଚମତ୍କାର ସମନ୍ୱୟ ଦେଖାଇବା ସହ ପ୍ରତିପକ୍ଷ ଖେଳାଳିଙ୍କୁ କୌଣସି ସୁଯୋଗ ଦେଇ ନ ଥିଲେ। ତେବେ ଯଦି କାଇଜି ଫାଇନାଲରେ ପ୍ରବେଶ କରନ୍ତି ତେବେ ରୀତିକା ବ୍ରୋଞ୍ଜ ପଦକ ପାଇଁ ରିପିଚେଜ୍ ରାଉଣ୍ଡରେ ଅବତୀର୍ଣ୍ଣ ହେବେ।



ପ୍ୟାରିସ୍ ଅଲିମ୍ପିକ୍ସର ମହିଳା ୭୬ କେଜି ଫ୍ରିଷ୍ଟାଇଲ ରେସଲିଂରେ ଶନିବାର ଭାରତର ରିତିକା ଓ ହଙ୍ଗେରୀର ବେର୍ନାଡେଟ ନାଗିଙ୍କ ମଧ୍ୟରେ ଲଢ଼େଇ।

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ଅଗଷ୍ଟ ୧୧/୨୦୨୪ Bhubaneswar, Sunday, August 11/ 2024

# ଆଜି ଉଦ୍‌ଯାପନୀ ସମାରୋହ

**ଷ୍ଟେଡ୍ ଡି ଫ୍ରାନ୍ସରେ ହେବ ମଶାଲ ହସ୍ତାନ୍ତର**

**ଆକର୍ଷଣରେ ରହିବେ ହର୍**

ପ୍ୟାରିସ୍,୧୦।୮(ପି.ଟି.)



ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ର ଭବ୍ୟ ଉଦ୍‌ଯାପନୀ ସମାରୋହ ରବିବାର ଆୟୋଜିତ ହେବ। ଦୀର୍ଘ ୧୭ ଦିନ ବ୍ୟାପୀ ଅନୁଷ୍ଠିତ ଏହି କ୍ରୀଡ଼ା ମହାକୁମ୍ଭ ଶେଷରେ ସମାପ୍ତ ହେବାକୁ ଯାଉଛି। ପ୍ରଥମ ଥର ପାଇଁ ଏକ ନଦୀରେ ଅଲିମ୍ପିକ୍ସର ଉଦ୍‌ଘାଟନୀ ସମାରୋହ ଏକ ନଦୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସେନ୍ ନଦୀରେ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିବା ବେଳେ ଅନେକ ବିବାଦୀୟ ଘଟଣାକୁ ନେଇ ଏହି ଅଲିମ୍ପିକ୍ସ ଚର୍ଚ୍ଚାରେ ରହିଥିଲା। ଦୀର୍ଘ ୧୭ ଦିନ ଧରି ୨୦୬ ରାଷ୍ଟ୍ରର ଆଥ୍‌ଲେଟମାନେ ପଦକ ଜିତିବାକୁ କଠିନ ପରିଶ୍ରମ କରିଥିବା ବେଳେ ଷ୍ଟେଡ୍ ଡି ଫ୍ରାନ୍ସ ଷ୍ଟାଡିୟମରେ ଅନୁଷ୍ଠିତ ହେବ ଉଦ୍‌ଯାପନୀ ସମାରୋହ। ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୨୦୨୮ରେ ଲସ୍‌ଏଞ୍ଜେଲସ୍ ଆସନ୍ତା ସଂସ୍କରଣର ଅଲିମ୍ପିକ୍ସ ଆୟୋଜିତ ହେବ। ତେଣୁ ଲସ୍‌ଏଞ୍ଜେଲସ୍ ଆୟୋଜକଙ୍କୁ ପ୍ୟାରିସ୍ ଆୟୋଜକ ମଶାଲ ହସ୍ତାନ୍ତର କରିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ଓସ୍କାର, ଗ୍ରାମୀ ଓ ଏମି ପରି ସମ୍ମାନଜନକ ଟାଇଟଲ ହାସଲ କରି ସାରିଥିବା ଆମେରିକୀୟ ଗାୟିକା ହର୍ ଉଦ୍‌ଯାପନୀ ସମାରୋହର ମୁଖ୍ୟ ଆକର୍ଷଣ ରହିବେ। ମଶାଲ ହସ୍ତାନ୍ତର ସମୟରେ ସେ ଆମେରିକୀୟ ଜାତୀୟ ସଙ୍ଗୀତ ଗାଇବେ ବୋଲି ଜଣାପଡିଛି। କାଲିଫର୍ନିଆର ଏହି ୨୭ ବର୍ଷୀୟ ଗାୟିକା ଆଇ କାଣ୍ଟ ବ୍ରିଦ୍ ପାଇଁ ଗ୍ରାମୀ ଓ ଫାଇଟ୍ ଫର୍ ୟୁ ପାଇଁ ଓସ୍କାର ଜିତିଥିଲେ। ଉଦ୍‌ଘାଟନୀ ସମାରୋହର ନିର୍ଦ୍ଦେଶନା ଦେଇଥିବା ଥୋମାସ ଜୋଲି ଉଦ୍‌ଯାପନୀ ଉତ୍ସବର ଭାର ମଧ୍ୟ ସମ୍ଭାଳିବେ। ଉଦ୍‌ଘାଟନୀ ସମାରୋହ ଭଳି ଉଦ୍‌ଯାପନୀ ମଧ୍ୟ ଚମତ୍କାର ହେବ ବୋଲି ଜୋଲି କହିଛନ୍ତି। ୧୦୦ରୁ ଅଧିକ ସ୍ଥାନୀୟ ଆଥ୍‌ଲେଟ ଓ ଆକ୍ରୋବାଟିକ୍ ଡ୍ୟାନ୍ସର ମଧ୍ୟ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜୋଲି ସୂଚନା ଦେଇଛନ୍ତି।

**ଆରମ୍ଭ: ରାତି ୧୨.୩୦**
**ପ୍ରସାରଣ: ସ୍ପୋର୍ଟ୍ସ ୧୮/ ଜିଓ ସିନେମା**




ପ୍ୟାରିସରେ ଶନିବାର ଭାରତୀୟ ହକି ଗୋଲକିପର ପି.ଆର. ଶ୍ରୀଜେଶଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ରିଲାଏନ୍ସ ଫାଉଣ୍ଡେଶନ ଚେୟାରପର୍ସନ ତଥା ଭାରତୀୟ ଅଲିମ୍ପିକ୍ କମିଟି ସଦସ୍ୟ ନୀତା ଅମ୍ବାନୀ। ନିକଟରେ ଅଛନ୍ତି ଆଇଓଏ ସଭାପତି ପି.ଟି. ଉଷା।


# କାସ୍ ନିଷ୍ପତ୍ତି ୧୩ରେ

ପ୍ୟାରିସ, ୧୦।୮ (ପି.ଟି.)

ଭାରତୀୟ ମହିଳା କୁସ୍ତିଯୋଦ୍ଧା ଭିନେଶ ଫୋଗଟଙ୍କ ଅପିଲ ଉପରେ ନିଷ୍ପତ୍ତି ୧୩ ତାରିଖକୁ ଘୁଞ୍ଚାଇ ଦେଇଛନ୍ତି କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ (କାସ୍)ର ଆଡହକ ଡିଭିଜନ। ଅଲିମ୍ପିକ ଗେମ୍ସର ମହିଳା ୫୦କେଜି ଫ୍ରିଷ୍ଟାଇଲ

**ଭିନେଶ ପଦକ ହରାଇବା ମାମଲା**

ଫାଇନାଲରୁ ଅଯୋଗ୍ୟ ଘୋଷଣା କରାଯାଇଥିବାରୁ ଭିନେଶ କାସ୍‌ରେ ଚ୍ୟାଲେଞ୍ଜ କରିଥିଲେ। ବୁଧବାର ଫାଇନାଲ ପୂର୍ବରୁ ଭିନେଶଙ୍କ ଓଜନ ୧୦୦ ଗ୍ରାମ ଅଧିକ ଥିବା ଦେଖାଯାଇଥିଲା। ତାଙ୍କ ଅପିଲ ଉପରେ ବହୁ ପ୍ରତିକ୍ଷୀତ ରାୟ ଶନିବାର ସନ୍ଧ୍ୟାରେ ପ୍ରକାଶ ପାଇବ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲା। ଏହାକୁ ଭିନେଶଙ୍କ ସମର୍ଥକମାନେ ଉତ୍କଣ୍ଠାର ସହିତ ଅପେକ୍ଷା କରି ରହିଥିଲେ। ମାତ୍ର ଆଡହକ୍ ଡିଭିଜନ ସମୟସୀମାକୁ ରବିବାର ସନ୍ଧ୍ୟା ୬ଟା ସମୟକୁ ଘୁଞ୍ଚାଇ ଦେଇଛନ୍ତି। ଭିନେଶ ଫୋଗଟ ବନାମ ୟୁନାଇଟେଡ୍ ୱାର୍ଲ୍ଡ ରେସ୍‌ଲିଂ ଓ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି ମାମଲା ଉପରେ ନିଷ୍ପତ୍ତି ନେବେ ଏକକ ଆର୍ବିଟ୍ରେଟର ମାନ୍ୟବର ବିଚରପତି ଡକ୍ଟର ଆନାବେଲି ବେନେଟ। ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ତରଫରୁ ଏହି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ କାସ୍ ଏହାର ନିଷ୍ପତ୍ତି ରବିବାର ପ୍ରକାଶ କରିବ ଏକ ରିପୋର୍ଟରେ ପ୍ରକାଶ ପାଇଥିଲା।



ଭିନେଶ ଫୋଗଟ

# କୋଭିଡ୍ ସତ୍ତ୍ୱେ ଭାଗ ନେଇଥିଲେ ଆଥଲେଟ

ପ୍ୟାରିସ, ୧୦।୮ (ଏପି)

କୋଭିଡ୍ ପଜିଟିଭ ସତ୍ତ୍ୱେ ନୋଆ ଲାଇଲ୍ସଙ୍କ ଭଳି ବହୁ ଆଥଲେଟ ପ୍ୟାରିସ ଅଲିମ୍ପିକ୍ସରେ ବିନାଦ୍ୱିଧାରେ ଭାଗ ନେଇପାରିଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ପଦକ ଜିତିବାରେ ମଧ୍ୟ ସଫଳ ହୋଇଛି। କୋଭିଡ୍ ପଜିଟିଭଙ୍କ ଉପସ୍ଥିତି ଯୋଗୁ ନ ଥିଲା ଭୟର ବାତାବରଣ କିମ୍ବା ବିଶେଷ କଟକଣା। କୋଭିଡ୍‌ରେ ଆକ୍ରାନ୍ତ ନୋଆ ଲାଇଲ୍ସ ୧୦ ହଜାର ଲୋକଙ୍କ ଉପସ୍ଥିତିରେ ଏକ ବ୍ରୋଞ୍ଜ ପଦକ ଜିତିଥିଲେ। ଗେମ୍ସରେ ଅନ୍ୟ ୧୨ ଆଥଲେଟ କୋଭିଡ୍ ପଜିଟିଭ ଥିଲେ। କିନ୍ତୁ ଆୟୋଜକଗଣ ସେମାନଙ୍କୁ କେବଳ ସ୍ୱାସ୍ଥ୍ୟଗତ ପରାମର୍ଶ ଦେଇଥିଲେ। ଏହି ଆଥଲେଟମାନଙ୍କ ଲାଗି କୌଣସି କଟକଣା ନ ଥିଲା। ଆଥଲେଟ ଜଣକ ଯଦି ସକ୍ଷମ ତେବେ ସେମାନଙ୍କୁ ଅଂଶଗ୍ରହଣ ପାଇଁ ଅନୁମତି ରହିଥିଲା। ଚଳିତ ସପ୍ତାହ ଆରମ୍ଭରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ) ପକ୍ଷରୁ କୁହାଯାଇଥିଲା ବିଶ୍ୱବ୍ୟାପୀ କୋଭିଡ ପଜିଟିଭଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଅଲିମ୍ପିକ୍ସରେ ଅତି କମ୍‌ରେ ୪୦ଆଥଲେଟ କୋଭିଡ ପଜିଟିଭ ଚିହ୍ନଟ ହୋଇଛନ୍ତି। ଗୁରୁବାର ରାତିରେ ଲାଇଲ୍ସ ୨୦୦ ମିଟର ଦୌଡ଼ରେ ତୃତୀୟ ସ୍ଥାନ ଅଧିକାର କରିବା ପରେ ଚେତାଶୂନ୍ୟ ହୋଇପଡ଼ିଥିଲେ। ଟ୍ରାକ୍‌ରୁ ତାଙ୍କୁ ଏକ ହ୍ୱିଲଚେୟାର ଯୋଗେ ବାହାରକୁ ନିଆଯାଇଥିଲା। ଦୁଇଦିନ ପୂର୍ବେ ସେ ଟେଷ୍ଟ କରି କୋଭିଡ୍ ପଜିଟିଭ ଥିବା ଜାଣିବାକୁ ପାଇଥିଲେ। ଶୁକ୍ରବାର ସେ ବ୍ରୋଞ୍ଜ ପଦକ ନେବାକୁ ଆସିଥିବା ବେଳେ ତାଙ୍କ ମୁହଁରେ ମାସ୍କ ପରିଲକ୍ଷିତ ହୋଇଥିଲା। ପୋଡିୟମରେ ସେ ଅନ୍ୟ ବିଜେତାଙ୍କଠାରୁ ଦୂରତା ରଖିଥିଲେ। ଗତ ସପ୍ତାହରେ ବ୍ରିଟିଶ ଷ୍ଟାର ଆଡାମ ପିଟି ସୁଇମିଂରେ ଏକ ରୌପ୍ୟ ଜିତିଥିବାର ୨୪ ଘଣ୍ଟା ନ ପୁରୁଣୁ କୋଭିଡ୍ ଟେଷ୍ଟରେ ପଜିଟିଭ ଜଣାପଡ଼ିଥିଲେ। ସେ ୧୦୦ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଫାଇନାଲର ଦିନକ ପୂର୍ବରୁ ଅସୁସ୍ଥ ଅନୁଭବ କରିଥିଲେ। ଅଷ୍ଟ୍ରେଲିଆ ମହିଳା ୱାଟର ପୋଲୋ ଦଳର ୫ ଜଣ କୋଭିଡ୍ ପିଜିଟିଭ ଚିହ୍ନଟ ହୋଇଥିଲେ। ସୁସ୍ଥ ଅନୁଭବ କରିବା ପରେ ସେମାନେ ଟ୍ରେନିଂରେ ଯୋଗ ଦେଇଥିଲେ।



ନୋଆ ଲାଇଲ୍ସ

## ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୩୭ | ୨୭ | ୨୪ | ୮୮ |
| ଆମେରିକା | ୩୩ | ୪୧ | ୩୯ | ୧୧୩ |
| ଅଷ୍ଟ୍ରେଲିଆ | ୧୮ | ୧୭ | ୧୪ | ୪୯ |
| ଜାପାନ | ୧୬ | ୧୦ | ୧୩ | ୩୯ |
| ଫ୍ରାନ୍ସ | ୧୫ | ୨୧ | ୨୨ | ୫୮ |
| ବ୍ରିଟେନ | ୧୪ | ୨୦ | ୨୪ | ୫୮ |
| ଦ.କୋରିଆ | ୧୩ | ୮ | ୮ | ୨୯ |
| ନେଦରଲାଣ୍ଡ୍ସ | ୧୩ | ୬ | ୧୧ | ୩୦ |
| ଜର୍ମାନୀ | ୧୨ | ୧୦ | ୮ | ୩୦ |
| ଇଟାଲୀ | ୧୧ | ୧୨ | ୧୪ | ୩୭ |
| ନ୍ୟୁଜିଲାଣ୍ଡ | ୮ | ୭ | ୨ | ୧୭ |
| କାନାଡା | ୮ | ୬ | ୧୧ | ୨୫ |
| ହଙ୍ଗେରୀ | ୫ | ୭ | ୬ | ୧୮ |
| ସ୍ପେନ୍ | ୫ | ୩ | ୮ | ୧୬ |
| ଉଜବେକିସ୍ତାନ | ୫ | ୧ | ୩ | ୯ |
| ଆୟର୍ଲାଣ୍ଡ | ୪ | ୦ | ୩ | ୭ |
| ବ୍ରାଜିଲ | ୩ | ୬ | ୯ | ୧୮ |
| ୟୁକ୍ରେନ | ୩ | ୪ | ୪ | ୧୧ |
| ସୁଇଡେନ | ୩ | ୪ | ୩ | ୧୦ |
| ରୋମାନିଆ | ୩ | ୪ | ୧ | ୮ |
| ବେଲଜିୟମ | ୩ | ୧ | ୬ | ୧୦ |
| ଭାରତ | ୦ | ୧ | ୫ | ୬ |

(ରାତି ୧୦ଟା ସୁଦ୍ଧା)




# ଓଡ଼ିଶା ପୋଲିସ ୩-୧ରେ ବିଜୟୀ

ଭୁବନେଶ୍ୱର, ୧୦।୮ (ତପନ ସ୍ୱାଇଁ)

**ଫାଓ ଲିଗ୍**

ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଲିଗ୍‌ରେ ଶନିବାର କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ପୋଲିସ ୩-୧ ଗୋଲରେ ଇଣ୍ଡିପେଣ୍ଡେଣ୍ଟ କ୍ଲବକୁ ପରାସ୍ତ କରିଛି। ଖେଳର ପ୍ରଥମ ଅଧଘଣ୍ଟା ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ୩୨ତମ ମିନିଟ୍‌ରେ ଆନନ୍ଦ ସୋରେଙ୍ଗ ଏକ ଗୋଲ ଦେଇ ଓଡ଼ିଶା ପୋଲିସକୁ ଅଗ୍ରଣୀ କରିଥିଲେ। ତେବେ ପ୍ରଥମାର୍ଦ୍ଧର ଇଞ୍ଜୁରି ଟାଇମ୍ (୪୩+୩ ମିନିଟ)ରେ ଇଣ୍ଡିପେଣ୍ଡେଣ୍ଟ କ୍ଲବର ବଦଳ ଖେଳାଳି ଛୁଟୁ ମୁର୍ମୁ ଗୋଲଟି ପରିଶୋଧ କରିବାରୁ ମ୍ୟାଚ ୧-୧ ସ୍ଥିତିକୁ ଆସିଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଅର୍ଥାତ୍ ୪୭ତମ ମିନିଟରେ ଓଡ଼ିଶା ପୋଲିସର ବଦଳ ଖେଳାଳି ସମୀର କେର୍କେଟା ଏକ ଗୋଲ ଦେଇ ଦଳକୁ ପୁଣି ଅଗ୍ରଣୀ କରିଥିଲେ। ଇଣ୍ଡିପେଣ୍ଡେଣ୍ଟ କ୍ଲବ ଗୋଲ ପରିଶୋଧରେ ବିଫଳ ହୋଇଥିବାବେଳେ ଦ୍ୱିତୀୟାର୍ଦ୍ଧର ଇଞ୍ଜୁରି ଟାଇମ୍ ଅର୍ଥାତ୍ ୯୦+୭ ମିନିଟ୍‌ରେ ବିଜୟ ବେହେରା ଏକ ଗୋଲ ସ୍କୋର କରି ଓଡ଼ିଶା ପୋଲିସର ବିଜୟକୁ ସୁନିଶ୍ଚିତ କରିଥିଲେ।

# ପରମ୍ପରା ଭାଙ୍ଗିଲା ପ୍ୟାରିସ୍

ପ୍ୟାରିସ୍,୧୦।୮(ପି.ଟି.)

ଅଲିମ୍ପିକ୍ସ ଇତିହାସରେ ରହିଥିବା ଏକ ପୁରାତନ ପରମ୍ପରାକୁ ଭାଙ୍ଗିଛନ୍ତି ପ୍ୟାରିସ୍‌ର ଆୟୋଜକ। ସାଧାରଣତଃ ଅଲିମ୍ପିକ୍ସରେ ପୁରୁଷ ମାରାଥନ ଗେମ୍ ସର୍ବଦା ଅନ୍ତିମ ଇଭେଣ୍ଟ ରହିଥାଏ। ତେବେ ପ୍ୟାରିସ୍ ୨୦୨୪ରେ ଏହି ଧାରାରେ ଏକ ପରିବର୍ତ୍ତନ ଦେଖିବାକୁ ମିଳିବ। ଚଳିତ ବର୍ଷ ମହିଳା ମାରାଥନ୍ ଇଭେଣ୍ଟ ସହ ଟୁର୍ନାମେଣ୍ଟ ଶେଷ କରିବାକୁ ପ୍ୟାରିସ ଆୟୋଜକ ମାନେ ନିଷ୍ପତ୍ତି ନେଇଛନ୍ତି। ଚଳିତ ଅଲିମ୍ପିକ୍ସରେ ପ୍ରଥମ ଥର ପାଇଁ ସମାନ ସଂଖ୍ୟାରେ ପୁରୁଷ ଓ ମହିଳା ଆଥଲେଟ ଅଂଶଗ୍ରହଣ କରିଥିବା ବେଳେ ମହିଳାଙ୍କ ପ୍ରାଧାନ୍ୟ ଭାବରେ ସର୍ବଶେଷରେ ମାରାଥନ୍ ଦେଖିବାକୁ ମିଳବ। ଉଲ୍ଲେଖଯୋଗ୍ୟ ଯେ, ଜୋଆନ୍ ବେନୋଟ୍ ୱିଲିୟମସନ୍ ପ୍ରଥମ ଖେଳାଳି ଭାବରେ ଅଲିମ୍ପିକ୍ସ ମାରାଥନ୍‌ରେ ବିଜୟୀ ହୋଇଥିଲେ।

# ଜାତୀୟ ଜୁନିୟର ବାଳିକା ଫୁଟ୍‌ବଲ ପାଇଁ ଓଡ଼ିଶା ଦଳ ଘୋଷିତ

ଭୁବନେଶ୍ୱର, ୧୦।୮ (ତପନ ସ୍ୱାଇଁ)

ଆନ୍ଧ୍ର ପ୍ରଦେଶର ଅନନ୍ତପୁରଠାରେ ଜାତୀୟ ଜୁନିୟର ବାଳିକା ଫୁଟବଲ ଚାମ୍ପିୟନଶିପ୍ ରବିବାରଠାରୁ ଆରମ୍ଭ ହେବ। ୨୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ପ୍ରତିଯୋଗିତା ପାଇଁ ଶନିବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଗ୍ରୁପ୍ 'ଡି'ରେ ମିଜୋରାମ, ଦିଲ୍ଲୀ ଓ ଛତିଶଗଡ଼ ସହିତ ସ୍ଥାନ ପାଇଛି ଓଡ଼ିଶା। ଗ୍ରୁପ୍ 'ଏ'ରେ ଝାଡ଼ଖଣ୍ଡ, ଆନ୍ଧ୍ର ପ୍ରଦେଶ, ହିମାଚଳ ପ୍ରଦେଶ ଓ ବିହାର, ଗ୍ରୁପ୍ 'ବି'ରେ ମଣିପୁର, ଗୋଆ, ପଶ୍ଚିମବଙ୍ଗ ଓ ହରିୟାଣା ଏବଂ ଗ୍ରୁପ୍ 'ସି'ରେ ତାମିଲନାଡୁ, କେରଳ, ଅରୁଣାଚଳ ପ୍ରଦେଶ ଓ ଗୁଜରାଟ ସ୍ଥାନ ପାଇଛି। ୧୨ ତାରିଖ ପୂର୍ବାହ୍ନ ୯ଟାରେ ଛତିଶଗଡ଼ ବିପକ୍ଷରେ ଖେଳି ଓଡ଼ିଶା ଅଭିଯାନ ଆରମ୍ଭ କରିବ। ପରେ ୧୪ରେ ଦିଲ୍ଲୀ ଓ ୧୬ରେ ମିଜୋରାମ ବିପକ୍ଷରେ ମ୍ୟାଚ ଖେଳିବ। ଫାଓ ସଭାପତି ସମୀର ଦେ, ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଓଡ଼ିଶା ଦଳର ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। **ଓଡ଼ିଶା ଦଳ:** ଗୋଲକିପର୍ସ- ଇସ୍ଥେର ବାସ୍କେ, ଅଙ୍କିତା ସ୍ୱାଇଁ ଓ ଶ୍ରେୟା ସିଂ। ଡିଫେଣ୍ଡର୍ସ-ପ୍ରୀତି ଯାଦବ, ଅନୁଷ୍କା ଲିମ୍ବୁ, ବର୍ଷା ମାଝି, ଆକାଶି ନାୟକ, ଜସମିନି ମୁର୍ମୁ, ପ୍ରୀୟା ମାଝି, ଗଜଲକ୍ଷ୍ମୀ ବେହେରା ଓ ପବିତା ନାଏକ। ମିଡ୍‌ଫିଲ୍ଡର୍ସ- ଅଙ୍କିତା ଟପ୍ପୋ, ରୁବିନା ନାଏକ, ଇପ୍ସିତା ରାଉତ, ରଶ୍ମିତା ନାଏକ ଓ ତୁଳସୀ ଟପ୍ପୋ। ଫରୱାର୍ଡ୍ସ- ଆଞ୍ଚଲ ସିଂ, ଅଣ୍ଡମୋନି ବାସ୍କେ, ରୂପଶ୍ରୀ ମୁଣ୍ଡା, ଲୋଟସ ହଂସ, ବନ୍ଦନା ନାଏକ ଓ ଭାରତୀ କିସ୍କୁ। ମୁଖ୍ୟ କୋଚ୍ ରଞ୍ଜିତା ମହାନ୍ତି, ସହକାରୀ କୋଚ୍: ଶାହାବାଜ ଆଲାମ, ମ୍ୟାନେଜର: ସକିନା ନିସା, ଫିଜିଓ: ଅରିଜିତା ଲେଙ୍କା।



ଜାତୀୟ ଜୁନିୟର ମହିଳା ଫୁଟବଲ ପାଇଁ ମନୋନୀତ ଓଡ଼ିଶା ଦଳ।

# କିସ୍ ବିଜୟୀ, ୨ ମ୍ୟାଚ୍ ଡ୍ର

**ଭୁବନେଶ୍ୱର, ୧୦।୮ (ତପନ ସ୍ୱାଇଁ):** ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଜୟନ୍ତ କୁମାର ମହାପାତ୍ର ସ୍ମାରକୀ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ଶନିବାର ୩ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ କିସ୍ ସ୍କୁଲ ବିଜୟୀ ହୋଇଥିବାବେଳେ ଅନ୍ୟ ୨ଟି ମ୍ୟାଚ ଡ୍ର ରହିଛି। କିସ୍ ୧-୦ ଗୋଲରେ ଘାଟିକିଆ ସ୍କୁଲକୁ ହରାଇଛି। ଦଳ ପକ୍ଷରୁ ଗୋଲ ଦେଇଥିବା ସରମ ସୋରେନ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। କଣ୍ଟାବାଡ଼ ହାଇସ୍କୁଲ ଓ ଲୟୋଲା ସ୍କୁଲ ମଧ୍ୟରେ ଦ୍ୱିତୀୟ ମ୍ୟାଚଟି ୧-୧ ଗୋଲରେ ଡ୍ର ରହିଛି। କଣ୍ଟାବାଡ଼ ପକ୍ଷରୁ ତୁରି ଡିଗି ଓ ଲୟୋଲା ପକ୍ଷରୁ ସ୍ୱସ୍ତିକ ସୌମ୍ୟ ସୋରେନ ଗୋଲ ଦେଇଥିଲେ। ରାମକୃଷ୍ଣ ଓ ବିକାଶ ସ୍କୁଲ ମ୍ୟାଚ ମଧ୍ୟ ୧-୧ରେ ଅମୀମାଂସିତ ରହିଛି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ